ପୃଷ୍ଠା-୮+୮

48

# ଧରିତ୍ରୀ
DHARITRI

୪୮

ଭୁବନେଶ୍ୱର, ରବିବାର, ନଭେମ୍ବର ୨୮/୨୦୨୧ (୮+୮=୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, November 28/2021 ★★★★★★

୪୮ଶ ଭାଗ ୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-



**ମରକ୍କତ: ଦ ଲାୟନ ଅଫ୍ ଆରବିଆନ ସିରେ ସୁନୀଲ**
ସିନେ ଦୁନିଆରୁ ଦୀର୍ଘ ସମୟର ବ୍ୟବଧାନ ପରେ 'ମରକ୍କତ-ଦ ଲାୟନ ଅଫ୍ ଦି ଆରବିୟନ ସି' ଜରିଆରେ ବଡ଼ ପରଦାକୁ ଫେରୁଛନ୍ତି ଅଭିନେତା ସୁନୀଲ ସେଟ୍ଟୀ।

୦୭

୦୮

**ଟିମୋଥିଙ୍କ ହ୍ୟାଟ୍ରିକ୍**
କାନାଡା ବିପକ୍ଷ ଜୁନିୟର ହକି ବିଶ୍ୱକପ୍ ମ୍ୟାଚରେ ଫ୍ରାନ୍ସ ଅଧିନାୟକ କ୍ଲିମେଣ୍ଟ ଟିମୋଥି ହ୍ୟାଟ୍ରିକ ଗୋଲ ସ୍କୋର କରିଛନ୍ତି।



# ଧରାପଡ଼ିଲା ଏୟାରପୋର୍ଟ ମିଛ

■ **ନୋଏଡା ନାଁରେ ବେଜିଂ ବିମାନବନ୍ଦର ଫଟୋ ଟୁଇଟ କଲେ କେନ୍ଦ୍ରମନ୍ତ୍ରୀ, ଭାଜପା ନେତା**

■ **ଚାଇନାରେ ଭାରତ ସରକାରଙ୍କୁ ସମାଲୋଚନା**

ନୂଆଦିଲ୍ଲୀ/ବେଜିଂ, ୨୭।୧୧

ଉତ୍ତରପ୍ରଦେଶରେ ନୋଏଡା ଅନ୍ତର୍ଜାତୀୟ ବିମାନବନ୍ଦର (ଜେୱର ଏୟାରପୋର୍ଟ) ନିର୍ମାଣ ନିମନ୍ତେ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶିଳାନ୍ୟାସ କରିବା ପରେ କେନ୍ଦ୍ର ସରକାରଙ୍କ ଗୁଣଗାନ କରିବାରେ ଲାଗିପଡ଼ିଛି ଭାଜପା। ମନ୍ତ୍ରୀ, ଏମ୍‌ପିଙ୍କଠାରୁ ଆରମ୍ଭ କରି ବହୁ ଭାଜପା ନେତା ଜେୱର ବିମାନବନ୍ଦରର ଫଟୋ ଓ ଭିଡିଓ ଶେୟାର କରିବାରେ ଲାଗିଛନ୍ତି। ତେବେ ଏୟାରପୋର୍ଟର ମଡେଲ ଫଟୋ ଭାଇରାଲ ହେବାପରେ କେନ୍ଦ୍ର ସରକାରଙ୍କୁ ବିରୋଧୀଙ୍କ ସମେତ ଚାଇନାରେ ମଧ୍ୟ ଘୋର ସମାଲୋଚନାର ଶିକାର ହେବାକୁ ପଡ଼ିଛି। ଭାଜପା ପକ୍ଷରୁ ବହୁଳ ଶେୟାର କରାଯାଇଥିବା ଫଟୋ ବାସ୍ତବରେ ଚାଇନା ରାଜଧାନୀ ବେଜିଂ ଡ୍ୟାକ୍ସିଂ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟର ବୋଲି ଜଣାପଡ଼ିଛି।



ବେଜିଂସ୍ଥିତ ଡ୍ୟାକ୍ସିଂ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟର ଫଟୋକୁ କେନ୍ଦ୍ରମନ୍ତ୍ରୀ ଓ ଭାଜପା ନେତାମାନେ ଜେୱର ବିମାନବନ୍ଦର ମଡେଲ ଦର୍ଶାଇ ଟୁଇଟ୍ କରିଛନ୍ତି।

ଚାଇନା ଗ୍ଲୋବାଲ ଟେଲିଭିଜନ ନେଟ୍‌ୱର୍କ (ସିଜିଟିଏନ୍)ର ଶେନ୍ ଶିୱେଇ ଶୁକ୍ରବାର ରାତିରେ ଏ ନେଇ ଏକ ଟୁଇଟ କରିଛନ୍ତି। ବେଜିଂ ଏୟାରପୋର୍ଟର ଫଟୋ ଶେୟାର କରିଥିବା ନେତା, ମନ୍ତ୍ରୀଙ୍କ ଟୁଇଟ୍‌କୁ ଶେନ୍ ଏଥିରେ ସଂଲଗ୍ନ କରିଛନ୍ତି। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର, ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ, ଖାଦ୍ୟ ପ୍ରକ୍ରିୟାକରଣ ରାଷ୍ଟ୍ରମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ, ଭାଜପା ନେତ୍ରୀ ଅନ୍ନପୂର୍ଣ୍ଣା ଦେବୀ, ପଙ୍କଜ ସିଂଙ୍କ ଟୁଇଟ୍‌ରେ ନୋଏଡା ଏୟାରପୋର୍ଟ ଫଟୋ ସ୍ଥାନରେ ବେଜିଂ ବିମାନବନ୍ଦର ଫଟୋ ରହିଛି। ନୋଏଡାରେ ଏସିଆର ବୃହତ୍ତମ ଅନ୍ତର୍ଜାତୀୟ ବିମାନବନ୍ଦରରେ ୩୫ ହଜାର କୋଟି ଟଙ୍କା ନିବେଶ କରାଯିବ। ଏଥିସହିତ ୧ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ରୋଜଗାର ମିଳିବ ବୋଲି ଅନୁରାଗ ଠାକୁର ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି। ଏହାବ୍ୟତୀତ MyGov-Hindi ଏବଂ MyGovIndia ଟୁଇଟର ହ୍ୟାଣ୍ଡେଲରେ ମଧ୍ୟ ସମାନ ଫଟୋ ଟୁଇଟ କରାଯାଇଛି। ଏହାକୁ ନେଇ ବିରୋଧୀ ଦଳ ସରକାରଙ୍କୁ ଘେରିଥିବାବେଳେ ଏବେ ଚାଇନା ମିଡିଆ ଭାଜପା ☞ପୃଷ୍ଠା-୪

**'ନକଲି ବିକାଶର ଚିତ୍ର'**

ଚାଇନା ବିମାନବନ୍ଦର ଫଟୋକୁ ଭାଜପା ମନ୍ତ୍ରୀ, ଏମ୍‌ପି ଶେୟାର କରିବା ନେଇ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି ସମାଜବାଦୀ ପାର୍ଟି ନେତା ତଥା ଉତ୍ତରପ୍ରଦେଶ ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ। ଭାଜପାର ପ୍ରତି କାମ ମିଥ୍ୟା ଉପରେ ଆଧାରିତ। ମିଛ କହୁଥିବାଲୋକଙ୍କ ଚିନ୍ତାଧାରା ସଚ୍ଚୋଟ କିପରି ହୋଇପାରିବ ବୋଲି ସେ ଟୁଇଟ କରିଛନ୍ତି। ନକଲି ବିକାଶର ନକଲି ଚିତ୍ର ହିଁ ଭାଜପାର ବାସ୍ତବତା ବୋଲି ସେ କହିଛନ୍ତି। କେବଳ ବାହାବା ପାଇଁ କେନ୍ଦ୍ର ସରକାର କୋଲକାତା ଫ୍ଲାଏଓଭର, ଆମେରିକା ଫାକ୍ଟ୍ରିର କ୍ରେଡିଟ୍ ନେବା ପରେ ଏବେ ଚାଇନା ବିମାନବନ୍ଦରକୁ ବ୍ୟବହାର କରିଛନ୍ତି। ଭାଜପାର ବିକାଶ କେବଳ ଏକ ବିଜ୍ଞାପନ ବୋଲି ଅଖିଳେଶ କହିଛନ୍ତି।

# କ୍ୱାର୍ଟରରେ ଭାରତ



ପୋଲାଣ୍ଡ ବିପକ୍ଷ ମ୍ୟାଚ ଜିତିବା ପରେ ଖୁସି ମୁହୂର୍ତ୍ତରେ ଭାରତୀୟ ଦଳ ।

**ଜୁନିୟର ହକି ବିଶ୍ୱକପ୍**

■ **ଡବଲ ଗୋଲ ସ୍କୋରର ଓଡ଼ିଶାର ସୁଦୀପ ଚିରମାକୋ ପ୍ଲେୟର ଅଫ୍ ଦି ମ୍ୟାଚ**

ଭୁବନେଶ୍ୱର,୨୭।୧୧
(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ହକି ପୁରୁଷ ଜୁନିୟର ବିଶ୍ୱକପ୍‌ର କ୍ୱାର୍ଟର ଫାଇନାଲରେ ଭାରତ ପ୍ରବେଶ କରିଛି। ପୁଲ୍ 'ବି'ର ଶନିବାର ଅନୁଷ୍ଠିତ ଶେଷ ଲିଗ୍ ମ୍ୟାଚରେ ଭାରତ ୮-୨ ଗୋଲରେ ପୋଲାଣ୍ଡକୁ ହରାଇ ଦେଇଛି। ପୁଲ୍ 'ବି'ରେ ଭାରତ ୬ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ୩ଟି ମ୍ୟାଚ ଖେଳି ୨ଟିରେ ବିଜୟ ହୋଇଥିବାବେଳେ ଗୋଟିଏ ମ୍ୟାଚରେ ପରାଜିତ ହୋଇଛି। ଏହି ପୁଲ୍‌ରୁ ଫ୍ରାନ୍ସ ଅପରାଜେୟ ରହି ୩ ବିଜୟ ସହ ୯ ପଏଣ୍ଟ ପାଇଛି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ତିନୋଟି ଦେଶର କଥା






# ଡିସେମ୍ବର ୪ରେ ବର୍ଷର ଶେଷ ସୂର୍ଯ୍ୟୋପରାଗ

ଭୁବନେଶ୍ୱର, ୨୭।୧୧(ବ୍ୟୁରୋ): ଚଳିତ ବର୍ଷର ଦ୍ୱିତୀୟ ତଥା ଶେଷ ସୂର୍ଯ୍ୟୋପରାଗ ଆସନ୍ତା ଡିସେମ୍ବର ୪ରେ ସଙ୍ଘଟିତ ହେବ। ପ୍ରଥମ ପରାଗ ଗତ ଜୁନ୍ ୧୦ରେ ହୋଇଥିଲା। ତାହା ଏକ ବଳୟ ସୂର୍ଯ୍ୟୋପରାଗ ଥିଲା। ତେବେ ଡିସେମ୍ବରରେ ପୂର୍ଣ୍ଣ ସୂର୍ଯ୍ୟୋପରାଗ ଘଟିବ। ହେଲେ ଏହା ଭାରତ ତଥା ଓଡ଼ିଶାକୁ ଦୃଶ୍ୟମାନ ହେବ ନାହିଁ। ଏହି ପରାଗଟି ଆଣ୍ଟାର୍କଟିକାର କିଛି ଅଞ୍ଚଳରେ ପୂର୍ଣ୍ଣରୂପେ ଓ ଦକ୍ଷିଣ ଆଫ୍ରିକା, ଦକ୍ଷିଣ ଆଣ୍ଟାର୍କଟିକାର ଅନେକ ଅଞ୍ଚଳରେ ଆଂଶିକ ରୂପେ ଦେଖାଯିବ। ଭାରତୀୟ ସମୟ ଅନୁଯାୟୀ ସୂର୍ଯ୍ୟୋପରାଗ ପୂର୍ବାହ୍ନ ୧୧ଟାରେ ଆରମ୍ଭ ହୋଇ ଅପରାହ୍ନ ୩ଟା ୭ ବେଳକୁ ଶେଷ ହେବ। ଅପରାହ୍ନ ୧ଟା ୩ରେ

**ଭାରତକୁ ଦୃଶ୍ୟ ହେବନି**

ସର୍ବାଧିକ ପରାଗ ଘଟିବ। ବିଭିନ୍ନ ସ୍ଥାନରେ ପରାଗର ସମୟ ଭିନ୍ନ ରହିବ। ତେବେ ୨୦୨୨ରେ ୨ଟି ସୂର୍ଯ୍ୟୋପରାଗ ଓ ୨ଟି ଚନ୍ଦ୍ର ଗ୍ରହଣ ହେବ। ଆସନ୍ତା ବର୍ଷ ଅକ୍ଟୋବର ୨୫ରେ ପରାଗ ଓ ନଭେମ୍ବର ୮ରେ ଚନ୍ଦ୍ର ଗ୍ରହଣ ଦେଖାଯିବ। ସୂଚନାଯୋଗ୍ୟ, ଯେତେବେଳେ ସୂର୍ଯ୍ୟ, ଚନ୍ଦ୍ର ଓ ପୃଥିବୀ ଏକ ସରଳ ରେଖାରେ ଅବସ୍ଥାପନ କରନ୍ତି, ସେତେବେଳେ ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣ ସଂଘଟିତ ହୋଇଥାଏ। ପରାଗ କେବଳ ଅମାବାସ୍ୟା ଦିନ ହିଁ ହୋଇଥାଏ।

ଧରିତ୍ରୀ ୪୭ଟି ସଫଳତାର ପାହାଚ ଅତିକ୍ରମ କରି ୪୮ରେ ପାଦ ଥାପିଛି। ତା'ର ଆଗାମୀ ଯାତ୍ରାକୁ ପ୍ରଭୁ ଜଗନ୍ନାଥ ସଫଳ କରନ୍ତୁ। ଏଥିସହ ବାରବାଟୀ ପଞ୍ଚାୟତ ବାସୀଙ୍କ ସୁଖ, ସମୃଦ୍ଧି, ପ୍ରଗତି କାମନା କରୁଛି।

ଚୈତନ୍ୟ ନାୟକ
ସମିତି ସଭ୍ୟ,
ବାରବାଟୀ ଗ୍ରାମ ପଞ୍ଚାୟତ,
ରସୁଲପୁର, ଯାଜପୁର

**ଗୋବିନ୍ଦପାଲି ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ୩ ଭାଲୁ**

ମାଲକାନଗିରି,୨୭।୧୧(ଡି.ଏନ.ଏ.): ମାଲକାନଗିରି ଜିଲା ଗୋବିନ୍ଦପାଲି ଅଞ୍ଚଳରେ ଭାଲୁ ଆତଙ୍କ ଦେଖା ଦେଇଛି। ୩ଟି ଭାଲୁ ଗୋବିନ୍ଦପାଲି ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ରାସ୍ତାରେ ବୁଲୁଥିବା ଦେଖିବାକୁ ମିଳିଛି। ୩ ଭାଲୁ ସନ୍ଧ୍ୟା ସମୟରେ ରାସ୍ତାରେ ଘୂରି ବୁଲୁଥିବା ଜଣାପଡିବା ପରେ ଗ୍ରାମବାସୀଙ୍କ ସହ ରୋଗୀମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ନିକଟରେ ଥିବା ଜଙ୍ଗଲରୁ ଭାଲୁଗୁଡିକ ଖାଦ୍ୟ ଅନ୍ୱେଷଣରେ ସହରମୁହାଁ ହୋଇଥିବା ଅନୁମାନ କରାଯାଉଛି।

## ସୀମାନ୍ତରେ ଗୁଳିବିନିମୟ, ଜଣେ ମାଓବାଦୀ ମୃତ

ମାଲକାନଗିରି,୨୭।୧୧(ଡି.ଏନ.ଏ.): ମାଲକାନଗିରି ଜିଲା ସୀମାନ୍ତ ସୁକୁମା ଜିଲାରେ ଶନିବାର ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ ଜଣେ ମାଓବାଦୀ ନିହତ ହୋଇଛନ୍ତି। ତାଡମେଟଲା ଜଙ୍ଗଲରେ ଡିଆରଜି ଯବାନଙ୍କ ପକ୍ଷରୁ ମାଓବାଦୀ ଦମନ ନେଇ ସର୍ଚ୍ଚ ଅପରେଶନ ଚାଲିଥିଲା। ପୋଲିସକୁ ଦେଖି ଜଙ୍ଗଲରେ ପୂର୍ବରୁ ଲୁଚି ରହିଥିବା ମାଓବାଦୀମାନେ ପୋଲିସ ଉପରକୁ ଗୁଳିଚାଳନା କରିଥିଲେ। ପୋଲିସ ମଧ୍ୟ ଏହାର ପାଲଟା ଜବାବ ଦେଇଥିଲା। ଦୀର୍ଘ ସମୟ ଧରି ଉଭୟ ପକ୍ଷଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଥିଲା। ଶେଷରେ ପୋଲିସ ଗୁଳିକୁ ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ଲୁଚି ପଳାଇଥିଲେ। ପରେ ଯବାନମାନେ ସମ୍ପୃକ୍ତ ଅଞ୍ଚଳରେ ସର୍ଚ୍ଚ କରୁଥିବା ବେଳେ ଜଣେ ମାଓବାଦୀଙ୍କ ମୃତଦେହ ମିଳିଥିଲା ବୋଲି ସୁକୁମା ଏସ୍‌ପି ସୁନୀଲ ଶର୍ମା କହିଛନ୍ତି। ତାଙ୍କ ପରିଚୟ ମିଳିପାରିନାହିଁ ।


ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଅବସରରେ ବ୍ଲକର ମୁଖ୍ୟ ପ୍ରଶାସନିକ ଅଧିକାରୀ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗର କାର୍ଯ୍ୟରତ ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ପ୍ରଭୁ ଜଗନ୍ନାଥ ସମସ୍ତଙ୍କର ମଙ୍ଗଳ କରନ୍ତୁ।
ବିଶ୍ୱନାଥ ରଥ
କନିଷ୍ଠ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ,
ରସୁଲପୁର, ଯାଜପୁର



୪୮ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଧରିତ୍ରୀ ପରିବାରର ମଙ୍ଗଳ କାମନା କରୁଛି। ଓଡ଼ିଶାର ପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟଧାରା ଓ ଦିଗ୍‌ଦର୍ଶନ ରାଜ୍ୟରେ କାର୍ଯ୍ୟରତ ସମସ୍ତ ସଙ୍ଗଠିତ ଓ ଅଣ ସଙ୍ଗଠିତ ନିର୍ମାଣ ଶ୍ରମିକମାନଙ୍କର ବିକାଶ, ସ୍ୱାର୍ଥ, ସାମାଜିକ ସୁରକ୍ଷା, ଆର୍ଥିକସ୍ଥିତି ଭଳି ବହୁବିଧ ଉନ୍ନତି ସାଧନ ଦିଗରେ ସହାୟକ ହେଉଛି। ଶ୍ରମିକମାନଙ୍କର ବିଭିନ୍ନ ସମସ୍ୟା ବାରବାଟୀସ୍ଥିତ ମୋ ସେବା କେନ୍ଦ୍ରର ୨୪ ଘଣ୍ଟିଆ ସେବା ଜରିଆରେ ସମାଧାନ ହୋଇପାରୁଛି।
ପ୍ରଦୀପ କୁମାର ନାୟକ
ସମ୍ପାଦକ, ବିଜୁ ଶ୍ରମିକ
ସାମ୍ମୁଖ୍ୟ, ଓଡ଼ିଶା

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଅବସରରେ ସମସ୍ତ ପଶୁପକ୍ଷୀ ସୁରକ୍ଷାକାରୀ ଓ ପରିବେଶ ପ୍ରେମୀମାନଙ୍କୁ ଅଭିନନ୍ଦନ ଜ୍ଞାପନ କରୁଛି। ଗୋ-ସମ୍ପଦ ସୁରକ୍ଷା ଦିଗରେ ଅବିରତ ଲଢ଼େଇ ଜାରି ରଖିଛି। ଏ ଦିଗରେ ସବୁବର୍ଗର ଲୋକଙ୍କ ସାହାଯ୍ୟ ସହଯୋଗ କାମନା କରୁଛି।

ଲକ୍ଷ୍ମୀଧର ପତି
ବରିଷ୍ଠ ସଦସ୍ୟ ଶ୍ରୀ କୃଷ୍ଣ ଚନ୍ଦ୍ର ନିତ୍ୟ ଗୋ-ଶାଳା,
ରାଜେନ୍ଦ୍ରପୁର, ରସୁଲପୁର, ଯାଜପୁର



ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଛାତ୍ର ବନ୍ଧୁମାନଙ୍କୁ ଅଭିନନ୍ଦନ ଜ୍ଞାପନ କରିବା ସହ ମଙ୍ଗଳ କାମନା କରୁଛି। ଏହି ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଜନକଲ୍ୟାଣକାରୀ ଯୋଜନାକୁ ଜନାଭିମୁଖୀ କରିବା ଓ ଦଳୀୟ ସଂଗଠନକୁ ମଜଭୁତ୍ କରିବା ପାଇଁ ସମସ୍ତେ ଏକାଠି ହୋଇ କାମ କରିବାକୁ ଆହ୍ୱାନ ଜଣାଉଛି।
ସ୍ମୃତିରଞ୍ଜନ ଦାଶ
ଛାତ୍ର ସଭାପତି, ଯାଜପୁର
(ଧର୍ମଶାଳା ନିର୍ବାଚନମଣ୍ଡଳୀ ରସୁଲପୁର ବ୍ଲକର ୯ ଗୋଟି ପଞ୍ଚାୟତ ପାଇଁ)


ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ବ୍ରହ୍ମବରଦା ଅଞ୍ଚଳର ସମସ୍ତ ଜନସାଧାରଣ ଓ ଛାତ୍ରଛାତ୍ରୀ, ଅଭିଭାବକ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରୁଛି।
ମହେଶ୍ୱର ପାଢ଼ୀ
ଅଧ୍ୟକ୍ଷ, ବ୍ରହ୍ମବରଦା ଡିଗ୍ରୀ କଲେଜ, ବ୍ରହ୍ମବରଦା,
ରସଲପୁର, ଯାଜପୁର



ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଏହି ସଂସ୍ଥା ସହ ଜଡ଼ିତ ସମସ୍ତ ବନ୍ଧୁମାନଙ୍କୁ ଅଭିନନ୍ଦନ ଜ୍ଞାପନ କରୁଛି। ଏଥିସହ ୩୪ ନଂ. ଜୋନ୍‌ର ଜନସାଧାରଣଙ୍କର ସୁଖ, ଶାନ୍ତି, ସମୃଦ୍ଧି, ପ୍ରଗତି କାମନା କରୁଛି। ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଓ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ନିର୍ଦ୍ଦେଶକୁ ପାଥେୟ କରି ଦଳୀୟ ସଙ୍ଗଠନକୁ ତୃଣମୂଳସ୍ତରରୁ ମଜଭୁତ୍ କରିବା ପାଇଁ ଭୋଟର ଭଉଣୀଭାଇମାନଙ୍କର ଆଶୀର୍ବାଦ ଭିକ୍ଷା କରୁଛି।
ରଶ୍ମିରଞ୍ଜନ ନାୟକ (ଟିଙ୍କୁ)
୩୪ ନଂ ଜିଲା ପରିଷଦ ସଦସ୍ୟ, ରସୁଲପୁର ବ୍ଲକ, ଯାଜପୁର


୪୮ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଧରିତ୍ରୀ ପରିବାରର ଉତ୍ତରୋତ୍ତର ଉନ୍ନତି କାମନା କରୁଛି। ଏଥିସହ ପ୍ରିୟ ଡାକ୍ତର, ଫାର୍ମାସିଷ୍ଟ, ମେଡିକାଲ ରିପ୍ରେଜେଣ୍ଟେଟିଭ, ମ୍ୟାନେଜର, ମେଡିସିନ ହୋଲ୍‌ସେଲର, ରିଟେଲରମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରୁଛି।
ଅଭୟ କୁମାର ମହାନ୍ତି
ଜୋନାଲ ସେଲ୍‌ସ ମ୍ୟାନେଜର
ଲିଙ୍କନ ଫାର୍ମାସିଉଟିକାଲ୍ସ ଲିଃ




ହୃଦାନନ୍ଦ ସାହୁ
ପୂର୍ବତନ ସରପଞ୍ଚ ସିଂହାପୁର ଗ୍ରାମ ପଞ୍ଚାୟତ, ରସୁଲପୁର ବ୍ଲକ, ଯାଜପୁର
୪୮ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଧରିତ୍ରୀ ସଫଳତା ପଥରେ ଆଗେଇ ଯାଉ। ଏଥିସହ ସିଂହାପୁର ପଞ୍ଚାୟତବାସୀଙ୍କ ସୁଖ, ସମୃଦ୍ଧି, ପ୍ରଗତି ହେଉ। ଏହା ହିଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

୪୮ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଧରିତ୍ରୀ ମଙ୍ଗଳ କାମନା କରୁଛି। ରସୁଲପୁର ବ୍ଲକ ଅଞ୍ଚଳର ସର୍ବପୁରାତନ କଲେଜ ଭାବରେ ଉପେନ୍ଦ୍ର ନାଥ ଶାରଦା ମହାବିଦ୍ୟାଳୟର ଗୌରବକୁ ବଜାୟ ରଖିବା ପାଇଁ ପ୍ରୟାସ ଜାରି ରହିଛି। କଲେଜକୁ ରାଜ୍ୟରେ ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବରେ ଗଢ଼ି ତୋଳିବା ପାଇଁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ସହଯୋଗର ହାତ ବଢ଼ାଇବାକୁ ନିବେଦନ ଜଣାଉଛି। ଏଥିସହ କଲେଜର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା/ଅଧ୍ୟାପକ, କର୍ମଚାରୀ, ଅଞ୍ଚଳର ସମସ୍ତ ଛାତ୍ରାଭିଭାବକ ଓ ଶିକ୍ଷାପ୍ରେମୀ ଜନସାଧାରଣଙ୍କୁ ଅଭିନନ୍ଦନ ଜ୍ଞାପନ କରୁଛି।



ମାୟାଧର ସାହୁ
ଅଧ୍ୟକ୍ଷ ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟ,
ଖଇରାବାଦ-ମୁଗୁପାଳ, ରସୁଲପୁର, ଯାଜପୁର



୪୮ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଧରିତ୍ରୀ ଉତ୍ତରୋତ୍ତର କାମନା କରୁଛି। ଏଥିସହ କଲେଜର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପକ, କର୍ମଚାରୀ ଓ ରସୁଲପୁର ତଥା ଧର୍ମଶାଳା ଅଞ୍ଚଳର ସମସ୍ତ ଛାତ୍ର ଅଭିଭାବକ ଓ ଶିକ୍ଷାପ୍ରେମୀ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରୁଛି। ରାଜ୍ୟରେ କଲେଜକୁ ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବରେ ଗଢ଼ି ତୋଳିବା ପାଇଁ ଆପଣମାନଙ୍କ ସହଯୋଗ କାମନା କରୁଛି।
ଡ. ଦେବେନ୍ଦ୍ର କୁମାର ମିଶ୍ର
ଅଧ୍ୟକ୍ଷ, ମଧୁପୁର କଲେଜ, କଲଣ
ରସୁଲପୁର, ଯାଜପୁର

ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଅବସରରେ ବ୍ରହ୍ମବରଦା ଅଞ୍ଚଳର ସମସ୍ତ ଶିକ୍ଷାନୁଷ୍ଠାନ ପ୍ରେମୀ, ଅଭିଭାବକ, ଶିକ୍ଷାବିତ୍ ଓ ଛାତ୍ରଛାତ୍ରୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରୁଛି। ଏଥିସହ ଧରିତ୍ରୀର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ବୋଲି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।

ଡ଼. ସୁଦର୍ଶନ ପୃଷ୍ଟି
ଅଧ୍ୟକ୍ଷ ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,
ବ୍ରହ୍ମବରଦା, ରସୁଲପୁର,
ଯାଜପୁର

ORISSA MACHINERY
(General Merchant & Govt. Order Supplier)
Mob. :- 9937316592, 9437167254
Sahoo Market, Kuakhia, Jajpur, Pin - 755009
-: Auth. Dealer :-
Kirloskar Brothers Ltd. & Lubi Company
-: Specialist in :-
All Model of Generator
-: Deals in :-
Kirloskar Silent D.G.,
Crompton Greaves Genrator,
Diesel Engine Pumpset,
R.C.M. Rice Huller Spare Parts,
Vbelt, SKF Bearing, Solar Systems.

We Supplies of
RWSS, OLIC & AGRO



ଗୌରୀ ଏଜେନ୍ସି, କୁଆଖିଆ ବଜାର ପକ୍ଷରୁ ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସ୍ଥାନୀୟ ଅଞ୍ଚଳର ସମସ୍ତ ଗ୍ରାହକ ଓ ବ୍ୟବସାୟୀମାନଙ୍କର ସୁଖ, ସମୃଦ୍ଧି ଓ ପ୍ରଗତି କାମନା କରୁଛି ।
M/s. GOURI ENTERPRISES

Deals in:
G.I. & C.I. Fitting, Ori Plast, Hari Plast, Tata G.I. Pipe, Hind Wear Parry Wear, Watertec Plaza, Falcon & SBI Hand Pump
KATAK BUS STAND, KUAKHIA, JAJPUR
MOB.: 9438565942 / 9937341643



ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଯାଜପୁର ଜିଲାବାସୀଙ୍କ ମଙ୍ଗଳ କାମନା କରୁଛି। ମା' ବିରଜା କୃପାରୁ ସମସ୍ତଙ୍କ ପରିବାର ସୁଖ, ସମୃଦ୍ଧି, ପ୍ରଗତିରେ ଭରିଯାଉ।
ଲକ୍ଷ୍ମୀଧର ଜେନା
ସମାଜସେବୀ, ଯାଜପୁର




# କୋଭିଡ୍ ମୃତକଙ୍କ ପରିବାରକୁ ୪ ଲକ୍ଷ ଦିଆଯାଉ

## ମୁଖ୍ୟମନ୍ତ୍ରୀଙ୍କୁ ନରସିଂହଙ୍କ ଚିଠି

ଭୁବନେଶ୍ୱର,୨୭।୧୧(ବ୍ୟୁରୋ)

କୋଭିଡ୍ ମୃତକଙ୍କୁ ସହାୟତା ନେଇ ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ କୋଭିଡ୍‌ରେ ମୃତ ବ୍ୟକ୍ତିଙ୍କ ପରିବାରକୁ ୪ ଲକ୍ଷ ଲେଖାଏ ଟଙ୍କା ଦିଆଯାଉ। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସ୍‌ଡିଆରଏଫ୍) ନିୟମ ଅନୁଯାୟୀ କେନ୍ଦ୍ର ସରକାର ୭୫% ଏବଂ ରାଜ୍ୟ ସରକାର ୨୫% ଅଂଶ ପ୍ରଦାନ କରିବେ। କୋଭିଡ୍ ସହାୟତା ବାବଦରେ ରାଜ୍ୟ ସରକାର ୧ ଲକ୍ଷ ଟଙ୍କା ଏବଂ କେନ୍ଦ୍ର ସରକାର ୩ ଲକ୍ଷ ଟଙ୍କା ଦିଅନ୍ତୁ। ମୁଖ୍ୟମନ୍ତ୍ରୀ ୧ ଲକ୍ଷ ଟଙ୍କା ଦେବାକୁ ପଦକ୍ଷେପ ନିଅନ୍ତୁ। ବାକି ଟଙ୍କା ଦେବାକୁ କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାନ୍ତୁ ବୋଲି ନରସିଂହ ଚିଠିରେ ଉଲ୍ଲେଖ କରିଛନ୍ତି। କୋଭିଡ୍ ମୃତକଙ୍କୁ ସହାୟତା ଦେବାକୁ ପୂର୍ବରୁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୨୦୨୦ ମାର୍ଚ୍ଚ ୧୪ ତାରିଖରେ ପ୍ରତ୍ୟେକ ମୃତ ବ୍ୟକ୍ତିଙ୍କ ପରିବାରକୁ କେନ୍ଦ୍ର ସରକାର ୪ ଲକ୍ଷ ଟଙ୍କା ଦେବାକୁ ଘୋଷଣା କରିଥିଲେ। ପରେ ଏହାକୁ ୫୦ ହଜାର ଟଙ୍କାକୁ ହ୍ରାସ କରି ଦେଇଥିଲେ। ରାଜ୍ୟରେ କୋଭିଡ୍ ମହାମାରୀରେ ମୃତ ବ୍ୟକ୍ତିମାନଙ୍କୁ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସ୍‌ଡିଆରଏଫ୍)ରୁ ସହାୟତା ପ୍ରଦାନ କରିବାକୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଥିବା ସେ ଚିଠିରେ ଉଲ୍ଲେଖ କରିଛନ୍ତି।

# ପୁରୀ: ଅଣ୍ଡାମାଡ଼ ରାଜନୀତି

ଦତ୍ତାତ୍ରେୟ ନାୟକ
ପୁରୀ ଅଫିସ,୨୭।୧୧




ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଶିଳାନ୍ୟାସକୁ ୪ ଦିନ ପୂରିଛି। ଓଡ଼ିଆଙ୍କ ଆରାଧ୍ୟ ଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଏହି ପ୍ରକଳ୍ପ ଉଦ୍ଦିଷ୍ଟ ଥିବା ହେତୁ ପୁରୀବାସୀଙ୍କ ସମେତ ରାଜ୍ୟବାସୀଙ୍କ ନଜର ପରିକ୍ରମା ପ୍ରକଳ୍ପ ଶିଳାନ୍ୟାସ ଉପରେ ରହିଥିଲା। ମାତ୍ର ପରିକ୍ରମା ପ୍ରକଳ୍ପ ଶିଳାନ୍ୟାସ ବେଳେ ଅନେକ ରାଜନୈତିକ ଓ ଆକ୍ରୋଶମୂଳକ ଘଟଣାବଳୀ ଦେଖିବାକୁ ମିଳିଛି। ଶିଳାନ୍ୟାସ ସାରି ଫେରିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାରକେଡ୍ ଉପରକୁ ଅଣ୍ଡାମାଡ଼ କରାଯାଇଥିଲା। ଏହି ଘଟଣାରେ ଭାଜପା ଯୁବମୋର୍ଚ୍ଚାର ସଭାପତି ଓ ୨ ଜଣ ଯୁବମୋର୍ଚ୍ଚା କର୍ମୀ ଗିରଫ ହୋଇଛନ୍ତି। ଏଭଳି ଆକ୍ରମଣକୁ ଅନେକ ଲୋକେ ନିନ୍ଦା କରିଥିବାବେଳେ ସମ୍ପୃକ୍ତ ଘଟଣା ଆଗାମୀ ଦିନରେ ସ୍ଥାନୀୟ ରାଜନୀତି ଓ ସାମାଜିକ ଜୀବନକୁ ପ୍ରଭାବିତ କରିବ ବୋଲି ଚର୍ଚ୍ଚା ହେଉଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶିଳାନ୍ୟାସ ପୂର୍ବରୁ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ପକ୍ଷରୁ ସବୁ ଦଳକୁ ସାଙ୍ଗରେ ନେଇ ପରିକ୍ରମା ପ୍ରକଳ୍ପ ଶିଳାନ୍ୟାସ ଉତ୍ସବ କରାଇବାକୁ ଯଥେଷ୍ଟ ଚେଷ୍ଟା କରାଯାଇଥିଲା। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ସ୍ଥାନୀୟ ଭାଜପା ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କୁ କାର୍ଯ୍ୟକ୍ରମକୁ ନିମନ୍ତ୍ରଣ କରି ବିଜେଡି ଶିଳାନ୍ୟାସ କାର୍ଯ୍ୟକ୍ରମ ବିରୋଧହୀନ ହେବ ବୋଲି ଆଶା କରିଥିଲା। ଉଭୟ କଂଗ୍ରେସ ଓ ଭାଜପାର ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀଙ୍କ ସହ ମଞ୍ଚ ଉପରେ ରହି ପରିକ୍ରମା ପ୍ରକଳ୍ପକୁ ସମର୍ଥନ ଜଣାଇଥିଲେ ମଧ୍ୟ ଦଳୀୟ କର୍ମୀଙ୍କଠାରେ ସେଭଳି ଆଭିମୁଖ୍ୟ ଦେଖିବାକୁ ମିଳି ନ ଥିଲା। ଭାଜପା ନେତା ଓ କର୍ମୀମାନେ ପୁରୀ ସହର ସମେତ ସଦରର କିଛି ଅଞ୍ଚଳରେ କଳା ପତାକା ଦେଖାଇବା ସହ ମୁଖ୍ୟମନ୍ତ୍ରୀଙ୍କ କାରକେଡ୍ ଉପରକୁ ଅଣ୍ଡାମାଡ଼ କରିଥିଲେ। ତେବେ ଏଭଳି ବିରୋଧ କାହା ଇଙ୍ଗିତରେ କରାଯାଇଥିଲା ଓ ଯୋଜନାବଦ୍ଧ ଭାବେ ହୋଇଥିବା ଆକ୍ରମଣ ପଛରେ କେଉଁମାନେ ରହିଛନ୍ତି ସେ ସମ୍ପର୍କରେ ଜିଲା ପ୍ରଶାସନ କୌଣସି ଖବର ପାଇପାରି ନ ଥିଲା। ଯାହାକି ଜିଲା ପୋଲିସ କର୍ତ୍ତୃପକ୍ଷଙ୍କ ସମ୍ପୂର୍ଣ୍ଣ ଅପାରଗତାକୁ ପଦାରେ ପକାଇଥିଲା। ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ମଞ୍ଚରେ ରହି କାର୍ଯ୍ୟକ୍ରମକୁ ସମର୍ଥନ ଜଣାଉଥିବାବେଳେ ଯୁବମୋର୍ଚ୍ଚା କର୍ମୀମାନେ ତାଙ୍କ ହାତରୁ ଖସିଗଲେଣି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏଥିସହିତ ପୁରୀ ସହରର ଅନେକ ବରିଷ୍ଠ ନାଗରିକଙ୍କ ମତରେ ନବୀନ ସରକାର ବିରୋଧରେ ଜନମତ ବୃଦ୍ଧିପାଉଛି ବୋଲି ଏହି ପ୍ରତିବାଦରୁ ଜଣାପଡ଼ିଲା। ସେମାନଙ୍କ ମତ ଅନୁଯାୟୀ, କେବଳ ଭାଜପା କର୍ମୀ ନୁହେଁ, ସହରର ଅଣରାଜନୈତିକ ବ୍ୟକ୍ତିମାନେ ମଧ୍ୟ ଏହି ପ୍ରତିବାଦକୁ ସମର୍ଥନ ଜଣାଇଛନ୍ତି।

ଅନ୍ୟପକ୍ଷରେ ପୁରୀରେ ମୁଖ୍ୟମନ୍ତ୍ରୀଙ୍କ କାରକେଡ୍‌କୁ ଅଣ୍ଡା ମାଡ଼ପରେ ବିଜେଡି ପକ୍ଷରୁ ଯେଉଁଭଳି ଭାବେ ପ୍ରତିକ୍ରିୟା ପ୍ରକାଶ ପାଇବା ନେଇ ଆଶା କରାଯାଉଥିଲା ସେଭଳି କିଛି ହୋଇନାହିଁ। ଏଥିପାଇଁ ବିଜେଡିର ଅନ୍ତଃକନ୍ଦଳକୁ ଦାୟୀ କରାଯାଇପାରେ। ୮୦ଦଶକର ମଧ୍ୟ ଭାଗରୁ ପୁରୀ ରାଜନୀତିରେ ସକ୍ରିୟ ଥିବା ମହେଶ୍ୱର ମହାନ୍ତିଙ୍କୁ ଦଳରେ କୋଣଠେସା କରାଯିବା ଫଳରେ ଏଭଳି ସ୍ଥିତି ଉପୁଜିଥିବା କୁହାଯାଉଛି। ମହେଶ୍ୱର ପୁରୀ ଜିଲା ବିଜେଡି ସଭାପତି ଅଛନ୍ତି। ମାତ୍ର ତାଙ୍କୁ ସରକାରୀ ଓ ଅନେକ ଦଳୀୟ କାର୍ଯ୍ୟକ୍ରମଠାରୁ ଦୂରେଇ ରଖାଯାଉଛି। ମହେଶ୍ୱରଙ୍କ ଅନୁଗତଙ୍କ ମଧ୍ୟରେ ଚର୍ଚ୍ଚା ଯେ, ନବୀନଙ୍କୁ ଅଣ୍ଡାମାଡ଼ ହୋଇଛି, ଭଲ ହୋଇଛି।

ଅଣ୍ଡାମାଡ଼ ଓ ବିରୋଧ ପ୍ରସଙ୍ଗରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ କାରକେଡ୍‌କୁ ଅଣ୍ଡାମାଡ଼ ଭଳି ଘଟଣା ଘଟୁ ବୋଲି ଆମେ ଚାହୁଁ ନ ଥିଲୁ। ମମିତା ମେହେର ହତ୍ୟା ପ୍ରସଙ୍ଗରେ ଯୁବମୋର୍ଚ୍ଚା ଏଭଳି ଆଭିମୁଖ୍ୟ ନେଇଛି। ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଭୂମିକା ମଧ୍ୟ ସନ୍ଦେହଘେରରେ ରହିଛି। ଏଭଳି ସ୍ଥଳେ ଠିକ୍ ତଦନ୍ତ ଆବଶ୍ୟକ ହେଉଥିବାବେଳେ ବିଜେଡି ଓଲଟା ମନ୍ତ୍ରୀଙ୍କ ବିରୋଧରେ ଆମକୁ ପ୍ରମାଣ ମାଗୁଛି। ତଥ୍ୟ ପ୍ରମାଣ ଯୋଗାଡ଼ କରିବାର ଦାୟିତ୍ୱ ସରକାରଙ୍କର। ଏଣୁ ସରକାର ନିରପେକ୍ଷ ଭାବେ ତଦନ୍ତ କରୁ ନ ଥିବା ହେତୁ ଏଭଳି ବିରୋଧ ଦେଖିବାକୁ ମିଳୁଛି। ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି ଏସମ୍ପର୍କରେ କୌଣସି ମତ ଦେବାକୁ ମନା କରିଦେଇଛନ୍ତି।

# ଅମରନାଥ ଯାତ୍ରା ପୂର୍ବରୁ ହୋଇପାରେ ଜମ୍ମୁ-କଶ୍ମୀର ନିର୍ବାଚନ

ଶ୍ରୀନଗର, ୨୭।୧୧

୨୦୨୨ ଅମରନାଥ ଯାତ୍ରା ପୂର୍ବରୁ ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇପାରେ। ଆସନ୍ତା ବର୍ଷ ମେ'-ଜୁନ୍ ମଧ୍ୟରେ ଏହି ନିର୍ବାଚନ ହେବ ବୋଲି ଆଶା କରାଯାଉଛି। ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ପ୍ରଥମ ଥର ପାଇଁ ଜମ୍ମୁ-କଶ୍ମୀରର ରାଜନୈତିକ ଦଳଗୁଡ଼ିକ ନିର୍ବାଚନର ସାମ୍ନା କରିବେ। ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ଚିଠା ରିପୋର୍ଟ ସମ୍ପୂର୍ଣ୍ଣ ହୋଇଛି। କେତେକ ନିର୍ବାଚନ ମଣ୍ଡଳୀର ସୀମା ବଦଳିବ ବୋଲି ଏହି ରିପୋର୍ଟରୁ ଜଣାପଡ଼ିଥିବା ଏକ ସୂତ୍ରରୁ ସୂଚନା ଦିଆଯାଇଛି। ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ରଞ୍ଜନା ଦେଶାଇଙ୍କ ଅଧ୍ୟକ୍ଷତାରେ ସୀମା ପୁନଃ ନିର୍ଦ୍ଧାରଣ କମିଶନ କାର୍ଯ୍ୟ କରୁଛି। ଚିଠା ରିପୋର୍ଟକୁ ବିଭିନ୍ନ ଦଳର ସହଯୋଗୀ ସଦସ୍ୟଙ୍କୁ ଜଣାଇ ଦିଆଯିବ। ଏହି କମିଶନଙ୍କ କାର୍ଯ୍ୟକାଳ ୨୦୨୨ ମାର୍ଚ୍ଚରେ ଶେଷ ହେବାକୁ ଥିବାବେଳେ ଏହାକୁ ଆଉ ବଢ଼ାଇବା ଯୋଜନା ନାହିଁ। ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି), ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି), ଭାଜପା, କଂଗ୍ରେସ, ଜମ୍ମୁ-କଶ୍ମୀର ନ୍ୟାଶନାଲ ପାନ୍ଥର୍ସ ପାର୍ଟି, ଜମ୍ମୁ-କଶ୍ମୀର ଅପ୍‌ନି ପାର୍ଟି, ପିପୁଲ୍ସ କନ୍‌ଫରେନ୍ସ ଓ




ଅନ୍ୟ ଛୋଟ ଦଳଗୁଡ଼ିକ ବିଭିନ୍ନ ସଭା ଓ ରାଲି ମାଧ୍ୟମରେ ଲୋକଙ୍କ ସହ ସମ୍ପର୍କ ବଢ଼ାଇବା ଆରମ୍ଭ କରିଛନ୍ତି। ପିଡିପି ମୁଖ୍ୟ ମେହବୁବା ମୁଫ୍‌ତି ଇତିମଧ୍ୟରେ ଚେନାବ ଉପତ୍ୟକା ଗସ୍ତ କରିଥିବାବେଳେ ଏନ୍‌ସି ଉପାଧ୍ୟକ୍ଷ ଓମାର ଅବଦୁଲ୍ଲା ଶନିବାର ବିଭିନ୍ନ ଅଞ୍ଚଳକୁ ଗସ୍ତ ଆରମ୍ଭ କରିଛନ୍ତି। ବାର୍ଷିକ ଅମରନାଥ ଯାତ୍ରା ପୂର୍ବରୁ ନିର୍ବାଚନ ହେବ ବୋଲି ଭାଜପା ଏହାର କର୍ମୀମାନଙ୍କୁ ଜଣାଇ ଦେଇଛି।






**ଆଜିର ମନ୍ତବ୍ୟ**

ବିଧାନସଭା ଓ ପାର୍ଲାମେଣ୍ଟରେ ପ୍ରଣିତ ଆଇନର ପ୍ରଭାବକୁ ଆକଳନ କରାଯାଉନାହିଁ। ଅନେକ ସମୟରେ ଏହା ବଡ଼ ସମସ୍ୟା ସୃଷ୍ଟି କରୁଥିବାରୁ ନ୍ୟାୟପାଳିକା ଉପରେ ବୋଝ ବଢୁଛି।
**-ଜଷ୍ଟିସ୍ ଏନ୍. ଭି. ରମନା, ଭାରତର ପ୍ରଧାନ ବିଚାରପତି**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ରବି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତେଲି ଘର ଗୋରୁ
ଘଣା ଓଟରାରୁ ଲଦନ ଗରୁ
ତେଲି ବଳଦ
ଘଣାରେ ନଗଲେ ପଲାଣ ଲଦ।**

ତେଲିଘରେ ରହୁଥିବା ଗୋରୁ ବଳଦ ତେଲ ଘଣା ପେଲିଥାଏ। ଯଦି ତେଲ ପେଡ଼ିବାର କାମ ନ ଥାଏ ତା'ହେଲେ ଶଗଡ଼ ବୁହା ହେବା ଭଳି ଅନ୍ୟ କାର୍ଯ୍ୟରେ ଲାଗିଥାଏ ବା ଯୋଚା ଯାଇଥାଏ। ତେଲି ଘର ଗୋରୁ ପରି ଅନ୍ୟ ତୃତୀୟ ବିକଳ୍ପ ନଥିବା ବ୍ୟକ୍ତି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତେଲି ତେଲ ହେଲେ ଏକା
ପିଡ଼ିଆ ଖଣ୍ଡ ପଛକୁ ପକା।**

ତେଲ ସାଙ୍ଗରେ ପିଡ଼ିଆ ଥାଏ। କିନ୍ତୁ ତାକୁ ଯେତେବେଳେ ଘଣା ବା କଳରୁ ତେଲି ସଫାକରି ବାହାର କରେ ,ସେତେବେଳେ ପିଡ଼ିଆ ଅଦରକାରୀ ବସ୍ତୁ ଭାବେ ଅଲଗା ହୋଇଯାଏ। ପରୋକ୍ଷରେ ସ୍ୱଭାବ, ପ୍ରକୃତି ତଥା ମନୋଭାବ ଯାହା ସହ ଯାହାର ମିଶିଯାଏ ତାଙ୍କ ପକ୍ଷେ ଏକତ୍ର ହେବା ସେତେ ସହଜ ହୋଇଯାଏ, ଅନ୍ୟଥା ସେଠାରୁ ବାଦ୍ ପଡ଼ିବା ସ୍ଥିର ନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

## ପ୍ରଥମ ପୃଷ୍ଠାରୁ...

### କ୍ୱାର୍ଟରରେ ...

ଫଳରେ ଦଳ ଶୀର୍ଷ ସ୍ଥାନରେ ରହି ନକ୍‌ଆଉଟରେ ପ୍ରବେଶ କରିଛି। ଡିସେମ୍ବର ୧ରେ ହେବାକୁଥିବା କ୍ୱାର୍ଟର ଫାଇନାଲରେ ଭାରତ ଗ୍ରୁପ୍ 'ଏ'ରେ ପ୍ରଥମ ସ୍ଥାନ ହାସଲ କରିଥିବା ବେଲ୍‌ଜିୟମକୁ ଭେଟିବ। ୨୦୧୬ରେ ଲକ୍ଷ୍ନୌରେ ହୋଇଥିବା ଗତ ସଂସ୍କରଣରେ ଭାରତ ଓ ବେଲ୍‌ଜିୟମ ଫାଇନାଲ ହୋଇଥିଲା। ଏଥିରେ ବେଲ୍‌ଜିୟମକୁ ୨-୧ ଗୋଲରେ ହରାଇ ଭାରତ ଚାମ୍ପିୟନ ହୋଇଥିଲା। ତେଣୁ ଏଥର କ୍ୱାର୍ଟର ଫାଇନାଲ ଗତ ଫାଇନାଲର ରିମ୍ୟାଚ ସଦୃଶ ହେବ। ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ପୁଲ୍ 'ବି'ରେ ପ୍ରଥମ ସ୍ଥାନ ଦଳ ଫ୍ରାନ୍ସ ପୁଲ୍ 'ଏ'ର ଦ୍ୱିତୀୟ ଦଳ ମାଲେସିଆକୁ ଭେଟିବ। ପୋଲାଣ୍ଡ ବିପକ୍ଷ ମ୍ୟାଚରେ ଭାରତ ପକ୍ଷରୁ ଓଡ଼ିଶାର ସୁଦୀପ ଚିରମାକୋ, ସଞ୍ଜୟ ଏବଂ ଅରଜିତ ସିଂ ହୁଣ୍ଡାଲ ୨ଟି ଲେଖାଏ ଏବଂ ଚମତ୍କାର ଫର୍ମରେ ଥିବା ଉତ୍ତମ ସିଂ, ସର୍ଦ୍ଦାନନ୍ଦ ତିୱାରୀ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମ୍ୟାଚ ଆରମ୍ଭରେ ରାଜ୍ୟ ମୁଖ୍ୟ ସୂଚନା କମିଶନର ଜଳଦ କୁମାର ତ୍ରିପାଠୀ ଏବଂ ଭାରତୀୟ ବ୍ୟାଡ୍‌ମିଣ୍ଟନ ଦଳର ମୁଖ୍ୟ କୋଚ୍ ପଦ୍ମଭୂଷଣ ପୁଲେଲା ଗୋପୀଚାନ୍ଦ ଏବଂ ଶେଷରେ ଓଡ଼ିଶାର ପ୍ରମୁଖ ମହାଲେଖାକାର (ଅଡିଟ) ବିଭୁଦତ୍ତ ବସନ୍ତିଆ ଅତିଥିଭାବେ ଯୋଗ ଦେଇଥିଲେ। ଓଡ଼ିଶାର ସୁଦୀପ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ।

ୱାଇଲ୍ଡ କାର୍ଡ ଏଣ୍ଟ୍ରି ପାଇ ଜୁନିୟର ବିଶ୍ୱକପ ଖେଳୁଥିବା ପୋଲାଣ୍ଡ ଘରୋଇ ଦଳର ସମକକ୍ଷ ପ୍ରଦର୍ଶନ କରିପାରି ନ ଥିଲା। ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲା ଭାରତ। ୮ ମିନିଟ ମଧ୍ୟରେ ଦଳ ୩ଟି ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା। ୪ର୍ଥ ମିନିଟରେ ସଞ୍ଜୟ ଓ ୮ମ ମିନିଟରେ ଅରଜିତ ସିଂ ହୁଣ୍ଡାଲ ଗୋଲ ଦେଇ ଭାରତକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ ଭାରତ ଚମତ୍କାର ଖେଳିଥିଲା। ୨୪ତମ ମିନିଟରେ ଓଡ଼ିଆ ଖେଳାଳି ସୁଦୀପ ଚିରମାକୋ ଫିଲ୍ଡ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଭାରତକୁ ୩-୦ରେ ଅଗ୍ରଣୀ କରାଇଥିଲେ। ତୃତୀୟ କ୍ୱାର୍ଟରରେ ଭାରତ ୩ଟି ଗୋଲ ଦେଇଥିଲା। ୩୪ତମ ମିନିଟରେ ଉତ୍ତମ ସିଂ ଫିଲ୍ଡ ଗୋଲ ଦେଇଥିବାବେଳେ ୩୮ତମ ମିନିଟରେ ସର୍ଦ୍ଦାନନ୍ଦ ତିୱାରୀ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିଥିଲେ। ୪୦ତମ ମିନିଟରେ ପୁଣି କମାଲ ଦେଖାଇଥିଲେ ଓଡ଼ିଶାର ସୁଦୀପ। ସେ ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳ ପକ୍ଷରୁ୬ଷ୍ଠ ଗୋଲ ସ୍କୋର କରିଥିଲେ। ଓଡ଼ିଶାର ଅନ୍ୟ ୨ ଖେଳାଳି ଅଭିଷେକ ଲାକ୍ରା ଓ ସୁନୀଲ ଜୋଜୋ ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ୪ର୍ଥ କ୍ୱାର୍ଟରରେ ପୋଲାଣ୍ଡ ଆକ୍ରମଣକୁ ଜୋରଦାର କରିଥିଲା। ୪୮ତମ ମିନିଟରେ ଦଳ ୨ଟି ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲେ ହେଁ ସଫଳ ହୋଇ ନ ଥିଲା। ୫୦ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ କିନ୍ତୁ ଓଜସିକ୍ ରୁଟକୋୱସ୍କି ଗୋଲରେ ପରିଣତ କରିଥିଲେ। କେବଳ ସେତିକି ନୁହେଁ ୫୪ତମ ମିନିଟରେ ରବର୍ଟ ପଲକ ଏକ ଫିଲ୍ଡ ଗୋଲ ଦେଇ ମ୍ୟାଚରେ ଉଷ୍ମତା ଭରିଥିଲେ। ତେବେ ୫୮ତମ ମିନିଟରେ ସଞ୍ଜୟ ଏବଂ ୬୦ତମ ମିନିଟରେ ଅରଜିତ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇ ଭାରତର ଅଗ୍ରଣୀକୁ ୮-୨ରେ ପହଞ୍ଚାଇ ଦେଇଥିଲେ।

### ଧରାପଡ଼ିଲା ଏୟାରପୋର୍ଟ...

ସରକାରଙ୍କୁ ସମାଲୋଚନା କରିଛି। ଶେନ୍ ଲେଖିଛନ୍ତି, ଭାରତ ସରକାର ଚାଇନା-ବେଜିଂ ଡ୍ୟାକ୍ସିଂ ଅନ୍ତର୍ଜାତୀୟ ବିମାନବନ୍ଦରର ଫଟୋଗ୍ରାଫକୁ ନିଜର ଭିତ୍ତିଭୂମି ବୋଲି ଦାବି କରି ସଫଳତା ଦେଖାଇ ହେବାକୁ ବ୍ୟବହାର କରିବା ଆଶ୍ଚର୍ଯ୍ୟକର। ଚାଇନାର ଏହି ପ୍ରୋଜେକ୍ଟରେ ୧୭.୪୭ ବିଲିୟନ ଆମେରିକୀୟ ଡଲାର ଖର୍ଚ୍ଚ ହୋଇଛି। ଏଥିସହ ବେଜିଂ ଏୟାରପୋର୍ଟ ଫଟୋ ଥିବା ଆର୍ଟିକିଲକୁ ମଧ୍ୟ ଶେନ୍ ପୋଷ୍ଟ କରିଛନ୍ତି। ଭାରତ ସରକାର ମିଥ୍ୟା ଖବର ପ୍ରଚାର କରିଛନ୍ତି ବୋଲି ସେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଅଫିସରେ କୌଣସି ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକି ରହିଥିବା କାମରେ ଅଗ୍ରଗତି ଘଟିବ। ଆର୍ଥିକ ସଂକଟ ଲାଗି ରହିଲେ ମଧ୍ୟ ନୂତନ ଯୋଜନା ଆରମ୍ଭ କରିବା ସକାଶେ ମନ ବଳାଇବେ। ସ୍ଥିର ମନ ନେଇ କାମ କଲେ ସମସ୍ୟାର ସରଳ ସମାଧାନ ହେବାର ସମ୍ଭାବନା ରହିଛି। ପାରିବାରିକ ଅଶାନ୍ତି ରହିଥିଲେ ମଧ୍ୟ ମନକୁ ବୁଝାଇ ରହିବାକୁ ବାଧ୍ୟ।

**ବୃଷ** ପାରିବାରିକ କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇ କାମ କରିବାକୁ ବାଧ୍ୟ ହେବେ। ରଚନାତ୍ମକ କାର୍ଯ୍ୟ ସହିତ କଳା, ସାହିତ୍ୟରେ ଉନ୍ନତି କରିବେ ଓ ପ୍ରଶଂସିତ ମଧ୍ୟ ହେବେ। ଆନୁଷ୍ଠାନିକ କାମରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ଆର୍ଥିକ ସ୍ଥିତି କମ୍‌ଜୋର୍ ରହିବ। ଫଳରେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟ ହେବେ।

**ମିଥୁନ** ଆକସ୍ମିକ ଭାବରେ ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ। ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାର କରି ଉଚିତ ପଦକ୍ଷେପ ନିଅନ୍ତୁ। ପାଖରେ ନଥିବା ଜିନିଷଟି ପାଇଁ ସହକର୍ମୀଙ୍କ ସହିତ ତର୍କ ଓ ବିବାଦ ବଢ଼ିପାରେ। ପଡ଼ୋଶୀମାନେ ବାକ୍‌ଚାତୁରୀ କଥା କହି କାର୍ଯ୍ୟ ହାସଲ କରିପାରନ୍ତି।

**କର୍କଟ** ଆଜି ଆପଣଙ୍କୁ ପ୍ରତ୍ୟାବର୍ତ୍ତନ ପଥରେ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ଶିଳ୍ପ, ବାଣିଜ୍ୟ, ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବାର ସମ୍ଭାବନା ରହିଛି। ବନ୍ଧୁମାନଙ୍କ ନିମନ୍ତ୍ରଣ କ୍ରମେ ସଭାସମିତିରେ ଯୋଗଦେଇ ପ୍ରଶଂସିତ ହେବେ।

**ସିଂହ** ଗତକାଲିଠାରୁ ଆପଣ ଯାହା ପାଇବାକୁ ଇଚ୍ଛା କରୁଛନ୍ତି ତାହା ନିଶ୍ଚିତ ମିଳିବ। କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡ଼ିପାରନ୍ତି। ପ୍ରଶାସନିକ ସ୍ତରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ ।

**କନ୍ୟା** ଆଜି କୌଣସି ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ମନୋଭାବ ବଦଳିଯିବା କାରଣରୁ ପ୍ରିୟ ବନ୍ଧୁଟି ସାହାଯ୍ୟ ପ୍ରତିଶ୍ରୁତି ଦେଇ ମଧ୍ୟ ପାଖ ମାଡ଼ିବେ ନାହିଁ। ବ୍ୟବସାୟରେ କ୍ରମଶଃ ଲାଭ ଅପେକ୍ଷା କ୍ଷତି ଅଧିକ ହେବାର ଆଶଙ୍କା ରହିଛି। ଅର୍ଥ, କର୍ମକ୍ଷେତ୍ର, ନିର୍ମାଣ, ସଭାସମିତି ଓ ମଙ୍ଗଳଜନକ କାମରେ ଉତ୍ସାହିତ ହୋଇ କାମ କରିବେ।

**ତୁଳା** କର୍ମକ୍ଷେତ୍ରରେ ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟା ସମାଧାନ ହେବ। ତଥାପି କେତେକ କ୍ଷେତ୍ରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ। ପୁରୁଣା ରୋଗ, ଘର ଲୋକମାନଙ୍କ ଚୁପ୍‌ଚାପ୍ କଥା ମନକୁ ବିଚଳିତ କରିବ।

**ବିଛା** ଆଜିର ସକାଳୁଆ ଯାତ୍ରାରେ ସାଙ୍ଗସାଥୀମାନଙ୍କ ସହ କିଛି ନୂଆ ସ୍ଥାନକୁ ପରିଦର୍ଶନରେ ଯାଇପାରନ୍ତି। ଅନ୍ୟମନସ୍କ କାରଣରୁ କିମ୍ବା ଅସାବଧାନତା ହେତୁ ଟଙ୍କା ପଇସା ହଜି ଯାଇପାରେ। କିନ୍ତୁ, କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହେବେ। ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ।

**ଧନୁ** ଆଜିର ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ, କିନ୍ତୁ ଏଥିପାଇଁ ବହୁତ ଟଣାଓଟରା ଲାଗିବ। ପରିବାରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଆର୍ଥିକ ଅନଟନ ଲାଗି ରହିବାରୁ ଋଣ କରିବାକୁ ବାଧ୍ୟ ହେବେ।

**ମକର** କୌଣସି ବନ୍ଧୁ କିମ୍ବା ହିତୈଷୀଙ୍କ ଦର୍ଶନ ପାଇଁ ମନ ଛଟପଟ ହୋଇପାରେ। ବହୁତ ଦିନରୁ ଚେଷ୍ଟା କରୁଥିବା କାମରେ ସମସ୍ୟା ସମାଧାନ ହୋଇଯିବ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କୁମ୍ଭ** ଅନ୍ୟ ସକାଶେ ଯାହା ସୁବିଧାଜନକ ହୋଇପାରୁଛି, ଆପଣଙ୍କ ପାଇଁ ତାହା ନ ହେବା କାରଣରୁ ଚିନ୍ତା କରିପାରନ୍ତି। ଅବଶ୍ୟ ଆପଣ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। କେତେକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ। କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହୋଇ ପାରନ୍ତି।

**ମୀନ** ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବେ। ଅସୁବିଧା ନ ହେଲେ ମଧ୍ୟ କେତେକ କ୍ଷେତ୍ରରେ ବୃଥା ଆଶଙ୍କା କରି ମନ ଅସ୍ଥିର ରହିବ। ଆକସ୍ମିକ ଭାବରେ ଅସମର୍ଥିତ ସୂତ୍ରରୁ ଅଶୌଚ ଖବର ପାଇପାରନ୍ତି। ବନ୍ଧୁମିଳନ, ଦେବଦର୍ଶନ, ସତ୍‌ସଙ୍ଗ, ମନୋରଞ୍ଜନ କାର୍ଯ୍ୟରେ ପ୍ରଶଂସିତ ହେବେ ।

# classifieds Everyday 0674-2580101, 2549302



MATRIMONIAL

## BRIDE WANTED

ଚାକିରି କରି ଏକାକୀ ରହୁଥିବା 47 ବୟସ ଖଣ୍ଡାୟତ (Divorcee) ପୁଅ ପାଇଁ ଯେକୌଣସି ଜାତିର simple ଝିଅ ଆବଶ୍ୟକ। candidate. 8895608411. D-22401

## GROOM WANTED

Government job ବୟସ- 42 ଏକୁଟିଆ ରହୁଥିବା ଅବିବାହିତା ବଣିଆ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଦରକାର। 8984095907. D-22362

47 ବର୍ଷର ମହିଳା, Food & Safety Departmentରେ Accountant ଅଛନ୍ତି। ଉପଯୁକ୍ତ ବୟସର ବ୍ୟକ୍ତି ଯୋଗାଯୋଗ କରନ୍ତୁ। ଅବିବାହିତ ବ୍ୟକ୍ତି ଗ୍ରହଣୀୟ ନୁହନ୍ତି। 7656973285. D-22407

Searching Kaibarta Groom for Very Fair Bride & Very Fair Bride (Caste No Bar) for Kaibarta Groom (IAS Faculty). Mob.: 9990161440. D-22408

Beautiful Brahmin girl 1992/5'6" MA (Economics) Ph.D. (Required Govt/ PSU/ Corporate). 9861078320. D-71011

Beautiful carpenter girl 1992/ 5'4'' Nationalised Bank Grade A Officer. 9853366347. D-22399





## SALE

Prices slashed! Wholesale/retail branded Mens/Ladies garments sale. Up to 54% discount. This could be a unique business opportunity for you. You can easily sell this stuff at double/triple the price. For further details contact WhatsApp: 7838510998. D-22409

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

କେନ୍ଦ୍ରାପଡ଼ା ଗରାପୁରସ୍ଥ ହନୁମାନ ମନ୍ଦିର ପାଖରେ 2.5 ଗୁଣ୍ଠର ଏକ SC ପ୍ଲଟ୍ ବିକ୍ରିହେବ। ଯୋଗାଯୋଗ 9437013139/ 9861526386. D-22375

**Residential gharabari plot near English Medium School, with boundarywall Nearest to N.H Nakhara, Niali road 7 km. to Nakhara NH-5, 12KM to BBSR. 7809525452.** D-71825

Gharabari residential plot for sale at Balianta, 5k.m. distance from Hanspal, 11k.m. distance from Vani Vihar, immediate possession and registration. 7789912004, 9348577408. D-68284

**Boundarywall gharabari sthitiban corner plot sale near CV Raman Engg. College, Bhubaneswar. 7008643668.** D-71747

6BHK duplex 52,00,000/- finishing Hanspal, ready to move simplex 34,00,000/- : 9668194157. D-70978

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-22395

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (outright). 9439660381. D-22344

ଭୁବନେଶ୍ୱର ଚନ୍ଦକାରେ **Nalanda/BCCST College** ପାଖରେ **road, electricity, water, boundary** ଥାଇ ବାସୋପଯୋଗୀ **plot** ପୋଜେସନ ଥାଇ ମିଳୁଛି। **9348870771, 9090543542.** D-71742

ଘରବାଡ଼ି ପ୍ଲଟ୍ 30'road ସହିତ Sum Hospitalରୁ 4k.m. ଘଙ୍ଗାପାଟଣାରେ ମିଳୁଛି। Owner- 9090963952. D-71746

Bhubaneswar ବରମୁଣ୍ଡାରୁ ୧୫କି.ମି. ଦୂରରେ ଘରବାଡ଼ି ପ୍ଲଟ୍ 2400 ବର୍ଗଫୁଟକୁ 15,60,000/- (୨୦ଟା ପ୍ଲଟ୍ ବିକ୍ରିହେବ)। 9938016295. D-71745

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାଡ଼ି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call- 9827119799. D-71909

**Duplex for sale At-Pokhariput, land area: 2400sqft., construction area: 3600sqft. Contact: 7653927969.** D-22078

Bhubaneswar, ନଖରା, ତ୍ରିନାଥବଜାରରେ, ପ୍ରତାପନଗରୀରେ ପିଚୁରୋଡ୍‌କୁ ଲାଗି sqft.-499/- ରେ ପ୍ଲଟ୍ ଦିଆଯାଉଛି। 9776121547. D-22297

**ଭୁବନେଶ୍ୱର ପିତାପଲ୍ଲୀ Flyoverରୁ 300 mtr distance ସ୍ଥିତିବାନ ପ୍ଲଟ୍ ମିଳୁଅଛି । 8908122121.** D-71729

Gharabari land 1410sqft. at Jharapada, Bhubaneswar @ 3200/-sqft. for sale. Contact: 9438376959. D-71440

**Bhubaneswar infocity-2 200ft. road side near Cancer Hospital** ପାଖରେ **yellowzone** ପ୍ଲଟ୍ ମିଳୁଛି। **9337284117.** D-71741

925sqft. 4th floor Corner flat near KEC and NH-316 Vishal Garden for sale, Price Rs. 28,00,000 negotiable. 8917425581, 9438081019. D-59884

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-22388

## PURCHASE

ମୋର ଦରକାର ରାସ୍ତା କଡ଼ ଜାଗା ନଖରା ଠାରୁ ଅଡଶପୁର ପର୍ଯ୍ୟନ୍ତ। **Only owners to Contact: 7978991126.** D-71826





House for rent at Ekamra Villa (Office-Cum-Residence), 9437504102. D-65924

**To-Let 60000 sqft. Commercial Space between Cuttack and Bhubaneswar Highway. Contact 7008175963/ 9776050040.** D-22211

Space Available for Office, service Centre, Godown, Shop at Lane-12 Bapuji nagar, Bhubaneswar. Contact-9437081583 D- 70976

**3Storied Building Each 1650 Sqft Floor Area for Office /Bank / Showroom Near Ganesh Mandap Chowk, Jharapada, Bhubaneswar, 9437231108.** D-65925

Semi Furnished 2BHK, attached Bathroom near Lingaraj Temple, Bhubaneswar 8,000/-. 9437388990. D-70759

544sqft. Shop for rent at "Grand Bazar" on 1st floor Bhubaneswar-Cuttack state highway. Contact: 9437012297. D-71328

**1700sqft. area for Office/ Bank & Room for offsite ATM at mainroad, Oldhi about 200 metre away from Oldhi Chawk (NH-5A). Contact-8895451983.** D-22285

Single rooms attached toilet near Sisupalgada College, Bhubaneswar. 9437764734, 9556856822. D-70758





Ashirvaad Saloon and SPA get good massage for your health tha best therapy. 7077181074. D-71823

Refreshing your mind and body with the best therapy. 7873794731. D-71907

@1199 full body massage, mind refreshing joint pain, positively give health benefit by expert therapist, ladies/gents. Contact: 7205058838. D-71910

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Newly open SPA Offer price @ 599/-, positively health benefits. 8455987557. D-71442

Take wellness realx massage ladies/ gents therapist @800/-. 7008773793. D-71438

One hour any therapy by expert therapist @800 only. 9078484455. D-71443

Newly open full body massage ladies and gents. 8327740003. D-71824

## AFFIDAVIT

Before Executive Magistrate, Bhubaneswarl, PRAGYAN PARIMITA KAHALSINGH, Residing Tower 4, 1301,Tata Ariana, Kalinga Nagar, Bhubaneswar-751029 Changed my Name after marriage to SURYAKANT KAHALSINGH. Henceforth I shall be known as PRAGYAN PARIMITA KAHALSINGH for all purposes. D-22410

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## LEGAL NOTICE

Before the Judge, Family Court of Paralakhemundi, Gajapati C.P. 48/21 (Mat 17/18)
Smt. Sai Sneha Patro .....Petitioner
VS
Sri Prasant Kumar Paikray ..... Respondent
U/o S 5 rule 20 C.P.C
To
Prasant Kumar Paikray, S/o- Pravash Chandra Paikray, Contractor, Hindu by religion residing at Plot No.- 6/29 IRC Village, Nayapalli, Bhubaneswar, Khurda.

Where as the above named petitioner Smt. Sai Sneha Patro, D/o- Prafulla Chandra Patro, House Wife Hindu, by religion residing at Parental house, Rekhana Street, PO/P.S.- Paralakhemundi, Dist-. Gajapati has instituted the aforesaid CP 48/21 (Mat17/18) against you for divorce inspite of repeated summons you are not attending Court. As a result for which the case is lingering from time to time unnecessarily, you are hereby directed to appear before this Court on 17.12.2021 at 10.30 AM in person or by a pleader duly instructed to ensure all the material questions relating to the suit failing which the matter will be heard and determined in your absence as per law.

Given under my hand the seal of the Court this 25th day of November 2021.

Sd./- Judge, Family Court, Paralakhemundi, Gajapati. D-22398

### ଜନ୍ମଦିନ ଶୁଭେଚ୍ଛା



**ଅଭିଷେକ ବାରିକ (ରବି)**
ବ୍ରାହ୍ମଣ ଷଡ଼ଙ୍ଗୀ, ବାଲିଅନ୍ତା
ଆଜି ତୋର ଦଶମ ଜନ୍ମଦିନ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଆଶିଷ କାମନା କରୁଛୁ।
**ଶୁଭେଚ୍ଛା ସହ:-** ବାପା- ବିନୋଦ, ମାତା- ମନୋରମା, ଲିଙ୍କି, ପୂଜା, ରାନୀ, ମିକୁଲ, ଚିକୁନ, ଜଗନ, ଝୁନି, ରୁବି, ଓମ୍, ଭୂମି ।
ଧ-୭୧୨୦୭

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୬,୧୧,୪୨,୩୫୧ | ୫୨,୧୦,୪୫୧ | ୨୩,୫୯,୧୨,୯୯୦ |
| ଭାରତ | ୩,୪୫,୬୩,୭୪୯ | ୪,୬୭,୯୩୩ | ୩,୩୯,୮୮,୭୯୭ |
| ଓଡ଼ିଶା | ୧୦,୪୮,୪୯୨ | ୮୪୦୬(+୫୩) | ୧୦,୩୭,୮୬୪ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ମମିତା ବାପାଙ୍କ ବୟାନ ରେକର୍ଡ

**ବଲାଙ୍ଗୀର ଅଫିସ, ୨୭।୧୧:**

ହତ୍ୟାର ଶିକାର ହୋଇଥିବା କଳାହାଣ୍ଡି ଜିଲା ମହାଲିଙ୍ଗସ୍ଥିତ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେରଙ୍କ ବାପା ସୁଚନ୍ଦ୍ର ମେହେରଙ୍କ ସିଆରପିସି ଦଫା ୧୬୪ରେ ବୟାନ ରେକର୍ଡ କରାଯାଇଛି। କଣ୍ଟାବାଞ୍ଜି ଜେଏମ୍‌ଏଫ୍‌ସିଙ୍କ ସମ୍ମୁଖରେ ସୁଚନ୍ଦ୍ରଙ୍କ ବୟାନ ରେକର୍ଡ କରାଯାଇଥିବା ଜଣାପଡ଼ିଛି। ମମିତା ନିଖୋଜ ହେବା ପରଠାରୁ ସୁଚନ୍ଦ୍ର ଗଣମାଧ୍ୟମରେ ଅଭିଯୁକ୍ତ ଗୋବିନ୍ଦ ସାହୁ ଓ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ବିରୋଧରେ ସାଂଘାତିକ ବୟାନ ଦେଇଥିଲେ। ତେବେ ପରବର୍ତ୍ତୀ ସମୟରେ ସେ ତାଙ୍କର ବୟାନ ବଦଳାଇ ଦେଇଥିଲେ। ପୋଲିସ ତଦନ୍ତରେ ସେ ସନ୍ତୁଷ୍ଟ ଅଛନ୍ତି ବୋଲି କହିଥିଲେ। ମମିତା ହତ୍ୟାକାଣ୍ଡକୁ ନେଇ କେହି ରାଜନୀତି ନ କରନ୍ତୁ ଏବଂ ତାଙ୍କ ଝିଅଙ୍କ ଚରିତ୍ର ସଂହାର କରା ନ ଯାଉ ବୋଲି ଭିଡିଓ ବାର୍ତ୍ତା କରି କହିଥିଲେ। ଏପରିକି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ ତାଙ୍କର ଆସ୍ଥା ଅଛି ଓ ସେ ତାଙ୍କୁ ନ୍ୟାୟ ଦେବେ ବୋଲି କହିଥିଲେ। ମମିତାଙ୍କ ବାପା ବାରମ୍ବାର ବୟାନ ଦେଉଥିବାରୁ ତାଙ୍କ ଉପରେ ଚାପ ପକାଯାଉଥିବା ବିରୋଧୀ ଦଳ ପକ୍ଷରୁ ଅଭିଯୋଗ କରାଯାଇଥିଲା। ମମିତା ହତ୍ୟାକାଣ୍ଡରେ ପୋଲିସ ଗୋବିନ୍ଦ ସାହୁ ଓ ସହଯୋଗୀ ରାଧେଶ୍ୟାମ ଚଣ୍ଡୀଙ୍କୁ ଗିରଫ କରିଥିଲେ ମଧ୍ୟ ବିରୋଧୀ ଦଳ ପକ୍ଷରୁ ଗୃହରାଷ୍ଟ୍ରମନ୍ତ୍ରୀ ମିଶ୍ରଙ୍କ ବହିଷ୍କାର ଓ ଗିରଫ ଦାବିରେ ରାଜ୍ୟବ୍ୟାପୀ ଆନ୍ଦୋଳନ ଜାରି ରହିଛି।

# ପୋଲିସ-ମାଓବାଦୀ ଗୁଳି ବିନିମୟ, ଜଣେ ମାଓବାଦୀ ମୃତ

**ଖପ୍ରାଖୋଲ, ୨୭।୧୧(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଗନ୍ଧମାର୍ଦ୍ଦନ ପାହାଡରେ ପୋଲିସ-ମାଓବାଦୀ ମଧ୍ୟରେ ଗୁଳି ବିନିମୟ ଘଟିଛି। ଏଥିରେ ଜଣେ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ଶନିବାର ସନ୍ଧ୍ୟାରେ ଖପ୍ରାଖୋଲ ଥାନା ଯୁନାନୀବାହାଲ ଗାଁ ନିକଟରେ ମାଓବାଦୀ ଓ ପୋଲିସ ମୁହାଁମୁହିଁ ହୋଇଥିଲେ। ଏହି ଘଟଣା ପରେ ପୋଲିସ ପକ୍ଷରୁ ବଡ଼ଧରଣର ସର୍ଚ୍ଚ ଅପରେଶନ୍ ଆରମ୍ଭ ହୋଇଛି। ପୋଲିସ ମାଓବାଦୀ ବ୍ୟବହାର କରୁଥିବା ବିପୁଳ ପରିମାଣର ସାମଗ୍ରୀ ଜବତ କରିଥିବା ସୂଚନା ମିଳିଛି। ତେବେ ପୋଲିସ ପକ୍ଷରୁ ଏନେଇ ସବିଶେଷ ସୂଚନା ଦିଆଯାଇନାହିଁ।

# ଡ୍ରଗ୍ସକୁ ବିରୋଧ କରିବାରୁ ତୁମୁଳକାଣ୍ଡ

**ଢେଙ୍କାନାଳ ଅଫିସ,୨୭।୧୧**

- ସଞ୍ଜୟ କୁଷ୍ଠ କଲୋନୀରେ ଦୁର୍ବୃତ୍ତଙ୍କ ଆତଙ୍କରାଜ
- ଫାଙ୍କା ଗୁଳିଚାଳନା, ଆକ୍ରମଣରେ ଯୁବକ ଗୁରୁତର

ଢେଙ୍କାନାଳ ପୌରାଞ୍ଚଳ ଅନ୍ତର୍ଗତ ୨୧ନଂ. ୱାର୍ଡ ଅଧୀନ ରେଳଷ୍ଟେଶନ ନିକଟରେ ଥିବା ସଞ୍ଜୟ କୁଷ୍ଠ କଲୋନୀରେ ଡ୍ରଗ୍ସ କାରବାରକୁ ନେଇ ଶନିବାର ଅପରାହ୍ଣରେ ତୁମୁଳକାଣ୍ଡ ଘଟିଛି। ଏଭଳି ନିଶା କାରବାରକୁ ବିରୋଧ କରି ଦୁର୍ବୃତ୍ତଙ୍କ ଆକ୍ରମଣର ଶିକାର ହୋଇଛନ୍ତି ସ୍ଥାନୀୟ ଜଣେ ଯୁବକ। ଅଭିଯୁକ୍ତମାନେ ଫାଙ୍କା ଗୁଳିଚାଳନା କରି ଆତଙ୍କ ସୃଷ୍ଟି କରିଥିବାବେଳେ ଅଞ୍ଚଳବାସୀ ସୁରକ୍ଷା ପାଇଁ ଟାଉନ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ୪ଦିନ ତଳେ ନରଣପୁର ଗ୍ରାମର କେତେଜଣ ଯୁବକ ସଞ୍ଜୟ କୁଷ୍ଠ କଲୋନୀରେ ପଶି ଡ୍ରଗ୍ସ ସେବନ କରୁଥିବାବେଳେ ଏହାକୁ ସ୍ଥାନୀୟ ଅଞ୍ଚଳବାସୀ



ଆହତ ପ୍ରକାଶ ନାୟକ।

ବିରୋଧ କରିଥିଲେ। ଶନିବାର ଅପରାହ୍ଣ ପ୍ରାୟ ସାଢ଼େ ୪ଟାରେ ନରଣପୁର ଗ୍ରାମର ପ୍ରାୟ ୨୦ଜଣ ଯୁବକ କଲୋନୀକୁ ଆସି ୩ ରାଉଣ୍ଡ ଫାଙ୍କା ଗୁଳିଚାଳନା କରିଥିଲେ। ଏଥିସହିତ ଘଟଣାଦିନ ଡ୍ରଗ୍ସ ସେବନକୁ ବିରୋଧ କରିଥିବା ପ୍ରକାଶ ନାୟକଙ୍କ ମୁଣ୍ଡକୁ ବନ୍ଧୁକରେ ଆକ୍ରମଣ କରିଥିଲେ। ଏଥିରେ ସେ ଗୁରୁତର ହୋଇଛନ୍ତି। କଲୋନୀବାସୀ ଏକାଠି ହେଉଥିବା ଦେଖି ଅଭିଯୁକ୍ତମାନେ ଚମ୍ପଟ ମାରିଥିଲେ। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ପ୍ରକାଶ ଏବଂ କଲୋନୀବାସୀ ଟାଉନ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ନରଣପୁର ଗ୍ରାମର ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରିରଖିଛି। ସଞ୍ଜୟ କଲୋନୀ ସମ୍ପାଦକ ଲବଣୀ ଭୁକ୍ତା କୁହନ୍ତି, ଡ୍ରଗ୍ସ ସେବନକୁ ବିରୋଧ କରିବାରୁ ନରଣପୁର ଗ୍ରାମର କେତେଜଣ ଯୁବକ କଲୋନୀରେ ପଶି ଆତଙ୍କ ସୃଷ୍ଟି କରିଛନ୍ତି। ସେମାନଙ୍କ ଆକ୍ରମଣରେ ପ୍ରକାଶ ନାମକ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସୁରକ୍ଷା ପାଇଁ କଲୋନୀବାସୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ଅନ୍ୟପଟେ ଥାନାଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ଫାଙ୍କା ଗୁଳିଚାଳନାକୁ ସେ ଅସ୍ୱୀକାର କରିଛନ୍ତି। ସେ କହିଛନ୍ତି, ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଚଢାଉ ଜାରି ରହିଛି। ଏ ସଂକ୍ରାନ୍ତରେ ନଂ. ୫୧୧/୨୧ରେ ମାମଲା ରୁଜୁ କରାଯାଇଛି।




# ମାଥିଭାଥନନ୍ ହେଲେ ଏଡବ୍ଲ୍ୟୁଏସ୍‌ଏସ୍‌ଏଆର୍ ଉପସଭାପତି

**ଭୁବନେଶ୍ୱର,୨୭।୧୧(ବ୍ୟୁରୋ)–** ଗୃହ ଓ ନଗର ଉନ୍ନୟନ ସଚିବ ଜି. ମାଥିଭାଥନନ୍ ସର୍ବସମ୍ମତିକ୍ରମେ ଜଳ ଯୋଗାଣ ଓ ପରିମଳ ସଂଗଠନ ସଂଘ(ଏଡବ୍ଲ୍ୟୁଏସ୍‌ଏସ୍‌ଏଆର)ର ଉପସଭାପତି ତଥା ସିଇଓ ଭାବେ ନିର୍ବାଚିତ ହୋଇଛନ୍ତି। କେନ୍ଦ୍ର ଗୃହ ଓ ସହରାଞ୍ଚଳ ମନ୍ତ୍ରଣାଳୟ ସଚିବ ଏହାର ସଭାପତି ରହିବେ। ଶନିବାର ଏଡବ୍ଲ୍ୟୁଏସ୍‌ଏସ୍‌ଏଆର ଜାତୀୟ କାର୍ଯ୍ୟକ୍ରମକୁ ଭୁବନେଶ୍ୱରଠାରେ ଉଦ୍‌ଘାଟନ କରାଯାଇଛି। ଏହା ଜଳଯୋଗାଣ ଓ ପରିମଳ ସେବା ସଂସ୍ଥା ମଧ୍ୟରେ ଏକ ସମ୍ପର୍କର ସେତୁ ଭାବେ କାର୍ଯ୍ୟ କରିବ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ଏହାପରେ ଏଥିରେ ଯୋଗ ଦେଇଥିବା ଅଧିକାରୀମାନେ ପୁରୀ ଗସ୍ତ କରି ସେଠାରେ ୨୪ ଘଣ୍ଟା କାର୍ଯ୍ୟକାରୀ ହେଉଥିବା ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ବୁଲି ଦେଖିଥିଲେ। ଏଥିସହିତ ସେମାନେ ଜନସାଧାରଣ ଏବଂ ଜଳ ସାଥୀଙ୍କ ସହ ଆଲୋଚନା କରିଥିଲେ।

# ଆଇଟିଡିଏ ସହକାରୀ ଯନ୍ତ୍ରୀ ଗିରଫ

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ**

**କଟକ ଅଫିସ,୨୭।୧୧:** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବାରିପଦାସ୍ଥିତ ଆଇଟିଡିଏର ସହକାରୀ ଯନ୍ତ୍ରୀ ସନ୍ତୋଷ ଦାସଙ୍କୁ ଶନିବାର ଭିଜିଲାନ୍ସ ଗିରଫ କରିଥିଲା। ପରେ ତାଙ୍କୁ ଭୁବନେଶ୍ୱର ଭିଜିଲାନ୍ସର ସ୍ୱତନ୍ତ୍ର ବିଚାରପତିଙ୍କ କୋର୍ଟରେ ହାଜର କରାଯାଇଛି। ତାଙ୍କ ନିକଟରୁ ୨ କୋଟି ୮୦ ଲକ୍ଷ ୫୬ ହଜାର ୮୬୪ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଛି। ହେଲେ ଏହି ସମ୍ପତ୍ତି ସମ୍ପର୍କରେ ଦାସ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଏନେଇ କଟକ ଭିଜିଲାନ୍ସ ସେଲ୍‌ରେ ସନ୍ତୋଷ ଓ ତାଙ୍କ ସ୍ତ୍ରୀଙ୍କ ବିରୋଧରେ ମାମଲା(ନଂ. ୮/୨୧) ରୁଜୁ ହୋଇଥିଲା। ସୂଚନାଥାଉ କି, ଭୁବନେଶ୍ୱର ଭିଜିଲାନ୍ସର ସ୍ୱତନ୍ତ୍ର ବିଚାରପତିଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଗତ ୨୫ ଓ ୨୬ ତାରିଖରେ ସନ୍ତୋଷଙ୍କର ୧୧ଟି ଜାଗା ଉପରେ ଚଢାଉ କରାଯାଇଥିଲା। ଯାଞ୍ଚବେଳେ ସେ ମୋଟ୍ ୨ କୋଟି ୮୦ ଲକ୍ଷ ୫୬ ହଜାର ୮୬୪ ଟଙ୍କାର ସମ୍ପତ୍ତି ଠୁଳ କରିଥିବା ଜଣାପଡିଥିଲା, ଯାହାକି ତାଙ୍କ ନିୟମିତ ଆୟର ୨୪୫ ପ୍ରତିଶତ ଅଧିକ। ଏହି ମାମଲାର ତଦନ୍ତ ଚାଲିଥିବା ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ମିଳିଛି।




# ସରପଞ୍ଚଙ୍କ ସ୍ୱାମୀଙ୍କୁ ହତ୍ୟାକଲେ ମାଓବାଦୀ

**ମାଲକାନଗିରି,୨୭।୧୧(ଡି.ଏନ.ଏ.)–** ମାଲକାନଗିରି ସୀମାନ୍ତ ଛତିଶଗଡର ନାରାୟଣପୁରରେ ମାଓବାଦୀ ଜଣେ ସରପଞ୍ଚଙ୍କ ସ୍ୱାମୀଙ୍କୁ ହତ୍ୟା କରିଛନ୍ତି। ସେ କରମାରି ପଞ୍ଚାୟତ ସରପଞ୍ଚଙ୍କ ସ୍ୱାମୀ ବୋଲି ଜଣାପଡିଛି। ଏଥିସହ ଫରସା ଗ୍ରାମରେ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ହେଉଥିବା ରାସ୍ତା କାର୍ଯ୍ୟରେ ନିୟୋଜିତ ଜେସିବି ପୋଡିଛନ୍ତି। ବର୍ତ୍ତମାନ ସମ୍ପୃକ୍ତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି।

# ୨୯ରେ ଶୁଣାଣି: ଶ୍ୱଶୁରଘର ଆଗରେ ବୋହୂର ଧାରଣା ଜାରି

**ବ୍ରହ୍ମପୁର ଅଫିସ,୨୭।୧୧**

ନ୍ୟାୟ ଭିକ୍ଷା କରି ଶ୍ୱଶୁରଘର ଆଗରେ ଧାରଣାରେ ବସିଥିବା ବୋହୂ ତପସ୍ୱିନୀ ଦାଶଙ୍କ ପିଟିଶନ୍(ଏମ୍‌ସି ନମ୍ବର-୩୪୪/୨୧)ର ଶୁଣାଣି ପାଇଁ ଶନିବାର ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟ ତାରିଖ ଧାର୍ଯ୍ୟ କରିଥିଲେ। ଏଣୁ ଉଭୟ ପକ୍ଷ ଶନିବାର କୋର୍ଟରେ ଉପସ୍ଥିତ ରହି ପ୍ରଥମ ପର୍ଯ୍ୟାୟ ପିଟିଶନ୍‌ର ଯୁକ୍ତି ଶୁଣିଥିଲେ। ସନ୍ଧ୍ୟାରେ କୋର୍ଟର ଦ୍ୱିତୀୟ ପର୍ଯ୍ୟାୟ ରାୟରେ ଆସନ୍ତା ୨୯ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ଦାୟିତ୍ୱରେ ଥିବା ଏସ୍‌ଡିଜେଏମ୍ ସଂଗ୍ରାମ କେଶରୀ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି। ସେପଟେ ନ୍ୟାୟ ନ ମିଳିବାରୁ ବୋହୂ ତପସ୍ୱିନୀ ସାମାଜିକ କର୍ମୀ ପ୍ରମିଳା ତ୍ରିପାଠୀଙ୍କ ସହିତ ପୁଣିଥରେ ଶ୍ୱଶୁର ଘର ଆଗରେ ବସିଥିବା ଧାରଣାସ୍ଥଳକୁ ଯାଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ତପସ୍ୱିନୀଙ୍କୁ ୱାନ୍‌ଷ୍ଟପ୍ ସେଣ୍ଟର ସଖୀ କେନ୍ଦ୍ରରେ ରଖିବା ପାଇଁ କୋର୍ଟ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶଯେ, ଛତ୍ରପୁରର ତପସ୍ୱିନୀ ଓ ବ୍ରହ୍ମପୁରର ଜଣେ ଯୁବ ଡାକ୍ତର ସୁମିତ ସାହୁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟେ ଗତବର୍ଷ କୋର୍ଟରେ ବିବାହ କରିବା ସହ ଏକାଠି ରହିଥିଲେ। ଗତ କିଛି ମାସ ହେବ ସ୍ୱାମୀ, ଶାଶୁ ଓ ଶ୍ୱଶୁର ମିଶି ତାଙ୍କୁ ନିର୍ଯାତନା ଦେଇଥିବା ନେଇ ମହିଳା ଜଣଙ୍କ ବ୍ରହ୍ମପୁର ମହିଳା ଥାନାରେ ଅଭିଯୋଗ କରିଥିଲେ। ଏହା ପରେ ଡାକ୍ତରଙ୍କ ପରିବାର ଲୋକେ ମାମଲା ଉଠାଇବା ପାଇଁ ବୋହୂଙ୍କୁ ମନାଇବା ସହ ବାହାଘର କରାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ଗତ ୨୨ ତାରିଖରେ ବାହାଘର ଲଗ୍ନ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଶ୍ୱଶୁରଘର ଲୋକେ କୌଣସି ଆୟୋଜନ କରି ନ ଥିବାରୁ ତପସ୍ୱିନୀ ବଧୂ ବେଶରେ ସାମାଜିକ କର୍ମୀ ତ୍ରିପାଠୀଙ୍କ ସହାୟତାରେ ଶ୍ୱଶୁରଘର ଆଗରେ ଧାରଣା ଜାରି ରଖିଛନ୍ତି। ଶନିବାର ପିଟିଶନର ଶୁଣାଣି ପାଇଁ ତପସ୍ୱିନୀ, ଶ୍ୱଶୁର ପ୍ରମୋଦ ସାହୁ ଓ ପୁଅ ସୁମିତ ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଉପସ୍ଥିତ ହୋଇଥିଲେ। କୋର୍ଟ ଯାହା ନିର୍ଦ୍ଦେଶ ଦେବେ ତାକୁ ଗ୍ରହଣ କରାଯିବ ବୋଲି ଶ୍ୱଶୁର ପ୍ରମୋଦ କହିଛନ୍ତି।






ଖେଳ ଭିତରେ ବି ଅତିରିକ୍ତ ହେଳାଭାବ ଭଲ ନୁହେଁ। ଜୀବନ ଓ କର୍ମସାଧନ ବେଳେ ମଧ୍ୟ ସେହିପରି ଅତିରିକ୍ତ ଗୁରୁଗାମ୍ଭୀର୍ଯ୍ୟ ଠିକ୍ ନୁହେଁ। ଉଭୟତ୍ର ହିଁ ଆମେ ଚାହୁଁ ଖେଳର ସ୍ୱଚ୍ଛନ୍ଦଲୀଳା ଓ ଶୃଙ୍ଖଳାର ମଧ୍ୟ ଗୁରୁତ୍ୱ ଓ ନିଷ୍ଠାପରତା। – ଶ୍ରୀଅରବିନ୍ଦ



# ତିନୋଟି ଦେଶର କଥା



ଆକାର ପଟେଲ

ଦକ୍ଷିଣ ଏସିଆର ତିନୋଟି ବୃହତ୍ ଦେଶର ସ୍ଥିତି ଏବେ କେଉଁଠି ତାହା ଲକ୍ଷ୍ୟ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ଦେଶଗୁଡ଼ିକରେ ଏବେ ଗଣତନ୍ତ୍ର ଅଛି, ଯାହା ସେମାନଙ୍କୁ ଇତିହାସରେ ଏକ ସ୍ୱତନ୍ତ୍ର ସ୍ଥାନ ଦେଇଛି। ମଝିରେ ମଝିରେ ପାକିସ୍ତାନରେ ସାମରିକ ଶାସନ ହସ୍ତକ୍ଷେପ କରୁଥିଲେ ମଧ୍ୟ ଗତ ୧୩ ବର୍ଷ ହେବ ସେଠାରେ ଗଣତନ୍ତ୍ର ଧାରାରେ ଶାସନ ଚାଲିଛି। ବାଂଲାଦେଶ ସ୍ୱାଧୀନ ହେବା ପରେ ମଝିରେ କିଛି ସମୟ ସାମରିକ ଶାସନକୁ ଛାଡ଼ିଦେଲେ ତିନି ଦଶନ୍ଧି ଧରି ସେଠାରେ ଗଣତନ୍ତ୍ର ବଜାୟ ରହିଛି। ଅପରପକ୍ଷେ ଭାରତରେ ସବୁବେଳେ ଗଣତନ୍ତ୍ରର ସ୍ଥିତି ସୁଦୃଢ଼। ରାଜନୈତିକ ଦୃଷ୍ଟିକୋଣରୁ ପାକିସ୍ତାନ ବିଭାଜିତ ହେଲେ ମଧ୍ୟ ଏହାର ସଂସଦରେ ଅଧିକ ବିରୋଧୀ ରହିଛନ୍ତି। ଅନ୍ୟପକ୍ଷରେ ବାଂଲାଦେଶ ଏବଂ ଭାରତରେ ବିରୋଧୀ ଦୁର୍ବଳ । ଏହି ଦୁଇ ଦେଶରେ ଶାସକ ଦଳ ସମ୍ପୂର୍ଣ୍ଣ ଆଧିପତ୍ୟ ବିସ୍ତାର କରି ରହିଛନ୍ତି। ବାଂଲାଦେଶ ପ୍ରଧାନମନ୍ତ୍ରୀ ଲଗାତର ବିରୋଧୀଙ୍କ ସହ ନିଷ୍ଠୁରତା ପ୍ରଦର୍ଶନ କରି ଆସିଛନ୍ତି । ଘଟଣା କ୍ରମରେ ବିରୋଧୀ ନେତ୍ରୀ ଖଲିଦା ଜିଆ ଦୋଷୀ ଭାବେ କିଛି ଦିନ ଜେଲ୍‌ରେ ରହିଥିଲେ ଓ ଗତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରି ନ ଥିଲେ।

ଶେଖ୍ ହାସିନା ୧୨ ବର୍ଷ ହେବ କ୍ଷମତା ଉପଭୋଗ କରି ଆସୁଛନ୍ତି। ତାଙ୍କ ଶାସନରେ ବାଂଲାଦେଶ ଆର୍ଥିକ କ୍ଷେତ୍ରରେ ଭାରତ ଓ ପାକିସ୍ତାନଠାରୁ ବହୁ ଆଗକୁ ଯାଇପାରିଛି। ନିକଟରେ ବାଂଲାଦେଶ ଭାରତର ମୁଣ୍ଡ ପିଛା ଜିଡିପିକୁ ଟପି ଯାଇଛି। ଗତ ବର୍ଷଗୁଡ଼ିକରେ ବାଂଲାଦେଶ ଦୃଢ଼ ତଥା ଦ୍ରୁତ ଅଭିବୃଦ୍ଧି ହାସଲ କରିଥିବାବେଳେ ଭାରତ ଏ କ୍ଷେତ୍ରରେ ଦୁର୍ବଳ । ଗତ ଦୁଇ ତିନି ବର୍ଷରେ ଜିଡିପିର ମାନୁଫାକ୍ଚରିଂ ଶେୟାର ୧୬%ରୁ ୨୦%କୁ ବୃଦ୍ଧି କରିବାକୁ ବାଂଲାଦେଶ ସକ୍ଷମ ହୋଇଥିବାବେଳେ ଭାରତ ୨୦୧୪ ତୁଳନାରେ ୧୫%ରୁ ତଳକୁ ଖସି ୧୨% ରହିଛି। ମାନୁଫାକ୍ଚରିଂର ଅଭିବୃଦ୍ଧି ଖୁବ୍ ଗୁରୁତ୍ୱପୂର୍ଣ୍ଣ, କାରଣ ଏହା ବହୁ ଲୋକଙ୍କୁ ରୋଜଗାର ଦିଏ। ବିଶେଷକରି ପୋଷାକ ମାନୁଫାକଚରିଂ ସେକ୍ଟରରେ ବାଂଲାଦେଶ ସବୁଠୁ ଆଗରେ ଓ ଏଥିରେ ଅଧିକ ମହିଳା ନିଯୁକ୍ତ ହୋଇଛନ୍ତି। ଅପରପକ୍ଷେ ଭାରତରେ ମୁଖ୍ୟତଃ ୨୦୧୪ ପରଠାରୁ ଏହା ଆର୍ଥିକ ଦିଗରୁ ଦିଗହରା ହୋଇପଡ଼ିଛି। ଭାରତରେ ଶ୍ରମଶକ୍ତିର ଭାଗୀଦାରି ହାର (କାମ କରୁଥିବା ଓ କାମ ଚାହୁଁଥିବା ଲୋକଙ୍କ ସଂଖ୍ୟା) ଦକ୍ଷିଣ ଏସିଆରେ ପୂରା ତଳେ ରହିଛି ଓ ବିଶ୍ୱରେ ମଧ୍ୟ ଏହା ସବୁଠୁ କମ୍। ଗତ କିଛିବର୍ଷ ହେବ ଏଭଳି ଘଟଣା ଦେଖିବାକୁ ମିଳୁଥିଲେ ମଧ୍ୟ ଏଥିରେ ପରିବର୍ତ୍ତନର କୌଣସି ସଂକେତ ଦେଖାଯାଉ ନାହିଁ। ଭାରତରେ ଚାକିରି ମଧ୍ୟ ଉପଲବ୍ଧ ହେଉନାହିଁ। ବିଗତ କିଛି ବର୍ଷରେ ପାକିସ୍ତାନର ଅଭିବୃଦ୍ଧି କମିବାରେ ଲାଗିଛି । ହେଲେ ଚାଇନା- ପାକିସ୍ତାନ ଇକୋନୋମିକ କରିଡର( ସିପିଇସି) ଭଳି ଭିତ୍ତିଭୂମି ପ୍ରୋଜେକ୍ଟରେ ବିପୁଳ ଅର୍ଥ ଖର୍ଚ୍ଚ କରାଯାଉଥିବାରୁ ନିକଟ ଭବିଷ୍ୟତରେ ଅଭିବୃଦ୍ଧିରେ ପରିବର୍ତ୍ତନ ହେବା ସମ୍ଭାବନା ରହିଛି। ଏହି ପ୍ରୋଜେକ୍ଟ ପଶ୍ଚିମ ଚାଇନା ଓ ଦକ୍ଷିଣ ପାକିସ୍ତାନକୁ ଯୋଡିବ ଏବଂ ଦୁଇ ଦେଶକୁ ଲାଭଦାୟକ ହେବ। ସିପିଇସି କରିଡର ମଧ୍ୟ କେନ୍ଦ୍ର ଏସିଆ ସହ ପାକିସ୍ତାନକୁ ସଂଯୋଗ କରିବ। ଯଦି ଆଫଗାନିସ୍ତାନରେ ସ୍ଥିରତା ଆସେ ତେବେ ପାକିସ୍ତାନ ବାଣିଜ୍ୟ କାରବାରର ଏକ ବୃହତ୍ କେନ୍ଦ୍ର ପାଲଟିବ। ଅନ୍ୟପଟେ ଯଦି ସିପିଇସି ସଫଳ ନ ହୁଏ ତେବେ ପାକିସ୍ତାନ ଅନିୟନ୍ତ୍ରିତ ଋଣ ସ୍ତରକୁ ଠେଲି ହୋଇଯିବ।

ଦକ୍ଷିଣ ଏସିଆର ଏହି ତିନି ଦେଶ ଅସମାନତା ଲାଗି ବେଶ୍ ଜଣାଶୁଣା । ଭାରତୀୟ ସମାଜରେ ସବୁଠୁ ବେଶି ଅସମାନତା ଦେଖାଯାଏ। ଏସିଆରେ ଦୁଇ ଅତିଧନୀ ବ୍ୟକ୍ତି ହେଉଛନ୍ତି ଭାରତୀୟ, କିନ୍ତୁ ଦେଶର ୮୦ କୋଟି ଲୋକ(ଜନ ସଂଖ୍ୟାର ୬୦%) ୫ କିଲୋ ଖାଦ୍ୟ ଶସ୍ୟ ପାଇଁ ପ୍ରତିମାସରେ ଧାଡ଼ିରେ ଠିଆ ହେବାକୁ ପଡୁଛି। ମାନବ ବିକାଶ ସୂଚକାଙ୍କ (ଏଚ୍‌ଡିଆଇ)କୁ ଦେଖିଲେ ବିଶ୍ୱରେ ଭାରତ ୧୩୩ ସ୍ଥାନରେ ଥିବାବେଳେ ବାଂଲାଦେଶ ୧୩୫ ଓ ପାକିସ୍ତାନ ୧୫୪ ସ୍ଥାନରେ ରହିଛନ୍ତି। ଏ କ୍ଷେତ୍ରରେ ୨୦୧୪ ତୁଳନାରେ ଭାରତ ଗୋଟିଏ ସ୍ଥାନ ତଳକୁ ଖସିଥିବାବେଳେ ବାଂଲାଦେଶ ୬ଟି ସ୍ଥାନ ଉପରକୁ ଉଠିଛି। ବାଂଲାଦେଶରେ ଏନ୍‌ଜିଓ ସେକ୍ଟର ଦକ୍ଷିଣ ଏସିଆରେ ଖୁବ୍ ବିକଶିତ ଓ ସମ୍ଭବତଃ ଏହି କାରଣରୁ ଏହା ଏଚ୍‌ଡିଆଇ ର୍‍ୟାଙ୍କରେ ଉପରକୁ ଉଠୁଛି। ସେଠାକାର ସରକାର ଏନଜିଓ ପ୍ରତି ଶତ୍ରୁତା ଆଚରଣ ନ କରି ସେମାନଙ୍କ ସହ କାମ କରୁଛନ୍ତି। କିନ୍ତୁ ମାନବ ବିକାଶ କ୍ଷେତ୍ରରେ କାର୍ଯ୍ୟରତ ସିଭିଲ୍ ସୋସାଇଟି ଗ୍ରୁପ ଓ ବ୍ୟକ୍ତିମାନଙ୍କୁ ସମସ୍ୟାରେ ପକାଇବା ଲାଗି ଉଭୟ ଭାରତ ଏବଂ ପାକିସ୍ତାନ ସେମାନଙ୍କ ଶକ୍ତି ଲଗାଇ ଦେଉଛନ୍ତି, ଯାହାର ପରିଣାମ ଏଚ୍‌ଡିଆଇରେ ଦେଖିବାକୁ ମିଳିଛି। ଦୁଇ ଦଶନ୍ଧି ପୂର୍ବେ ଦକ୍ଷିଣ ଏସିଆରେ ଭାରତ ବିକାଶରେ ଖୁବ୍ ଆଗକୁ ଚାଲିଯିବ ବାଲି ଯାହା ଜଣାପଡୁଥିଲା ତାହା ଏବେ ସମ୍ଭବ ନୁହେଁ ବୋଲି ସ୍ପଷ୍ଟ ହୋଇଛି। ତିନୋଟି ଯାକ ଦେଶର ସରକାର ଓ ରାଜନୀତିରେ ସାମ୍ପ୍ରଦାୟିକତା ମଧ୍ୟ ପ୍ରୟୋଗ ହେଉଛି। ସାମ୍ପ୍ରଦାୟିକତା ପାଇଁ ୧୯୮୦ ଦଶକ ଥିଲା ପାକିସ୍ତାନର ସବୁଠୁ ଖରାପ ସମୟ। ଭାରତ ଏବେ ସଂଖ୍ୟାଲଘୁ କୈନ୍ଦ୍ରିକ ଆଇନ ଓ ନୀତିଗୁଡ଼ିକୁ ନେଇ ସେହି ପଥରେ ଚାଲିଛି। ସେମାନେ କେଉଁଠି ପ୍ରାର୍ଥନା କରିପାରିବେ ନାହିଁ, କ'ଣ ଖାଇବେ ନାହିଁ ଓ କାହାକୁ ବାହା ହୋଇ ପାରିବେ ନାହିଁ;ଏ ସମ୍ପର୍କିତ ଆଇନ ପ୍ରଣୟନ କରିଚାଲିଛି। ଆସନ୍ତା ଦୁଇ ଦଶନ୍ଧି ମଧ୍ୟରେ ଦକ୍ଷିଣ ଏସିଆର ପ୍ରଦର୍ଶନକୁ ବିଶ୍ୱ ଅଧିକ ପ୍ରଭାବିତ କରିବାର ସମ୍ଭାବନା ଦେଖାଦେଇଛି। ସ୍ୱଚଳୀକରଣ (ଅଟୋମେଶନ) ଓ କୃତ୍ରିମ ବୁଦ୍ଧିମତ୍ତା(ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ)ର ବିକାଶ ଓ ପ୍ରୟୋଗ ଫଳରେ ତିନୋଟି ଦେଶ କୋଟି କୋଟି ଗରିବଙ୍କୁ ମଧ୍ୟବିତ୍ତ ସ୍ତରକୁ ଆଣିବା ଲାଗି ଯେଉଁ ପ୍ରୟାସ କରୁଛନ୍ତି ତା' ରାସ୍ତା ଶୀଘ୍ର ବନ୍ଦ ହୋଇଯିବ। ବହୁ ସମୟରେ ତିନୋଟି ଦେଶ ମଧ୍ୟରେ ସମ୍ପର୍କ ଶତ୍ରୁତାପୂର୍ଣ୍ଣ ରହୁଛି,ଯାହା ସେମାନଙ୍କ ବିକାଶରେ ବାଧା ଆଣୁଛି ଓ ଆଣିବ। ଏଥିରେ ପରିବର୍ତ୍ତନ ହେବା ଆବଶ୍ୟକ। ୧୯୪୭ ପରଠାରୁ ଯେଉଁ ପଥରେ ଆମେ ଚାଲି ଆସିଛେ ସେହି ବାଟରେ ନିକଟ ଭବିଷ୍ୟତର ସମାନତା ତଥା ବିକଶିତ ବିଶ୍ୱରେ ପ୍ରବେଶ କରିବାକୁ ସକ୍ଷମ ହେବାର ସମ୍ଭାବନା ନାହିଁ। ଏଣୁ ଆମ ପାରିପାର୍ଶ୍ୱିକ ଭୂ-ରାଜନୈତିକ ପରିବର୍ତ୍ତନକୁ ଲକ୍ଷ୍ୟ କରି ଆମ କାର୍ଯ୍ୟ ଧାରା ବଦଳାଇବାକୁ ପଡ଼ିବ।

Email:aakar.patel@gmail.com

# କୃଷକଙ୍କ ଐତିହାସିକ ବିଜୟ



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଗୁରୁ ନାନକ ଜୟନ୍ତୀ ଅବସରରେ ରାଷ୍ଟ୍ର ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତିନୋଟି କୃଷି ଆଇନକୁ ପ୍ରତ୍ୟାହାର କରିବାକୁ ଘୋଷଣା କରିଛନ୍ତି। ଅପ୍ରତ୍ୟାଶିତ ମନେହେଉଥିବା ଏହି ଘୋଷଣାଟି ଖୋଦ୍ ସରକାରଙ୍କ ସମର୍ଥକଙ୍କ ସମେତ ଅନେକଙ୍କୁ ଚକିତ କରିଦେଇଛି। ବିଶେଷକରି ଯେଉଁମାନେ, ପ୍ରଧାନମନ୍ତ୍ରୀ ନିଜ ନିଷ୍ପତ୍ତିରୁ କେବେ ପଛକୁ ଫେରନ୍ତିନି ଏବଂ କୃଷକମାନଙ୍କ ଆନ୍ଦୋଳନ ବିରୋଧରେ ଜୋରସୋରରେ ପ୍ରଚାର କରୁଥିଲେ, ସେମାନେ ଏହି ଘୋଷଣାରେ ନିରାଶ ହୋଇଛନ୍ତି। ତେବେ ଦେଶର କୋଟି କୋଟି ଅନ୍ନଦାତାଙ୍କ ଦାବି ଆଗରେ ସରକାର ନିଜର ଅହଙ୍କାର ଛାଡ଼ି ଏପରି ମୁଣ୍ଡ ନୋଇଁବା ଜନଆନ୍ଦୋଳନର ଶକ୍ତିକୁ ପ୍ରମାଣିତ କରିବା ସହିତ ଗଣତନ୍ତ୍ରକ ଶକ୍ତି ପ୍ରଦାନ କରିଛି। ସରକାର ନିଜର ବୁଦ୍ଧିମତ୍ତାର ପରିଚୟ ଦେଇ ଆରମ୍ଭରୁ ଯଦି ଏହି ଘୋଷଣା କରିଥାନ୍ତେ, ତା'ହେଲେ ହୁଏତ ଅନେକ କୃଷକଙ୍କୁ ଜୀବନ ହରାଇବାକୁ ପଡ଼ି ନ ଥାନ୍ତା।

କୃଷକଙ୍କ ଦାବିକୁ ଅଣଦେଖା କରି ଆସିଥିବା କେନ୍ଦ୍ର ସରକାର ଏବେ ୫ଟି ରାଜ୍ୟରେ ହେବାକୁ ଥିବା ନିର୍ବାଚନର ଠିକ୍ ପୂର୍ବରୁ କୃଷି ଆଇନ ପ୍ରତ୍ୟାହାର ଘୋଷଣାକୁ ଅନେକେ ଶାସକ ଦଳର ପରାଜୟର ଭୟ ସହିତ ଦେଖୁଛନ୍ତି। ତେବେ ନିର୍ବାଚନରେ ହାରିବାର ଭୟ ଯୋଗୁ ହେଉ ଅଥବା ଅନ୍ୟ କୌଣସି କାରଣରୁ ହେଉ, କୃଷି ଆଇନର ପ୍ରତ୍ୟାହାର ପାଇଁ ପ୍ରଧାନମନ୍ତ୍ରୀଙ୍କ ଘୋଷଣା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ତେବେ ବହୁ ବିଳମ୍ବରେ ହୋଇଥିବା ଏହି ଘୋଷଣା ପଛରେ କୃଷକ କିମ୍ବା ସେମାନଙ୍କ ଆନ୍ଦୋଳନ ପ୍ରତି ସରକାରଙ୍କ ସମ୍ବେଦନା କିମ୍ବା ଭଲପାଇବା ଯେ ନାହିଁ, ସେକଥା ଖୋଦ୍ ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟରୁ ସ୍ପଷ୍ଟ ହୋଇଛି। କୃଷକ ସମାଜକୁ ରାସ୍ତା ଉପରକୁ ଆସିବାକୁ ବାଧ୍ୟ କରିଥିବା ନିଜର ଅଗଣତାନ୍ତ୍ରିକ ନିଷ୍ପତ୍ତି ପାଇଁ ସେ ଦେଶବାସୀଙ୍କୁ ସିଧାସଳଖ କ୍ଷମା ମାଗିବା ପରିବର୍ତ୍ତେ କୃଷି ଆଇନକୁ ଅଧିକାଂଶ କୃଷକ ସମର୍ଥନ କରୁଥିବା ବେଳେ ମାତ୍ର ଅଳ୍ପକିଛି କୃଷକ ହିଁ ବିରୋଧ କରୁଛନ୍ତି ବୋଲି କହିଛନ୍ତି। ଯଦି ସତରେ ଦେଶର ଅଧିକାଂଶ କୃଷକ ଆଇନକୁ ସମର୍ଥନ କରୁଥିଲେ ତା'ହେଲେ ଏହାକୁ ପ୍ରତ୍ୟାହାର କରିବା ଦରକାର ପଡ଼ିଲା କାହିଁକି ? ପରିତାପର କଥା ହେଲା, ଆନ୍ଦୋଳନରେ ଅଂଶଗ୍ରହଣ କରି ଏଯାଏ ୭୦୦ରୁ ଊର୍ଦ୍ଧ୍ୱ କୃଷକଙ୍କ ଜୀବନ ଯାଇଛି। ସେମାନଙ୍କ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନିଜର ବକ୍ତବ୍ୟରେ ପଦୁଟିଏ କହି ନାହାନ୍ତି। ଅସଲ କଥା ହେଲା, ସରକାର କାହା ସହ କୌଣସି ଆଲୋଚନା ନ କରି ଅତ୍ୟନ୍ତ ଅଗଣତାନ୍ତ୍ରିକ ଭାବେ ଦେଶବାସୀଙ୍କ ଉପରେ କୃଷି ଆଇନକୁ ଲଦି ଦେଇଛନ୍ତି। କରୋନା ମହାମାରୀ ସମୟରେ ଯେତେବେଳେ ସାରା ଦେଶ ଗୃହବନ୍ଦୀ ଅବସ୍ଥାରେ ଥିଲା, ସମସ୍ତ ପ୍ରକାର ପ୍ରତିବାଦ ଓ ଆନ୍ଦୋଳନ ଉପରେ ପ୍ରତିବନ୍ଧକ ଲଗାଯାଇଥିଲା, ସେହି ସୁଯୋଗରେ ସରକାର ତରବରିଆ ଭାବେ ଏହି ଆଇନକୁ ଅଧ୍ୟାଦେଶ ମାଧ୍ୟମରେ ଆଣିଥିଲେ। କୃଷକଙ୍କ ଆୟକୁ ଦୁଇ ଗୁଣା କରିବାକୁ ପ୍ରତିଶ୍ରୁତି ଦେଇ ଶାସନକୁ ଆସିଥିବା ସରକାର କୃଷି ଓ କୃଷକଙ୍କୁ ସଙ୍କଟରୁ ମୁକ୍ତ କରିବା ପରିବର୍ତ୍ତେ କୃଷିକ୍ଷେତ୍ରକୁ ହିଁ କର୍ପୋରେଟଙ୍କ ହାତରେ ଟେକିଦେବାକୁ ବସିଥିଲେ। କୃଷିକ୍ଷେତ୍ରରେ ସଂସ୍କାର ନାଁରେ ସରକାରଙ୍କ ଏହି ତିନି ଆଇନ ଦେଶର କୃଷି ଓ କୃଷକଙ୍କ ସର୍ବନାଶ କରିବାକୁ ଯାଉଥିଲା। ଚାଷ ଜମିର ମାଲିକାନା ଠାରୁ ଆରମ୍ଭ କରି ଫସଲର ସଂଗ୍ରହ, ବିକ୍ରି, ଦରଧାର୍ଯ୍ୟ, ଜମା ଆଦି କୃଷି ସମ୍ପର୍କିତ ସମସ୍ତ କ୍ଷେତ୍ରକୁ କର୍ପୋରେଟ୍‌ଙ୍କ ଲୁଟ୍ ପାଇ ଖୋଲିବାକୁ ବସିଥିଲେ। ଏପରି କି ସଂସଦରେ ଏହି କୃଷି ବିଲ୍‌କୁ ଆଗତ କଲାବେଳେ ଉପଯୁକ୍ତ ଆଲୋଚନା ନ କରି ସରକାର ଅଗଣତାନ୍ତ୍ରିକ ଭାବେ ତାକୁ ଗୃହୀତ କରାଇଥିଲେ। ତେବେ ସଂଯୁକ୍ତ କିଷାନ ମୋର୍ଚ୍ଚା ନେତୃତ୍ୱରେ କୃଷକମାନଙ୍କ ଦୀର୍ଘ ଏକବର୍ଷର ଆନ୍ଦୋଳନ ଆଜି ଦେଶର କୃଷିକ୍ଷେତ୍ରକୁ ଦେଶୀ ବିଦେଶୀ କର୍ପୋରେଟ୍‌ଙ୍କ ଚରାଭୂଇଁ ହେବାରୁ ବଞ୍ଚାଇଦେବା ସହ କୃଷି ଓ କୃଷକଙ୍କ ସର୍ବନାଶକୁ ରୋକି ପାରିଛି।

ଦିଲ୍ଲୀର ତିନି ସୀମାନ୍ତରେ କୃଷକମାନଙ୍କ ଆନ୍ଦୋଳନ ଏକ ବର୍ଷ ପୂରୁଥିବା ବେଳେ ପ୍ରଧାନମନ୍ତ୍ରୀ ଭାଷଣରେ ନିଜର ତପସ୍ୟାର କଥା କହିଛନ୍ତି। ଏଠାରେ କହିବା ଉଚିତ ହେବ ଯେ, ଗତ ବର୍ଷକ ମଧ୍ୟରେ ପ୍ରଧାନମନ୍ତ୍ରୀ କିମ୍ବା ତାଙ୍କ ସରକାର ନୁହନ୍ତି ବରଂ କୃଷକମାନେ ହିଁ ତପସ୍ୟା କରିଛନ୍ତି। ନିଜର ଘର, ପରିବାର, ଚାଷବାସକୁ ଛାଡ଼ି ପ୍ରବଳ ଖରା, ବର୍ଷା, ଶୀତ ଓ ମହାମାରୀ କରୋନା ତଥା ଡେଙ୍ଗୁର ବିପଦକୁ ସାମନା କରି ରାସ୍ତାକଡ଼ରେ ତମ୍ବୁ ଭିତରେ ଦୀର୍ଘ ବର୍ଷେ ଧରି ପଡ଼ିରହିବା କୌଣସି ତପସ୍ୟାଠାରୁ କମ୍ ନୁହେଁ। ଅତ୍ୟନ୍ତ ପ୍ରତିକୂଳ ପରିସ୍ଥିତିରେ ଦୀର୍ଘ ସମୟ ଧରି ଏତେ ସଂଖ୍ୟାରେ ଗୋଟିଏ ଜାଗାରେ ଶାନ୍ତିପୂର୍ଣ୍ଣ ଭାବେ ବସି ଆନ୍ଦୋଳନ କରି କୃଷକମାନେ ଇତିହାସ ସୃଷ୍ଟି କରିଛନ୍ତି। ବରଂ ସରକାର କର୍ପୋରେଟଙ୍କ ପକ୍ଷରେ ଠିଆହୋଇ କୃଷକଙ୍କ ଏହି ତପସ୍ୟାକୁ ଭାଙ୍ଗିବାକୁ ବାରମ୍ବାର ଉଦ୍ୟମ କରିଛନ୍ତି। ତେବେ କୃଷକମାନେ ସରକାରଙ୍କ ସମସ୍ତ ଷଡ଼ଯନ୍ତ୍ରର ସାମ୍ନା କରି ଏହି ଆନ୍ଦୋଳନ କେବଳ ଦୃଢ଼ ଓ ଏକତାବଦ୍ଧ ଭାବେ ଠିଆ କରିନାହାନ୍ତି ବରଂ ସାରାଦେଶରେ ତାକୁ ପ୍ରସାରିତ କରିବାରେ ସଫଳ ହୋଇଛନ୍ତି।

ଏହା ସତ ଯେ ଶାସକ ଦଳର ନେତା ଓ ସେମାନଙ୍କ ବୋଲକରା ମୁଖ୍ୟଧାରାର ମିଡିଆ ଯେଉଁ ଆନ୍ଦୋଳନରତ କୃଷକମାନଙ୍କୁ ଏଯାଏ 'ଦେଶଦ୍ରୋହୀ', 'ଖଲିସ୍ତାନୀ', 'ଆତଙ୍କବାଦୀ', 'ପରଜୀବୀ' ଆଦି ବିଭିନ୍ନ ଆକ୍ଷେପ କରି ବଦ୍‌ନାମ ଓ ଅପମାନିତ କରୁଥିଲେ, ଆଜି ତାଙ୍କର ସର୍ବୋଚ୍ଚ ନେତା ମୁଣ୍ଡ ନୁଆଁଇ କ୍ଷମା ମାଗି କଳା ଆଇନର ପ୍ରତ୍ୟାହାର କରିବା ଦେଶର କୃଷକଙ୍କ ପାଇଁ ଏକ ବଡ଼ ଉପଲବ୍ଧି। କିନ୍ତୁ କୃଷକଙ୍କ ଏହି ବିଜୟ ଅଧୁରା ମନେହୁଏ। କାରଣ ଯଦିଓ ବର୍ଷେ ତଳେ ସରକାର ତିନି କୃଷି ଆଇନ ପ୍ରଣୟନ କରିଥିଲେ, କିନ୍ତୁ ଆନ୍ଦୋଳନର ଚାପରେ ତାହା ଏଯାଏ ଲାଗୁ ନ ହୋଇ ସ୍ଥଗିତ ରହିଛି। ଏହା ଲାଗୁ ହୋଇଥିଲେ, ଭବିଷ୍ୟତରେ ଯେ କୃଷି ଓ କୃଷକଙ୍କ ପାଇଁ ସର୍ବନାଶୀ ହୋଇଥାନ୍ତା, ଏଥିରେ ସନ୍ଦେହ ନାହିଁ। ଅତଏବ ପ୍ରଧାନମନ୍ତ୍ରୀଙ୍କ ଘୋଷଣା ପରେ ବର୍ଷକ ତଳେ ଆସିଥିବା ଏହି ବିପଦଟି ଯଦିଓ ଟଳିଯାଇଛି କିନ୍ତୁ କୃଷକମାନେ ସରକାରଙ୍କଠାରୁ ଅଧିକ କ'ଣ ପାଇଛନ୍ତି ?

କେବଳ ଆଜି ନୁହେଁ, କୃଷି ଆଇନ ଆସିବା ପୂର୍ବରୁ ବି ଦେଶର କୃଷିକ୍ଷେତ୍ରରେ ଭୟଙ୍କର ସଙ୍କଟ ରହିଆସିଛି। ଫସଲର ଉତ୍ପାଦନ ଖର୍ଚ୍ଚରେ ଲଗାତର ବୃଦ୍ଧି ଏବଂ ଫସଲର ଉପଯୁକ୍ତ ମୂଲ୍ୟ ନ ମିଳିବା ଏହି ସଙ୍କଟର ମୂଳ କାରଣ ରହିଆସିଛି। ସର୍ବନିମ୍ନ ସହାୟକ ମୂଲ୍ୟ ବା ଏମ୍‌ଏସ୍‌ପି ବ୍ୟବସ୍ଥା ଜରିଆରେ ସରକାର ଯଦିଓ ଅତୀତରେ ହସ୍ତକ୍ଷେପ କରି କୃଷକଙ୍କୁ ସେମାନଙ୍କ ଫସଲର ଏକ ସର୍ବନିମ୍ନ ମୂଲ୍ୟ ଦେବାକୁ ଚେଷ୍ଟା କରିଛନ୍ତି, କିନ୍ତୁ ତାହା ସବୁ ଫସଲ ଓ ସବୁ କୃଷକଙ୍କୁ ଯୋଗାଇବାରେ ବିଫଳ ହୋଇଛି। ଫସଲର ଉପଯୁକ୍ତ ଦାମ୍ ନ ମିଳିବା ଫଳରେ ଋଣଗ୍ରସ୍ତ ହୋଇ ଗତ ୨୫ ବର୍ଷ ମଧ୍ୟରେ ଦେଶରେ ୫ ଲକ୍ଷରୁ ଅଧିକ କୃଷକ ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଛନ୍ତି। କେବଳ ଗତ ୭ ବର୍ଷର ଶାସନ କାଳରେ ଦେଶରେ ଏକ ଲକ୍ଷରୁ ଅଧିକ କୃଷକ ଆତ୍ମହତ୍ୟା କରିଛନ୍ତି। ସରକାରଙ୍କ ଭୁଲ୍‌ନୀତି ଯୋଗୁ ପ୍ରତିବର୍ଷ ସାର, କୀଟନାଶକ, ଡିଜେଲ, ବିଦ୍ୟୁତ୍‌ର ଦାମ୍ ବଢ଼ିବା ଯୋଗୁ ଫସଲର ଉତ୍ପାଦନ ଖର୍ଚ୍ଚରେ ବୃଦ୍ଧି ସହିତ କୃଷକଙ୍କ ଋଣଭାର ମଧ୍ୟ ବଢ଼ିବାରେ ଲାଗିଛି। ଯଦି ସରକାର ଚାହିଁଥାନ୍ତେ, ଉପଯୁକ୍ତ ନୀତି ଗ୍ରହଣ କରି କୃଷକଙ୍କୁ ଏହି ସଙ୍କଟରୁ ଉଦ୍ଧାର କରିପାରିଥାନ୍ତେ। କିନ୍ତୁ ଓଲଟା ସରକାରୀ ସଂଗ୍ରହ ତଥା ଏମ୍‌ଏସ୍‌ପି ବ୍ୟବସ୍ଥାକୁ ସମାପ୍ତ କରିଦେବାକୁ ଉଦ୍ୟମ ହେଉଛି।

କୃଷକମାନେ ସରକାରଙ୍କଠାରୁ କୌଣସି ଦାନ ନୁହେଁ ବରଂ ନିଜର ଉତ୍ପାଦିତ ଫସଲର ଉପଯୁକ୍ତ ଦାମ୍ ଚାହୁଁଛନ୍ତି। ସରକାର ଘରୋଇ ସଂଗ୍ରହ ପାଇଁ ଯେତେ ଓକିଲାତି କଲେ ବି ଗୋଟିଏ କଥା ପ୍ରମାଣିତ ଯେ ସରକାରୀ ମଣ୍ଡିରେ ହିଁ କୃଷକମାନେ ନିଜ ଫସଲର ଅପେକ୍ଷାକୃତ ଅଧିକ ଦର ପାଉଛନ୍ତି। ସେହି ଦୃଷ୍ଟିରୁ ଦେଖିଲେ ଉତ୍ପାଦିତ ଫସଲର ସର୍ବନିମ୍ନ ସହାୟକ ଦର ପାଇଁ ଆଇନଟି ଅଧିକ ଗୁରୁତ୍ୱପୂର୍ଣ୍ଣ ମନେହୁଏ। ଅତୀତରେ ଖୋଦ୍ ନରେନ୍ଦ୍ର ମୋଦି ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବା ବେଳେ ତାଙ୍କ ଅଧ୍ୟକ୍ଷତାରେ ଗଠିତ ମୁଖ୍ୟମନ୍ତ୍ରୀଙ୍କ କମିଟି ଏମ୍‌ଏସ୍‌ପି ପାଇଁ ଆଇନ କରିବାକୁ ସୁପାରିସ କରିଥିଲା। କିନ୍ତୁ ଆଜି ତାଙ୍କ ସରକାର ଆଇନ କରି କୃଷକଙ୍କୁ ସେମାନଙ୍କ ନ୍ୟାୟସଙ୍ଗତ ପ୍ରାପ୍ୟ ଦେବାକୁ ଆନ୍ତରିକତା ଦେଖାଉନାହିଁ। ପ୍ରଧାନମନ୍ତ୍ରୀ ନିଜ ଘୋଷଣାରେ ଏମ୍‌ଏସ୍‌ପି ପାଇଁ ଆଇନ ଆଣିବାକୁ ସିଧାସଳଖ ନ କହି ଏମ୍‌ଏସ୍‌ପି ଉପରେ ବିଚାର କରିବାକୁ ଏକ କମିଟି ଗଠନ କଥା କହିଛନ୍ତି। ଏଭଳି କୌଶଳ ଜରିଆରେ ସରକାର ପ୍ରସଙ୍ଗଟିକୁ ସମାଧାନ କରିବା ପରିବର୍ତ୍ତେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଏଡ଼େଇ ଯିବାକୁ ଚାହୁଁଛନ୍ତି।

ପ୍ରଥମ ଥର ପାଇଁ କୃଷକମାନେ ନିଜର ଦାବି ନେଇ କରିଥିବା ଐତିହାସିକ ଆନ୍ଦୋଳନରେ ଅଭୂତପୂର୍ବ ଏକତା ଓ ଶକ୍ତି ପ୍ରଦର୍ଶନ କରିଛନ୍ତି। ସେମାନେ ସରକାରଙ୍କ ପ୍ରତାରଣାପୂର୍ଣ୍ଣ ପ୍ରତିଶ୍ରୁତିରେ ଭୁଲି ନ ଯାଇ ନିଜର ସଙ୍କଟର ସ୍ଥାୟୀ ସମାଧାନ ପାଇଁ ଯେକୌଣସି ମୂଲ୍ୟ ଦେବାକୁ ପ୍ରସ୍ତୁତ ଅଛନ୍ତି। କୃଷି ଉପରେ ନିର୍ଭରଶୀଳ ଦେଶର ୬୦ ଭାଗ ଜନତାଙ୍କୁ ସଙ୍କଟରୁ ଉଦ୍ଧାର କରିବାକୁ ହେଲେ ସେମାନଙ୍କ ଉତ୍ପାଦିତ ଫସଲର ଉପଯୁକ୍ତ ଦର ଓ ସଂଗ୍ରହ ବ୍ୟବସ୍ଥା ହିଁ ଏକମାତ୍ର ରାସ୍ତା ହୋଇଛି। ସରକାର ଯଦି କୃଷକଙ୍କ ଆୟବୃଦ୍ଧି ପାଇଁ ସତରେ ତତ୍ପର ଅଛନ୍ତି, ତା'ହେଲେ ତୁରନ୍ତ ଏମ୍‌ଏସ୍‌ପି ପାଇଁ ଆଇନ କରିବା ଦରକାର। ଏହାସହ ବିଦ୍ୟୁତ୍ କମ୍ପାନୀଙ୍କ ଲୁଟ୍ ପାଇଁ ଉଦ୍ଦିଷ୍ଟ ଜନବିରୋଧୀ ବିଦ୍ୟୁତ୍ ବିଲ୍ -୨୦୨୦ର ପ୍ରତ୍ୟାହାର କରିବା ତଥା ଆନ୍ଦୋଳନରେ ଜୀବନ ହାରିଥିବା କୃଷକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦେବା ଏବଂ ଆନ୍ଦୋଳନରତ କୃଷକଙ୍କ ବିରୋଧରେ ହୋଇଥିବା ସମସ୍ତ ମକଦ୍ଦମାକୁ ପ୍ରତ୍ୟାହାର କରିବା ଦରକାର। ତା'ହେଲେ ଯାଇ ହିଁ କୃଷକମାନେ ପ୍ରକୃତ ବିଜୟ ପାଇଲେ ବୋଲି କୁହାଯିବ।

ମୋ.: ୯୪୩୭୧୬୬୩୯୧

# ଓଟିଟି ମାର୍ଗଦର୍ଶିକା

ସଙ୍କଟକୁ ସାମ୍ନାକରି ଯେଉଁମାନେ ସଫଳତା ପାଇଥାଆନ୍ତି, ସେମାନେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଯାଇଥାଆନ୍ତି। ନିକଟରେ ଫୋର୍ବସ ଦ୍ୱାରା ଭାରତୀୟ ମହିଳା ଶକ୍ତିଙ୍କୁ ନେଇ ପ୍ରକାଶ ପାଇଥିବା ତାଲିକାର ଶୀର୍ଷରେ ରହିଛନ୍ତି ଫିଲ୍ମ ନିର୍ଦ୍ଦେଶକ ତଥା ସ୍ରଷ୍ଟା (କ୍ରିଏଟର) ଅପର୍ଣ୍ଣା ପୁରୋହିତ। ଅନ୍ୟମାନଙ୍କୁ ଗପ କହିବା କିମ୍ବା କିଛି ନୂଆ ବିଷୟରେ ଜଣାଇବା ଉଦ୍ଦେଶ୍ୟ ରଖି ଚଳଚ୍ଚିତ୍ରରେ ସେ ଯେଉଁ ପରୀକ୍ଷାନିରୀକ୍ଷା କରିଥିଲେ, ତାହା ତାଙ୍କୁ ଆଜି ବଡ଼ ପରିଚୟ ଦେଇଛି। ଆମାଜନ ପ୍ରାଇମ୍ ଭିଡିଓର ଇଣ୍ଡିଆ ଅରିଜିନାଲ୍ସର ମୁଖ୍ୟ ଭାବେ ଅପର୍ଣ୍ଣା ଏବେ ଯୁବପିଢ଼ିଙ୍କ ପାଇଁ ପ୍ରେରଣାଦାୟୀ ପାଲଟି ଯାଇଛନ୍ତି।

ବ୍ୟକ୍ତିତ୍ୱ



ଅପର୍ଣ୍ଣା ପୁରୋହିତ

୬ ଅଗଷ୍ଟ ୧୯୭୯ରେ ଅପର୍ଣ୍ଣା ଦିଲ୍ଲୀରେ ଜନ୍ମଗ୍ରହଣ କରିଥିଲେ। ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟରୁ ଗଣ ଯୋଗାଯୋଗରେ ସ୍ନାତକୋତ୍ତର ଡିଗ୍ରୀ ଶେଷ କରିବା ପରେ ଚଳଚ୍ଚିତ୍ରରେ କାର୍ଯ୍ୟ କରିବା ପାଇଁ ଆଗ୍ରହ ଦେଖାଇଥିଲେ। କିନ୍ତୁ ସାମ୍ବାଦିକତା ପାଠ ପଢ଼ିବା ପରେ ସେ ପ୍ରଥମେ ମୁଦ୍ରିତ ଗଣମାଧ୍ୟମରେ କ୍ୟାରିୟର ଆରମ୍ଭ କରିଥିଲେ। ଟାଇମ୍ସ ଅଫ୍ ଇଣ୍ଡିଆ, ଦି ଇଣ୍ଡିଆନ୍ ଏକ୍ସପ୍ରେସ୍ ଇଂଲିଶ ଖବରକାଗଜ ଏବଂ ଆକାଶବାଣୀର ଦିଲ୍ଲୀଠାରେ ଏଫ୍‌ଏମ୍ ଗୋଲ୍ଡ ଓ ରେନ୍‌ବୋରେ କାର୍ଯ୍ୟ କରିଥିଲେ। ଏହା ପରେ ବଲିଉଡ୍ ପ୍ରତି ମନବଳାଇଲେ। ହେଲେ ବିଶାଳ ସିନେମା ଶିଳ୍ପରେ ସଫଳତା ପାଇବା ସହଜ କଥା ନ ଥିଲା। ତଥାପି ସାହସ ଜୁଟାଇ ସେ ୨୦୦୩ରେ ବମ୍ବେରେ ପହଞ୍ଚିଲେ। ଲକ୍ଷ୍ୟ ଥିଲା ଏହି ମଞ୍ଚ ମାଧ୍ୟମରେ ସେ ଲୋକଙ୍କୁ ଗପ କହିବେ। ସେଠାରେ କିଛି ସପ୍ତାହ ପରେ ଏକ ଟେଲିଭିଜନ୍ ଶୋ'ରେ ସେ କାମ କରିବାର ସୁଯୋଗ ପାଇଲେ। ସେଥିରେ ସେ ଏକମାତ୍ର ମହିଳା ସହକାରୀ ନିର୍ଦ୍ଦେଶକ ଥିଲେ। ତେବେ ବଡ଼ କଳାକାରଙ୍କୁ ଜଣେ ଯୁବ ମହିଳା ନିର୍ଦ୍ଦେଶକ ଭାବେ ନିର୍ଦ୍ଦେଶନା ଦେବା କଷ୍ଟକର ହୋଇପଡ଼ିଥିଲା। ଅପର୍ନା ସେନ୍, ଭାରତବାଲା ଓ ନାସିରୁଦ୍ଦିନ୍ ଶାହାଙ୍କ ଭଳି ବ୍ୟକ୍ତିଙ୍କ ସହ ମିଶି କାମ କରିବା ବେଳେ ସେ ଅନେକ ଅଭିଜ୍ଞତା ଅର୍ଜନ କରିଥିଲେ। ସେହି ସୁଯୋଗ ତାଙ୍କୁ ପରବର୍ତ୍ତୀ ସମୟରେ ଆଗକୁ ଯିବା ପାଇଁ ରାସ୍ତା ଦେଖାଇଥିଲା। ଫଳରେ ମନୋରଞ୍ଜନର କର୍ପୋରେଟ୍ ଜଗତ ସହ ସେ ଜଡ଼ିତ ହୋଇଗଲେ। ସୋନି ଏଣ୍ଟରଟେନମେଣ୍ଟ ଟେଲିଭିଜନ ଓ ୟୁଟିଭି ମୋଶନ ପିକ୍‌ଚର୍ସରେ କ୍ୟାରିୟର ବଢ଼ାଇଥିଲେ। ୨୦୦୮ରେ ରିଲାଏନ୍ସ ଏଣ୍ଟରଟେନ୍‌ମେଣ୍ଟରେ ଯୋଗ ଦେଇଥିଲେ। ୨୦୧୦ ତାଙ୍କୁ ଆହୁରି ସଫଳତା ମିଳିଲା ଓ ସେ ଜାତୀୟ ଚଳଚ୍ଚିତ୍ର ବିକାଶ ନିଗମ (ଏନ୍‌ଏଫ୍‌ଡିସି)ରେ ପରାମର୍ଶଦାତା ଭୂମିକା ନିର୍ବାହ କରିଥିଲେ। ପରେ ମହିନ୍ଦ୍ରା ଗ୍ରୁପ୍‌ର ଫିଲ୍ମ ଶାଖା ମୁମ୍ବାଇ ମନ୍ତ୍ରା ମିଡିଆ ଲିମିଟେଡ୍‌ରେ ସେ ହେଡ୍ ଅଫ୍ କ୍ରିଏଟିଭ୍ ଇନିସିଏଟିଭ୍ ଭାବେ ଯୋଗ ଦେଇଥିଲେ। ୨୦୧୫ରେ ଅପର୍ଣ୍ଣା 'ଜାନେ ପେହେଚାନ୍'ର ପ୍ରଯୋଜନା କରି ଫିଲ୍ମ ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ।

ଦୀର୍ଘ ୧୫ ବର୍ଷ ବମ୍ବେ ସିନେମା ଶିଳ୍ପରେ କାର୍ଯ୍ୟ କରିଥିବା ଅପର୍ଣ୍ଣା ମନୋରଞ୍ଜନ ଜଗତରେ ଓଭର-ଦି-ଟପ୍ (ଓଟିଟି)ରେ ବୈପ୍ଳବିକ ପରିବର୍ତ୍ତନ ଆଣିଛନ୍ତି। ଭାରତୀୟ ମୂଳ ବିଷୟ ମିର୍ଜାପୁର, ମେଡ୍ ଇନ୍ ହେଭେନ୍ସ, ବାଣ୍ଡିସ୍ ବଣ୍ଡିଟ୍‌ସ ଓ ପାତାଳ ଲୋକ୍‌ରେ ପପ୍-କଲ୍‌ଚର ଭାବନା ସନ୍ନିବେଶିତ କରାଇ ମନୋରଞ୍ଜନକୁ ଦର୍ଶକଙ୍କ ଭରପୂର ଆନନ୍ଦ ପାଇବା ଭଳି ସ୍ତରକୁ ନେଇଯାଇଛନ୍ତି। ଆମାଜନ୍ ପ୍ରାଇମ୍‌ରେ ରିଲିଜ୍ ହୋଇଥିବା କେତେକ ଚଳଚ୍ଚିତ୍ର ଓ ସିରିଜ୍ ତାଙ୍କ ଯୋଗୁ ଲୋକପ୍ରିୟତା ପାଇଥିବା ଦେଖାଯାଇଛି।

ଜଣେ ଯୁବ ସାମ୍ବାଦିକା ଏକ ମିଶନ ରଖି ଚଳଚ୍ଚିତ୍ର ଜଗତରେ ପ୍ରବେଶ କରିଥିଲେ। ଖୁବ୍ ଅଳ୍ପ ସମୟ ଭିତରେ ଅନେକ ସଫଳତା ପାଇଛନ୍ତି। କାର୍ଯ୍ୟ ପ୍ରତି ଗଭୀର ନିଷ୍ଠା ଓ ପ୍ରତିବଦ୍ଧତା ଯୋଗୁ ଏହା ସମ୍ଭବ ହୋଇପାରିଛି । ଭାରତର ଉଦ୍ୟୋଗ ଜଗତଠାରୁ ଆରମ୍ଭ କରି ସାମାଜିକ, ପ୍ରଶାସନିକ କ୍ଷେତ୍ର ଯାଏ ଅନେକେ ମହିଳା କାର୍ଯ୍ୟ କରୁଛନ୍ତି। ଦେଶରେ ବହୁ ଧନଶାଳୀ ମହିଳା ଅଛନ୍ତି, କିନ୍ତୁ ସେମାନଙ୍କ ପ୍ରଭାବ ସମସ୍ତଙ୍କ ଉପରେ ପଡ଼ି ନ ଥାଏ। ମାତ୍ର ଯେଉଁମାନେ ଏକ ଲକ୍ଷ୍ୟ ରଖି ଓ ଗଣଙ୍କୁ ଦିଗ୍‌ଦର୍ଶନ ଦେବାରେ ସହାୟକ ହୋଇଥାଆନ୍ତି ସେମାନେ ଶକ୍ତିଶାଳୀ ପ୍ରମାଣିତ ହୋଇଥାଆନ୍ତି। ଅପର୍ଣ୍ଣାଙ୍କ ମନୋରଞ୍ଜନ କ୍ଷେତ୍ରରେ ଯାତ୍ରା ଅଳ୍ପ ବର୍ଷର ହୋଇଥାଇପାରେ, କିନ୍ତୁ ସେ ନୂଆ ପିଢ଼ିଙ୍କ ପାଇଁ ଯେଉଁ ପ୍ରେରଣାର ବାଟ ଦେଖାଇଛନ୍ତି, ତାହା ସୁଦୀର୍ଘ।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ରୋଜଗାରଭିତ୍ତିକ କୃଷି ବିକାଶର ଧାରାରେ ମୁକ୍ତାଚାଷ ଯୋଡ଼ି ହୋଇଛି ଓ ବହୁ ଲୋକଙ୍କୁ ସ୍ୱାବଲମ୍ବୀ କରୁଛି। ମହାରାଷ୍ଟ୍ରର ଅଶୋକ ମନୱାନି ଏବଂ ତାଙ୍କ ସ୍ତ୍ରୀ କୁଳଞ୍ଜନ ଦୁବେ ମନୱାନି ଏବେ ମୁକ୍ତାଚାଷ କରି ସ୍ୱାବଲମ୍ବୀ ହେବା ସହ ଭାରତର ୧୨ ରାଜ୍ୟରେ ୧,୦୦୦ କୃଷକଙ୍କୁ ପ୍ରଶିକ୍ଷଣ ଦେଇ ପାରିଛନ୍ତି। ପ୍ରତ୍ୟେକ କୃଷକଙ୍କୁ ନିୟମିତ ପଥପ୍ରଦର୍ଶନ କରୁଛନ୍ତି। ମନୱାନି ଦମ୍ପତି ମହାରାଷ୍ଟ୍ର ବ୍ୟତୀତ କର୍ନାଟକ, କେରଳ, ଗୁଜରାଟ, ଉତ୍ତରପ୍ରଦେଶ, ବିହାର, ପଶ୍ଚିମବଙ୍ଗ, ମଣିପୁର, ମେଘାଳୟ, ଆସାମ ଆଦି ରାଜ୍ୟରେ ମୁକ୍ତାଚାଷ ସମ୍ପର୍କରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ଏବେ ସୁଦ୍ଧା ଅଶୋକ ଓ ତାଙ୍କ ସ୍ତ୍ରୀ ୪୦୦ ଟ୍ରେନିଂ ସେସନ ଏବଂ ୱାର୍କଶପ ଆୟୋଜନ କରି ସାରିଛନ୍ତି। ଅଶୋକ ଭୁବନେଶ୍ୱରରୁ ମୁକ୍ତାଚାଷ ସମ୍ପର୍କରେ ପ୍ରଶିକ୍ଷଣ ନେବା ପରେ ୨୦୦୧ରେ 'ଇଣ୍ଡିଆନ ପର୍ଲ କଲ୍‌ଟିଭେଶନ' ସଂସ୍ଥା ଗଠନ କରି ଚାଷ ଆରମ୍ଭ କରିଥିଲେ। ଏଥିରେ ସଫଳ ହେବା ପରେ ଅନ୍ୟମାନଙ୍କୁ ପ୍ରଶିକ୍ଷଣ ଦେବା ଆରମ୍ଭ କରିଥିଲେ। ମୁକ୍ତାଚାଷ ବିକାଶର ଦୀର୍ଘ ଅଭିଯାନରେ ଉକ୍ତ ଦମ୍ପତି ୮ଟି ଜାତୀୟ ଓ ୭୦ଟି ଅନ୍ୟ ପୁରସ୍କାର ଲାଭ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ନଭେମ୍ବର ୧୯୯୬

- ପାକିସ୍ତାନରେ ନିଅଣ୍ଟିଆ ବଜେଟ ପରିସ୍ଥିତିକୁ ସୁଧାରିବା ପାଇଁ ଦେଶର ମଧ୍ୟବର୍ତ୍ତୀ ସରକାର ଅନେକ ଖର୍ଚ୍ଚକାଟ ପଦକ୍ଷେପକୁ ଅନୁମୋଦନ କରିଛନ୍ତି।
- ଆନ୍ଧ୍ରପ୍ରଦେଶର ବାତ୍ୟା ବିପନ୍ନ ଅଞ୍ଚଳରେ ରିଲିଫ୍ ଓ ପୁନର୍ବାସନ କରିବା ପାଇଁ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ା ୬୫୦ କୋଟି ଟଙ୍କାର ସହାୟତା ପ୍ୟାକେଜ ଘୋଷଣା କରିଛନ୍ତି।

## ଚିରନ୍ତନୀ

ସେହି ସେ ଆଘାତ ତତାଇ ଦିଅଇ ଲହୁ,
'ଏକ' ଯେଉଁଠାରେ ମିଳାଇ ହୋଇଛି 'ବହୁ'।
ଚାଲିଅଛି ବେଗେ ନ ମାନି ଆଘାତ ବାଣ
ଦୁନିଆ ଭିତରେ ତୁମେଟି ଚାଲିବା ଜାଣ।
(ତୁମେଟି ଚାଲିବା ଜାଣ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su|do|ku Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 2 | | 7 | 8 | |
| | 1 | | | 4 | | | | 5 |
| | | | | | | | 1 | 4 |
| | | | | | 8 | | | |
| | | | | 7 | 9 | | | 3 |
| 6 | 3 | | | | 4 | | | 8 |
| | 4 | | 8 | 6 | 7 | | | |
| | | 8 | | 3 | 5 | 4 | 2 | |
| | | 7 | | | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 5 | 6 | 1 | 3 | 4 | 2 | 9 | 7 |
| 7 | 3 | 9 | 8 | 2 | 6 | 4 | 5 | 1 |
| 2 | 1 | 4 | 5 | 7 | 9 | 8 | 6 | 3 |
| 5 | 6 | 7 | 3 | 8 | 1 | 9 | 2 | 4 |
| 3 | 4 | 8 | 7 | 9 | 2 | 5 | 1 | 6 |
| 9 | 2 | 1 | 6 | 4 | 5 | 7 | 3 | 8 |
| 1 | 9 | 3 | 4 | 5 | 8 | 6 | 7 | 2 |
| 6 | 8 | 5 | 2 | 1 | 7 | 3 | 4 | 9 |
| 4 | 7 | 2 | 9 | 6 | 3 | 1 | 8 | 5 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ପ୍ରାଣୀମାନଙ୍କ ସୁରକ୍ଷା କରାଯାଉ

ମହାଶୟ,

ଅଭୟାରଣ୍ୟ, ଜାତୀୟ ଉଦ୍ୟାନ ଏବଂ ଚିଡ଼ିଆଖାନାରେ ପଶୁପକ୍ଷୀମାନେ ଅତ୍ୟନ୍ତ ଅସହାୟ ଅବସ୍ଥାରେ ରହୁଛନ୍ତି। ଏପରିକି ବଡ଼ ବଡ଼ ସହରର ବିଭିନ୍ନ ସ୍ଥାନରେ ସୌନ୍ଦର୍ଯ୍ୟ ବୃଦ୍ଧି କରିବା ପାଇଁ ଖୋଲା ଜାଗାରେ ଛୋଟ ଛୋଟ ଲୁହା ଜାଲି ମଧ୍ୟରେ ଜଳ ଘେରାବନ୍ଦୀ ଅବସ୍ଥାରେ ପାଳନ କରାଯାଉଥିବା ହରିଣ ଓ ବିଭିନ୍ନ ପ୍ରଜାତିର ମୃଗ, ଠେକୁଆ ଏବଂ ମୟୂର ଓ ଏମୁପକ୍ଷୀ ମାନଙ୍କ ଅବସ୍ଥା କେତେ ଯେ ଶୋଚନୀୟ ତାହା ଆମ ସମସ୍ତଙ୍କୁ ବିଚଳିତ କରିବ। ସମ୍ପୂର୍ଣ୍ଣ ମଣିଷ ଉପରେ ନିର୍ଭର କରୁଥିବା ପ୍ରାଣୀମାନଙ୍କ ଜୀବନ ସୁରକ୍ଷା ସହିତ ତାଙ୍କର ଆହାର ବ୍ୟବସ୍ଥା ସହ ବାସସ୍ଥଳୀ ନିର୍ମାଣକୁ ଅଗ୍ରାଧିକାର ଦେବାପାଇଁ ସରକାରଙ୍କୁ ଅନୁରୋଧ। ପଶୁପକ୍ଷୀମାନଙ୍କ ଯତ୍ନ ନେବା ଆମ ସମସ୍ତଙ୍କର କର୍ତ୍ତବ୍ୟ। କାରଣ ସେମାନେ ନିର୍ବାକ୍ ହେଲେ ମଧ୍ୟ ଏଇ ମଣିଷ ସେମାନଙ୍କ ଠାରୁ ସାହାଯ୍ୟ ପାଇଆସୁଛି।

– ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଟାଟା ଷ୍ଟିଲ୍‌ର ନୂଆ କ୍ରସିଂ ୱାଶିଂ ପ୍ଲାଣ୍ଟ

**ଭୁବନେଶ୍ୱର,୨୭।୧୧:** ଟାଟା ଷ୍ଟିଲ୍‌ର ଓର୍, ମାଇନ୍ସ ଓ କ୍ୱାରିଜ୍ (ଓଏମ୍‌କ୍ୟୁ) ଡିଭିଜନ ପକ୍ଷରୁ ଓଡ଼ିଶାର କେନ୍ଦୁଝର ଜିଲା ଯୋଡ଼ା ନିକଟରେ ଥିବା ଖନ୍ଦବନ୍ଧ ଲୁହା ଓ ମାଙ୍ଗାନିଜ୍ ଖଣିରେ ୮ ଏମ୍‌ଟିପିଏ କ୍ରସିଂ ଆଣ୍ଡ ୱାସିଂ ୟୁନିଟ୍ ସ୍ଥାପନ କରାଯାଇଛି। ଟାଟା ଷ୍ଟିଲ୍‌ର ସିଇଓ ଓ ପରିଚାଳନା ନିର୍ଦ୍ଦେଶକ ଟି. ଭି. ନରେନ୍ଦ୍ରନ୍ ଏହି ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। କମ୍ପାନୀର ଉପସଭାପତି ଡି.ବି.ସୁନ୍ଦରରାମମ, ଉପସଭାପତି ଅବନୀଶ ଗୁପ୍ତା, ମହାପ୍ରବନ୍ଧକ ଅତୁଲ କୁମାର ଭଟ୍ଟନାଗର, ଓକ୍ୟୁଏମ୍ ପ୍ରୋଜେକ୍ଟ ଚିଫ୍ ମୁକେଶ ରଞ୍ଜନ ଏବଂ ପରଭେଜ ଅଖତର ଏହି ଅବସରରେ ଉପସ୍ଥିତ ଥିଲେ। ଏହା ହେଉଛି ଟାଟା ଷ୍ଟିଲ୍‌ର ଏକ କ୍ୟାପ୍‌ଟିଭ୍ ଖଣି ଯାହା ଓଏମ୍‌କ୍ୟୁ ଦ୍ୱାରା ପରିଚାଳିତ ହେଉଛି। କମ୍ପାନୀର ଅଭିବୃଦ୍ଧି ସହ କଞ୍ଚାମାଲ ଆବଶ୍ୟକତା ବୃଦ୍ଧି ପାଇଥିବାରୁ ସମ୍ବଳ ଦକ୍ଷତା, ଉତ୍ପାଦକତା ଓ ପ୍ରଯୁକ୍ତି ଉପରେ ଗୁରୁତ୍ୱାରୋପ କରିବାର ଆବଶ୍ୟକତା ଉପରେ ଏହି ଅବସରରେ ନରେନ୍ଦ୍ରନ୍ ଗୁରୁତ୍ୱାରୋପ କରିଛନ୍ତି।

# ଚୌଦ୍ୱାରରେ ସ୍ଥାପନ ହେବ ଇଞ୍ଜିନିୟରିଂ କ୍ଲଷ୍ଟର

ଭୁବନେଶ୍ୱର,୨୭।୧୧

ଓଡ଼ିଶାରେ ଶୀଘ୍ର ଦେଶର ସର୍ବବୃହତ୍ ଇଞ୍ଜିନିୟରିଂ କ୍ଲଷ୍ଟର ସ୍ଥାପନ ହେବ। ଚୌଦ୍ୱାରର ଇନ୍ଦ୍ରାଣୀପାଟଣା ଶିଳ୍ପାଞ୍ଚଳରେ ଏହାର ସ୍ଥାପନା ନେଇ ପ୍ରସ୍ତାବ ରଖାଯାଇଛି। ରାଜ୍ୟ ଏମ୍‌ଏସ୍‌ଏମ୍‌ଇ ବିଭାଗର ଏମ୍‌ଏସ୍‌ଇ-ସିଡିପି ସ୍କିମ୍ ଅଧୀନରେ ଏହାକୁ କାର୍ଯ୍ୟକାରୀ କରାଯିବ। ଉକ୍ତ ମେଗା ପ୍ରକଳ୍ପ ଲାଗି ବିସ୍ତୃତ ପ୍ରକଳ୍ପ ରିପୋର୍ଟ(ଡିପିଆର୍)କୁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଚୂଡ଼ାନ୍ତ କରିଛନ୍ତି। ଏମ୍‌ଏସ୍‌ଏମ୍‌ଇ ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ଭୁବନେଶ୍ୱରରେ ନିକଟରେ ଅନୁଷ୍ଠିତ ଏକ ବୈଠକରେ ଏ ନେଇ ସମୀକ୍ଷା କରିଥିବା ଜଣାପଡ଼ିଛି। ଆଗାମୀ ଦିନରେ ଏହି କ୍ଲଷ୍ଟର କିଭଳି ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରିବ ସେ ସମ୍ପର୍କିତ ବିଭିନ୍ନ ଦିଗ ଉପରେ ବୈଠକରେ ଆଲୋଚନା ହୋଇଥିଲା।




ବୈଠକ ପରେ ସାହୁ କହିଛନ୍ତି, ପ୍ରକଳ୍ପ ଲାଗି କମନ ଫାସିଲିଟି ସେଣ୍ଟର ଲାଗି ଇଡ୍‌କୋ ୬ ଏକର ଏବଂ ଏସ୍‌ପିଭି ମେମ୍ବରଙ୍କ ଲାଗି ୮ ଏକର ଜମି ପ୍ରଦାନ କରିଛି। ପ୍ରକଳ୍ପରେ ମୋଟ ୩୧.୮ କୋଟି ଟଙ୍କା ବିନିଯୋଗ କରାଯିବ। କେନ୍ଦ୍ର ସରକାର ୧୮କୋଟି, ରାଜ୍ୟ ସରକାର ୭.୧୮ କୋଟି ଏବଂ ଏମ୍‌ଏସ୍‌ଇ ସିଡିପି ସ୍କିମ୍ ସହାୟତା ଏବଂ ଏସ୍‌ପିଭି ସଦସ୍ୟମାନେ ୫.୩୧ କୋଟି ଟଙ୍କା ଖର୍ଚ୍ଚ କରିବେ।

■୩୧.୮ କୋଟି ଟଙ୍କା ବିନିଯୋଗ ହେବ
■ବର୍ଷେ ମଧ୍ୟରେ ପ୍ରକଳ୍ପ ସାରିବାକୁ ଯୋଜନା

କ୍ଲଷ୍ଟରଟିକୁ ଓଡ଼ିଶା ଆସେମ୍ବ୍ଲି ଅଫ୍ ସ୍ମଲ୍ ଆଣ୍ଡ ମିଡିୟମ ଏଣ୍ଟରପ୍ରିନିୟର୍ସ (ଓସ୍‌ମେ) ପକ୍ଷରୁ ପ୍ରୋତ୍ସାହିତ କରାଯାଉଛି। ଏଠାରେ ୮୮ ମେମ୍ବର ୟୁନିଟ ରହିବ। ୧୭ ମହିଳା ଉଦ୍ୟୋଗୀ ଏବଂ ୧୨ ଏସ୍‌ସି ତଥା ଏସ୍‌ଟି ଉଦ୍ୟୋଗୀ ଏଠାରେ ରହିବେ। ଏସ୍‌ପିଭିରେ ୬୧ ମେମ୍ବର ୟୁନିଟ ରହିବାକୁ ଥିବା ବେଳେ ଏହା ମଧ୍ୟରେ ୮ ଶିଳ୍ପ ଅନୁନ୍ନତ ଜିଲା ମଧ୍ୟ ସାମିଲ ରହିଛି।

ପ୍ରକଳ୍ପ କାର୍ଯ୍ୟ ଗୋଟିଏ ବର୍ଷ ମଧ୍ୟରେ ଶେଷ କରିବାକୁ ଯୋଜନା ରଖାଯାଇଛି। ନୂଆ ପ୍ରୋକ୍ୟୋରମେଣ୍ଟ ପଲିସି ଶୀଘ୍ର ଆସିବାକୁ ଥିବା ବେଳେ ଏହା ସ୍ଥାନୀୟ ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ଦୃଢ଼ ମାର୍କେଟିଂ ସହାୟତା ଯୋଗାଇବାରେ ସହାୟକ ହେବ ବୋଲି ସାହୁ କହିଛନ୍ତି। କାର୍ଯ୍ୟକ୍ରମରେ ଏମ୍‌ଏସ୍‌ଏମ୍‌ଇ ଡିଆଇର ଯୁଗ୍ମ ନିର୍ଦ୍ଦେଶକ ପି.କେ. ଗୁପ୍ତା, ସହକାରୀ ନିର୍ଦ୍ଦେଶକ ଦାମୋଦର ବେହେରା, ଏମ୍‌ଏସ୍‌ଏମ୍‌ଇ ବିଭାଗର ଅତିରିକ୍ତ ସଚିବ ୟୁ.ଏନ୍.ଦାସ, ଶିଳ୍ପ ନିର୍ଦ୍ଦେଶକ ମହମ୍ମଦ ଏସ୍.ଆଲାମ ଉପସ୍ଥିତ ରହି ସେମାନଙ୍କ ମତ ରଖିଥିଲେ। ଏସ୍‌ପିଭି ସଦସ୍ୟଙ୍କ ମଧ୍ୟରେ ଜୟ ପ୍ରକାଶ ବିଶ୍ୱାଳ, ସ୍ୱାତ୍ତ୍ୱିକ ସ୍ୱାଇଁ, ସୁରେନ୍ଦ୍ର ମହାପାତ୍ର, ଉପେନ କୁମାର ପଟେଲ, କେ.ନାରିନ କୁମାନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।

# ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ନୂଆ ଶୋ'ରୁମ୍




ଭୁବନେଶ୍ୱର,୨୭।୧୧

ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପକ୍ଷରୁ ଶନିବାର ସ୍ଥାନୀୟ ପଟିଆ କିଟ୍ ଛକରେ ପ୍ରଥମ ପ୍ରିମିୟମ ଲକ୍‌ଜୁରି ଶୋ'ରୁମ୍ ଡି'ସାଇନିଆର ଶୁଭାରମ୍ଭ କରାଯାଇଛି। ଭୁବନେଶ୍ୱରରେ କମ୍ପାନୀର ଏହା ହେଉଛି ୨ୟ ଏବଂ ରାଜ୍ୟରେ ଅଷ୍ଟମ ଶୋ'ରୁମ୍। ଏହି ଅବସରରେ ଅଭିନେତ୍ରୀ ଦେବିକା ଅରୁନ୍ଧତୀ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଶୋ'ରୁମ୍‌ର ଉଦ୍‌ଘାଟନ କରିଛନ୍ତି। ୫୦୦୦ ବର୍ଗଫୁଟ ସ୍ଥାନରେ ଷ୍ଟୋରଟି ଅବସ୍ଥିତ। ଏହି ଷ୍ଟୋର୍ ହେଉଛି ଓଡ଼ିଶାର ସର୍ବବୃହତ୍ ଷ୍ଟୋର୍। ଏହି ପରିପ୍ରେକ୍ଷୀରେ ଦେବିକା ଅରୁନ୍ଧତୀ କହିଛନ୍ତି ,ଭୁବନେଶ୍ୱରରେ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଶୋ'ରୁମ୍‌କୁ ଉଦ୍‌ଘାଟନ କରି ସେ ବେଶ୍ ଖୁସି ପ୍ରକଟ କରିଛନ୍ତି।

କମ୍ପାନୀର ଏହି ଷ୍ଟୋରରେ ପାରମ୍ପରିକ ବ୍ରାଇଡାଲ ସୁନାଗହଣାଠାରୁ ଆରମ୍ଭକରି ଟେମ୍ପଲ, ଆଣ୍ଟିକ୍, ପୋଲ୍‌କି, କୁନ୍ଦନ ଓ ସ୍ୱତନ୍ତ୍ର ହୀରା ଗହଣାର ଆକର୍ଷଣୀୟ ସମ୍ଭାର ଉପଲବ୍ଧ। କମ୍ପାନୀର ସିଇଓ ଶୁଭଙ୍କର ସେନ୍ କହିଛନ୍ତି, ଖୁବ୍‌ଶୀଘ୍ର ରାଜ୍ୟରେ ଆଉ ୫ ଏକ୍ସକ୍ଲୁସିଭ ଶୋ'ରୁମ୍ ଆସନ୍ତା ବର୍ଷ ଖୋଲାଯିବା ନେଇ କମ୍ପାନୀ ଯୋଜନା ରଖିଛି। ଏଠାରେ ପ୍ରିମିୟମ ହୀରାଠାରୁ ଆରମ୍ଭ କରି ପ୍ଲାଟିନମ୍ ଓ ସୁନାଠାରୁ ଆରମ୍ଭ କରି ଚିକ୍ ରୁପା ଏବଂ ଫ୍ୟାଶନ ଗହଣା ଆଦି ଉପଲବ୍ଧ ରହିଛି। ସୁନାଗହଣାର ଗଢ଼ାମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ, ହୀରା ଗହଣାର ଗଢ଼ା ମୂଲ୍ୟ ଉପରେ ୧୦୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଥିବା ବେଳେ ସୁନା ଏକ୍ସଚେଞ୍ଜ ବେଳେ ଶୂନ ମୂଲ୍ୟ କାଟ୍ କରାଯାଉଛି। ସେହିଭଳି ପ୍ଲାଟିନମ୍, ରୁପା ଓ ଗସିପ୍ ସମ୍ଭାର ଉପରେ ମଧ୍ୟ ଆକର୍ଷଣୀୟ ଉତ୍ସବ ଅଫର ପ୍ରଦାନ କରାଯାଉଛି।

## ଖୁବ୍‌ଶୀଘ୍ର ଓଡ଼ିଶାରେ ଆଉ ୫ ଷ୍ଟୋର

# କେଏଲ୍ ୟୁନିଭର୍ସିଟିର ଡିଜିଟାଲ ପଦକ୍ଷେପ



ହାଇଦ୍ରାବାଦ,୨୭।୧୧

କେଏଲ୍ ୟୁନିଭର୍ସିଟି ପକ୍ଷରୁ ନୂଆ ଡିଜିଟାଲ ଟ୍ରାନ୍ସଫରମେସନ ଅଫିସ ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭାର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନୂଆ ଫାସିଲିଟିକୁ ମାଧପୁର ହାଇଟେକ ସିଟିରେ ସ୍ଥାପନ କରାଯାଇଛି। ବିଜୟୱାଡା ଏବଂ ହାଇଦ୍ରାବାଦ କ୍ୟାମ୍ପସର ନାମଲେଖା, ବ୍ରାଣ୍ଡିଂ ସମେତ ଅନ୍ୟ ଅନ୍‌ଲାଇନ କାର୍ଯ୍ୟ ଏହି ସେଣ୍ଟରରେ ହେବ। ଭଲ ପ୍ରଫେସନାଲ ହେବା ଏବଂ କ୍ୟାରିୟର କ୍ଷେତ୍ରରେ ଆଗକୁ ବଢ଼ିବା ଲାଗି ଛାତ୍ରୀଛାତ୍ରଙ୍କୁ ପ୍ରସ୍ତୁତ କରିବା କ୍ଷେତ୍ରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପକୁ ପାତ୍ର ପ୍ରଶଂସା କରିଥିଲେ। ବିଶ୍ୱବିଦ୍ୟାଳୟର ଡିଜିଟାଲ ଆବଶ୍ୟକତା ପୂରଣ ଦିଗରେ ନୂଆ ବ୍ୟବସ୍ଥା ବିଶେଷ ଭାବେ ସହାୟକ ହେବ ବୋଲି ଆଡମିଶନ ନିର୍ଦ୍ଦେଶକ ଶ୍ରୀନିବାସ ରାଓ କହିଛନ୍ତି। ଡିଜିଟାଲ କମ୍ୟୁନିକେଶନକୁ ବିଶ୍ୱବିଦ୍ୟାଳୟ ବିଶେଷ ଗୁରୁତ୍ୱ ପ୍ରଦାନ କରିଥିବା ସେ କହିଛନ୍ତି। ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ ବିବିଧତାକୁ ପ୍ରାଥମିକତା ପ୍ରଦାନ କରାଯାଉଛି ବୋଲି କୁଳପତି ଡ.ଜି. ପରଧା ସାରଧୀ ବର୍ମା କହିଛନ୍ତି।

# ଭବିଷ୍ୟନିଧି ସଦସ୍ୟଙ୍କ ପାଇଁ ଇ-ନୋମିନେଶନ ସେବା

ଭୁବନେଶ୍ୱର,୨୭।୧୧

କର୍ମଚାରୀ ଭବିଷନିଧି ସଙ୍ଗଠନ ପକ୍ଷରୁ 'ଇ-ନୋମିନେଶନ' ନାମକ ଏକ ସେବାର ଶୁଭାରମ୍ଭ କରାଯାଇଛି। ଏହା ମାଧ୍ୟମରେ ଏହାର ସମସ୍ତ ସଦସ୍ୟଙ୍କୁ ସେମାନଙ୍କର ମନୋନୟନ ପତ୍ର ଅନ୍‌ଲାଇନ ଜରିଆରେ ଦାଖଲ କରିବାକୁ ପଡ଼ିବ। ଏହି ନୂତନ ସେବା ଦ୍ୱାରା ସଦସ୍ୟମାନଙ୍କର ଅବସର କିମ୍ବା ମୃତ୍ୟୁକାଳୀନ ଭବିଷ୍ୟନିଧି, ପେନ୍‌ସନ ଏବଂ ବୀମାରାଶି ଉଠାଣ ଆଦି ପ୍ରକ୍ରିୟା ଅତ୍ୟନ୍ତ ସରଳୀକୃତ ଏବଂ ସହଜ ହୋଇଯିବ। ଏହାଦ୍ୱାରା ପଞ୍ଜୀକୃତ ନାମାଙ୍କିତ ବ୍ୟକ୍ତି ନିଜ ସୁବିଧା ଅନୁସାରେ ଯେକୌଣସି ସ୍ଥାନରୁ ନିଜର ମୋବାଇଲ ନମ୍ବର ଦ୍ୱାରା ଅନ୍‌ଲାଇନ ଦାବିପତ୍ର ଦାଖଲ କରି ତତ୍କାଳ ପ୍ରାପ୍ୟରାଶି ଗ୍ରହଣ କରିପାରିବେ। ଏଥିପାଇଁ ନିଯୁକ୍ତିଦାତାଙ୍କର କୌଣସି ହସ୍ତକ୍ଷେପର ଆବଶ୍ୟକତା ନାହିଁ। ପୂର୍ବରୁ ନାମାଙ୍କିତ ବ୍ୟକ୍ତିଙ୍କୁ ସମସ୍ତ କାଗଜପତ୍ର ପ୍ରାଧିକୃତ ଭବିଷ୍ୟନିଧି କାର୍ଯ୍ୟାଳୟରେ ନିଯୁକ୍ତିଦାତାଙ୍କ ମାଧ୍ୟମରେ ଦାଖଲ କରିବାର ନିୟମ ଥିଲା। ଏହାଦ୍ୱାରା ଦୂରଦୂରାନ୍ତରୁ ଲୋକମାନଙ୍କୁ ବିଭିନ୍ନ ଭବିଷ୍ୟନିଧି କାର୍ଯ୍ୟାଳୟକୁ ଦୌଡ଼ିବାକୁ ପଡୁଥିଲା। ଏହି ନୂଆ ପ୍ରକ୍ରିୟା ଯୋଗୁ ସଦସ୍ୟମାନଙ୍କର ଦାବିପତ୍ରଗୁଡିକର ଦ୍ରୁତ ସମାଧାନ ହୋଇପାରିବ। ଏଥିପାଇଁ ହିତାଧିକାରୀଙ୍କର ୟୁଏନ୍ ସହିତ ତାଙ୍କର ଆଧାର ମୋବାଇଲ ନଂ. ଏବଂ ଫଟୋ ଓ ଠିକଣା ପୂର୍ବରୁ ସଂଲଗ୍ନୀକୃତ ହୋଇଥିବା ଆବଶ୍ୟକ। ହିତାଧିକାରୀ ତାଙ୍କର ୟୁଏନ୍ ନଂ. ଏବଂ ପାସ୍‌ୱାର୍ଡ ଦେଇ ଏକ ବା ଏକାଧିକ ପରିବାର ସଦସ୍ୟମାନଙ୍କୁ ମନୋନୀତ କରିପାରିବେ। ଏହି ସେବା ନିଜ ନିଯୁକ୍ତିଦାତା କିମ୍ବା ଜନସେବା କେନ୍ଦ୍ର ଅଥବା ନିକଟସ୍ଥ ଭବିଷ୍ୟନିଧି କାର୍ଯ୍ୟାଳୟରେ ମଧ୍ୟ ପାଇପାରିବେ। ଓଡ଼ିଶାର ସମସ୍ତ ହିତାଧିକାରୀ ଏହି ସେବାକୁ ବହୁଳ ଭାବେ ବ୍ୟବହାର କରି ସୁଫଳ ଲାଭ କରିବାକୁ ଆଞ୍ଚଳିକ କାର୍ଯ୍ୟାଳୟରେ ଅତିରିକ୍ତ ଭବିଷ୍ୟନିଧି କମିଶନର ପି.ବୀରଭଦ୍ର ସ୍ୱାମୀ ଏବଂ ଆଞ୍ଚଳିକ କାର୍ଯ୍ୟାଳୟର ଅତିରିକ୍ତ କମିଶନର ରବୀନ୍ଦ୍ର ସାମଲ ଓ ସୁଦୀପ୍ତ ଘୋଷ ପ୍ରମୁଖ ନିବେଦନ କରିଛନ୍ତି।

# ଇ-ନାମ୍ ସହ ଯୋଡ଼ି ହେଲା ଏଚ୍‌ଡିଏଫ୍‌ସି ବ୍ୟାଙ୍କ

ନୂଆଦିଲ୍ଲୀ,୨୭।୧୧

ଏଚ୍‌ଡିଏଫ୍‌ସି ବ୍ୟାଙ୍କ କେନ୍ଦ୍ର ସରକାରଙ୍କ ନ୍ୟାଶନାଲ ଏଗ୍ରିକଲଚର ମାର୍କେଟ (ଇନାମ) ସହ ଯୋଡି ହେବା ସମ୍ପର୍କରେ ଘୋଷଣା କରିଛି। ଇ-ନାମର ବିଭିନ୍ନ ହିତାଧିକାରୀଙ୍କୁ ଡିଜିଟାଲ କଲେକ୍ସନ ଏବଂ ଫଣ୍ଡ ସେଟେଲମେଣ୍ଟ ଭଳି କ୍ଷେତ୍ରରେ ବ୍ୟାଙ୍କ କାମ କରିବାକୁ ଏଭଳି ପଦକ୍ଷେପ ଗ୍ରହଣ କରିଛି। ବର୍ତ୍ତମାନର ପଦକ୍ଷେପ ଇନାମ ପ୍ଲାଟଫର୍ମରେ ଇଜ ଅଫ୍ ଡୁଇଂ ବିଜନେସ ଆହୁରି ସୁଗମ ହେବ। ଏଚ୍‌ଡିଏଫ୍‌ସି ବ୍ୟାଙ୍କ ମଲ୍ଟି ନେଟ୍ ବ୍ୟାଙ୍କିଂ, ଡେବିଟ କାର୍ଡ, ଏନ୍‌ଇଏଫ୍‌ଟି, ଆର୍‌ଟିଜିଏସ୍, ୟୁପିଆଇ, ଆଇଏମ୍‌ପିଏସ୍ ଦ୍ୱାରା କୃଷକଙ୍କୁ ପେମେଣ୍ଟ ସୁବିଧା ପ୍ରଦାନ କରିବ।

# ଷ୍ଟେଶନରେ ବାୟୋଡାଟା ଟାଙ୍ଗିଲେ ଯୁବକ




**ଲଣ୍ଡନ:** ଲଗାତର ଇଣ୍ଟରଭ୍ୟୁ ଦେବା ପରେ ଜଣେ ଯୁବକଙ୍କୁ ଚାକିରି ମିଳୁ ନ ଥିଲା। କିନ୍ତୁ ଏକ ଅଭିନବ ଉପାୟ ବଳରେ ତାଙ୍କୁ ଚାକିରିଟିଏ ମିଳିଯାଇଛି। ଏକ ରିପୋର୍ଟ ଅନୁଯାୟୀ, ଲଣ୍ଡନର ୨୪ ଜଣେ ବର୍ଷୀୟ ହାଇଦର ମଲିକଙ୍କର କରୋନା ସମୟରେ ଚାକିରି ଚାଲିଯାଇଥିଲା। ସେ ମିଡିଲସେକ୍ସ ୟୁନିଭର୍ସିଟିରୁ ବ୍ୟାଙ୍କିଙ୍ଗ୍ ଏବଂ ଫାଇନାନ୍ସରେ ପାଷ୍ଟ ଡିଭିଜନ ପାଇବା ପରେ ଲଗାତର ଇଣ୍ଟରଭ୍ୟୁ ଦେଉଥିଲେ। ମାତ୍ର ସଫଳତା ମିଳୁ ନ ଥିଲା। ଏହା ପରେ ଚାକିରି ପାଇବା ପାଇଁ ନୂଆ ଉପାୟ ଚିନ୍ତା କଲେ। ଏକ ଷ୍ଟେଶନରେ ଗୋଟିଏ ବୋର୍ଡରେ ମମସ୍ତ ବାୟୋଡାଟା ଟାଙ୍ଗି ତାଙ୍କ ଲିଙ୍କେଡିନ୍ ପ୍ରୋଫାଇଲର କ୍ୟୁଆର୍ କୋର୍ଡ ଶେୟାର କରିଥିଲେ। ହାଇଦର କହିଛନ୍ତି, ପ୍ରଥମେ ସେ ଷ୍ଟେଶନରେ ଠିଆ ହୋଇ ଲୋକଙ୍କୁ କେବଳ ଗୁଡ୍ ମର୍ଣ୍ଣିଂ କହିବା ସହ ସିଭି ବା ବାୟୋଡାଟା ଦେଖାଉଥିଲେ। ଏହି ସମୟରେ ବହୁତ ଲୋକ ନିଜ ନିଜ ଅଫିସ୍‌ର କାର୍ଡ ଦେଇଥିଲେ। ସେମାନେ ଏହି କାର୍ଡରେ ସେମାନଙ୍କର ଫୋନ୍ ନମ୍ବର ବି ଦେଇଥିଲେ। ଯେଉଁମାନେ ଦେଇଥିଲେ ମୁଁ ସେମାନଙ୍କ ସହ କଥା ହୋଇଥିଲି। କିଏ ମୋର ଏହି କାର୍ଯ୍ୟ ଦେଖି ଫଟୋ ଭାଇରାଲ କରିଦେଇଥିଲେ। ଶେଷରେ ଗୋଟିଏ ଅଫିସରୁ ମୋତେ ଫୋନ୍ ଆସିଥିଲା। ଏହାର ନିର୍ଦ୍ଦେଶକ ମୋତେ ସକାଳେ ଭେଟିବାକୁ କହିଥିଲେ। ମୁଁ ଯିବା ପରେ ସେ ମୋ ସାର୍ଟିଫିକେଟ ଯାଞ୍ଚ କରି ଦ୍ୱିତୀୟ ରାଉଣ୍ଡରେ ଚୟନ କରିଥିଲେ। ଏହା ପରେ ଏବେ ମୋତେ ଚାକିରି ମିଳିଯାଇଛି। ଯେଉଁଥିପାଇଁ ମୁଁ ବହୁତ ଖୁସି।

ଫୁର୍‌ସତ୍

# 'ମରକ୍କଡ ଲାୟନ ଅଫ୍ ଦି ଆରବିଆନ ସି'ରେ ସୁନୀଲ




**ମୁମ୍ବାଇ:** ସିନେ ଦୁନିଆରୁ ଦୀର୍ଘ ସମୟର ବ୍ୟବଧାନ ପରେ ବଲିଉଡ୍ ଅଭିନେତା ସୁନୀଲ୍ ସେଟ୍ଟୀ ଏବେ ପରଦାକୁ ଫେରୁଛନ୍ତି। ଜଣେ ଯୋଦ୍ଧା ଭୂମିକାରେ ଦର୍ଶକ ତାଙ୍କୁ ଦେଖିବାକୁ ପାଇବେ। ମାଲାୟାଲମ ଫିଲ୍ମ 'ମରକ୍କଡ ଲାୟନ ଅଫ୍ ଦି ଆରବିଆନ ସି' ସୁନୀଲଙ୍କ ଫାଷ୍ଟ ଲୁକ୍ ସାମ୍ନାକୁ ଆସିଯାଇଛି। ସୁନୀଲ ସେଟ୍ଟୀ ଏଥିରେ ଜଣେ ଯୋଦ୍ଧା ଭୂମିକାରେ ନଜର ଆସିବେ। ଏହାର ଏକ ଭିଡିଓ ସେ ତାଙ୍କ ତାଙ୍କ ଇନଷ୍ଟାଗ୍ରାମ ଅପଲୋଡ୍ କରିଛନ୍ତି। ଅନେକ ଫିଲ୍ମରେ ସୁନୀଲ ରୋମାଣ୍ଟିକ୍, ଜଣେ ଆକ୍ସନ ହିରୋ ଏବଂ ଭିଲେନ ଭୂମିକାରେ ମଧ୍ୟ ଅଭିନୟ କରିଛନ୍ତି। ତେବେ ଆସନ୍ତା ୨ ତାରିଖରେ ରିଲିଜ ହେବାକୁ ଥିବା ଏହି ନୂଆ ଫିଲ୍ମରେ ତାଙ୍କୁ ଜଣେ ଯୋଦ୍ଧା ଭୂମିକାରେ ଦେଖିବା ନେଇ ଦର୍ଶକେ ଉତ୍ସୁକତାର ସହ ଅନେଇ ବସିଛନ୍ତି। ସୁନୀଲ ସେଟ୍ଟୀ ତାଙ୍କ ଇନ୍‌ଷ୍ଟାଗ୍ରାମ ପେଜ୍‌ରେ ଛାଡିଥିବା ଏହି ଫଟୋରେ ମୁହଁରେ ଦାଢି ସାଙ୍ଗକୁ ଦେହରେ ଲୁହାର କବଚ ଆଉ ହାତରେ ଖଣ୍ଡା ରହିଥିବା ଦେଖିବାକୁ ମିଳିଛି। ସେ ଏକ ଐତିହାସିକ କାହାଣୀକୁ ନେଇ ଜଣେ ଯୋଦ୍ଧାର ଭୂମିକାରେ ଆସୁଛନ୍ତି। 'ମରକ୍କଡ ଲାୟନ ଅଫ୍ ଦି ଆରବିଆନ ସି' ନୌସେନା ମୁଖ୍ୟ ମହମ୍ମଦ ଅଲ୍ଲୀ ଓରଫ୍ କୁଞ୍ଜାଲୀ ମରକ୍କଡଙ୍କ ଜୀବନୀ ଉପରେ ଆଧାରିତ। ପ୍ରିୟଦର୍ଶନ ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି। ଆଣ୍ଟୋନିପେରୁମବେଭର ଏହାର ପ୍ରଯୋଜନା ଦାୟିତ୍ୱ ତୁଲାଇଛନ୍ତି। ମାକ୍ସ ମୁଭିଜ୍ ଭି. କ୍ରିଏଶନରେ ନିର୍ମିତ ଏହି ଫିଲ୍ମ ପାଇଁ ଶହେ କୋଟି ଟଙ୍କା ଖର୍ଚ୍ଚ ହୋଇଛି।

# ଚିକିତ୍ସା ପାଇଁ ଜର୍ମାନୀରେ ଅନିଲ



**ମୁମ୍ବାଇ:** ବଲିଉଡ୍ ଅଭିନେତା ଅନିଲ କପୁର ଅସୁସ୍ଥ ଅଛନ୍ତି। ସବୁବେଳେ ଫିଟ ରହୁଥିବା ଏହି ଅଭିନେତା ଏବେ ଚିକିତ୍ସା ପାଇଁ ଜର୍ମାନୀ ଯାଇଛନ୍ତି। ଇନଷ୍ଟାଗ୍ରାମରେ ସେ ଏ ନେଇ ଏକ ଭିଡିଓ ଶେୟାର କରିଛନ୍ତି। ଏଥିରେ ସେ ବରଫ ରାସ୍ତାରେ ଚାଲିଚାଲି ଯାଉଥିବା ନଜର ଆସୁଛନ୍ତି। ସେ ଲେଖିଛନ୍ତି, 'ବରଫରେ ପୁରା ପରଫେକ୍ଟ ୱାର୍କ। ଆଜି ଜର୍ମାନୀରେ ଶେଷ ଦିନ। ଚିକିତ୍ସାର ଶେଷଦିନରେ ଡ. ମୁଲରଙ୍କୁ ଭେଟିବାକୁ ଯାଉଛି। ତାଙ୍କ ପାଖରେ ସବୁଦିନ ପାଇଁ କୃତଜ୍ଞ ବୋଲି ସେ କହିଛନ୍ତି।

# ମଙ୍ଗଳରେ ସୂର୍ଯ୍ୟୋଦୟର ଫଟୋ

ଆମେ ସମସ୍ତେ ସୂର୍ଯ୍ୟ ଉଦୟ ହେବା ଏବଂ ଅସ୍ତ ହେବାର ପୃଥିବୀ ଗ୍ରହରେ ଦେଖିଛେ। କେବେ ଅନ୍ୟ ଗ୍ରହରେ ସୂର୍ଯ୍ୟ ଉଦୟ ଏବଂ ଅସ୍ତ ହେବାର ଦୃଶ୍ୟ ଦେଖିଛନ୍ତି କି? ଯଦି ନା ତେବେ ନାସା ଏବେ ମଙ୍ଗଳ ଗ୍ରହରେ କିପରି ସୂର୍ଯ୍ୟୋଦୟ ହୁଏ ତା'ର ଏକ ଫଟୋ ଶେୟାର କରିଛି। ଯାହା ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେଉଛି।

ମଙ୍ଗଳ ଗ୍ରହରେ ପର୍ବତ ପରି ଦେଖାଯାଉଥିବା ପଥର ମଧ୍ୟରେ ସୂର୍ଯ୍ୟୋଦୟ ଅତ୍ୟନ୍ତ ମନୋରମ ଦେଖାଯାଉଛି। ସେହିପରି ଅସ୍ତ ହେବାର ଚିତ୍ର ମଧ୍ୟ ବେଶ୍ ମନଛୁଆଁ। ଆମେରିକାର ସ୍ପେସ୍ ଏଜେନ୍ସି ନାସା ଏହାର ଅଫିସିଆଲ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଏହି ଫଟୋ ଶେୟାର କରିଛି। ଫଟୋ ଶେୟାର କରି ନାସା କ୍ୟାପଶନ ଲେଖିଛି, 'ରେଡ୍ ପ୍ଲାନେଟରେ ଏକ ନୀଳ ସୂର୍ଯ୍ୟୋଦୟ'। ଏହା ମଙ୍ଗଳ ଗ୍ରହରେ ସୂର୍ଯ୍ୟୋଦୟର ପ୍ରଥମ ଫଟୋ। ନାସା ଆହୁରି ମଧ୍ୟ ରିପୋର୍ଟ କରିଛି, ମଙ୍ଗଳ ଗ୍ରହରେ ଆମର ଏକ୍ସପ୍ଲୋରର ରୋବଟ୍‌ଗୁଡିକ ୧୯୭୦ ଦଶକରୁ ସୂର୍ଯ୍ୟୋଦୟକୁ ଦେଖୁଛନ୍ତି। ନାସା କହିବା ଅନୁଯାୟୀ, ମଙ୍ଗଳ ଗ୍ରହରେ ସୂର୍ଯ୍ୟୋଦୟ ନୀଳ ଦେଖାଯାଏ ଏବଂ ଏହା ବାୟୁମଣ୍ଡଳର ଧୂଳି ଯୋଗୁ ହୋଇଥାଏ।




ମନେ ପଡ଼ନ୍ତି

ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଡାକ୍ତର ବିଜୟ କୁମାର ପରିଡ଼ା
ଆବିର୍ଭାବ: ୨୮।୧୨।୧୯୩୬
ତିରୋଧାନ: ମାର୍ଗଶିର ମାସ କୃଷ୍ଣପକ୍ଷ ନବମୀ ତିଥି
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ କର୍ତ୍ତବ୍ୟନିଷ୍ଠା ଆମମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପରମେଶ୍ୱରଙ୍କ ଠାରେ ପ୍ରାର୍ଥନା କରୁଛୁ।
ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ ।
ଧ-୨୨୪୦୫

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ନିରୁପମା ସିଂହ
କୁଲାଡ, ସିପିପି ଛକ
ଆବିର୍ଭାବ: ୨୨।୦୪।୧୯୫୨
ତିରୋଧାନ:୧୮।୧୧।୨୦୨୧
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
-:ଶୋକସନ୍ତପ୍ତ:-
ସ୍ୱାମୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ ଓ ପରିବାରବର୍ଗ ।
ଧ-୨୨୩୯୬



CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
for Booking Contact: 0674-2580385 8637280816, 7894447167, 9338226625

ADMISSION OPEN 2021-23
Acharya Nagarjuna University
B.Ed
Admission in Top 15 B.Ed Colleges (Guntur Township) with current NCTE & University affiliation.
MBA,MCA,M.Sc,M.Com,MA & PG Dip.
Odisha's Most Reliable
KALINGA B.ED ACADEMY
H.O. 359, 2nd Floor, Rupali Square, BBSR
Ph : 8895760756, 9937233156
Branch - PURI, Ph- 7008529726

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ । 2% ସୁଧ, 40% ରିହାତି । ମହିଳାଙ୍କ ପାଇଁ ବିଶେଷ ରିହାତି । ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8902923601

କେମିତି ମଦ ଛାଡିବେ
ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ନ ୧୦ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମ୍‌ସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ଼, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡି, ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯ , ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ୍, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ, ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରାରୋଡ୍, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍‌ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାଳ, ବସ୍‌ଷ୍ଟାଣ୍ଡ ନିକଟ, ଝାରସୁଗୁଡା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ, ସରକାରୀ ବସ୍‌ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮, ହୋଟେଲ ସାରଳା, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟ, ନୟାଗଡ-୧୧, ହୋଟେଲ ତ୍ରିନାଥ, ପୁଜା ହେଲ୍‌ଥ ସେଣ୍ଟର।
ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ୨୮ ନଭେମ୍ବର, ୨୦୨୧ Bhubaneswar, Sunday, November 28/2021

## ଚମତ୍କାର ଖେଳିଲେ ଚିର୍‌ମାକୋ



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜୁନିୟର ହକି ବିଶ୍ୱକପ୍‌ର ଶନିବାର ଅନୁଷ୍ଠିତ ପୋଲାଣ୍ଡ ବିପକ୍ଷ ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓଡ଼ିଶାର ସୁଦୀପ ଚିର୍‌ମାକୋ ପୁରସ୍କାର ସହ ।

# ନକ୍‌ଆଉଟ୍‌ରେ ବେଲ୍‌ଜିୟମ, ମାଲେସିଆ

ଭୁବନେଶ୍ୱର,୨୭।୧୧(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ହକି ପୁରୁଷ ଜୁନିୟର ବିଶ୍ୱକପ୍‌ର ପୁଲ୍ 'ଏ' ଗ୍ରୁପ୍ ମ୍ୟାଚ ଶନିବାର ଶେଷ ହୋଇଛି। ଏହି ଗ୍ରୁପ୍‌ରୁ ଗତ ସଂସ୍କରଣର ରନର୍ସ ଅପ୍ ବେଲ୍‌ଜିୟମ ଓ ଏସୀୟ ଦଳ ମାଲେସିଆ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ପୁଲ୍‌ର ଶେଷ ମ୍ୟାଚରେ ବେଲ୍‌ଜିୟମ ୩-୦ ଗୋଲରେ ଚିଲିକୁ ପରାସ୍ତ କରିଛି। ଫଳରେ ବେଲ୍‌ଜିୟମ ଓ ମାଲେସିଆ ୩ ମ୍ୟାଚରୁ ୨ ବିଜୟ ଓ ଗୋଟିଏ ଲେଖାଏ ଡ୍ର ସହ ୭ ପଏଣ୍ଟ ଲେଖାଏ ପାଇ ଶୀର୍ଷ ୨ ସ୍ଥାନ ଅଧିକାର କରିଛନ୍ତି। ତେବେ ଗୋଲ ବ୍ୟବଧାନରେ ବେଲ୍‌ଜିୟମ ପୁଲ୍‌ର ଶୀର୍ଷ ସ୍ଥାନ ଅଧିକାର କରିଥିବାବେଳେ ମାଲେସିଆ ଦ୍ୱିତୀୟ ସ୍ଥାନରେ ରହିଛି। ବେଲ୍‌ଜିୟମ ୯ ଗୋଲ ଦେଇଥିବାବେଳେ ୨ଟି ବରଣ କରିଛି। ମାଲେସିଆ ୭ ଗୋଲ ଦେଇ ୫ଟି ବରଣ କରିଛି। ତେଣୁ ବେଲ୍‌ଜିୟମର ଗୋଲ ବ୍ୟବଧାନ ଯୁକ୍ତ ୭ ଥିବାବେଳେ ମାଲେସିଆର ଯୁକ୍ତ ୨ ରହିଛି। ଏହି ଗ୍ରୁପ୍‌ର ଅନ୍ୟତମ ଆଶାୟୀ ଦଳ ଦକ୍ଷିଣ ଆଫ୍ରିକା ୩ ମ୍ୟାଚରୁ ୧ ବିଜୟ ଓ ୨ ପରାଜୟ ସହ ୩ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ଥିବାବେଳେ ଚିଲି ୩ଟି ଯାକ ମ୍ୟାଚ ହାରି ଶେଷ ସ୍ଥାନରେ ରହିଛି। ୨୦୧୬ରେ ହୋଇଥିବା ଗତ ସଂସ୍କରଣରେ ମାଲେସିଆ ଖରାପ ପ୍ରଦର୍ଶନ କରି ୧୧ତମ ସ୍ଥାନରେ ରହିଥିଲା। ଏଥର କିନ୍ତୁ ଦଳ ଟପ୍-୮ରେ ପ୍ରବେଶ କରିଛି।

### ବେଲ୍‌ଜିୟମ ଶୀର୍ଷରେ

ବେଲ୍‌ଜିୟମ-ଚିଲି ମ୍ୟାଚ ଆରମ୍ଭରେ ଓଡ଼ିଶା ରାଇଫଲ ଆସୋସିଏଶନ ସାଧାରଣ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ଏବଂ ଶେଷରେ ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନର ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ଅତିଥିଭାବେ ଯୋଗ ଦେଇଥିଲେ। ବେଲ୍‌ଜିୟମର ଥିବେଉ ଷ୍ଟକ୍‌ବ୍ରୋକ୍ସ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ବେଲ୍‌ଜିୟମ ତୁଳନାରେ ଚିଲି ଅପେକ୍ଷାକୃତ ଦୁର୍ବଳ ହୋଇଥିଲେ ହେଁ କଡ଼ା ଚ୍ୟାଲେଞ୍ଜ ଦେଇଥିଲା। ମ୍ୟାଚ ଆରମ୍ଭର ଦ୍ୱିତୀୟ ମିନିଟରେ ବେଲ୍‌ଜିୟମ ଏକ ଫିଲ୍ଡ ଗୋଲ ମାଧ୍ୟମରେ ଅଗ୍ରଣୀ ନେଇଥିଲା। ୧୮ ନମ୍ବର ଖେଳାଳି ଲୁକାସ ପୁଟର୍ସ ଏହି ଗୋଲଟି ଦେଇଥିଲେ। ମାତ୍ର ଏହାପରେ ବେଲ୍‌ଜିୟମର ଆକ୍ରମଣକୁ ଚିଲି ସଫଳତାର ସହ ପ୍ରତିହତ କରିଥିଲା। ଫଳରେ ପ୍ରଥମ କ୍ୱାର୍ଟର ଶେଷ ସୁଦ୍ଧା ବେଲ୍‌ଜିୟମକୁ ୧-୦ ଅଗ୍ରଣୀରେ ସନ୍ତୁଷ୍ଟ ରହିବାକୁ ପଡ଼ିଥିଲା। ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ ଚିଲି ଭଲ ଖେଳିଥିଲା। ଏକାଧିକ ସୁଯୋଗ ପାଇଥିଲେ ହେଁ ତାହାକୁ ଗୋଲରେ ପରିଣତ କରିପାରି ନ ଥିଲା। ୨୭ତମ ମିନିଟରେ ଥିବେଉ ଷ୍ଟକ୍‌ବ୍ରୋକ୍ସ ଏକ ଫିଲ୍ଡ ଗୋଲ ଦେବାରୁ ପ୍ରଥମାର୍ଦ୍ଧ ଶେଷ ବେଳକୁ ବେଲ୍‌ଜିୟମର ଅଗ୍ରଣୀ ବ୍ୟବଧାନ ୨-୦ରେ ପହଞ୍ଚିଥିଲା। ତୃତୀୟ କ୍ୱାର୍ଟରରେ ଆକ୍ରମଣ ପ୍ରତିଆକ୍ରମଣ ଜାରି ରହିଥିଲେ ହେଁ କୌଣସି ଦଳ ଗୋଲ ଦେଇପାରି ନ ଥିଲେ। ୪ର୍ଥ କ୍ୱାର୍ଟର ଆରମ୍ଭରେ ମ୍ୟାଚର ୪୮ତମ ମିନିଟରେ ବେଲ୍‌ଜିୟମକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ଦଳ ପକ୍ଷରୁ ଶୁଟ୍ କରାଯାଇଥିବା ବଲ ଚିଲି ଗୋଲକିପରଙ୍କ ଦ୍ୱାରା ଡିଫେଣ୍ଡ ହୋଇ ଫେରି ଆସିଥିଲେ ହେଁ ପରେ ଖେଳାଳିମାନେ ବଲ୍‌କୁ ଡି' ଏରିଆ ମଧ୍ୟରେ ରଖିଥିଲେ ଏବଂ ଦଳ ପକ୍ଷରୁ ନେଲସନ ଓନାନା ଚତୁରତାର ସହ ଗୋଲ କରିବାରେ ସକ୍ଷମ ହୋଇଥିଲେ।



ଜୁନିୟର ହକି ବିଶ୍ୱକପ୍‌ର ବେଲଜିୟମ ଓ ଚିଲି ମଧ୍ୟରେ ଶନିବାର ଅନୁଷ୍ଠିତ ମ୍ୟାଚ୍‌ର ଏକ ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ।

**ଜୁନିୟର ହକି ବିଶ୍ୱକପ୍**

### ମାଲେସିଆ ୪, ଦକ୍ଷିଣ ଆଫ୍ରିକା ୩

ଅପରାହ୍ନ ୨ଟା ୩୦ରେ ଅନୁଷ୍ଠିତ ମ୍ୟାଚରେ ମାଲେସିଆ ୪-୩ ଗୋଲରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଥିଲା। ଫଳରେ ଦକ୍ଷିଣ ଆଫ୍ରିକାର କ୍ୱାର୍ଟର ଫାଇନାଲ ପ୍ରବେଶ ଆଶା ଶେଷ ହୋଇ ଯାଇଥିଲା। ଏହି ମ୍ୟାଚ ଆରମ୍ଭରେ ଅଲିମ୍ପିଆନ ବାସ୍କେଟବଲ ଖେଳାଳି ଡି.ପି. ଇରାନୀ ଓ ଶେଷରେ ଅନ୍ତର୍ଜାତୀୟ ରୋଇଂ ତାରକା ପ୍ରମିଳା ପ୍ରଭା ମିଞ୍ଜ ଅତିଥିଭାବେ ଯୋଗ ଦେଇଥିଲେ। ମାଲେସିଆର କମରୁଲଜମନ କମରୁଦ୍ଦିନ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ପ୍ରଥମ କ୍ୱାର୍ଟର ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟ କ୍ୱାର୍ଟର ଶେଷ ପର୍ଯ୍ୟାୟ ଅର୍ଥାତ୍ ୨୯ତମ ମିନିଟରେ ମାଲେସିଆର ମହମ୍ମଦ ଖାଲିଦ ପେନାଲ୍ଟି କର୍ନରରୁ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ପ୍ରଥମାର୍ଦ୍ଧ ଶେଷ ବେଳକୁ ମାଲେସିଆ ୧-୦ ଅଗ୍ରଣୀ ରହିଥିଲା। ଦ୍ୱିତୀୟାର୍ଦ୍ଧରେ କିନ୍ତୁ ଜୋରଦାର ଲଢ଼େଇ ଦେଖିବାକୁ ମିଳିଥିଲା। ୩୪ତମ ମିନିଟରେ ଦକ୍ଷିଣ ଆଫ୍ରିକା ଅଧିନାୟକ ଗୟ ମୋର୍ଗାନ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିବାରୁ ମ୍ୟାଚ ୧-୧ ସ୍ଥିତିକୁ ଚାଲି ଆସିଥିଲା। ୪୧ତମ ମିନିଟରେ ମାଲେସିଆର କମରୁଦ୍ଦିନ ପେନାଲ୍ଟି କର୍ନରକୁ ସଫଳ କନଭର୍ସନ କରିବାରୁ ମାଲେସିଆ ପୁଣି ଅଗ୍ରଣୀ ନେଇଥିଲା। ପ୍ରଥମ ୩ କ୍ୱାର୍ଟରରେ ୩ଟି ଗୋଲ ହୋଇଥିବାବେଳେ କେବଳ ୪ର୍ଥ କ୍ୱାର୍ଟରରେ ୪ଟି ଗୋଲ ହୋଇଥିଲା। ୪୮ତମ ମିନିଟରେ ଦକ୍ଷିଣ ଆଫ୍ରିକାର ଜାରେଡ କ୍ୟାମ୍ପବେଲ, ୪୯ତମ ମିନିଟରେ ମାଲେସିଆର ଶମିର ଶାମସୁଲ ଗୋଲ ଦେଇଥିବାବେଳେ ୫୬ତମ ମିନିଟରେ ମାଲେସିଆର ମୁହିବଦ୍ଦିନ ମୋହରମଙ୍କ ପେନାଲ୍ଟି କର୍ନର ଗୋଲ ନିର୍ଣ୍ଣାୟକ ହୋଇଥିଲା।

### ଫ୍ରାନ୍ସ ଶୀର୍ଷରେ ରହିଲା

ଶନିବାର ଅନୁଷ୍ଠିତ ମ୍ୟାଚରେ ଫ୍ରାନ୍ସ ୧୧-୧ ଗୋଲରେ କାନାଡ଼ାକୁ ପରାସ୍ତ କରିଛି। ଏହି ମ୍ୟାଚରେ ଦୁଇ ଅନ୍ତର୍ଜାତୀୟ ହକି ଖେଳାଳି ରୋଶନ ମିଞ୍ଜ ଓ ପିଟର ତିର୍କୀ ଯଥାକ୍ରମେ ଆରମ୍ଭ ଓ ଶେଷରେ ଅତିଥିଭାବେ ଯୋଗ ଦେଇଥିଲେ। ଫ୍ରାନ୍ସର ଇଗାଉ ଆଣ୍ଟୋନିନ୍ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ବିଜୟୀ ଦଳ ପକ୍ଷରୁ ଅଧିନାୟକ କ୍ଲିମେଣ୍ଟ ଟିମୋଥି ୬, ୩୪ ଓ ୫୮ତମ ମିନିଟରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିବାବେଳେ ୧୧ ଓ ୨୮ତମ ମିନିଟରେ ଇଗାଉ ଆଣ୍ଟୋନିନ୍ ଏବଂ ୪୦ ଓ ୪୬ତମ ମିନିଟରେ ନୋଏ ଜୋଇନ ୨ଟି ଲେଖାଏ ଗୋଲ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୨୦ତମ ମିନିଟରେ ରାଇଫେ ଗୋନେସା, ୨୬ତମ ମିନିଟରେ କେରେଣ୍ଟିନ ସେଲର, ୩୩ତମ ମିନିଟରେ ଜୁଲେସ ବୌର୍ନାକ, ୪୩ତମ ମିନିଟରେ ଜୁଲେସ ଭେରେର ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। କାନାଡ଼ାର ସିଅନ ଡେଭିସ ୪୮ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ।




ଅନ୍ତର୍ଜାତୀୟ ରୋଇଂ ତାରକା ପ୍ରମିଳା ପ୍ରଭା ମିଞ୍ଜ୍‌ଙ୍କଠାରୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି ମାଲେସିଆର କମରୁଲଜମନ କମରୁଦ୍ଦିନ।



ଶନିବାର ଭାରତ-ପୋଲାଣ୍ଡ ମ୍ୟାଚ ପୂର୍ବରୁ ଖେଳାଳିମାନଙ୍କ ସହ ପରିଚୟ ହେଉଛନ୍ତି ରାଜ୍ୟ ମୁଖ୍ୟ ସୂଚନା କମିଶନର ଜଳଦ କୁମାର ତ୍ରିପାଠୀ ଏବଂ ଭାରତୀୟ ବ୍ୟାଡ୍‌ମିଣ୍ଟନ ଦଳର ମୁଖ୍ୟ କୋଚ୍ ପଦ୍ମଭୂଷଣ ପୁଲେଲା ଗୋପୀଚାନ୍ଦ।

## ଇଣ୍ଡିଆ...ଇଣ୍ଡିଆ

ଭୁବନେଶ୍ୱର,୨୭।୧୧(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ଓଡ଼ିଶା ହକି ପୁରୁଷ ଜୁନିୟର ବିଶ୍ୱକପ ପାଇଁ ଦର୍ଶକଙ୍କୁ ଅନୁମତି ନାହିଁ। କୋଭିଡ-୧୯ ଜନିତ କଟକଣା ଯୋଗୁ ଏପରି ନିଷ୍ପତ୍ତି ନିଆ ଯାଇଛି। ମାତ୍ର ଶନିବାର ଅନୁଷ୍ଠିତ ଭାରତ-ପୋଲାଣ୍ଡ ମ୍ୟାଚ ସମୟରେ ଇଷ୍ଟ ଷ୍ଟାଣ୍ଡରେ ଷ୍ଟାଡିୟମସ୍ଥିତ ଶାରୀରିକ ଶିକ୍ଷା ମହାବିଦ୍ୟାଳୟର ଛାତ୍ରୀଛାତ୍ର, ହାଇପରଫରମାନ୍ସ ସେଣ୍ଟର ଏବଂ କ୍ରୀଡ଼ା ଛାତ୍ରାବାସର ଅନ୍ତେବାସୀ, ୱେଷ୍ଟଷ୍ଟାଣ୍ଡରେ ଖେଳାଳିଙ୍କ ପରିବାରବର୍ଗ ଏବଂ ସ୍ୱେଚ୍ଛାସେବୀଙ୍କ ଉପସ୍ଥିତି ନିଆରା ପରିବେଶ ସୃଷ୍ଟି କରିଥିଲା। ଭାରତୀୟ ଦଳର ପ୍ରତିଟି ମୁଭ୍‌ରେ ଇଣ୍ଡିଆ...ଇଣ୍ଡିଆ ଧ୍ୱନିରେ ପ୍ରକମ୍ପିତ ହେଉଥିଲା କଳିଙ୍ଗ। ଏହା ଘରୋଇ ଦଳର ଖେଳାଳିଙ୍କୁ ବେଶ୍ ଉତ୍ସାହିତ କରିଥିଲା। ଭାରତ ଏହି ମ୍ୟାଚରେ ୮-୨ ଗୋଲରେ ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର ସୁଦୀପ ଚିରମାକୋ ଦୁଇଟି ଗୋଲ୍ ସ୍କୋର କରିଥିଲେ। ଫଳରେ ତାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।

# ପାକିସ୍ତାନର ପ୍ରଥମ ବିଜୟ

ଭୁବନେଶ୍ୱର,୨୭।୧୧(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜୁନିୟର ହକି ବିଶ୍ୱକପ୍‌ର ଶନିବାର ଅନୁଷ୍ଠିତ ଏକ ପୁଲ୍ 'ଡି' ମ୍ୟାଚରେ ପାକିସ୍ତାନ ୩-୧ ଗୋଲରେ ଇଜିପ୍ଟକୁ ହରାଇ ଦେଇଛି। ଏଥିସହ ପାକିସ୍ତାନ କ୍ୱାର୍ଟର ଫାଇନାଲ ପ୍ରବେଶ ଆଶା ଉଜ୍ଜୀବିତ ରଖିଛି। ପ୍ରଥମ ମ୍ୟାଚରେ ଜର୍ମାନୀଠାରୁ ୨-୫ ଗୋଲରେ ହାରିଥିବା ପାକିସ୍ତାନ ରବିବାର ଏହାର ଅନ୍ତିମ ପୁଲ୍ ମ୍ୟାଚରେ ଆର୍ଜେଣ୍ଟିନାକୁ ଭେଟିବ। ଉଭୟ ପାକିସ୍ତାନ ଓ ଆର୍ଜେଣ୍ଟିନା ୨ ମ୍ୟାଚରୁ ଗୋଟିଏ ଲେଖାଏ ମ୍ୟାଚ ଜିତି ୩ ପଏଣ୍ଟ ଲେଖାଏ ପାଇଛନ୍ତି। ତେଣୁ ଏହି ମ୍ୟାଚର ବିଜେତା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବ। ଏହି ଗ୍ରୁପ୍‌ରୁ ଜର୍ମାନୀ ଡବଲ ବିଜୟ ସହ କ୍ୱାର୍ଟର ଫାଇନାଲରେ ପହଞ୍ଚିସାରିଛି। ମ୍ୟାଚ ଆରମ୍ଭରେ ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡର ସିଇଓ ଶେନ୍‌ବାଗମ୍ ମଣ୍ଟିରମ ଏବଂ ଶେଷରେ ଅନ୍ତର୍ଜାତୀୟ ରୋଇଂ ତାରକା ପ୍ରତିମା ପୁହାଣ ଅତିଥିଭାବେ ଯୋଗ ଦେଇଥିଲେ। ପାକିସ୍ତାନର ମୋଇନ ଶକିଲ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ମ୍ୟାଚରେ ପାକିସ୍ତାନ ପକ୍ଷରୁ ୧୯, ୩୨ ଓ ୫୩ତମ ମିନିଟରେ ଅଲି ରିଜୱାନ ୩ଟି ଗୋଲ ସ୍କୋର କରି ହ୍ୟାଟ୍ରିକ ଅର୍ଜନ କରିଥିଲେ। ଶକିଲ ୩ଟି ଯାକ ଗୋଲ ପେନାଲ୍ଟି କର୍ନରରୁ ସ୍କୋର କରିଥିଲେ। ଇଜିପ୍ଟ ପକ୍ଷରୁ ୨୨ତମ ମିନିଟରେ ଆୱାଦ ହୁସେନ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଏହା ଏକ ଫିଲ୍ଡ ଗୋଲ ଥିଲା। ଚଳିତ ଟୁର୍ନାମେଣ୍ଟରେ ଇଜିପ୍ଟର ଏହା ପ୍ରଥମ ଗୋଲ ଥିଲା। କ୍ୱାର୍ଟର ଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଥିବା ଇଜିପ୍ଟ ଗ୍ରୁପ୍ ପର୍ଯ୍ୟାୟ ଶେଷ ହେବା ପରେ ବିଭିନ୍ନ ସ୍ଥାନ ପାଇଁ ପ୍ଲେସିଂ ମ୍ୟାଚ ଖେଳିବ।



ଜୁନିୟର ହକି ବିଶ୍ୱକପ୍‌ରେ ପ୍ରଥମ ଗୋଲ ସ୍କୋର କରିବା ପରେ ଟର୍ଫକୁ ଚୁମ୍ବନ ଦେଉଛନ୍ତି ଇଜିପ୍ଟର ଖେଳାଳିମାନେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



**ପାର୍ଲାମେଣ୍ଟକୁ ଟ୍ରାକ୍ଟର ରାଲି ସ୍ଥଗିତ**

ସୋମବାର ପାର୍ଲାମେଣ୍ଟ ଅଭିମୁଖେ ହେବାକୁ ଥିବା ଚାଷୀଙ୍କ ଟ୍ରାକ୍ଟର ରାଲିକୁ ସ୍ଥଗିତ ରଖାଯାଇଛି। ସଂଯୁକ୍ତ କିଷାନ ମୋର୍ଚ୍ଚା ନେତା ଦର୍ଶନ ପାଲ୍ ସିଂ ଏହି ସୂଚନା ଦେଇଛନ୍ତି।

୦୩

୦୮

**ଅକ୍ଷର ପଟେଲଙ୍କୁ ୫ ଉଇକେଟ ସଫଳତା**

ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଭାରତୀୟ ବୋଲର ଅକ୍ଷର ପଟେଲଙ୍କୁ ୫ ଉଇକେଟ ସଫଳତା ମିଳିଛି।



# ଏମ୍ଏସ୍ପି କମିଟି ଗଢ଼ିବୁ, ଘରକୁ ଯାଅ

**ନୂଆଦିଲ୍ଲୀ, ୨୭।୧୧**

କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି) ଉପରେ ଆଇନଗତ ଗ୍ୟାରେଣ୍ଟି ପ୍ରଦାନ ଲାଗି କୃଷକ ସଂଗଠନଗୁଡ଼ିକ ଦାବି କରିଆସୁଥିବାବେଳେ ଏ ସମ୍ପର୍କରେ ନିଷ୍ପତ୍ତି ନେବା ଲାଗି ଏକ କମିଟି ଗଠନ କରିବାକୁ କେନ୍ଦ୍ର ସରକାର ଶନିବାର ନିଷ୍ପତ୍ତି ନେଇଛନ୍ତି। ଏମ୍ଏସ୍ପି ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ ଓ ପ୍ରଭାବୀ କରିବା ଲାଗି କମିଟି ଗଠନ ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଥିବା କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ସୂଚନା ଦେଇଛନ୍ତି। ଉକ୍ତ କମିଟିରେ କୃଷକ ନେତାଙ୍କ ସମେତ କୃଷି ବୈଜ୍ଞାନିକ ଓ ଅନ୍ୟମାନେ ସଦସ୍ୟ ରହିବେ। ଏବେ ଚାଷୀଙ୍କ ଏମ୍ଏସ୍ପି ଦାବି ପୂରଣ ହେବାକୁ ଯାଉଥିବାରୁ ସେମାନେ ଆନ୍ଦୋଳନ ପ୍ରତ୍ୟାହାର କରିନେବା ସହ ଘରକୁ ଫେରିଯିବା ଲାଗି ତୋମାର ଅନୁରୋଧ କରିଛନ୍ତି।

କେବଳ ଏମ୍ଏସ୍ପି ଦାବି ନୁହେଁ ନଡ଼ା ପୋଡ଼ି ଘଟଣାକୁ ଅପରାଧମୁକ୍ତ କରିବା ଲାଗି ମଧ୍ୟ କେନ୍ଦ୍ର ସରକାର ରାଜି ହୋଇଥିବା ତୋମାର ସୂଚନା ଦେଇଛନ୍ତି। ଫସଲ ଅମଳ ପରେ ଜମିରେ ନଡ଼ା ପୋଡ଼ାଯିବା ଘଟଣାକୁ ଅପରାଧ ଭାବେ ବିବେଚନା ନ କରିବାକୁ କୃଷକ ସଂଗଠନଗୁଡ଼ିକ ଦାବି କରିଆସୁଥିଲେ। ଚାଷୀମାନଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲା ପ୍ରତ୍ୟାହାର କରାଯିବ କି ବୋଲି ପ୍ରଶ୍ନ ହେବାରୁ ତୋମାର କହିଥିଲେ, ଏହା ରାଜ୍ୟ ସରକାରଙ୍କ ବିଚାର ପରିସରଭୁକ୍ତ। ମାମଲାର ଗୁରୁତ୍ୱକୁ ଉପଲବ୍ଧି କରି ସରକାର ଏହା ଉପରେ ନିଷ୍ପତ୍ତି ନେବେ। କ୍ଷତିପୂରଣ ସମ୍ପର୍କରେ ରାଜ୍ୟଗୁଡ଼ିକ ସେମାନଙ୍କ ଆଇନ ଅନୁଯାୟୀ ପଦକ୍ଷେପ ନେଇପାରିବେ ବୋଲି ତୋମାର କହିଛନ୍ତି। ସରକାର ୩ କୃଷି ଆଇନ ପ୍ରତ୍ୟାହାର କରିନେବା ଲାଗି ଘୋଷଣା କରିସାରିଥିବାରୁ ଆଉ ଆନ୍ଦୋଳନ ଜାରି ରଖିବାର କୌଣସି ଯଥାର୍ଥତା ନାହିଁ। ଆନ୍ଦୋଳନ ବନ୍ଦ କରି କୃଷକମାନେ ସେମାନଙ୍କ ଘରକୁ ଫେରିଯିବା ଲାଗି କୃଷିମନ୍ତ୍ରୀ ତୋମାର ଅନୁରୋଧ କରିଛନ୍ତି। ଚାଷୀମାନଙ୍କର ମୁଖ୍ୟ ଦାବି ଥିଲା ୩ କୃଷି ଆଇନ ପ୍ରତ୍ୟାହାର। ସେମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ଆଇନ ରଦ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି ଓ ଶୀତ ଅଧିବେଶନ ଆରମ୍ଭ ଦିନ ବିଲ୍ ଲୋକ ସଭାରେ ଆଗତ କରାଯିବ। ଆନ୍ଦୋଳନକାରୀ କୃଷକ ସଂଗଠନଗୁଡ଼ିକୁ କୃଷି ଆଇନର ଲାଭ ସମ୍ପର୍କରେ ବୁଝାଇବାରେ ବିଫଳ ହୋଇଥିବାରୁ ସରକାର ଖୁସି ନାହାନ୍ତି ବୋଲି ତୋମାର କହିଛନ୍ତି।

**ଚାଷୀଙ୍କୁ କହିଲେ ତୋମାର**



କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର

# ଶିକ୍ଷାନୁଷ୍ଠାନ ଉପରେ ନଜର



**ଭୁବନେଶ୍ୱର,୨୭।୧୧(ବ୍ୟୁରୋ)**

କରୋନାର ନୂଆ ଭାରିଆଣ୍ଟ 'ଓମିକ୍ରନ୍' ଚିନ୍ତା ବଢ଼ାଇଲାଣି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହି ଭାରିଆଣ୍ଟକୁ ପୂର୍ବ ଭାରିଆଣ୍ଟଠାରୁ ଅତ୍ୟଧିକ ମାରାତ୍ମକ ବୋଲି ସତର୍କ କରାଇଛି। ଏହାକୁ ନେଇ ଭୟ ଓ ଶଙ୍କା ସୃଷ୍ଟି ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ବିଦେଶାଗତଙ୍କ ପ୍ରତି ସତର୍କ ରହିବାକୁ ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ସ୍କୁଲଗୁଡ଼ିକରେ ପିଲାମାନେ କୋଭିଡ୍ ଆକ୍ରାନ୍ତ ହେଉଥିବାରୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢ଼ିଯାଇଛି। କୋଭିଡ୍ର ନୂଆ ଭାରିଆଣ୍ଟ ଚିହ୍ନଟ ପରେ ରାଜ୍ୟ ସରକାର ତତ୍ପର ହୋଇଉଠିଛନ୍ତି। ବିଦେଶରୁ ଆସୁଥିବା ଲୋକଙ୍କ ପ୍ରତି କଡ଼ା ନଜର ରଖିବାକୁ ସମସ୍ତ ଜିଲାପାଳଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ (ଏସିଏସ୍) ☞ପୃଷ୍ଠା-୬

## ଚିନ୍ତା ବଢ଼ାଇଲା ଓମିକ୍ରନ

## 'ଟିକାକରଣର ଭୁଲ୍ ତଥ୍ୟ ଲୁଚିପାରିବନି'

**ନୂଆଦିଲ୍ଲୀ, ୨୭।୧୧**

ଦକ୍ଷିଣ ଆଫ୍ରିକାର ବୋତ୍ସ୍ୱାନାରେ ଦେଖାଦେଇଥିବା କୋଭିଡ୍-୧୯ର ନୂଆ ଭାରିଆଣ୍ଟ ଓମିକ୍ରନ୍କୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ଭାରିଆଣ୍ଟ ଏକ ସାଂଘାତିକ ବିପଦ। ଟିକାକରଣକୁ ନେଇ କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାର ଦେଶବାସୀଙ୍କୁ ଭୁଲ୍ ସଂଖ୍ୟା ଦର୍ଶାଉଛନ୍ତି। ଜଣେ ଲୋକର ଫଟୋ ପଛରେ ଏହି ଭୁଲ୍ ତଥ୍ୟ ବେଶିଦିନ ଲୁଚି ରହିପାରିବ ନାହିଁ ବୋଲି ରାହୁଲ କହିଛନ୍ତି। ନୂଆ ଭାରିଆଣ୍ଟକୁ ନେଇ ସରକାର ଗମ୍ଭୀର ହେବା ସହ ସମସ୍ତଙ୍କୁ ଟିକା ସୁରକ୍ଷା ଯୋଗାଇଦେବାର ବ୍ୟବସ୍ଥା କରିବା ଲାଗି ସେ ଆହ୍ୱାନ ଦେଇଛନ୍ତି। ଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରୁ ମାତ୍ର ୩୧.୧୯ ପ୍ରତିଶତ କୋଭିଡ୍ ଟିକାର ଡବଲ ଡୋଜ୍ ନେଇଛନ୍ତି। ଗତ ସପ୍ତାହରେ ଦୈନିକ ଟିକାକରଣ ହାର ୬.୮ ନିୟୁତ ରହିଥିବା ବିଭିନ୍ନ ଗଣମାଧ୍ୟମ ଓ କୋୱିନ ପୋର୍ଟାଲ ସୂତ୍ରରୁ ଜଣାପଡ଼ିଛି। ଅବଶିଷ୍ଟ ୬୦ ପ୍ରତିଶତଙ୍କୁ ସମ୍ପୂର୍ଣ୍ଣ ଟିକାକରଣ କରାଇବାକୁ ହେଲେ ଦିନକୁ ୨.୩୩ କୋଟି ଟିକାଦାନ କରାଯିବା ଆବଶ୍ୟକ ବୋଲି ରାହୁଲ ଟୁଇଟ୍ କରିଛନ୍ତି।



ରାହୁଲ ଗାନ୍ଧୀ

## ଚମକପୁର ଆବାସିକ ବିଦ୍ୟାଳୟ କଣ୍ଟେନମେଣ୍ଟ

**ଠାକୁରମୁଣ୍ଡା, ୨୭।୧୧ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଚମକପୁର ଆବାସିକ ଆଦିବାସୀ ବାଳିକା ବିଦ୍ୟାଳୟରେ ୨୬ଛାତ୍ରୀ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ଶନିବାର ଏହିବିଦ୍ୟାଳୟକୁଜିଲାପ୍ରଶାସନପକ୍ଷରୁକଣ୍ଟେନମେଣ୍ଟଅଞ୍ଚଳଭାବେଘୋଷଣା କରାଯାଇଛି। ବିଦ୍ୟାଳୟ ପରିସରରେ ମୋଟ ୨୫୯ ଛାତ୍ରୀ ରହୁଥିବା ବେଳେ ୨୦ ଜଣ ଶିକ୍ଷକ ଓ କର୍ମଚାରୀ ରହିଛନ୍ତି। ଆକ୍ରାନ୍ତ ଛାତ୍ରୀଙ୍କୁ ସ୍କୁଲ ପରିସର ସଙ୍ଗରୋଧରେ ରଖାଯାଇ ଚିକିତ୍ସା କରାଯାଉଛି। କୌଣସି ଛାତ୍ରୀ ଗୁରୁତର ନାହାନ୍ତି। କରଞ୍ଜିଆ ଉପଜିଲାପାଳ ରଜନୀକାନ୍ତ ବିଶ୍ୱାଳ କହିଛନ୍ତି, ଜଣେ ଡାକ୍ତରଙ୍କ ତତ୍ତ୍ୱାବଧାନରେ ଚିକିତ୍ସା କରାଯିବା ସହ ୨୪ଘଣ୍ଟିଆ ଆମ୍ବୁଲାନ୍ସ ସେବା ଜାରି ରହିବ। ଆବଶ୍ୟକ ପଡ଼ିଲେ ସେମାନଙ୍କୁ ବାରିପଦା ପଠାଯିବ।

## ସତର୍କ ରହିବାକୁ ମୋଦିଙ୍କ ପରାମର୍ଶ

ଓମିକ୍ରନ୍କୁ ନେଇ ଭୟର ବାତାବରଣ ସୃଷ୍ଟି ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଏକ ଉଚ୍ଚସ୍ତରୀୟ ବୈଠକରେ ସ୍ଥିତି ସମୀକ୍ଷା କରିଛନ୍ତି। ଏଥିପ୍ରତି ଅଧିକ ସତର୍କ ରହିବାକୁ ସେ ପ୍ରଶାସନିକ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଜନସାଧାରଣ ଅଧିକ ସାବଧାନତା ଅବଲମ୍ବନ କରିବା ସହ ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ବଜାୟ ରଖିବା ଆଦି ଉପଯୁକ୍ତ ପ୍ରତିକାର ବ୍ୟବସ୍ଥାକୁ ପାଳନ କରିବା ଲାଗି ପ୍ରଧାନମନ୍ତ୍ରୀ କହିଛନ୍ତି। ସେହିପରି ବିଦେଶରୁ ଆସୁଥିବା ଯାତ୍ରୀମାନଙ୍କ ଉପରେ କଡ଼ା ନଜର ରଖିବାକୁ କୁହାଯାଇଛି। ବିଶେଷକରି ନୂଆ ଭାରିଆଣ୍ଟ ଦେଖାଦେଇଥିବା ଦେଶଗୁଡ଼ିକରୁ ଆସୁଥିବା ଯାତ୍ରୀଙ୍କ କୋଭିଡ୍ ପରୀକ୍ଷା ଏବଂ ଅନ୍ତର୍ଜାତୀୟ ପରିବହନ କଟକଣାକୁ କୋହଳ କରିବା ଯୋଜନାର ସମୀକ୍ଷା କରିବାକୁ ମୋଦି ଅଫିସରମାନଙ୍କୁ ପରାମର୍ଶ ଦେଇଛନ୍ତି।

# ଆମ୍ବୁଲାନ୍ସକୁ ଧକ୍କାଦେଲା ଇଣ୍ଟରସିଟି



**ବ୍ରହ୍ମପୁର ଅଫିସ, ୨୭।୧୧**

ଆନ୍ଧ୍ରପ୍ରଦେଶର ବିଶାଖାପଟନମ୍ରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଇଣ୍ଟରସିଟି ଏକ୍ସପ୍ରେସ(୨୨୮୨୦) ପଲାସା ଷ୍ଟେଶନ ନିକଟରେ ଏକ ୧୦୮ ଆମ୍ବୁଲାନ୍ସକୁ ଧକ୍କା ଦେଇଛି। ଏଥିରେ ଆମ୍ବୁଲାନ୍ସ ଡ୍ରାଇଭର୍ ସମେତ ଦୁଇଜଣ ଆହତ ହୋଇଥିବା ସୂଚନା ମିଳିଛି। ରେଳ ବିଭାଗର ବରିଷ୍ଠ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଟ୍ରାକ୍ରେ ଫସିରହିଥିବା ଆମ୍ବୁଲାନ୍ସକୁ ବାହାର କରିବା ପରେ ଟ୍ରେନ୍ ପ୍ଲାଟଫର୍ମରେ ପ୍ରବେଶ କରିଥିଲା। ସୂଚନା ଅନୁସାରେ, ଶନିବାର ରାତି ପ୍ରାୟ ସାଢ଼େ ୭ଟାରେ ପଲାସା ଷ୍ଟେଶନରୁ ବିଶାଖାପାଟଣା-ଭୁବନେଶ୍ୱର ଇଣ୍ଟରସିଟି ପ୍ରବେଶ କରୁଥିଲା। ଏହି ସମୟରେ ପ୍ଲାଟଫର୍ମ ପୂର୍ବରୁ ଥିବା ଏକ ଖୋଲା ଫାଟକ ଦେଇ ଆମ୍ବୁଲାନ୍ସ ଯାଉଥିବା ବେଳେ ତାକୁ ଟ୍ରେନ୍ ଧକ୍କା ଦେଇଥିଲା। ଟ୍ରେନ ଚାଳକ ଜରୁରିକାଳୀନ ବ୍ରେକ୍ ଦେଇଥିଲେ। ତଥାପି ପ୍ରାୟ ୨ଶହ ମିଟର୍ ପର୍ଯ୍ୟନ୍ତ ଟ୍ରେନ୍ଟି ଆମ୍ବୁଲାନ୍ସକୁ ଘୋଷାଡ଼ି ନେଇଥିଲା। ଫଲକ୍ନାମା ଏକ୍ସପ୍ରେସ୍ରୁ ଓହ୍ଲାଉଥିବା ଜଣେ ଯାତ୍ରୀ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ପଲାସା ଷ୍ଟେଶନ କର୍ମଚାରୀମାନେ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ସମ୍ପୃକ୍ତ ଯାତ୍ରୀଙ୍କୁ ମେଡିକାଲ ନେବାକୁ ଆମ୍ବୁଲାନ୍ସ ଆସୁଥିବାବେଳେ ଦୁର୍ଘଟଣା ଘଟିଥିଲା।

## ତୀର୍ଥଯାତ୍ରୀ ବସ୍କୁ ପିଟିଲା ଟ୍ରକ୍: ୩ ମୃତ

**ଖୋର୍ଦ୍ଧା ଅଫିସ/ବାଲୁଗାଁ/ଗୋପାଳପୁର, ୨୭।୧୧(ଡି.ଏନ୍.ଏ.)**

୧୬ନମ୍ବର ଜାତୀୟ ରାଜପଥ ଖୋର୍ଦ୍ଧା ଜିଲା ବାଲୁଗାଁ ବାଇପାସ୍ ରାସ୍ତା ବେଲପଡ଼ା ଛକ ନିକଟରେ ଶନିବାର ଭୋର ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ତୀର୍ଥଯାତ୍ରୀ ବସ୍ ପଛକୁ ଟ୍ରକ୍ ଧକ୍କାଦେବାରୁ ୩ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୭ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଗଞ୍ଜାମ ଜିଲା ବ୍ରହ୍ମପୁର ଗୋପାଳପୁର ଥାନା ଅଧୀନ ଆଲିପୁର ଗ୍ରାମର ଅସିତ୍ ବେହେରା(୨୮), ଭେଙ୍କଟରାୟପୁର ଗ୍ରାମର ଗଙ୍ଗାଧର ମହାରଣା(୪୫) ଏବଂ ଇ.ଲୋୟି ଦାସ(୫୫)। ସମସ୍ତ ଆହତଙ୍କୁ ବାଲୁଗାଁ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ୫ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବ୍ରହ୍ମପୁର ଏମ୍କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୨ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ଘୋଷଣା କରିଛନ୍ତି। ଏଥିସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରି ଉତ୍ତମ ଚିକିତ୍ସା ସେବା ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ☞ପୃଷ୍ଠା-୬






# ବିଶ୍ୱ ଦରବାରରେ ପହଞ୍ଚିବ କୋରାପୁଟ କଫି



ଡାବୁଗୁଡ଼ା ଗ୍ରାମର ସନ୍ମତି ଜାନିଙ୍କୁ ଅତିଥିମାନେ ପ୍ରଥମ ସ୍ମାର୍ଟ କାର୍ଡ ପ୍ରଦାନ କରୁଛନ୍ତି।

- ୫ ବର୍ଷରେ ୫ ହଜାର ହେକ୍ଟର ଜମିରେ କଫି ଚାରାରୋପଣ ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ
- ସ୍ମାର୍ଟ ହେଲ୍‌ଥ କାର୍ଡ ଯୋଜନାରେ ସାମିଲ ହେଲା କୋରାପୁଟ, ନବରଙ୍ଗପୁର

**କୋରାପୁଟ/ନବରଙ୍ଗପୁର, ୨୭।୧୧(ସ୍ୱ.ପ୍ର./ବି.ପ୍ର.)**

କୋରାପୁଟ ଓ ନବରଙ୍ଗପୁର ଜିଲାରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ ଶନିବାରଠାରୁ ଆରମ୍ଭ ହୋଇଛି। ଭର୍ଚୁଆଲରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଉଦ୍‌ଘାଟନ କରିଛନ୍ତି। ଏଥିସହ କୋରାପୁଟରେ ପ୍ରାୟ ୧ ହଜାର କୋଟି ଟଙ୍କାରେ ୧୧୨ଟି ପ୍ରକଳ୍ପ ଓ ନବରଙ୍ଗପୁରରେ ୧୨୯ କୋଟି ଟଙ୍କା ବ୍ୟୟରେ ୬୯ ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭାରମ୍ଭ କରିଛନ୍ତି। କୋରାପୁଟ ଜିଲାର ସାମଗ୍ରିକ ବିକାଶ ନେଇ ରାଜ୍ୟ ସରକାର ଚେଷ୍ଟା ଜାରି ରଖିଥିବା ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। କୋରାପୁଟର କଫି ଏକ ନୂଆ ବ୍ରାଣ୍ଡ ମାର୍କେଟରେ ପହଞ୍ଚିଛି। କୋରାପୁଟ କଫିକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଆସନ୍ତା ୫ ବର୍ଷ ମଧ୍ୟରେ ଜିଲାରେ ୫ହଜାର ହେକ୍ଟର ଜମିରେ କଫି ଚାରାରୋପଣ ଲକ୍ଷ୍ୟ ରଖାଯାଇଥିବା ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। କୋରାପୁଟ ଅଞ୍ଚଳର ସାମଗ୍ରିକ ବିକାଶ ସହ ☞ପୃଷ୍ଠା-୬

# ବଜ୍ରକାପ୍ତା ଉଦ୍ଧାର, ଦାଦା-ପୁତୁରା ଅଟକ

**ପାରଳାଖେମୁଣ୍ଡି,୨୭।୧୧(ଡି.ଏନ୍.ଏ.)**

ଗଜପତି ଜିଲା ଆଡ଼ବା ଥାନା ଗୁରୁଣ୍ଡୁଲି ପଞ୍ଚାୟତର ଚିଡାଙ୍ଗପଙ୍ଗା ଗ୍ରାମରୁ ଶୁକ୍ରବାର ରାତିରେ ଏକ ବଜ୍ରକାପ୍ତା ଉଦ୍ଧାର କରାଯାଇଛି। ଉକ୍ତ ଗ୍ରାମର ଏକ କାଠ କୋରଡ଼ ଭିତରେ ବଜ୍ରକାପ୍ତାକୁ ରଖାଯାଇଥିଲା। ଖବର ପାଇ ମୋହନା ବନ ବିଭାଗ ଏବଂ ଅଡ଼ବା ପୋଲିସର



ମିଳିତ ଚଢ଼ାଉରେ ବଜ୍ରକାପ୍ତାକୁ ଉଦ୍ଧାର କରି ବଜ୍ରକାପ୍ତା ରଖିଥିବା ଅଭିଯୋଗରେ ଚିଡାଙ୍ଗପଙ୍ଗାର ଦାଦା-ପୁତୁରା ଜଗା ମାଝୀ ଏବଂ ଏସବ ମାଝୀଙ୍କୁ ପୋଲିସ ଅଟକ ରଖିଛି। ଉଦ୍ଧାର ବଜ୍ରକାପ୍ତାର ଓଜନ ପ୍ରାୟ ୧୫ କିଲୋ, ଲମ୍ବ ୪ ଫୁଟ ୨ଇଞ୍ଚ ହୋଇଥିବା ବେଳେ ବୟସ ପ୍ରାୟ ଚାରି ବର୍ଷ ହେବ ବୋଲି ବନ ବିଭାଗ ତରଫରୁ ସୂଚନା ଦିଆଯାଇଛି। ଏ ନେଇ ମୋହନା ରେଞ୍ଜରେ ନଂ. ୨/୨୧ରେ ଏକ ମାମଲା ରୁଜୁ ହୋଇଛି। ପାରଳାଖେମୁଣ୍ଡି ଏସିଏଫ୍‌କେ ଭାସ୍କର ରାଓ ଘଟଣାର ତଦନ୍ତ ଚଳାଇଛନ୍ତି।

# ଦମ୍ପତିଙ୍କୁ ହାଣିଲେ ଦୁର୍ବୃତ୍ତ, ସ୍ୱାମୀ ମୃତ

**ବାରିପଦା ଅଫିସ/ରାଇରଙ୍ଗପୁର, ୨୭।୧୧(ଡି.ଏନ.ଏ.)**

ପୂର୍ବଶତ୍ରୁତାକୁ କେନ୍ଦ୍ର କରି ମୟୂରଭଞ୍ଜ ଜିଲା ବହଳଦା ଥାନା ଜଗନ୍ନାଥପୁର ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଛି । ଦୁର୍ବୃତ୍ତମାନେ ଏକ ଦମ୍ପତିଙ୍କୁ କୁରାଢିରେ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ସ୍ୱାମୀଙ୍କ ମୃତ୍ୟୁ ହୋଇଛି। ସ୍ତ୍ରୀଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଚିକିତ୍ସା ଲାଗି ବାରିପଦା ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ମୃତକ ହେଲେ ମାନସିଂ ସୋରେନ(୫୨)। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏ ସଂକ୍ରାନ୍ତରେ ମାନସିଂଙ୍କ ପୁଅ ମାଝି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା (ନଂ.୧୧୪/୨୧)ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଘର ଭିତରେ ମାନସିଂ ଓ ସ୍ତ୍ରୀ ସାଲହୋମଣି ଶୋଇଥିବା ବେଳେ ଦୁର୍ବୃତ୍ତମାନେ ହଠାତ୍ ପଶିଯାଇ ଏକ କୁରାଢିରେ ପ୍ରଥମେ ମାନସିଂଙ୍କ ମୁଣ୍ଡକୁ ହାଣି ପକାଇଥିଲେ। ପରେ ସ୍ତ୍ରୀ ସାଲହୋମଣିଙ୍କୁ ହାଣିଥିଲେ। ଉଭୟଙ୍କ ଚିତ୍କାର ଶୁଣି ପଡୋଶୀ ଘରେ ଶୋଇଥିବା ପୁଅ ମାଝି ଘରକୁ ଆସିଥିଲେ। ୩ଜଣ ଦୁର୍ବୃତ୍ତ ସେଠାରୁ ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରେ ମାନସିଂଙ୍କ ମୃତ୍ୟୁ ହୋଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସାଲହୋମଣିଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ରାଇରଙ୍ଗପୁର ଓ ପରେ ବାରିପଦା ପିଆରଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଥାନାଧିକାରୀ ପଞ୍ଚାନନ ମହାନ୍ତି, ଏସ୍‌ଡିପିଓ ରତିକାନ୍ତ ଗିରି, ଅତିରିକ୍ତ ଏସ୍‌ପି ମନୋରଞ୍ଜନ ବିଶ୍ୱାଳ ଓ ସାଇଣ୍ଟିଫିକ ଟିମ ପହଞ୍ଚି ନମୁନା ସଂଗ୍ରହ କରିଛନ୍ତି।


































ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୮ ନଭେମ୍ବର, ୨୦୨୧



**ପରଲୋକରେ ଷ୍ଟିଫେନ୍ ସୋଣ୍ଡହେଇମ୍**



ବିଂଶଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଆମେରିକା ମ୍ୟୁଜିକାଲ ଥିଏଟରର ରୂପ ବଦଳାଇଦେଇଥିବା ଉତ୍ତୁଙ୍ଗ ଗୀତିକାର ଷ୍ଟିଫେନ୍ ସୋଣ୍ଡହେଇମ୍‌ଙ୍କର ଶୁକ୍ରବାର ପରଲୋକ ହୋଇଯାଇଛି। ତାଙ୍କୁ ୯୧ ବର୍ଷ ହୋଇଥିଲା। ମ୍ୟୁଜିକାଲ ଥିଏଟରର ମାଷ୍ଟର ଭାବେ ପରିଚିତ ଷ୍ଟିଫେନ୍‌ଙ୍କର ବାଲାଡ୍, ସେଣ୍ଡ୍ ଇନ୍ ଦି କ୍ଲୋନ୍‌ସ ଗୀତ ଶତାଧିକ ଥର ରେକର୍ଡ ହୋଇଛି।

# ବିଶ୍ୱକୁ ଘାରିଛି ଓମିକ୍ରନ୍ ଭୟ

**ନୂଆଦିଲ୍ଲୀ, ୨୭।୧୧**



- ■ଦକ୍ଷିଣପୂର୍ବ ଏସୀୟ ଦେଶଙ୍କୁ ସତର୍କ କଲା ଡବ୍ଲ୍ୟୁଏଚ୍‌ଓ
- ■ବିମାନ ବନ୍ଦ ଯୋଗୁ ଦକ୍ଷିଣ ଆଫ୍ରିକାରେ ଅଟକିଛନ୍ତି ଅନେକ ପରିବାର

କୋଭିଡ୍-୧୯ର ନୂଆ ଭାରିଆଣ୍ଟ ଓମିକ୍ରନ୍‌କୁ ନେଇ ବିଶ୍ୱବ୍ୟାପୀ ଚିନ୍ତା ବଢ଼ିବାରେ ଲାଗିଛି। ନୂଆ ଭାରିଆଣ୍ଟ ଦ୍ରୁତ ସଂକ୍ରମିତ ହେଉଥିବା କୁହାଯାଉଛି। କୋଭିଡ୍ ଟିକା ମଧ୍ୟ ଏହି ସଂକ୍ରମଣରୁ ଯଥେଷ୍ଟ ସୁରକ୍ଷା ଦେଇପାରିବ ନାହିଁ ବୋଲି ଜଣାପଡ଼ିଛି। ଦକ୍ଷିଣପୂର୍ବ ଏସୀୟ ଦେଶଗୁଡ଼ିକ ଅଧିକ ସତର୍କ ହେବା ଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଶନିବାର ପରାମର୍ଶ ଦେଇଛି। ସର୍ଭିଲାନ୍ସ ବଢ଼ାଇବା ସହ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ଦୃଢ଼ୀକରଣ ସାମାଜିକ ପଦକ୍ଷେପ ନେବା ଓ ଅଧିକରୁ ଅଧିକ ଲୋକଙ୍କୁ ଟିକା ଦେବା ପାଇଁ ଡବ୍ଲ୍ୟୁଏଚ୍‌ଓ କହିଛି। ଉତ୍ସବ ଓ ସମାବେଶ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପରାମର୍ଶ ଦେଇଛି। କୌଣସି ପରିସ୍ଥିତିରେ ମଧ୍ୟ ଆମେ ସୁରକ୍ଷା ବ୍ୟବସ୍ଥାରୁ ଓହରିଯିବା ଉଚିତ ନୁହେଁ ବୋଲି ଡବ୍ଲ୍ୟୁଏଚ୍‌ଓର ଦକ୍ଷିଣପୂର୍ବ ଏସିଆ ଅଞ୍ଚଳର ଆଞ୍ଚଳିକ ନିର୍ଦ୍ଦେଶକ ଡ. ପୁନମ କ୍ଷେତ୍ରପାଳ ସିଂ କହିଛନ୍ତି। ଏହି ଅଞ୍ଚଳର ଅଧିକାଂଶ ଦେଶରେ କୋଭିଡ୍ ସଂକ୍ରମଣ ହ୍ରାସ ପାଇଥିଲେ ମଧ୍ୟ କେତେକ ଆଫ୍ରିକୀୟ ଦେଶରେ ଭୂତାଣୁର ନୂଆ ଭାରିଆଣ୍ଟ ଚିନ୍ତା ବଢ଼ାଇଛି। ଏହି ଭାରିଆଣ୍ଟରୁ ସୁରକ୍ଷା ପାଇବା ଲାଗି ଆମକୁ ଯଥାସମ୍ଭବ ଉଦ୍ୟମ କରିବାକୁ ହେବ ବୋଲି ଏକ ବିବୃତିରେ ଡ. ପୁନମ୍ କହିଛନ୍ତି।

ଦକ୍ଷିଣପୂର୍ବ ଏସୀୟ ଦେଶଗୁଡ଼ିକରେ ଜନସଂଖ୍ୟାର ମାତ୍ର ୩୧ ପ୍ରତିଶତ ସମ୍ପୂର୍ଣ୍ଣ କୋଭିଡ୍ ଟିକା ଡୋଜ୍ ନେଇଛନ୍ତି। ୨୧ ପ୍ରତିଶତ ମାତ୍ର ଗୋଟିଏ ଡୋଜ୍ ନେଇଥିବାବେଳେ କୋଟି କୋଟି ଲୋକ ଏବେ ବି ଟିକା ନେବାରୁ ବଞ୍ଚିତ ଅଛନ୍ତି। ଏମାନେ ସହଜରେ ସଂକ୍ରମିତ ହେବା ସହ ଅନ୍ୟମାନଙ୍କୁ ସଂକ୍ରମଣ କରାଇବାର ଅଧିକ ଆଶଙ୍କା ରହିଛି। ଟିକା ନେବା ପରେ ମଧ୍ୟ ସଂକ୍ରମଣରୁ ରକ୍ଷା ପାଇବା ଲାଗି ସତର୍କତା ଅବଲମ୍ବନ କରିବାକୁ ପଡ଼ିବ ବୋଲି ଡ. ପୁନମ୍ ପରାମର୍ଶ ଦେଇଛନ୍ତି। ଶୁକ୍ରବାର ଡବ୍ଲ୍ୟୁଏଚ୍‌ଓର ବୈଷୟିକ ପରାମର୍ଶଦାତା କମିଟି ବୈଠକ ବସି ନୂଆ କୋଭିଡ୍ ଭାରିଆଣ୍ଟ ବି.୧.୧.୫୨୯କୁ ଓମିକ୍ରନ୍ ଭାବେ ନାମିତ କରାଯାଇଥିଲା। ଏହି ଭାରିଆଣ୍ଟ ପ୍ରକୃତରେ କେତେ ଦ୍ରୁତ ବେଗରେ ସଂକ୍ରମଣ ହେଉଛି ଓ କେତେ ଭୟାବହ, ତାହା ଉପରେ ଗବେଷକମାନେ ପରୀକ୍ଷା ନିରୀକ୍ଷା ଚଳାଇଛନ୍ତି। ଏହା ଭୁଲିଯିବା ଉଚିତ ନୁହେଁ ଯେ, ଏବେ ବି ମହାମାରୀ ସମ୍ପୂର୍ଣ୍ଣ ଦୂର ହୋଇନାହିଁ। ସବୁକିଛି ଖୋଲିଯାଇଥିଲେ ମଧ୍ୟ ଆତ୍ମସନ୍ତୁଷ୍ଟ ହେବା ଉଚିତ ନୁହେଁ। ଉତ୍ସବ ଓ ସମାବେଶ ପ୍ରତି ସତର୍କ ରହିବାକୁ ପଡ଼ିବ ବୋଲି ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ କୁହାଯାଇଛି।

ନୂଆ ଓମିକ୍ରନ ଭାରିଆଣ୍ଟ ଦକ୍ଷିଣ ଆଫ୍ରିକାରେ ପ୍ରଥମେ ଚିହ୍ନଟ ହେବା ପରେ ସେଠାକୁ ବିଭିନ୍ନ ଦେଶ ହଠାତ୍ ବିମାନ ଚଳାଚଳ ବନ୍ଦ କରିଦେବାରୁ ବହୁ ସଂଖ୍ୟାରେ ବିଦେଶୀ ପରିବାର ଓ ବ୍ୟବସାୟିକ କାର୍ଯ୍ୟରେ ଯାଇଥିବା ଲୋକେ ସେଠାରେ ଫସିଯାଇଛନ୍ତି। ଶୁକ୍ରବାରଠାରୁ ବ୍ରିଟେନ୍ ସରକାର ଦକ୍ଷିଣ ଆଫ୍ରିକା ଓ ଏହାର ୫ ପଡୋଶୀ ଦେଶକୁ ବିମାନ ସେବା ବନ୍ଦ କରିଦେଇଛନ୍ତି। ୟୁରୋପୀୟ ସଂଘର ଅନେକ ଦେଶ ମଧ୍ୟ ଅନୁରୂପ ପଦକ୍ଷେପ ନେଇଛନ୍ତି। କେବଳ ନିଜ ଦେଶର ଯାତ୍ରୀଙ୍କୁ ଫେରିବା ପାଇଁ ଅନୁମତି ଦିଆଯାଇଥିବାବେଳେ ସେମାନଙ୍କୁ କଡ଼ା କ୍ୱାରାଣ୍ଟାଇନ କଟକଣା ମଧ୍ୟରେ ରହିବାକୁ ପଡ଼ିବ। ଦକ୍ଷିଣ ଆଫ୍ରିକା, ହଂକଂ, ବୋତ୍ସ୍ୱାନାରୁ ଫେରୁଥିବା ଯାତ୍ରୀଙ୍କୁ କୋଭିଡ୍ ପରୀକ୍ଷା କରାଇବାକୁ ଭାରତ ସରକାର ଶନିବାର ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।

ଓମିକ୍ରନ ଭାରିଆଣ୍ଟକୁ ନେଇ ବିଶ୍ୱବ୍ୟାପୀ ଉଦ୍‌ବେଗ ପ୍ରକାଶ ପାଇଥିବାବେଳେ ଆମେରିକାର ନ୍ୟୁୟର୍କରେ ଜରୁରୀ ପରିସ୍ଥିତି ଜାରି କରାଯାଇଛି। ଗଭର୍ନର କାଥି ହୋଚୁଲ୍ ନ୍ୟୁୟର୍କରେ ଜରୁରୀ ସ୍ଥିତି ଘୋଷଣା କରିଛନ୍ତି। କୋଭିଡ୍ ଚିକିତ୍ସାକୁ ଗୁରୁତ୍ୱ ଦେବାକୁ ହସ୍ପିଟାଲଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।

## ୬୧ ବିମାନଯାତ୍ରୀ କୋଭିଡ୍ ପଜିଟିଭ୍

**ଆମଷ୍ଟରଡାମ୍, ୨୭।୧୧**

ଦକ୍ଷିଣ ଆଫ୍ରିକାରୁ ଆସି ନେଦରଲାଣ୍ଡସର ରାଜଧାନୀ ଆମ୍‌ଷ୍ଟରଡାମ୍‌ରେ ଅବତରଣ କରିଥିବା ଦୁଇଟି ବିମାନରୁ ୬୧ ଜଣଙ୍କଠାରେ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛି। ସିଫୋଲ ବିମାନବନ୍ଦର ନିକଟବର୍ତ୍ତୀ ଏକ ହୋଟେଲରେ ସେମାନଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ମୋଟ ୬୦୦ ବିମାନଯାତ୍ରୀ ଆମଷ୍ଟରଡାମ୍‌ରେ ପହଞ୍ଚିବା ପରେ ସେମାନଙ୍କୁ ଦୀର୍ଘ ସମୟ ଅଟକ ରଖାଯାଇ କୋଭିଡ୍ ପରୀକ୍ଷା କରାଯାଇଥିଲା। ପଜିଟିଭ୍ ଚିହ୍ନଟ ହୋଇଥିବା ୬୧ ଜଣଙ୍କଠାରେ କୋଭିଡ୍‌ର ଓମିକ୍ରନ ଭାରିଆଣ୍ଟ ସଂକ୍ରମଣ ହୋଇଛି କି ନାହିଁ ତାହା ଜାଣିବା ପାଇଁ ଅଧିକ ପରୀକ୍ଷା କରାଯାଉଛି। ଅନେକ ଦେଶ ଆଫ୍ରିକୀୟ ଅଞ୍ଚଳକୁ ବିମାନ ଚଳାଚଳ ବନ୍ଦ କରିଦେଇଛନ୍ତି।

# ତାମିଲନାଡୁ ବର୍ଷାରେ ୮ ମୃତ

**୨୩ ଜିଲାରେ ସ୍କୁଲ, କଲେଜ ବନ୍ଦ**

**ନୂଆଦିଲ୍ଲୀ, ୨୭।୧୧**



ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଶନିବାର ଚେନ୍ନାଇର ଏକ ଜଳବନ୍ଦୀ ଅଞ୍ଚଳ ପରିଦର୍ଶନ କରୁଛନ୍ତି।

ତାମିଲନାଡୁରେ ଶୁକ୍ରବାରଠାରୁ ଲାଗିରହିଥିବା ପ୍ରବଳ ବର୍ଷାରେ ୮ ଜଣଙ୍କ ଜୀବନ ଯାଇଥିବା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ କେକେଏସ୍‌ଏସ୍‌ଆର୍ ରାମଚନ୍ଦ୍ରନ୍ କହିଛନ୍ତି। ଚିଙ୍ଗଲେପେଟ୍ ଏବଂ କାଞ୍ଚିପୁରମ୍‌ରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍‌ର ୩ଟି ଟିମ୍‌କୁ ନିୟୋଜିତ କରାଯାଇଛି। ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗିରହିବ ବୋଲି ଶନିବାର ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ବର୍ଷା ଜାରି ରହିଥିବାରୁ ତାମିଲନାଡୁର ୨୩ ଜିଲାରେ ସ୍କୁଲ୍, କଲେଜ ବନ୍ଦ କରିଦିଆଯାଇଛି। ବିଭିନ୍ନ ଅଞ୍ଚଳ ଜଳାର୍ଣ୍ଣବ ହୋଇଯାଇଛି। ଚେନ୍ନାଇର ୨୨୦ ସ୍ଥାନ ପାଣିରେ ବୁଡ଼ିରହିଥିବାବେଳେ ୩୪ ସ୍ଥାନରୁ ଜଳ ନିଷ୍କାସନ କରାଯାଇଛି। ୧୨୭ଟି ଅଞ୍ଚଳରେ ପମ୍ପ ଯୋଗେ ଜଳ ନିଷ୍କାସନ କାର୍ଯ୍ୟ ଜାରି ରହିଛି।




# ଚିଦାମ୍ବରମ, ପୁଅଙ୍କୁ ସମନ

**ନୂଆଦିଲ୍ଲୀ, ୨୭।୧୧**



**ଏୟାରସେଲ-ମାକ୍ସିସ୍ ଡିଲ୍‌ରେ ଦୁର୍ନୀତି ମାମଲା**

ଏୟାରସେଲ-ମାକ୍ସିସ୍ ଡିଲ୍ ଦୁର୍ନୀତି ମାମଲାରେ ଦିଲ୍ଲୀର ଏକ କୋର୍ଟ ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି. ଚିଦାମ୍ବରମ୍, ପୁଅ କାର୍ତ୍ତି ଚିଦାମ୍ବରମ ଓ ଅନ୍ୟମାନଙ୍କୁ ଶନିବାର ସମନ ଜାରି କରିଛନ୍ତି। ସେମାନଙ୍କୁ ଡିସେମ୍ବର ୨୦ରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଦୁର୍ନୀତି ଏବଂ ଅର୍ଥ ହେରଫେର ଅଭିଯୋଗରେ ତଦନ୍ତକାରୀ ସଂସ୍ଥା ଦ୍ୱାରା ଦାଖଲ ଚାର୍ଜଶିଟ୍‌କୁ କୋର୍ଟ ଗ୍ରହଣ କରିଛନ୍ତି। ଏହି ମାମଲାରେ ସିବିଆଇ-ଇଡି ଚାର୍ଜଶିଟ୍ ଉପରେ ପୂର୍ବରୁ ଅଦାଲତ ତାଙ୍କ ରାୟ ସଂରକ୍ଷିତ ରଖିଥିଲେ। ପୂର୍ବରୁ ସିବିଆଇ ଏହାର ଷ୍ଟାଟସ୍ ରିପୋର୍ଟ କୋର୍ଟରେ ଦାଖଲ କରିଥିଲେ। ଏୟାରସେଲ-ମାକ୍ସିସ୍ ଚୁକ୍ତିରେ ବିଦେଶୀ ନିବେଶ ପ୍ରୋତ୍ସାହନ ବୋର୍ଡ ମଞ୍ଜୁରୀରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ୨୦୦୬ରେ ଚିଦାମ୍ବରମ କେନ୍ଦ୍ର ଅର୍ଥମନ୍ତ୍ରୀ ଥିବାବେଳେ ଏହି ଅନିୟମିତତା ହୋଇଥିବା ସାମ୍ନାକୁ ଆସିଥିଲା। ସେତେବେଳେ ୩୫୦୦କୋଟି ଟଙ୍କାର ଏକ ଡିଲ୍‌କୁ ମଞ୍ଜୁରୀ ପ୍ରଦାନ କରିବା ଲାଗି ଚିଦାମ୍ବରମ ଲାଞ୍ଚ ନେଇଥିବା ଅଭିଯୋଗ ହୋଇଥିଲା। ପୁଅ କାର୍ତ୍ତିଙ୍କୁ କମ୍ପାନୀର ୫ ପ୍ରତିଶତ ଅଂଶଧନ ନ ମିଳିବା ପର୍ଯ୍ୟନ୍ତ ଉକ୍ତ ଡିଲ୍‌କୁ ଚିଦାମ୍ବରମ୍ କ୍ଲିଅରାନ୍ସ ଦେଇ ନ ଥିଲେ ବୋଲି ଚାର୍ଜଶିଟ୍‌ରେ ଦର୍ଶାଯାଇଛି।

# ଭାରତରେ ଷ୍ଟାରଲିଙ୍କ୍ ଉପରେ ରୋକ



**ନୂଆଦିଲ୍ଲୀ, ୨୭।୧୧**

ସ୍ପେସ୍‌ଏକ୍ସ ପ୍ରତିଷ୍ଠାତା ତଥା ଆମେରିକୀୟ ବିଲିୟନେୟାର ଏଲନ ମସ୍କଙ୍କ ସାଟେଲାଇଟ ଇଣ୍ଟରନେଟ ସେବା ପ୍ରଦାନକାରୀ କମ୍ପାନୀ ଷ୍ଟାରଲିଙ୍କ୍ ଉପରେ ଭାରତ ସରକାର ରୋକ ଲଗାଇଛନ୍ତି। ବିନା ଲାଇସେନ୍ସରେ ଭାରତରେ ଇଣ୍ଟରନେଟ ସେବା ଯୋଗାଇବାକୁ ଇଚ୍ଛା କରୁଥିବା ମସ୍କଙ୍କ ଷ୍ଟାରଲିଙ୍କ୍ ନେଟ୍‌ର ପ୍ରି-ବୁକିଂ ନ କରିବାକୁ ଟେଲିକମ୍ୟୁନିକେଶନ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ଏକ ବିବୃତିରେ କୁହାଯାଇଛି। ଭାରତରେ ଷ୍ଟାରଲିଙ୍କ୍ ଇଣ୍ଟରନେଟ୍‌କୁ ଲାଇସେନ୍ସ ପ୍ରଦାନ କରାଯାଇନାହିଁ। ତେଣୁ କମ୍ପାନୀ ଏହାର ପ୍ରି ବୁକିଂ ପ୍ରକ୍ରିୟା ତତ୍କାଳ ରୋକିବାକୁ କୁହାଯାଇଛି। ନଭେମ୍ବର ୧ରେ ଷ୍ଟାରଲିଙ୍କ୍ ଭାରତରେ ବ୍ୟବସାୟ ପାଇଁ ପଞ୍ଜୀକରଣ କରିଥିଲା। ପରେ ଏହା ବିଜ୍ଞାପନ ସହ ପ୍ରି ସେଲିଂ ମଧ୍ୟ ଆରମ୍ଭ କରିଦେଇଥିଲା ବୋଲି କେନ୍ଦ୍ର ସରକାର କହିଛନ୍ତି।




# ପାର୍ଲାମେଣ୍ଟକୁ ଟ୍ରାକ୍ଟର ରାଲି ସ୍ଥଗିତ



ଟ୍ରାକ୍ଟର ରାଲି ବନ୍ଦ ସମ୍ପର୍କରେ କୃଷକ ନେତା ଦର୍ଶନ ପାଲ୍ ସିଂ ଗଣମାଧ୍ୟମକୁ ସୂଚନା ଦେଉଛନ୍ତି।

**ସୋମବାର ଆସିବ କୃଷି ଆଇନ ରଦ୍ଦ ବିଲ୍**

**ନୂଆଦିଲ୍ଲୀ, ୨୭।୧୧**

ଶୀତ ଅଧିବେଶନ ଆରମ୍ଭ ଦିନରୁ ପାର୍ଲାମେଣ୍ଟକୁ ଟ୍ରାକ୍ଟର ରାଲି କରିବା ଲାଗି କୃଷକ ସଂଗଠନ ପୂର୍ବରୁ ନେଇଥିବା ନିଷ୍ପତ୍ତିକୁ ଶନିବାର ସ୍ଥଗିତ ରଖିଛି। ଟ୍ରାକ୍ଟର ଶୋଭାଯାତ୍ରା କରିବା ଲାଗି ଭାରତୀୟ କିଷାନ ୟୁନିୟନ (ବିକେୟୁ) ନେତା ରାକେଶ ଟିକାଏତ୍ ଘୋଷଣା କରିଥିଲେ। ତେବେ ନଭେମ୍ବର ୨୯ରୁ ଆରମ୍ଭ ହେବାକୁ ଥିବା ଏହି ରାଲିକୁ ସ୍ଥଗିତ ରଖିବା ଲାଗି ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ନିଷ୍ପତ୍ତି ନେଇଛି। ଏସ୍‌କେଏମ୍ ବୈଠକ ପରେ କୃଷକ ନେତା ଦର୍ଶନ ପାଲ୍ ସିଂ ଏହି ସୂଚନା ଦେଇଛନ୍ତି। ଡିସେମ୍ବର ୪ରେ ଏସ୍‌କେଏମ୍‌ର ବୈଠକ ବସି ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ଟ୍ରାକ୍ଟର ରାଲି ସ୍ଥଗିତ ରହିଥିଲେ ମଧ୍ୟ ଦିଲ୍ଲୀ ସୀମାରେ ଆନ୍ଦୋଳନ ପୂର୍ବଭଳି ଜାରି ରହିବ।

୨୯ ତାରିଖରୁ ଆରମ୍ଭ ହେଉଥିବା ପାର୍ଲାମେଣ୍ଟର ଶୀତ ଅଧିବେଶନ ଡିସେମ୍ବର ୨୩ ପର୍ଯ୍ୟନ୍ତ ଚାଲିବ। ଚାଷୀମାନଙ୍କର ୬ଟି ଦାବି ଉପରେ ସରକାର କ'ଣ ପଦକ୍ଷେପ ନେଉଛନ୍ତି, ତାହା ଜାଣିବା ପାଇଁ କୃଷକ ସଂଗଠନ ଅପେକ୍ଷା କରିବାକୁ ନିଷ୍ପତ୍ତି ନେଇଛି। ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଉପରେ ଆଇନଗତ ଗ୍ୟାରେଣ୍ଟି ପ୍ରସଙ୍ଗରେ ଡିସେମ୍ବର ୪ ସୁଦ୍ଧା ଲିଖିତ ପ୍ରତିଶ୍ରୁତି ଦେବାକୁ କୃଷକ ସଂଗଠନ ସରକାରଙ୍କୁ ଆହ୍ୱାନ ଦେଇଛି। ଆନ୍ଦୋଳନ ସମୟରେ ଚାଷୀଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲାଗୁଡ଼ିକ ପ୍ରତ୍ୟାହାର କରିନେବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟ ସରକାର ଓ ରେଲୱେକୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଏସ୍‌କେଏମ୍‌ର ଜଣେ ନେତା କହିଛନ୍ତି।

୩ ବିବାଦୀୟ କୃଷି ଆଇନ ରଦ୍ଦ ଲାଗି ସରକାର ଆସନ୍ତା ସୋମବାର ଲୋକ ସଭାରେ ବିଲ୍ ଆଣିବେ। ଆଇନ ପ୍ରତ୍ୟାହାର କରିନେବା ଲାଗି ଗତ ୧୯ ତାରିଖରେ ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ ଏବଂ ବୁଧବାର କେନ୍ଦ୍ର କ୍ୟାବିନେଟ ଉକ୍ତ ନିଷ୍ପତ୍ତିକୁ ଅନୁମୋଦନ କରିଥିଲା। ଅଳ୍ପ କେତେଜଣ ଚାଷୀ ଆଇନକୁ ବିରୋଧ କରୁଛନ୍ତି। ସମାବେଶୀ ଅଭିବୃଦ୍ଧି ଲାଗି ପ୍ରତ୍ୟେକଙ୍କୁ ସାଙ୍ଗରେ ନେବା ସମୟର ଆବଶ୍ୟକତା ବୋଲି ଏଥିରେ କୁହାଯାଇଛି। ଅଧିବେଶନର ପ୍ରଥମ ଦିନରେ କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଗୃହରେ ବିଲ୍ ଉପସ୍ଥାପନ କରିବେ। ଶାସକ ଭାଜପା ଏବଂ ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ସେଦିନ ସମସ୍ତ ଏମ୍‌ପିଙ୍କୁ ଗୃହରେ ଉପସ୍ଥିତ ରହିବା ଲାଗି ହୁଇପ୍ ଜାରି କରିଛନ୍ତି।



**ଖବରଦାତାଙ୍କ ସ୍ତ୍ରୀଙ୍କ ବେକରୁ ସୁନାଚେନ୍ ଲୁଟ୍**

ଭୁବନେଶ୍ୱର, (ବ୍ୟୁରୋ)- ଖାରବେଳନଗର ଥାନା ଅନ୍ତର୍ଗତ ମାଷ୍ଟରକ୍ୟାଣ୍ଟିନ୍ ଛକ ନିକଟରୁ ଜଣେ ବରିଷ୍ଠ ଖବରଦାତାଙ୍କ ସ୍ତ୍ରୀଙ୍କ ବେକରୁ ଲୁଟେରାମାନେ ସୁନା ଚେନ୍ ଝାମ୍ପି ନେଇଛନ୍ତି। ଲୁଟର ଶିକାର ମହିଳା ଜଣକ ହେଲେ ସସ୍ମିତା ପାଣି। ରାତି ୭ଟାରେ ସସ୍ମିତା କଳ୍ପନାରୁ ସିଟି ବସ୍‌ରେ ଆସି ମାଷ୍ଟରକ୍ୟାଣ୍ଟିନ୍ ଛକରେ ଓହ୍ଲାଇଥିଲେ। ଅଟୋ ଷ୍ଟାଣ୍ଡ୍ ନିକଟରେ ଛିଡା ହୋଇ ଅନ୍ୟବସ୍‌କୁ ଅପେକ୍ଷା କରିଥିବାବେଳେ ୨ ଜଣ ଲୁଟେରା ଏକ ବାଇକ୍‌ରେ ଆସି ସେ ପିନ୍ଧିଥିବା ସୁନା ଚେନ୍ ଝାମ୍ପି ନେଇ ଚମ୍ପଟ ମାରିଥିଲେ। ତାଙ୍କ ଅଭିଯୋଗକ୍ରମେ ପୋଲିସ ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଚଳାଇଛି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସାରସ୍ୱତ ସାହିତ୍ୟ ସମାଜ ଅନୁଷ୍ଠାନର ଦଶମ ବାର୍ଷିକ ଉତ୍ସବ, ବୁଦ୍ଧ ମନ୍ଦିର, ୟୁନିଟ-୨, ପୂର୍ବାହ୍ନ ୧୦ଟା ୩୦।
- ଫ୍ରିଡମ ଟେଷ୍ଟ ଚେନ୍ନାଇ ଏବଂ ସେଭକ୍ସ ଟେକ୍ନୋଲୋଜିର ମିଳିତ ଆନୁକୂଲ୍ୟରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର, ରାମକ୍ରିଷ୍ଣା ମଠ, ବିବେକାନନ୍ଦ ମାର୍ଗ, ପୁରୁଣା ଭୁବନେଶ୍ୱର, ଅପରାହ୍ନ ୨ଟା।
- ଅଭୟ ଟ୍ରଷ୍ଟ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ, ବିଷ୍ଣୁପ୍ରିୟା ଅପାର୍ଟମେଣ୍ଟ ନିକଟ, ଶୈଳଶ୍ରୀ ବିହାର ପଛପାର୍ଶ୍ୱ, ଅପରାହ୍ନ ୩ଟା।
- ଶତାବ୍ଦୀର କଳାକାର ସଂଗଠନ ପକ୍ଷରୁ ନାଟ୍ୟଚକ୍ର କାର୍ଯ୍ୟକ୍ରମ, ବିଜୁ ନାଟ୍ୟ କେନ୍ଦ୍ର, ମିନି ଅଡିଟୋରିୟମ, ଭିଆଇପି ଏରିଆ, ନୟାପଲ୍ଲୀ, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ଲୋକ ବିକାଶ ସଂଗଠନ ପକ୍ଷରୁ ଶହୀଦ ରଘୁ ସର୍ଦ୍ଦାରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ, ପ୍ଲଟ ନଂ ୪୩୭, ମୌଜା ନଖରା, ବାଲିଅନ୍ତା ଥାନା ନିକଟ ଏନ୍‌ଏଚ୍ ୧୬, ପୂର୍ବାହ୍ନ ୧୦ଟା।

# ବନ୍ଧୁକ କାରବାରରେ କେବିଏନ୍ ଗ୍ୟାଙ୍ଗ୍

**ଭୁବନେଶ୍ୱର, ୨୭।୧୧(ବ୍ୟୁରୋ)**

ଅପରାଧ ଘଟାଇ ଭିଡିଓ ଭାଇରାଲ କରି ରାଜଧାନୀରେ ଆତଙ୍କ ଖେଳାଇଥିବା ବୁବୁ ଜେନାଙ୍କ କେବିଏନ୍ ଗ୍ୟାଙ୍ଗ ସମ୍ପର୍କରେ ତଦନ୍ତବେଳେ କମିଶନରେଟ ପୋଲିସକୁ ବଡ଼ ସଫଳତା ମିଳିଛି। ଗ୍ୟାଙ୍ଗ ସଦସ୍ୟମାନେ ବିଭିନ୍ନ ଅପରାଧ ଘଟାଇବା ସହ ଚୋରା ବନ୍ଧୁକ କାରବାର କରୁଥିବା ଜଣାପଡିଛି। ଏହି ସୂଚନା ଆଧାରରେ ଶନିବାର ସ୍ପେଶାଲ ସ୍କ୍ୱାଡ୍ ଓ ନୟାପଲ୍ଲୀ ଥାନା ପୋଲିସ ନୟାପଲ୍ଲୀ ଆଇଆର୍‌ସି ଭିଲେଜସ୍ଥିତ ସ୍ୱପ୍ନେଶ୍ୱର ମନ୍ଦିର ନିକଟରେ ଚଢ଼ାଉ କରି ଜଣଙ୍କୁ ଧରିବା ସହ ତାଙ୍କଠାରୁ ୨ଟି ପିସ୍ତଲ ଜବତ କରିଛି। ତେବେ ଗୁଳି ଫୁଟାଇ ଅନ୍ୟ କେତେଜଣ ଘଟଣାସ୍ଥଳରୁ ଖସିଯାଇଥିବାବେଳେ ଧରାପଡିଥିବା ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଏକ ଅଜ୍ଞାତ ସ୍ଥାନରେ ରଖି ପଚରାଉଚରା କରୁଛି। ଗ୍ୟାଙ୍ଗ ଓ ଚୋରା ବନ୍ଧୁକ କାରବାର ସଂକ୍ରାନ୍ତରେ ତାଙ୍କଠାରୁ ପୋଲିସ କେତେକ ତଥ୍ୟ ହାସଲ କରିଛି। ସେ ଜଣେ ପେସାଦାର ଅପରାଧୀ ହୋଇଥିବାବେଳେ ତାଙ୍କ ନାମରେ ଭୁବନେଶ୍ୱର ସମେତ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଛି। ଏଥିସହ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ବିଭିନ୍ନ ବାର୍, ହୋଟେଲରେ ଚଢାଉ ଜାରି ରହିଥିବାବେଳେ ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ପୋଲିସ ଏ ସମ୍ପର୍କରେ କୌଣସି ତଥ୍ୟ ପ୍ରଘଟ କରୁନାହିଁ।

**ଚଢ଼ାଉବେଳେ ବ୍ଲାଙ୍କ୍ ଫାୟାରିଂ କରି ଖସିଗଲେ ଏକାଧିକ**

■ଜଣେ ଧରାପଡ଼ିଲେ, ୨ ପିସ୍ତଲ ଜବତ

■ବାର୍, ହୋଟେଲ ସମେତ ବିଭିନ୍ନ ସ୍ଥାନରେ ସ୍ପେଶାଲ ସ୍କ୍ୱାଡ୍‌ର ଚଢ଼ାଉ

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ସ୍ପେଶାଲ ସ୍କ୍ୱାଡ୍ କବ୍‌ଜାରେ ଥିବା ଅଭିଯୁକ୍ତ କେବିଏନ୍ ଗ୍ୟାଙ୍ଗ ସହ ହାତ ମିଳାଇ ଲୁଟ୍‌ପାଟ୍ କରୁଥିଲେ। ଏଥିସହ ରାଜ୍ୟ ବାହାରୁ ଚୋରା ବନ୍ଧୁକ ଆଣି ଭୁବନେଶ୍ୱରରେ ବିଭିନ୍ନ ଅସାମାଜିକ ଯୁବକ ଓ କଲେଜ ଛାତ୍ରଙ୍କୁ କମ୍ ଦାମରେ ବିକ୍ରି କରୁଥିଲେ। ଏପରି କି ଏହି ବନ୍ଧୁକ ସାହାଯ୍ୟରେ ଗ୍ୟାଙ୍ଗ୍ ସଦସ୍ୟମାନେ ବେଶ୍ ସକ୍ରିୟ ହୋଇଉଠିଥିଲେ। ବିଭିନ୍ନ ଅଞ୍ଚଳରେ ଲୋକଙ୍କୁ ଭୟଭୀତ କରି ଦାଦାବଟି, ଜମି ଜବରଦଖଲ ଓ ରାତି ସମୟରେ ଲୋକଙ୍କୁ ଆକ୍ରମଣ କରି ଲୁଟ୍‌ପାଟ୍ କରୁଥିଲେ। ପୂର୍ବରୁ ଗିରଫ ହୋଇଥିବା ଗ୍ୟାଙ୍ଗ ସଦସ୍ୟଙ୍କୁ ପଚରାଉଚରାବେଳେ ବନ୍ଧୁକ କାରବାର ଓ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ମିଳିଥିଲା। ତେଣୁ ଏହାକୁ ଧରିବା ପାଇଁ ସ୍ପେଶାଲ ସ୍କ୍ୱାଡ୍ ଓ ନୟାପଲ୍ଲୀ ଥାନା ପୋଲିସ ଯୋଜନା ପ୍ରସ୍ତୁତ କରି ଅଭିଯୁକ୍ତଙ୍କ ଉପରେ ନଜର ରଖିଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ଗ୍ୟାଙ୍ଗର ସଦସ୍ୟମାନେ ଆଇଆର୍‌ସି ଭିଲେଜ ନିକଟ ସ୍ୱପ୍ନେଶ୍ୱର ମନ୍ଦିରରେ ବସି ଅପରାଧ ପାଇଁ ଯୋଜନା କରୁଥିଲେ। ବିଶ୍ୱସ୍ତସୂତ୍ରରୁ ଖବର ମିଳିବା ପରେ ମିଳିତ ପୋଲିସ ଟିମ୍ ସେଠାରେ ଚଢ଼ାଉ କରିଥିଲା। ଏହି ସମୟରେ ଅଭିଯୁକ୍ତମାନେ ଫାଙ୍କା ଗୁଳି ଚାଳନା କରି ଖସିଯାଉଥିବାବେଳେ ଜଣକୁ ପୋଲିସ କାବୁ କରିନେଇଥିଲା। ଏ ନେଇ ଥାନା ଅଧିକାରୀ ଶରତ ସାହୁ ଓ ସ୍ପେଶାଲ ସ୍କ୍ୱାଡ୍ ଅଧିକାରୀ ସଞ୍ଜୀବ ଶତପଥୀଙ୍କୁ ପଚାରିବାରୁ ସେମାନେ ପରେ ସୂଚନା ଦେବାକୁ କହି ଏଡାଇ ଯାଇଛନ୍ତି।

## ଏଟିଏମ୍ କାର୍ଡ ଚୋରି କରୁଥିବା ଯୁବକ ଧରାପଡ଼ିଲେ

**ବାଲିଅନ୍ତା,୨୭।୧୧(ଡି.ଏନ୍.ଏ.)**

ବାଲିଅନ୍ତା ଥାନା ଅଧୀନ ରଙ୍ଗବଜାରଠାରୁ ସ୍ଥାନୀୟ ଗୋଡଲବିନ୍ଧା ଗ୍ରାମର ଜଣେ ଛାତ୍ରଙ୍କଠାରୁ ଏକ ଏଟିଏମ୍ କାର୍ଡ ନେଇ ପଳାଉଥିବା ଜଣେ ଯୁବକଙ୍କୁ ଲୋକେ ଧରିଛନ୍ତି। ଉକ୍ତ ଯୁବକଙ୍କୁ ଉତ୍ତମ ମଧ୍ୟମ ଦେବା ପରେ ପୋଲିସ ଜିମା ଦେଇଛନ୍ତି। ଶନିବାର ଅପରାହ୍ନରେ ୧୭ ବର୍ଷୀୟ ଏହି ଛାତ୍ର ନିଜ ଜେଜେମାଙ୍କୁ ନେଇ ରଙ୍ଗ ବଜାରସ୍ଥିତ ଏକ ଏଟିଏମ୍ କାଉଣ୍ଟରକୁ ଟଙ୍କା ଉଠାଇବା ପାଇଁ ଆସିଥିଲେ। ଟଙ୍କା ଉଠାଇବା ପରେ ସେଠାରେ ଉପସ୍ଥିତ ଥିବା ଜଣେ ଯୁବକ ତାଙ୍କ ପିନ୍ ନମ୍ବରକୁ ଦେଖିଥିଲେ। ପରେ ଟଙ୍କା ଉଠାଣ ରସିଦ ବାହାର କରିବା ବାହାନାରେ ଛାତ୍ରଙ୍କଠାରୁ ଏଟିଏମ୍ କାର୍ଡଟିକୁ ନେଇଯାଇଥିଲେ। କୌଶଳକ୍ରମେ ଯୁବକ ତାଙ୍କ ଏଟିଏମ୍‌କୁ ବଦଳାଇ ଅନ୍ୟ ଏକ ପୁରୁଣା ଏକ ଏଟିଏମ୍ କାର୍ଡ ଧରାଇ ଦେଇ ଚାଲିଯାଉଥିଲେ। ହେଲେ ଛାତ୍ରଜଣକ ଏହା ଜାଣିପାରି ପିଛା କରିବା ସହ ପାଟି କରିଥିଲେ। ପୋଲିସ ଉକ୍ତ ଯୁବକଙ୍କୁ ପଚରାଉଚରା କରୁଛି।

## ସଂକ୍ଷେପରେ

### କୃଷକ ଆନ୍ଦୋଳନ ସମାଜରେ ପରିବର୍ତ୍ତନ ଆଣିଥାଏ

**ବିପ୍ଳବୀ ନାଗଭୂଷଣଙ୍କ ପୁସ୍ତକ 'ବିପ୍ଳବର ପଥେ' ଲୋକାର୍ପିତ**

**ଭୁବନେଶ୍ୱର,୨୭।୧୧(ବ୍ୟୁରୋ):** ଲୋକଙ୍କ ଆନ୍ଦୋଳନ ଫଳରେ ସମାଜରେ ପରିବର୍ତ୍ତନ ସମ୍ଭବ ହୋଇପାରିବ। ସ୍ୱାଧୀନତା ଆନ୍ଦୋଳନ ପୂର୍ବରୁ ଦେଶରେ କୃଷକଙ୍କ ଆନ୍ଦୋଳନ ସଂଘଟିତ ହୋଇଥିଲା। ଏହା ସ୍ୱାଧୀନତା ଆଣିବା ଲାଗି ପଥ ପରିଷ୍କାର କରିଥିଲା। ବିପ୍ଳବୀ ନାଗଭୂଷଣ ତାଙ୍କ ପୁସ୍ତକ 'ବିପ୍ଳବର ପଥେ'ରେ ଏ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଏହି ପୁସ୍ତକକୁ ଶନିବାର ଭୁବନେଶ୍ୱରସ୍ଥିତ ନାଗଭୂଷଣ ଭବନରେ ସିପିଆଇ (ଏମ୍‌ଏଲ୍) ଲିବରେଶନର ସର୍ବଭାରତୀୟ ସାଧାରଣ ସମ୍ପାଦକ ଦୀପଙ୍କର ଭଟ୍ଟାଚାର୍ଯ୍ୟଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। ପୁସ୍ତକଟି ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର ପାତ୍ରଙ୍କ ଦ୍ୱାରା ଓଡ଼ିଆରେ ଅନୁବାଦ ହୋଇଛି। ପୁସ୍ତକକୁ ସମୀକ୍ଷା କରି ପ୍ରଫେସର ବିଜୟ ବହିବାର କହିଛନ୍ତି, ନାଗଭୂଷଣ ସମାଜର ପରିବର୍ତ୍ତନ ଲାଗି ଉକ୍ତ ପୁସ୍ତକରେ କୃଷକ, ଶ୍ରମିକ ଓ ବିଶେଷକରି ମହିଳା ସମାଜକୁ ବାର୍ତ୍ତା ଦେଇଥିବାବେଳେ ଜାତିପ୍ରଥା ଉଚ୍ଛେଦ ଉପରେ ଗୁରୁତ୍ୱ ଦେଇଛନ୍ତି। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତଥା ସିପିଆଇ(ଏମ୍‌ଏଲ୍) ଲିବରେଶନର କେନ୍ଦ୍ରୀୟ କମିଟି ସଭ୍ୟ ରାଧାକାନ୍ତ ସେଠୀ ସ୍ୱାଗତ ଭାଷଣ ଦେଇଥିବାବେଳେ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ସଭାପତିତ୍ୱ କରିଥିଲେ। ଏହି ଅବସରରେ ନାଗଭୂଷଣଙ୍କ ସହ କାର୍ଯ୍ୟ କରିଥିବା ଶରତ ତ୍ରିପାଠୀ, ଦିବାକର ବେଉରିଆଙ୍କୁ ସମ୍ମାନିତ କରାଯାଇଥିଲା।

### ଅଟା ଫ୍ୟାକ୍ଟ୍ରି ଗୋଦାମରେ ଅଗ୍ନିକାଣ୍ଡ

**ଭୁବନେଶ୍ୱର, ୨୭।୧୧(ବ୍ୟୁରୋ):** ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଥିବା ଏକ ଅଟା କମ୍ପାନୀର ଗୋଦାମରେ ଶନିବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ବହୁ ପରିମାଣର ଅଖା, ପ୍ୟାକେଟ୍ ଜଳିଯାଇଛି। ପ୍ରଥମେ ଜୋର୍‌ରେ ଧୂଆଁ ବାହାରିବା ପରେ ନିଆଁ ଲାଗିଯାଇଥିଲା। ଏହାକୁ କର୍ମଚାରୀମାନେ ଭୟରେ ବାହାରକୁ ଚାଲିଆସି ପାଣି ପକାଇ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚି ନିଆଁ ଲିଭାଇଥିଲେ। ସର୍ଟସର୍କିଟ କିମ୍ବା ସିଗାରେଟ୍ ନିଆଁରୁ ଏହି ଘଟଣା ଘଟିଥିବା ସନ୍ଦେହ କରାଯାଉଛି।



କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

## ଡାକ୍ତରଙ୍କ ପାଇଁ ସେବା ଏକ ମାତ୍ର ଉଦ୍ଦେଶ୍ୟ: ରାଜ୍ୟପାଳ

**କଟକ ଅଫିସ, ୨୭।୧୧**

୭୫ ବର୍ଷର ଗୌରବମୟ ଗାଥାକୁ ସ୍ମରଣ କରି କଟକ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ପ୍ଲାଟିନମ୍ ଜୁବିଲି(୭୫ ଫର ୭୫) ପାଳନ କରୁଛି। ଏହି ଅବସରରେ ଶନିବାର ଏସ୍‌ସିବି ସେଣ୍ଟରାଲ ହଲ୍‌ରେ ଗ୍ଲୋବାଲ କନ୍‌କ୍ଲେଭ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହାକୁ ଉଦ୍‌ଘାଟନ କରି କହିଥିଲେ, ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଡାକ୍ତର ପାଇଁ ସେବା ହିଁ ଏକ ମାତ୍ର ଉଦ୍ଦେଶ୍ୟ। ଜଣେ ଡାକ୍ତର କେବଳ ଶରୀରର ଚିକିତ୍ସା କରେନାହିଁ, ସେ ଏକାସାଙ୍ଗରେ ଶରୀର, ଆତ୍ମା ଓ ଭାବନାର ଚିକିତ୍ସା କରିଥାନ୍ତି। ଏବେ ବିଶ୍ୱରେ ସଙ୍ଗୀତ ମାଧ୍ୟମରେ ଚିକିତ୍ସା କରାଯାଉଥିବାବେଳେ ଆମେରିକାର ଚିକିତ୍ସାଳୟରେ ମେଡିଟେସନ ମାଧ୍ୟମରେ ଚିକିତ୍ସା ଆରମ୍ଭ ହୋଇଛି। ବିଶ୍ୱରେ ରହିଥିବା ପଞ୍ଚତତ୍ତ୍ୱ(ଜଳ, ବାୟୁ, ଅଗ୍ନି, ଆକାଶ ଓ ପୃଥିବୀ) ଈଶ୍ୱର ପ୍ରଦତ୍ତ। ଏହାର ଉଚିତ୍ ବ୍ୟବହାର ମଣିଷକୁ ସୁସ୍ଥ ରଖିପାରିବ। ବିଶ୍ୱର ବହୁ ଦୁରାରୋଗ୍ୟ ବ୍ୟାଧିର ଚିକିତ୍ସା ମନ୍ତ୍ର ମାଧ୍ୟମରେ ସମ୍ଭବ ବୋଲି ସେ କହିଥିଲେ। ସେହିପରି ପୋଷ୍ଟମାଷ୍ଟର ଜେନେରାଲ ଶୁଭେନ୍ଦୁ ସ୍ୱାଇଁ ଯୋଗଦେଇ କହିଥିଲେ, ଦେଶର ଶହେ ମେଡିକାଲ କଲେଜ ମଧ୍ୟରୁ ଏସ୍‌ସିବି ୧୬ ନଂ.ରେ ରହିଛି। ଏହି ଅବସରରେ ପ୍ରଫେସର କେ. ଲକ୍ଷ୍ମୀବାଈ ଓ ପ୍ରଫେସର ବି. ରାଜଗୁରୁଙ୍କୁ ଏସ୍‌ସିବି ମେଡିକାଲ ଡିନ୍ ତଥା ଅଧ୍ୟକ୍ଷ ଦଣ୍ଡେଶ୍ୱର ହୋତା ସମ୍ମାନିତ କରିଥିଲେ। ଏଥିସହ ସ୍ୱତନ୍ତ୍ର ଡାକଟିକଟ ଓ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଏସ୍‌ସିବି ଆଲୁମ୍‌ନି ଆସୋସିଏସନ ସଭାପତି ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସେକ୍ରେଟାରି ପ୍ରଫେସର ଏସ୍.ପି. ସିଂଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

## ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ଓଡ଼ିଆ ଚଳଚ୍ଚିତ୍ର 'ଡାଲଚିନି'

**ଭୁବନେଶ୍ୱର,୨୭।୧୧ (ବ୍ୟୁରୋ)**

ଓଡ଼ିଶାର ପର୍ଯ୍ୟଟନ ସ୍ଥଳରେ ଭ୍ରମଣକୁ ନେଇ ନିର୍ମିତ ହୋଇଛି ଚଳଚ୍ଚିତ୍ର 'ଡାଲଚିନି'। ରିତୁପ୍ରିୟା ପ୍ରଡକ୍ସନର ଏହି ଓଡ଼ିଆ ଚଳଚ୍ଚିତ୍ରକୁ ଅତିଶ କୁମାର ରାଉତ ପ୍ରଯୋଜନା କରିଛନ୍ତି। ବଡ଼ ବଜେଟ୍‌ରେ ତିଆରି ହୋଇଥିବା ଏହି ଚଳଚ୍ଚିତ୍ର ଶିମ୍‌ଲା ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହୋଇଛି। ଦେଶ ବିଦେଶରୁ ଆସିଥିବା ଅନେକ ଚଳଚ୍ଚିତ୍ର ମଧ୍ୟରୁ ଏକମାତ୍ର ଓଡ଼ିଆ ପୂର୍ଣ୍ଣାଙ୍ଗ ଚଳଚ୍ଚିତ୍ର ଭାବେ ଏହା ସ୍ଥାନ ପାଇଛି। ମହୋତ୍ସବରେ ପ୍ରଯୋଜକ ଅତିଶ କୁମାର ରାଉତ, କାହାଣୀ, ସଂଳାପ ଓ ଚିତ୍ରନାଟ୍ୟ ନିର୍ଦ୍ଦେଶକ ଜିତେନ୍ଦ୍ରିୟ ପ୍ରଧାନ ଉପସ୍ଥିତ ରହି ସମ୍ମାନିତ ହୋଇଥିଲେ। ଶିଶିର ସାହୁ ଓ ପିନାକୀ ସିଂଙ୍କ ଏହା ପ୍ରଥମ ନିର୍ଦ୍ଦେଶିତ ପୂର୍ଣ୍ଣାଙ୍ଗ ଚଳଚ୍ଚିତ୍ର ହୋଇଥିଲାବେଳେ ଭାରତର ସୁନାମଧନ୍ୟ ସଙ୍ଗୀତ ନିର୍ଦ୍ଦେଶକ ଜେରୀ ସିଲବଭେଷ୍ଟର ଭିନ୍‌ସେନଟ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ସୁପ୍ରିୟା ରାଉତଙ୍କ ସହ ପ୍ରଯୋଜନାରେ ନାୟକ ଭୂମିକାରେ ପାର୍ଥସାରଥି ରାୟ ଓ ନାୟିକା ସୂର୍ଯ୍ୟମୟୀଙ୍କୁ ନେଇ ଚଳଚ୍ଚିତ୍ର ନିର୍ମାଣ କରାଯାଇଛି। ଯୁବ ପିଢିଙ୍କ ଚାହିଦାକୁ ଦୃଷ୍ଟିରେ ରଖି ତିଆରି ହୋଇଥିବା ଚଳଚ୍ଚିତ୍ର 'ଡାଲଚିନି' ସବୁ ପିଢ଼ିର ଦର୍ଶକଙ୍କ ମନକୁ ନିଶ୍ଚୟ ଛୁଇଁବ ବୋଲି ନିର୍ଦ୍ଦେଶକ ଓ ପ୍ରଯୋଜକ ଆଶାବ୍ୟକ୍ତ କରିଛନ୍ତି।

## ଅଗ୍ନିକାଣ୍ଡ: ୬ ବଖରା ଜଳିଗଲା

**ବାରଙ୍ଗ,୨୭।୧୧(ଡି.ଏନ୍.ଏ.)**

ଚନ୍ଦକା ଥାନା ଅନ୍ତର୍ଗତ ଗିରିଙ୍ଗାପୁଟ ଆଦିବାସୀ ସାହିରେ ଶୁକ୍ରବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୨ ପରିବାରର ୬ ବଖରା ଜଳିଯାଇଛି। ଗ୍ରାମର ଲକ୍ଷ୍ମୀ ମାଝି ଓ ଗଣେଶ ମାଝିଙ୍କ ଘରେ ସମସ୍ତେ ରାତିରେ ଶୋଇଥିବା ବେଳେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ପରିବାର ଲୋକ ଜାଣିବା ପରେ ଭୟରେ ବାହାରକୁ ଚାଲିଆସିଥିଲେ। ଚାଳ ଘର ହୋଇଥିବାରୁ ନିଆଁ ବ୍ୟାପି ୨ପରିବାର ସମ୍ପୂର୍ଣ୍ଣ ୬ ବଖରା ଜଳିଯାଇଥିଲା। ଫଳରେ ଘରେ ଥିବା ସମସ୍ତ ଆସବାବପତ୍ର ସହ ଧାନଚାଉଳ, ବାସନକୁସନ, ଲୁଗାପଟା ସବୁ ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ପୂର୍ବତନ ବାୟୁସେନା ଅଧିକାରୀ ପ୍ରଭାତ କୁମାର ରାଉତରାୟ, ନାରୀନେତ୍ରୀ କୌଶଲ୍ୟା ବଳିଆରସିଂ ପହଞ୍ଚି ଉକ୍ତ ପରିବାରକୁ ସାହାଯ୍ୟର ହାତ ବଢାଇଛନ୍ତି। ପରେ ମେଣ୍ଢାଶାଳ ରାଜସ୍ୱ ନିରୀକ୍ଷକ ଘଟଣାର ଅନୁଧ୍ୟାନ କରିବା ସହ ପଲିଥିନ ପ୍ରଦାନ କରିଛନ୍ତି। କ୍ଷତିଗ୍ରସ୍ତ ଗରିବ ପରିବାରକୁ ଘର ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଉତ୍ସବ ପକ୍ଷରୁ 'ସାରେ ଜହାଁ ସେ ଅଚ୍ଛା'

**ଭୁବନେଶ୍ୱର, ୨୭।୧୧(ବ୍ୟୁରୋ)**

'ଉତ୍ସବ' ପକ୍ଷରୁ ଶାସ୍ତ୍ରୀୟ ନୃତ୍ୟ ଉତ୍ସବ 'ସାରେ ଜହାଁ ସେ ଅଚ୍ଛା-୨୦୨୧' ଦୁଇଦିନ ଧରି ଭର୍ଚୁଆଲରେ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଉଦ୍‌ଘାଟନ ଅବସରରେ ଅନୁଷ୍ଠାନର ପ୍ରତିଷ୍ଠାତା ନୃତ୍ୟଗୁରୁ ପଦ୍ମଶ୍ରୀ ରଞ୍ଜନା ଗେହରଙ୍କ ଶିଷ୍ୟାମାନେ ଓଡ଼ିଶୀ ନୃତ୍ୟ ଓ ନୃତ୍ୟଶିଳ୍ପୀ ରମା ବେଦ୍ୟନାଥନ୍ ଭରତନାଟ୍ୟମ୍ ପରିବେଷଣ କରିଥିଲେ। ସେହିପରି ଶନିବାର ଉଦ୍‌ଯାପନୀ ଉତ୍ସବରେ ଆମେରିକାରେ ଅବସ୍ଥାପିତ ନୃତ୍ୟଗୁରୁ ବିପିନ ସିଂହଙ୍କ ଶିଷ୍ୟ ସଞ୍ଜୀବ ଭଟ୍ଟାଚାର୍ଯ୍ୟ ମଣିପୁରୀ ଏବଂ ସଂଗୀତ ନାଟକ ଏକାଡେମୀର ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଭାରତୀ ଶିବାଜୀ ମୋହିନିଆଟ୍ଟମ୍ ପରିବେଷଣ କରିଥିଲେ।

# ଓଡ଼ିଶା ହେଉଛି କଳାର ଭୂମି

**ଗୁଞ୍ଜନ ନୃତ୍ୟ ଓ ସଙ୍ଗୀତ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା**

**କଟକ ଅଫିସ,୨୭।୧୧**

କଟକ ସହିଦ ଭବନରେ ଗୁଞ୍ଜନ ନୃତ୍ୟ ଓ ସଙ୍ଗୀତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶନିବାର ଅନୁଷ୍ଠିତ ଦ୍ୱିତୀୟ ସନ୍ଧ୍ୟାର କାର୍ଯ୍ୟକ୍ରମରେ ଓପିଏସ୍‌ସି ଚେୟାରମ୍ୟାନ ସତ୍ୟଜିତ୍ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ୨୫ ବର୍ଷର ମଧ୍ୟରେ ଓଡ଼ିଶାରେ ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତକୁ ନେଇ ଗୁଞ୍ଜନ ପକ୍ଷରୁ କରାଯାଇଥିବା ପ୍ରୟାସ ନୂତନ ପରମ୍ପରା ସୃଷ୍ଟି କରିଛି। ଏହି ନୃତ୍ୟର ଭବିଷ୍ୟତ ଉଜ୍ଜ୍ୱଳ ରହିଛି। ଆଗାମୀ ପିଢି ଏହାକୁ ଆଗକୁ ନେବେ ବୋଲି ସେ ଆଶା ପ୍ରକଟ କରିଛନ୍ତି। ସେହିପରି ସମ୍ମାନିତ ଅତିଥି ନୃତ୍ୟଗୁରୁ ଆଶିଷ ମୋହନ ଖୋଖର କହିଛନ୍ତି, ଓଡ଼ିଶା ହେଉଛି କଳାର ଭୂମି।



ଉତ୍ସବରେ ପଦ୍ମଶ୍ରୀ ମାଧବୀ ମୁଦ୍‌ଗଲଙ୍କୁ ସମ୍ମାନିତ କରାଯାଉଛି।



ଶ୍ରୀନିବାସ ଶତପଥୀ ବଂଶୀବାଦନ କରୁଛନ୍ତି।

ଏହି ଉତ୍ସବରେ ଶ୍ରୀନିବାସ ଶତପଥୀ ଓ ତାଙ୍କ ସହଯୋଗୀ ବଂଶୀବାଦନରେ ରାଗ ରଙ୍ଗ ପରିବେଷଣ କରିଥିଲେ। ପରେ ଗୁଞ୍ଜନ ପକ୍ଷରୁ ତାଳ ବାଦ୍ୟ, ମଦନମୋହନ ସ୍ତୋତ୍ର, ବନ୍ଦେମାତରମ ପରିବେଷଣ କରାଯାଇଥିଲା। ତେବେ ସନ୍ଧ୍ୟାର ବିଶେଷ ଆକର୍ଷଣ ଥିଲା ପଦ୍ମଶ୍ରୀ ମାଧବୀ ମୁଦ୍‌ଗଲ ଓ ତାଙ୍କ ସାଥୀଙ୍କ ଦ୍ୱାରା ପରିବେଶିତ ସ୍ୱତନ୍ତ୍ର ଓଡ଼ିଶୀ ନୃତ୍ୟ। ଏହା ଦର୍ଶକଙ୍କୁ ମୁଗ୍ଧ କରିଥିଲା। ଏହି ଅବସରରେ ବଂଶୀବାଦକ ଶ୍ରୀନିବାସ ଶତପଥୀ ଓ ମାଧବୀ ମୁଦ୍‌ଗଲଙ୍କୁ ସମ୍ମାନିତ କରାଯାଇଥିଲା। ଶ୍ରୀନିବାସ କୁହନ୍ତି, ସବୁ କଳାକାରଙ୍କ ପାଇଁ ମଞ୍ଚ ଆବଶ୍ୟକ। କାରଣ ଦର୍ଶକଙ୍କ ସମ୍ମୁଖରେ କଳା ପ୍ରଦର୍ଶନ କରିବାର ଏହା ଏକ ମାଧ୍ୟମ। ତେବେ ଏହି ମଞ୍ଚ ମାଧ୍ୟମରେ ନିଜର କଳା ପ୍ରଦର୍ଶନ କରିଥିବାରୁ ବହୁତ ଆନନ୍ଦିତ। ସେହିଭଳି ନୃତ୍ୟଶିଳ୍ପୀ ମାଧବୀ ମୁଦ୍‌ଗଲ କହିଛନ୍ତି, ମୁଁ ୧୯୭୦ରୁ କଟକରେ ଗୁରୁ କେଳୁଚରଣ ମହାପାତ୍ରଙ୍କ ଠାରୁ ଓଡ଼ିଶୀ ନୃତ୍ୟ ଶିଖିବା ଆରମ୍ଭ କଲି। କାର୍ଯ୍ୟକ୍ରମରେ ଗୁଞ୍ଜନ ସଭାପତି ଗାୟତ୍ରୀ ଦାସଓସମ୍ପାଦକମୀରାଦାସଉପସ୍ଥିତଥିଲେ। ଧରିତ୍ରୀ ଏହାର ମିଡିଆ ପାର୍ଟନର ରହିଛି।

## 'ଥିଲେ ଦିଅ, ନ ଥିଲେ ନିଅ'

**ଭୁବନେଶ୍ୱର, ୨୭।୧୧(ବ୍ୟୁରୋ)**

**ପୁରୁଣା ଓ ନୂତନ ବସ୍ତ୍ର ସଂଗ୍ରହ ଅଭିଯାନ**

ଉତ୍ର ଚାରିଟେବୁଲ ଟ୍ରଷ୍ଟର 'ଥିଲେ ଦିଅ, ନ ଥିଲେ ନିଅ' ଅନ୍ଦୋଳନର ପ୍ରବର୍ତ୍ତକ ବରିଷ୍ଠ ସମାଜ ସେବୀ ମାୟାଧର ନାୟକ ଉକ୍ତ ଟ୍ରଷ୍ଟ ପକ୍ଷରୁ ଚଳିତ ବର୍ଷ ପାଇଁ 'ପୁରୁଣା ଓ ନୂତନ ବସ୍ତ୍ର ସଂଗ୍ରହ ଅଭିଯାନ' ଶନିବାର ବାପୁଜି ନଗରସ୍ଥିତ ପ୍ୟାରିସ ବେକରୀ ଆଉଟ୍‌ଲେଟଠାରେ ଶୁଭାରମ୍ଭ ହୋଇଛି। ଲୋକଙ୍କ ସହଯୋଗ ଓ ପ୍ରୋତ୍ସାହନକୁ ଦେଖି କାର୍ଯ୍ୟକ୍ରମକୁ ବର୍ଷସାରା ଚଳେଇବା ପାଇଁ ଉତ୍ର ଚାରିଟେବୁଲ ଟ୍ରଷ୍ଟର ପରାମର୍ଶଦାତା ଆକାଶ ଦାସନାୟକ ଘୋଷଣା କରିଛନ୍ତି। ଗତ କିଛିବର୍ଷ ହେଲା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବସ୍ତ୍ର ସଂଗ୍ରହ କରାଯାଇ ଗରିବ ଲୋକଙ୍କୁ ବଣ୍ଟା ଯାଉଛି। ଏଥିଓହ ଶନିବାରଠାରୁ ଭୁବନେଶ୍ୱର, ପାରାଦୀପ, କଟକ, ବ୍ରହ୍ମପୁର, ପୁରୀ, ବାଲେଶ୍ୱର, ଭଦ୍ରକ, ଯାଜପୁର, ମୁମ୍ବାଇ, କୋଲକାତା, ପୁନେ, ହାଇଦ୍ରାବାଦଠାରେ ଥିବା ସମସ୍ତ ପ୍ୟାରିସ ବେକରୀ ଆଉଟ୍‌ଲେଟ ଉତ୍ର ବ୍ଲେସିଙ୍ଗ ବକ୍ସର ଶୁଭାରମ୍ଭ ହୋଇଛି। ଆଗ୍ରହୀ ବ୍ୟକ୍ତିମାନେ ସେମାନଙ୍କ ପୋଷାକକୁ ପ୍ୟାରିସ ବେକରୀ ଆଉଟଲେଟ ଉତ୍ର ବ୍ଲେସିଙ୍ଗ ବକ୍ସରେ ଦାନ କରିପାରିବେ। ଉକ୍ତ ଏସବୁ ବସ୍ତ୍ରକୁ ୱାସେକ୍ସ ହସ୍ପିଟାଲିଟି ସଲୁଶନ ସହାୟତାରେ ସଫା ଓ ରିସାଇକେଲ କରି ଆବଶ୍ୟକ କରୁଥିବା ଲୋକଙ୍କ ପିନ୍ଧିବା ପାଇଁ ସେମାନଙ୍କ ପାଖରେ ପହଞ୍ଚାଇଥାଏ। କାର୍ଯ୍ୟକ୍ରମରେ 'ଉତ୍ର' ଚାରି ଟେବୁଲ ଟ୍ରଷ୍ଟର ପରାମର୍ଶଦାତା ଆକାଶ ଦାସନାୟକ, ସମ୍ପାଦିକା ଶୁଭ୍ରଜ୍ୟୋତି ଦାସନାୟକ, ଉପସଭାପତି ଡା. ସୂର୍ଯ୍ୟ ପ୍ରକାଶ, ପ୍ୟାରିସ ବେକରୀ ଆଉଟଲେଟର ସତ୍ତ୍ୱାଧିକାରୀ ବି.ଟି. ଭରଦ୍ୱାଜ, ସିନେତାରକା ସମରେଶ ରାଉତରାୟ, ଶ୍ରୀତମ ଦାସ, ପୁନମ ମିଶ୍ର ଏବଂ ଶୁଭଶ୍ରୀ ମଙ୍ଗରାଜ, ଦେବୀ ପ୍ରସାଦ ମଙ୍ଗରାଜ, ପୱନ ପାତ୍ରୋ ଓ 'ଉତ୍ର' ପରିବାର ସଦସ୍ୟ ଉପସ୍ଥିତ ଥିଲେ।




ସ୍ୱର୍ଗତ ନରସିଂହ ନନ୍ଦଙ୍କ ୧୦ମ ଶ୍ରାଦ୍ଧ ବାର୍ଷିକୀ ପାଳନ ଅବସରରେ ଶନିବାର ଭୁବନେଶ୍ୱରସ୍ଥିତ ବୁଦ୍ଧମନ୍ଦିର ପରିସରରେ ଆୟୋଜିତ ଆଲୋଚନାଚକ୍ରରେ ଅତିଥିମାନେ ପୁସ୍ତିକାକୁ ଉନ୍ମୋଚନ କରୁଛନ୍ତି।




ଓଏସ୍‌ଏସ୍‌ଟିଇଟି ଏବଂ ସିବିଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆଶାୟୀ ସଂସ୍କୃତ ଶିକ୍ଷକଙ୍କୁ ଉଚ୍ଚ ବିଦ୍ୟାଳୟରେ ନିଯୁକ୍ତି ନିମନ୍ତେ ସଂଘ ପକ୍ଷରୁ ଶନିବାର ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଅନୁଷ୍ଠିତ ବିକ୍ଷୋଭ ଶୋଭାଯାତ୍ରା।



ବାପୁଜି ନଗରସ୍ଥିତ ପ୍ୟାରିସ ବେକରୀ ଆଉଟଲେଟଠାରେ ବରିଷ୍ଠ ସମାଜିକ କର୍ମୀ ମାୟାଧର ନାୟକ ଉକ୍ତ ଟ୍ରଷ୍ଟ ପକ୍ଷରୁ ଶନିବାର ପୁରୁଣା ଓ ନୂତନ ବସ୍ତ୍ର ସଂଗ୍ରହ ଅଭିଯାନ ଆରମ୍ଭ କରାଯାଉଛି।

# ହୋମଗାର୍ଡ ସମେତ ୩ ଗିରଫ

## ଫାଣ୍ଡିରେ ଯୁବତୀଙ୍କୁ ବଳାତ୍କାର ଉଦ୍ୟମ

କଟକ ଅଫିସ/ ଚୌଦ୍ୱାର(ଡି.ଏନ୍.ଏ.),୨୭।୧୧

କଟକ ନିକଟ ମଙ୍ଗୁଳି ଛକରେ ଥିବା ଫାଣ୍ଡି ଭିତରେ ଜଣେ ଯୁବତୀଙ୍କୁ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗରେ ଟାଙ୍ଗୀ ଥାନା ପୋଲିସ ଜଣେ ହୋମଗାର୍ଡଙ୍କ ସମେତ ୩ଜଣଙ୍କୁ ଶନିବାର ଗିରଫକରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ହୋମଗାର୍ଡ ବିନୟ ଦାସ, ଟ୍ରକ୍ ହେଲ୍‌ପର ଗୋପାଳ ସାମଲ, ଡ୍ରାଇଭର ନବକିଶୋର ନାୟକ। ଅପରପକ୍ଷରେ ପୀଡ଼ିତା ଯୁବତୀଙ୍କ ପରିବାରରେ କେହି ନ ଥିବାରୁ ପୋଲିସ ତାଙ୍କୁ କଟକସ୍ଥିତ ସଖୀ ଆଶ୍ରମରେ ରଖିଛି।

ସୂଚନା ମୁତାବକ, ଆଠଗଡ଼ କୁମାରପୁର ଅଞ୍ଚଳର ଗୋପାଳ ପେସାରେ ଜଣେ ଟ୍ରକ ହେଲ୍‌ପର। ସେ ପୁରୀ ଅଞ୍ଚଳର ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। ବାହାହେବାର ପ୍ରତିଶ୍ରୁତି ଦେଇ ଗତ ୨୪ରେ ତାଙ୍କୁ ସାଥିରେ ଡାକି ଆଣିଥିଲେ। ଗୋପାଳ ଉକ୍ତ ଯୁବତୀଙ୍କ ସହ ୨ଦିନ ଶାରୀରିକ ସମ୍ପର୍କ ରଖିବା ପରେ ଆଠଗଡ଼ ନୂଆପାଟଣା ଅଞ୍ଚଳର ତାଙ୍କ ସାଥୀ ତଥା ଟ୍ରକ୍ ଡ୍ରାଇଭର ନବକିଶୋରଙ୍କ ଘରକୁ ନେଇଥିଲେ। ସେଠାରେ ନବକିଶୋରଙ୍କ ସ୍ତ୍ରୀ ଏହାକୁ ବିରୋଧ କରିବାରୁ ଉକ୍ତ ଯୁବତୀଙ୍କୁ ନେଇଯିବାକୁ ଗୋପାଳଙ୍କୁ କହିଥିଲେ। ପରେ ଯୁବତୀଙ୍କୁ ଗୋପାଳ ସାଥିରେ ନେଇଯାଇଥିଲେ। ଶୁକ୍ରବାର ରାତିରେ ନିଛାଟିଆ ଜଙ୍ଗଲରେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିବା ଅଭିଯୋଗ ହୋଇଥିଲା। ଗୋପାଳ ଯୁବତୀଙ୍କୁ ମଙ୍ଗୁଳି ଛକରେ ଛାଡ଼ିପଳାଇ ଯିବାସହ ମୋବାଇଲ ଫୋନ୍‌କୁ ବନ୍ଦ କରି ଦେଇଥିଲେ। ରାତିରେ ପୁରୀ ଫେରିବାକୁ ଗାଡ଼ି ନ ଥିବାରୁ ଯୁବତୀ ଜଣକ ଗୋପାଳଙ୍କୁ ଫୋନ କରିଥିଲେ। କିନ୍ତୁ ବନ୍ଦ ଥିବାରୁ ଯୁବତୀ ନବକିଶୋରଙ୍କ ଫୋନ୍‌କୁ ଯୋଗାଯୋଗ କରିଥିଲେ। ନବକିଶୋର ଯୁବତୀଙ୍କୁ ମଙ୍ଗୁଳି ଫାଣ୍ଡିକୁ ଯିବାକୁ କହିଥିଲେ। ସେଠାରେ ନିୟୋଜିତ ହୋମ୍‌ଗାର୍ଡ ବିନୟ ମଧ୍ୟ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ଯୁବତୀ ଜଣକ ଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଟାଙ୍ଗି ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା ରୁଜୁ କରି ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା ସୂଚନା ଦେଇଛନ୍ତି।



## ଟ୍ରେନ୍ ଧକ୍କାରେ ୩ ହାତୀ ମୃତ

କୋଏମ୍ବାଟୁର, ୨୭।୧୧

ତାମିଲନାଡୁର କୋଏମ୍ବାଟୁର ଜିଲା ଅନ୍ତର୍ଗତ ମଦୁକ୍କରାଇ ନିକଟରେ ଟ୍ରେନ୍ ଧକ୍କାରେ ୩ ମାଈ ହାତୀଙ୍କ ଜୀବନ ଯାଇଛି। ଜଙ୍ଗଲ ବିଭାଗ ଅଧିକାରୀଙ୍କ ସୂଚନା ଅନୁଯାୟୀ ଶୁକ୍ରବାର ରାତି ପ୍ରାୟ ୯ଟା ସମୟରେ କେତେକ ହାତୀ ମଦୁକ୍କରାଇ ଜଙ୍ଗଲ ଅଞ୍ଚଳ ଦେଇ ଯାଇଥିବା ରେଳଲାଇନ ଅତିକ୍ରମ କରୁଥିବାବେଳେ ୧୨୬୦୨ ଚେନ୍ନାଇ ମେଲ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ୩ ହାତୀଙ୍କ ମୃତ୍ୟୁ ଘଟିଥିଲା। କୋଏମ୍ବାଟୁର ଡିଏଫଓ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି।

## ମୃତକ ଜିତିଲେ ପଞ୍ଚାୟତ ନିର୍ବାଚନ

**ପାଟନା, ୨୭।୧୧:** ବିହାର ଜାମୁଇ ଜିଲା ଦୀପକରହାର ଗ୍ରାମରେ ଗତ ନଭେମ୍ବର ୨୪ରେ ହୋଇଥିବା ପଞ୍ଚାୟତ ନିର୍ବାଚନରେ ଜଣେ ମୃତ ବ୍ୟକ୍ତି ବିଜୟୀ ହୋଇଛନ୍ତି। ମୃତକ ସୋହନ ମୁର୍ମୁଙ୍କ ଶେଷ ଇଚ୍ଛା ପୂରଣ କରିବାକୁ ଅଞ୍ଚଳବାସୀ ତାଙ୍କୁ ଅନୁକମ୍ପାମୂଳକ ଭୋଟ ଦେଇଛନ୍ତି। ନିର୍ବାଚିତ ପ୍ରାର୍ଥୀଙ୍କୁ ପ୍ରଶାସନିକ ଅଧିକାରୀ ପ୍ରମାଣପତ୍ର ପ୍ରଦାନବେଳେ ଏହି ଘଟଣା ସାମ୍ନାକୁ ଆସିଛି। ସ୍ଥାନୀୟ ବିଡିଓ ରଘବେନ୍ଦ୍ର ତ୍ରିପାଠୀଙ୍କ ସୂଚନା ମୁତାବକ, ଭୋଟ ଗ୍ରହଣର ପ୍ରାୟ ୧୫ ଦିନ ପୂର୍ବରୁ ନଭେମ୍ବର ୬ରେ ମୁର୍ମୁଙ୍କ ମୃତ୍ୟୁ ଘଟିଥିଲା। ଏହି ନିର୍ବାଚନ ଜିତିବା ତାଙ୍କ ଶେଷ ଇଚ୍ଛା ଥିଲା। ତେଣୁ ଗ୍ରାମବାସୀ ଏବଂ ତାଙ୍କ ସମର୍ଥକ ବିପୁଳ ସଂଖ୍ୟାରେ ଭୋଟ ଦେଇ ମୃତ ମୁର୍ମୁଙ୍କୁ ଜିତାଇଥିଲେ।

## ବିଦେଶ ଫେରନ୍ତାଙ୍କୁ ୧୦ ଦିନ କ୍ୱାରାଣ୍ଟାଇନ

ଭୁବନେଶ୍ୱର,୨୭।୧୧(ବ୍ୟୁରୋ): ରାଜ୍ୟରେ କୋଭିଡ୍ ସଂକ୍ରମଣ ବଢ଼ିବାରେ ଲାଗିଛି। ଗତ ୨୪ ଘଣ୍ଟା ମଧ୍ୟରେ ୨୬୪ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୮ ବର୍ଷରୁ କମ୍ ୪୧ ଜଣ, କ୍ୱାରାଣ୍ଟାଇନ ସେଣ୍ଟରରୁ ୧୫୪ ଏବଂ ସ୍ଥାନୀୟ ଅଞ୍ଚଳରୁ ୧୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛି। ଖୋର୍ଦ୍ଧା ଜିଲାରେ ସର୍ବାଧିକ ୧୨୭ ଚିହ୍ନଟ ହୋଇଥିବାବେଳେ ମୟୂରଭଞ୍ଜରୁ ୨୬ ଜଣ କୋଭିଡ୍ ପଜିଟିଭ୍ ବାହାରିଛନ୍ତି। ଦକ୍ଷିଣ ଆଫ୍ରିକାରେ କରୋନାର ନୂଆ ଭାରିଆଣ୍ଟ ଚିହ୍ନଟ ହେବା ପରେ ଓଡ଼ିଶା ସରକାର ବିଦେଶରୁ ଆସୁଥିବା ଲୋକଙ୍କ ପାଇଁ ୧୦ଦିନିଆ କ୍ୱାରାଣ୍ଟାଇନ ବାଧ୍ୟତାମୂଳକ କରିଛନ୍ତି। ଏହାସହିତ ଜିଲାପାଳମାନଙ୍କୁ ଚିଠି ଲେଖି ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର ଶନିବାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଯେଉଁ ଲୋକମାନେ ବିଦେଶରୁ ଆସୁଛନ୍ତି ସେମାନଙ୍କୁ ଚିହ୍ନଟ କରାଯିବ। ସେମାନେ ୧୦ଦିନ ପାଇଁ କ୍ୱାରାଣ୍ଟାଇନରେ ରହିବା ବାଧ୍ୟତାମୂଳକ ହେବ। କୋଭିଡ୍ ସଂକ୍ରମଣ ବ୍ୟାପିବାକୁ ରୋକିବା ନିମନ୍ତେ ବିଦେଶରୁ ଆସୁଥିବା ବ୍ୟକ୍ତିମାନଙ୍କୁ କ୍ୱାରାଣ୍ଟାଇନରେ ରହିବାକୁ ପଡ଼ିବ। ଜିଲାପାଳ, ସିଡିଏମ୍ଓ ଓ ସମସ୍ତ ମ୍ୟୁନିସିପାଲ କମିଶନରମାନଙ୍କୁ କୋଭିଡ୍ ସଂକ୍ରମିତଙ୍କୁ ଚିହ୍ନଟ, ଟେଷ୍ଟିଂ ଓ ଚିକିତ୍ସାକୁ ତ୍ୱରାନ୍ୱିତ କରିବା ସହ ସମ୍ପୂର୍ଣ୍ଣ ଟିକାକରଣ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଛି। ସ୍କୁଲ ଓ କଲେଜରେ କୋଭିଡ୍ ଗାଇଡ୍‌ଲାଇନକୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କୋଭିଡ୍ ଲକ୍ଷଣ ଦେଖାଦେଲେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନକୁ ସିଲ୍ କରାଯିବା ସହ ସମସ୍ତଙ୍କର କୋଭିଡ୍ ପରୀକ୍ଷା କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି।

# କଏଦୀଙ୍କ ମାନସିକ ସ୍ଥିତି ସୁଧାରିବେ ଡାକ୍ତର

- ୧୬ ଜିଲାରେ ନିଯୁକ୍ତ ହେଲେ ୧୫ ମାନସିକ ଡାକ୍ତର
- ୧୩ ମନସ୍ତତ୍ତ୍ୱବିତ୍‌ଙ୍କୁ ନିଯୁକ୍ତି

ଭୁବନେଶ୍ୱର,୨୭।୧୧(ବ୍ୟୁରୋ)

ରାଜ୍ୟର ବିଭିନ୍ନ ଜେଲରେ ରହୁଥିବା ଅନ୍ତେବାସୀ ଦୀର୍ଘ ଦିନ ଜେଲରେ ରହିଯାଉଥିବାରୁ ସେମାନଙ୍କ ମାନସିକ ସ୍ଥିତି ବିଗିଡ଼ି ଯାଉଛି। ଏପରି କି ଅନେକେ ମଧ୍ୟ ଜେଲ ଭିତରେ ଆତ୍ମହତ୍ୟା କରିବାକୁ ମଧ୍ୟ ପଛାଉନାହାନ୍ତି। କଏଦୀମାନଙ୍କ ମାନସିକସ୍ଥିତିରେ ସୁଧାର ପାଇଁ ଏକାଧିକ ଜେଲରେ ଡାକ୍ତର ରହୁ ନ ଥିବାରୁ ଏଭଳି ସ୍ଥିତି ସୃଷ୍ଟି ହେଉଛି। ଏପରି କି ମାନସିକ ଡାକ୍ତରଙ୍କ ଅଭାବରୁ କଏଦୀଙ୍କୁ ଚିକିତ୍ସା ସୁବିଧା ମଧ୍ୟ ମିଳିପାରୁ ନାହିଁ। ଖାଲି ପଡ଼ିଥିବା ମାନସିକ ଡାକ୍ତର ପଦବୀ ପୂରଣ କରିବା ପାଇଁ ଜେଲ ନିର୍ଦ୍ଦେଶାଳୟ ପକ୍ଷରୁ ୩ଥର ବିଜ୍ଞପ୍ତି ବାହାର କରାଯାଇଥିଲେ ମଧ୍ୟ କେହି ଆବେଦନ କରୁ ନ ଥିଲେ। ଯେଉଁମାନେ ଆବେଦନ କରୁଥିଲେ, ସେମାନେ କେବଳ ସହରରେ ଥିବା ଜେଲ ପାଇଁ ଆବେଦନ କରୁଥିଲେ। ଶେଷରେ ଜେଲ ବିଭାଗ ଗ୍ରାମାଞ୍ଚଳ ଜେଲରେ ନିଯୁକ୍ତ ହେବାକୁ ଥିବା ଡାକ୍ତରଙ୍କ ଦରମା ବଢାଇବା ସହ ଆଉ ଏକ ବିଜ୍ଞପ୍ତି ବାହାର କରିଥିଲେ। ଏହି ବିଜ୍ଞପ୍ତି ପରେ ଏକାଧିକ ଡାକ୍ତର ଆବେଦନ କରିଥିଲେ। ଯାହାକୁ ଭିତ୍ତିକରି ୧୬ ଜିଲା ପାଇଁ ୧୫ଜଣ ମାନସିକ ଡାକ୍ତରଙ୍କ ସମେତ ୧୩ ଜଣ ମନସ୍ତତ୍ତ୍ୱବିତ୍‌ଙ୍କୁ ନିଯୁକ୍ତ କରାଯାଇଛି। ସେମାନେ ସପ୍ତାହକୁ ୨ଥର ଜେଲକୁ ଯାଇ ମାନସିକ ରୋଗର ଶିକାର କଏଦୀଙ୍କ ଚିକିତ୍ସା କରିବେ। ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜର ଡାକ୍ତର ଦୀପକ ରଞ୍ଜନ ରାଉତରାୟଙ୍କୁ ରାୟଗଡ଼ା ଏବଂ ଡା. କୀର୍ତ୍ତିଅନୁରାଗଙ୍କୁ ନବରଙ୍ଗପୁର ଜିଲାରେ ନିଯୁକ୍ତ ଦିଆଯାଇଛି। ସେହିପରି କୋରାପୁଟ ଏସ୍‌ଏଲ୍‌ଏନ୍ ଏମ୍‌ସିଏଚ୍ ହସ୍ପିଟାଲର ଡା.ବିପିନି ପାତ୍ରଙ୍କୁ ମାଲକାନଗିରି ଜିଲା, ବ୍ରହ୍ମପୁର ସିଟି ହସ୍ପିଟାଲର ଡା.ଶର୍ମିଷ୍ଠା ପ୍ରିୟଦର୍ଶିନୀଙ୍କୁ ଗଜପତି, କେନ୍ଦୁଝର ଡିଏମ୍‌ଏଚ୍‌ପି ହସ୍ପିଟାଲର ସୁଶାନ୍ତ କୁମାର ମାଝିଙ୍କୁ ଦେଓଗଡ଼, କନ୍ଧମାଳ ଡିଏଚ୍‌ଏଚ୍ ହସ୍ପିଟାଲର ସ୍ୱାତୀ ମିଶ୍ରଙ୍କୁ କନ୍ଧମାଳ ଏବଂ ବୌଦ୍ଧ ଜିଲାରେ ନିଯୁକ୍ତି କରାଯାଇଛି। ସେହିପରି ସମ୍ବଲପୁର ଭିମ୍‌ସାର ମେଡିକାଲର ଶୁଭଙ୍କର ସ୍ୱାଇଁଙ୍କୁ ଝାରସୁଗୁଡ଼ା, ରାଜେଶ ମେହେରଙ୍କୁ ସୁନ୍ଦରଗଡ଼ ଜିଲା, ପୁରୀ ଏସ୍‌ଜେ ଏମ୍‌ସିଏଚ୍‌ର ଡାକ୍ତର ଦେବାଶିଷ ବିଶ୍ୱାସଙ୍କୁ ପୁରୀ, ବାଲେଶ୍ୱର ଡିଏଚ୍‌ଏଚ୍ ମେଡିକାଲର ଡା.ବ୍ରଜକିଶୋର ଗିରିଙ୍କୁ ଭଦ୍ରକ ଜିଲାରେ ନିଯୁକ୍ତି ଦିଆଯାଇଛି। ସେହିପରି କଟକ ଏସ୍‌ସିବି ମେଡିକାଲ କଲେଜର ଡା. ସୁମିତ କୁମାର ସିଂଙ୍କୁ ଯାଜପୁର, ଡା. ସମୀକ୍ଷା ଦାଶଙ୍କୁ ଜଗତ୍‌ସିଂହପୁର, ବଲାଙ୍ଗୀର ବିବି ଏମ୍‌ସିଏଚ୍‌ର ଡା. ଟିଙ୍କିନ ବେହେରାଙ୍କୁ ସୁବର୍ଣ୍ଣପୁର, ପ୍ରବୀନ କୁମାର ସାହୁଙ୍କୁ ବରଗଡ଼ ଏବଂ ବଲାଙ୍ଗୀର ଡିଏଚ୍‌ଏଚ୍‌ର ଅନିଲ କୁମାର ନାୟକଙ୍କୁ ନୂଆପଡ଼ା ଜିଲାରେ ନିଯୁକ୍ତି ମିଳିଛି।

ଏଥିସହ ୧୩ ଜଣ ମନସ୍ତତ୍ତ୍ୱବିତ୍‌ଙ୍କୁ ମଧ୍ୟ ବିଭିନ୍ନ ଜେଲ ପାଇଁ ଦାୟିତ୍ୱ ମିଳିଛି। କ୍ୟାପିଟାଲ ହସ୍ପିଟାଲର ଲିପିକା ଲୋପାମୁଦ୍ରା ମଲ୍ଲିକଙ୍କୁ କୋରାପୁଟ, ସୁସେନ୍ ନାୟକଙ୍କୁ ମାଲକାନଗିରିରେ ନିଯୁକ୍ତ ମିଳିଛି। ସମ୍ବଲପୁର ଡିଏଚ୍‌ଏଚ୍‌ର ଆକାଂକ୍ଷା ମିଶ୍ରଙ୍କୁ ବରଗଡ଼, ଗଞ୍ଜାମ ଡିଏଚ୍‌ଏଚ୍ ହସ୍ପିଟାଲରେ ଥିବା ରୋମାଲିନ୍ ପଟ୍ଟନାୟକଙ୍କୁ ଗଜପତି, ଦେବଗଡ଼ ଡିଏଚ୍‌ଏଚ୍‌ରେ ଥିବା ଜୟଶ୍ରୀ ଷଡଙ୍ଗୀଙ୍କୁ କେନ୍ଦୁଝର ଜିଲାରେ ନିଯୁକ୍ତି ଦିଆଯାଇଛି। ଗୀତା ବେଶରାଙ୍କୁ ମୟୂରଭଞ୍ଜ, ପୁଷ୍ପାରାଣୀ ହେମ୍ବ୍ରମଙ୍କୁ ନବରଙ୍ଗପୁର, ଅଙ୍କିତା ମହାପାତ୍ରଙ୍କୁ ନୟାଗଡ଼, ଅମ୍ରିତା ପ୍ରୀତମଙ୍କୁ ନୂଆପଡ଼ା, ଶ୍ୟାମସିକ୍ତ ନାୟକଙ୍କୁ ରାୟଗଡ଼ା, ସୁନୀତା ମିଶ୍ରଙ୍କୁ ସମ୍ବଲପୁର, ଅଭିନାଶ ମିଶ୍ରଙ୍କୁ ସୋନପୁର, ଆଶିଷ କୁମାର ସାହୁଙ୍କୁ ସୁନ୍ଦରଗଡ଼ ଦାୟିତ୍ୱ ଦିଆଯାଇଥିବା ଜେଲ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ଗଞ୍ଜେଇ ଚାଲାଣ କରି କୋଟିପତି

- ଚିତ୍ତରଞ୍ଜନଙ୍କୁ ଧରିପାରୁନି ପୋଲିସ
- ଘରୁ ମିଳିଲା ନଗଦ ୨୦ଲକ୍ଷ ୫୦ହଜାର ଟଙ୍କା, ଦେଢ଼ କୋଟିର ସମ୍ପତ୍ତି
- ରାଜସ୍ଥାନ, ଉତ୍ତରପ୍ରଦେଶ, ହରିୟାଣା ଲିଙ୍କ୍

ଛେଣ୍ଡିପଦା, ୨୭।୧୧(ସ୍ୱ.ପ୍ର.)



ଗଞ୍ଜେଇ ବ୍ୟବସାୟ କରି ଛିଡ଼ା କରିଥିଲେ ବିଶାଳ ସାମ୍ରାଜ୍ୟ। ରାଜ୍ୟ ବାହାର ବ୍ୟବସାୟୀଙ୍କ ସହ ସମ୍ପର୍କ ବଢ଼ାଇ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ଚାଲିଥିଲା କୋଟି କୋଟି ଟଙ୍କାର କାରବାର। ଏଭଳି ଏକାଧିକ ଅଭିଯୋଗ ଆସିବା ପରେ ପୋଲିସ ସ୍କାନରରେ ଥିବା ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଶିମିଳିପାଳ ପଞ୍ଚାୟତ ସାପୋଇନାଳି ଗ୍ରାମର ଚିତ୍ତରଞ୍ଜନ ସାହୁ ଓରଫ୍ ପିଣ୍ଟୁ (୪୧)ଙ୍କ ଘରେ ଶନିବାର ଭୋର୍ ୩ଟାରେ ଅତର୍କିତ ଚଢ଼ାଉ କରାଯାଇଛି। ଘଟଣାସ୍ଥଳରୁ ନଗଦ ୨୦ଲକ୍ଷ ୫୦ହଜାର ଟଙ୍କା ସମେତ ଦେଢ଼ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଜବତ ହୋଇଛି। ତେବେ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି।

ଏସ୍‌ପି ଜଗମୋହନ ମୀନାଙ୍କ ନିର୍ଦ୍ଦେଶରେ ମାଜିଷ୍ଟ୍ରେଟ୍ ଭାବେ ତହସିଲଦାର ଡାନିଏଲ୍ ଏକ୍କାଙ୍କ ଉପସ୍ଥିତିରେ ଏସ୍‌ଡିପିଓ ଭବାନୀ ଶଙ୍କର ଉଦ୍‌ଗାତା, ଆଇଆଇସି ଧୀରେନ୍ଦ୍ର ବେହେରା ସଦଳବଳ ଚଢ଼ାଉ କରିଥିଲେ। ତାଙ୍କ ଘରୁ ନଗଦ ୨୦ ଲକ୍ଷ ୫୦ ହଜାର ଟଙ୍କା, ପରିବାର ସଦସ୍ୟଙ୍କ ନାମରେ ବିଭିନ୍ନ ବ୍ୟାଙ୍କରେ ଥିବା ୬ ପାସ୍‌ବୁକ୍, ୧୫ରୁ ଊର୍ଦ୍ଧ୍ୱ ଜମିପଟ୍ଟା, ଦାମୀ କାର, ମିନି ଟ୍ରକ୍, ଟ୍ରାକ୍ଟର, ଧାନ ଅମଳ ଯନ୍ତ୍ର, ଲଙ୍ଗଳ, ପେପର ପ୍ଲେଟ ମେଶିନ, ଡିଜେ ସାଉଣ୍ଡ୍ ସିଷ୍ଟମ, ଜେନେରେଟର, ଟେଣ୍ଟ ହାଉସ୍ ସାମଗ୍ରୀ, ବିପୁଳ ପରିମାଣର ଶାଳ ଓ ଶାଗୁଆନ କାଠ ଜବତ ହୋଇଛି। ଟେଣ୍ଟ ହାଉସ୍ ସାମଗ୍ରୀର ମୂଲ୍ୟ ୫୦ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି।

ପିଣ୍ଟୁଙ୍କ ବେଆଇନ ଗଞ୍ଜେଇ କାରବାର ଚେର ରାଜ୍ୟ ସୀମା ଡେଇଁ ରାଜସ୍ଥାନ, ହରିୟାଣା, ଉତ୍ତରପ୍ରଦେଶକୁ ଲମ୍ବିଛି। ରାଜ୍ୟ ବାହାର ବ୍ୟବସାୟୀଙ୍କ ସହ ସମ୍ପର୍କ ବଢ଼ାଇ ସେ ସ୍ଥାନୀୟ ଅଞ୍ଚଳରୁ କୋଟି କୋଟି ଟଙ୍କାର ଗଞ୍ଜେଇ ଚାଲାଣ କରୁଥିଲେ। ବିଭିନ୍ନ ଆକାଉଣ୍ଟକୁ ବିପୁଳ ପରିମାଣର ଟଙ୍କା ନେଣଦେଣ କରାଯାଉଥିବା ଜଣାପଡ଼ିବା ପରେ ସେ ପୋଲିସ ସ୍କାନରକୁ ଆସିଥିଲେ। ଗତ ଜୁଲାଇରେ ଏକ ସାଇବର କ୍ରାଇମ୍ ମାମଲାରେ ରାଜସ୍ଥାନ ପୋଲିସ ଅନୁଗୋଳରେ ପହଞ୍ଚି ପିଣ୍ଟୁଙ୍କୁ ଖୋଜିଥିଲା। ହେଲେ ଅଭିଯୁକ୍ତ ଚକ୍‌ମା ଦେଇ ଫେରାର ହୋଇଯାଇଥିଲେ। ଅନୁରୂପ ଭାବେ ଗତ ଅଗଷ୍ଟ ୨୩ରେ ଏକ କାର୍‌ରେ ୭୦ କେ.ଜି. ୩୦୦ ଗ୍ରାମ ଗଞ୍ଜେଇ ଚାଲାଣ କରାଯାଇଥିବାବେଳେ ପୋଲିସ ଗୋବିନ୍ଦ ନାଏକ ନାମକ ଜଣେ ବ୍ୟକ୍ତିକୁ ଗିରଫ କରିଥିଲା। ହେଲେ ପିଣ୍ଟୁ ପୁନର୍ବାର ଫେରାର ହେବାରେ ସକ୍ଷମ ହୋଇଥିଲେ। ଶନିବାର ପୋଲିସ ଯୋଜନାବଦ୍ଧ ଭାବେ ତାଙ୍କ ଘରେ ଚଢ଼ାଉ କରି ବିପୁଳ ପରିମାଣର ସମ୍ପତ୍ତି ଜବତ କରିଛି।

ଏ ସଂକ୍ରାନ୍ତରେ ଏସ୍‌ଡିପିଓ କହିଛନ୍ତି, ଦିନକରେ ଏହି ମାମଲାର ତଦନ୍ତ ସରିବ ନାହିଁ। ଜବତ ପାସ୍‌ବୁକ୍‌ଗୁଡ଼ିକୁ ଯାଞ୍ଚ କରାଯିବା ପରେ ପ୍ରକୃତ ସମ୍ପତ୍ତିର ମୂଲ୍ୟ ଜଣାପଡ଼ିବ। ଅଭିଯୁକ୍ତଙ୍କୁ ଗିରଫ କରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି।

# ଦୋଷୀଙ୍କୁ ଦିନକରେ ଆଜୀବନ ଜେଲ

## ବଳାତ୍କାର ପୀଡ଼ିତାଙ୍କୁ ତ୍ୱରିତ ନ୍ୟାୟ

ପାଟନା, ୨୭।୧୧

ଜଣେ ୮ ବର୍ଷୀୟା ବାଳିକାଙ୍କୁ ବଳାତ୍କାର ଘଟଣାରେ ଗୋଟିଏ ଦିନର ଶୁଣାଣିରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯିବା ସହ ଆଜୀବନ କାରାଦଣ୍ଡାଦେଶ ମିଳିଛି। ପୀଡ଼ିତାଙ୍କୁ ତ୍ୱରିତ ନ୍ୟାୟ ମିଳିବାର ଏଭଳି ବିରଳ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ବିହାରରେ।

ଗତ ଜୁଲାଇ ୨୨ରେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ସେପ୍ଟେମ୍ବର ୨୪ରେ ଅଭିଯୁକ୍ତ ଦିଲୀପ କୁମାର ଯାଦବଙ୍କ ବିରୋଧରେ ଶିଶୁଙ୍କୁ ଯୌନ ଉତ୍ପୀଡ଼ନରୁ ରକ୍ଷା କରିବା ପାଇଁ ଉଦ୍ଦିଷ୍ଟ ପୋକ୍ସୋ ଆଇନ ବଳରେ ଚାର୍ଜ ଫ୍ରେମ୍ ହୋଇଥିଲା। ଅରାରିଆ ପୋକ୍ସୋ କୋର୍ଟରେ ଅକ୍ଟୋବର ୪ରେ ମାମଲାର ଶୁଣାଣି ହୋଇଥିଲା। ସ୍ପେଶାଲ ଜଜ ଶଶିକାନ୍ତ ରାଏ ଦିଲୀପଙ୍କୁ ଆଜୀବନ ଜେଲଦଣ୍ଡ ସହ ୫୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପୀଡ଼ିତାଙ୍କ ପରିବାରକୁ ପୀଡ଼ିତା କ୍ଷତିପୂରଣ ପାଣ୍ଠିରୁ ୭ ଲକ୍ଷ ପ୍ରଦାନ କରିବାକୁ ନିର୍ଦ୍ଦେଶ ରହିଛି। ଶୁକ୍ରବାର ଜାରି ଅର୍ଡର ଶିଟ୍‌ରୁ ଏହି ଘଟଣା ସାମ୍ନାକୁ ଆସିଛି।

ଶୁଣାଣିର ଗୋଟିଏ ଦିନରେ ଦଣ୍ଡାଦେଶ ଦିଆଯିବାରେ ଏହା ପ୍ରଥମ ବୋଲି ବିହାର ସରକାରଙ୍କ ପକ୍ଷରୁ କୁହାଯାଇଛି। ୨୦୧୮ ଅଗଷ୍ଟ ୮ରେ ମଧ୍ୟପ୍ରଦେଶର ଦାତିଆ ଜିଲାରେ ଜଣେ ଅଭିଯୁକ୍ତଙ୍କୁ ଶୁଣାଣିର ୩ ଦିନ ମଧ୍ୟରେ ଦଣ୍ଡାଦେଶ ଦିଆଯାଇଥିଲା।

# ଜାଲ୍ କାଗଜପତ୍ରରେ ବ୍ୟାଙ୍କରୁ ୪ କୋଟି ଠକେଇ

ବ୍ରହ୍ମପୁର ଅଫିସ,୨୭।୧୧

ଜାଲ୍ କାଗଜପତ୍ର କରି ବିଭିନ୍ନ ଲୋକଙ୍କ ନାଁରେ ପ୍ରାୟ ୪କୋଟି ଟଙ୍କା ଋଣ ଉଠାଣ କରିଥିବା ଅଭିଯୋଗରେ ବ୍ରହ୍ମପୁର ବଡବଜାର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ କମାପଲ୍ଲୀ ରାମନଗର ପ୍ରଥମ ଲେନ୍‌ର ଗୁପ୍ତେଶ୍ୱର ପଟ୍ଟନାୟକ। ନମ୍ବର ୨୪୦/୨୧ରେ ତାଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ଏଥିରେ ସମ୍ପୃକ୍ତ ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜରଙ୍କୁ ପୋଲିସ ଖୋଜିବା ଆରମ୍ଭ କରିଛି।

ଘଟଣାରୁ ପ୍ରକାଶ, ବୈଦ୍ୟନାଥପୁର ଥାନା ରାମନଗର ଦ୍ୱିତୀୟ ଲେନ୍‌ରେ ରହୁଥିବା ସୁଧାଂଶୁ ଶେଖର ପାଢ଼ୀ ବଡ଼ବଜାର ଥାନା ନୀଳକଣ୍ଠନଗର ଆନ୍ଧ୍ର ବ୍ୟାଙ୍କରେ ଋଣ ପାଇଁ ଆବେଦନ କରିଥିଲେ। ଗୁପ୍ତେଶ୍ୱର ମଧ୍ୟ ସୁଧାଂଶୁଙ୍କୁ ଭଲ ଭାବେ ଜାଣିଥିଲେ। ଋଣ କରାଇ ଦେବା ପାଇଁ ଗୁପ୍ତେଶ୍ୱର ଠିକାଦାର ସୁଧାଂଶୁଙ୍କୁ ପ୍ରତିଶ୍ରୁତି ଦେଇ ବ୍ୟାଙ୍କ ମ୍ୟାନେଜରଙ୍କ ସହିତ ଯୋଗାଯୋଗ କରିଥିଲେ। ୨୦୧୮ ସେପ୍ଟେମ୍ବରରେ ଘର, ଜମି କାଗଜପତ୍ର ବନ୍ଧା ପକାଇ ସୁଧାଂଶୁ ୧୦ଲକ୍ଷ ଟଙ୍କାର ଋଣ ପାଇଥିଲେ। ଗୁପ୍ତେଶ୍ୱର ଓ ବ୍ୟାଙ୍କ ମ୍ୟାନେଜର ଋଣ ମଞ୍ଜୁର ପୂର୍ବରୁ ସୁଧାଂଶୁଙ୍କଠାରୁ ବିଭିନ୍ନ କାଗଜପତ୍ରରେ ଦସ୍ତଖତ ନେଇଥିଲେ। ପରବର୍ତ୍ତୀ ସମୟରେ ଗୁପ୍ତେଶ୍ୱର କମ୍ ସୁଧରେ ଏକ ଗୃହ ଋଣ କରାଇ ଦେବା ପାଇଁ ସୁଧାଂଶୁଙ୍କୁ କହିଥିଲେ। ସୁଧାଂଶୁ ଏଥିରେ ରାଜି ହୋଇ ବ୍ୟାଙ୍କ ମ୍ୟାନେଜରଙ୍କ ପାଖରେ ଆବେଦନ କରିଥିଲେ। ଆବେଦନ ସମୟରେ ସେ କେତେକ କାଗଜପତ୍ରରେ ଦସ୍ତଖତ କରିଥିଲେ। ସୁଧାଂଶୁ ଦସ୍ତଖତ କରିଥିବା କାଗଜପତ୍ର ବ୍ୟବହାର କରି ତାଙ୍କ ନାମରେ ପୁଣିଥରେ ୨୦୧୮ ଡିସେମ୍ବରରେ ୨୪ଲକ୍ଷ ଟଙ୍କା ଋଣ କରାଯାଇଥିଲା। ଗୁପ୍ତେଶ୍ୱର ଓ ବ୍ୟାଙ୍କ ମ୍ୟାନେଜର ମିଳିତ ଭାବେ ଏହି କାମ କରି ଟଙ୍କା ଉଠାଇଥିଲେ। ଋଣ ପରିଶୋଧ ନ କରିବାରୁ ବ୍ୟାଙ୍କ ତରଫରୁ ୨୦୧୯ ଅଗଷ୍ଟରେ ସୁଧାଂଶୁଙ୍କ ନିକଟକୁ ନୋଟିସ୍ ଯାଇଥିଲା। ସୁଧାଂଶୁ ୨୪ଲକ୍ଷ ଟଙ୍କା ଋଣ ନେଇ ନ ଥିବା ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ କହିଥିଲେ। କିନ୍ତୁ ସେହି ସମୟରେ ସମ୍ପୃକ୍ତ ବ୍ୟାଙ୍କ ମ୍ୟାନେଜର ଅବସର ନେଇ ସାରିଥିଲେ। ଗୁପ୍ତେଶ୍ୱର ଓ ସମ୍ପୃକ୍ତ ବ୍ୟାଙ୍କ ମ୍ୟାନେଜର ଜାଲ୍ କାଗଜପତ୍ରରେ ଏଭଳି ୨୫ ଜଣଙ୍କ ନାମରେ ପ୍ରାୟ ୪କୋଟି ଟଙ୍କା ଋଣ ଉଠାଣ କରିଥିବା ଜଣାପଡ଼ିଛି। ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜରଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ପୋଲିସ କହିଛି।

ପ୍ରଥମ ପୃଷ୍ଠାରୁ...

## ଶିକ୍ଷାନୁଷ୍ଠାନ ଉପରେ...

ଆର.କେ. ଶର୍ମା ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି। ପରୀକ୍ଷା, ଚିହ୍ନଟ, ଚିକିତ୍ସା, ଟିକାକରଣ ଉପରେ ଫୋକସ କରିବାକୁ ପରାମର୍ଶ ଦେଇଛନ୍ତି। ଜିନୋମ୍ ସିକ୍ୟୁଏନ୍ସିଂ ଲାବ୍‌ଗୁଡ଼ିକୁ ନିୟମିତ ଭାବେ ଆରଟିପିସିଆର ନମୁନା ପଠାଇବାକୁ କୁହାଯାଇଛି। ସ୍କୁଲ, କଲେଜ, ଛାତ୍ରାବାସ ଉପରେ ନଜର ରଖିବାକୁ ପରାମର୍ଶ ଦିଆଯାଇଛି। ଯଦି କେହି ଅସୁସ୍ଥତା ଅନୁଭବ କରନ୍ତି ତେବେ ତାଙ୍କୁ ସ୍କୁଲକୁ ନ ଆସିବାକୁ ପରାମର୍ଶ ଦେବା ସହ ଶ୍ରେଣୀଗୃହଗୁଡ଼ିକୁ ନିୟମିତ ସାନିଟାଇଜ କରିବାକୁ କୁହାଯାଇଛି। ସର୍ବସାଧାରଣ ସ୍ଥାନ ଏବଂ ଅନୁଷ୍ଠାନଗୁଡ଼ିକରେ କୋଭିଡ୍ ନିୟମ କଡ଼ାକଡ଼ି ପାଳନ କରିବା, ଶିକ୍ଷାନୁଷ୍ଠାନ, ଛାତ୍ରାବାସଗୁଡ଼ିକରେ ଟେଷ୍ଟକୁ ବ୍ୟାପକ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଘରକୁ ଘର ବୁଲି ଟିକାକରଣ ଉପରେ ଗୁରୁତ୍ୱ ଦେବା ସହ ନିୟମିତ ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କୋଭିଡ୍ ନିୟମ ନ ମାନିଲେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ସବୁ ଜିଲାପାଳଙ୍କୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି। ଅଳ୍ପ କିଛିଦିନ ପୂର୍ବରୁ ଦକ୍ଷିଣ ଆଫ୍ରିକାରୁ

ଚିହ୍ନଟ ହୋଇଥିବା ଭାରିଆଣ୍ଟ 'ବି.୧.୧.୫୨୯ ବା ଓମିକ୍ରନ୍' କରୋନାର ଅନ୍ୟ ଭାରିଆଣ୍ଟଠାରୁ ଅଧିକ ମାରାତ୍ମକ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ କୁହାଯାଇଛି। ଏହି ନୂଆ ଭାରିଆଣ୍ଟ ଉପରେ ଟିକାର କୌଣସି ପ୍ରଭାବ ପଡୁ ନ ଥିବାରୁ ଆହୁରି ଚିନ୍ତା ବଢ଼ିଛି। ଡେଲ୍ଟା ଭାରିଆଣ୍ଟଠାରୁ ମଧ୍ୟ ଏହା ୭ ଗୁଣା ଦ୍ରୁତ ଗତିରେ ବ୍ୟାପିବା ସହ ସ୍ୱାସ୍ଥ୍ୟ ସମସ୍ୟାକୁ ଜଟିଳ କରୁଥିବା ଜଣାପଡ଼ିଛି। ବର୍ତ୍ତମାନ ଯାଏ ଏହି ନୂଆ ଭାରିଆଣ୍ଟ ୫ଟି ଦେଶରେ ବ୍ୟାପି ସାରିଲାଣି। ଭାରତରେ ଏଯାଏ ଏହି ଭାରିଆଣ୍ଟର କୌଣସି ମାମଲା ସାମ୍ନାକୁ ଆସି ନାହିଁ। ଯଦି ଏହା ଆହୁରି ଅଧିକ ସଂକ୍ରାମକ ହୋଇ ଭାରତକୁ ପ୍ରବେଶ କରେ ତେବେ କରୋନାର ତୃତୀୟ ଲହର ଆରମ୍ଭ ହୋଇଯିବ ବୋଲି ସ୍ୱାସ୍ଥ୍ୟ ବିଜ୍ଞାନୀ କହିଛନ୍ତି।

## ବିଶ୍ୱ ଦରବାରରେ...

ଅଧିବାସୀଙ୍କ ମୁହଁରେ ହସ ଫୁଟାଇବାକୁ ସବୁବେଳେ ଉଦ୍ୟମ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କୋରାପୁଟ ଜିଲାର ୩ ଲକ୍ଷ ୭୦ ହଜାର ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରାଯାଉଛି। ଏହାଦ୍ୱାରା ଜିଲାର ୧୨ ଲକ୍ଷ ଲୋକ ମାଗଣାରେ ଚିକିତ୍ସା ସୁବିଧା ପାଇପାରିବେ ବୋଲି ସେ କହିଥିଲେ। ସ୍ଥାନୀୟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ପ୍ରେକ୍ଷାଳୟଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ, ରାଜ୍ୟ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ, ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ପଡାଲ ଉପସ୍ଥିତ ଥିଲେ। ନବରଙ୍ଗପୁର ଆର୍‌ସିଡି ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ, କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ସ୍ଥାନୀୟ ଏମ୍‌ପି ରମେଶ ଚନ୍ଦ୍ର ମାଝି, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ମଞ୍ଚାସୀନ ଥିଲେ। ସ୍ୱାସ୍ଥ୍ୟ ଆମ ସମସ୍ତଙ୍କ ପାଇଁ ମୂଲ୍ୟବାନ୍। ଏହି କାର୍ଡ ଦ୍ୱାରା ଜିଲାର ୧୧,୩୧,୪୭୬ ଜଣ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପଞ୍ଜୀକୃତ ଓ ସମସ୍ତ ସରକାରୀ ଡାକ୍ତରଖାନାରେ ଏହି କାର୍ଡ ବ୍ୟବହାର ହୋଇପାରିବ। ସମସ୍ତଙ୍କ ଜୀବନ ମୋ ପାଇଁ ମୂଲ୍ୟବାନ୍ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ରାଜ୍ୟରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ଅନେକ କାର୍ଯ୍ୟ କରିଛନ୍ତି। ଶିକ୍ଷାର ବିକାଶ ପାଇଁ ଇ-ସ୍ମାର୍ଟ ସ୍କୁଲ ହୋଇଛି। ଜିଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୧୧ ଲକ୍ଷରୁ ବେଶି ଲୋକ ଉପକୃତ ହେବେ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ମାର୍ଟ ହେଲ୍‌ଥ କାର୍ଡ ପ୍ରଦାନ କରିଛନ୍ତି। ପରେ ଅତିଥିଙ୍କ ଦ୍ୱାରା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଏକ ପ୍ରଚାର ରଥର ଶୁଭାରମ୍ଭ କରାଯାଇଛି। କାର୍ଯ୍ୟକ୍ରମ ଶେଷରେ କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ତୀର୍ଥଯାତ୍ରୀ ବସ୍‌କୁ...

ସୂଚନା ମୁତାବକ, ଗଞ୍ଜାମ ଜିଲା ଗୋପାଳପୁର ଥାନା ଅନ୍ତର୍ଗତ ଭେଙ୍କଟରାୟପୁର ଏବଂ ଆଲିପୁର ଅଞ୍ଚଳର ୧୮ଜଣ ଯାତ୍ରୀଙ୍କୁ ନେଇ ପ୍ରିନ୍ସ ନାମକ ବସ୍(ଓଆର୦୨ ଏକ୍ସ ୬୫୯୯) ଗୁରୁବାର ରାତିରେ କେନ୍ଦୁଝର ଘଟଗାଁ ସ୍ଥିତ ମା'ତାରିଣୀ ମନ୍ଦିର ଦର୍ଶନ ନିମନ୍ତେ ବାହାରିଥିଲା। ସେଠାରେ ଦର୍ଶନ ସାରି ଶୁକ୍ରବାର ଅପରାହ୍ନରେ ଗୋପାଳପୁର ଅଭିମୁଖେ ବସ୍ ଫେରୁଥିଲା। ଶନିବାର ଭୋର



ତଥା ରାତ୍ରି ପ୍ରାୟ ୩ଟାରେ ଯାତ୍ରୀମାନେ ପରିସ୍ରା କରିବା ନିମନ୍ତେ ବାଲୁଗାଁ ବାଇପାସ୍ ରାସ୍ତାର ବେଲପଡ଼ା ଛକ ନିକଟରେ ବସ୍ ରହିଥିଲା। ବସ୍‌ରୁ ଯାତ୍ରୀମାନେ ଓହ୍ଲାଉଥିବା ବେଳେ ଏହି ସମୟରେ ଏକ ଟ୍ରକ୍ ଦ୍ରୁତ ଗତିରେ ଆସି ବସ୍ ପଛକୁ ଧକ୍କାଦେବା ଫଳରେ ବସ୍‌ଟି କିଛି ବାଟ ମାଡ଼ିଯାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ବସ୍ ତଳେ ୩ଜଣ ଯାତ୍ରୀ ଚାପିହୋଇ ରହିଯାଇଥିଲେ। ବସ୍‌ରେ ଥିବା ଅନ୍ୟ ଯାତ୍ରୀମାନେ ମଧ୍ୟ ଗୁରୁତର ଆହତ ହୋଇଥିଲେ। ଖବରପାଇ ବାଲୁଗାଁ ଓ ବାଣପୁର ପୋଲିସ ଏବଂ ଅଗ୍ନିଶମ କର୍ମଚାରୀ ପହଞ୍ଚି ବସ୍ ତଳେ ଚାପି ହୋଇ ରହିଥିବା ୩ଜଣ ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ। ଘଟଣାସ୍ଥଳରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଯାତ୍ରୀଙ୍କୁ ବାଲୁଗାଁ ସରକାରୀ ଡାକ୍ତରଖାନାକୁ ନେବା ବେଳେ ବାଟରେ ମୃତ୍ୟୁ ଘଟିଥିଲା। ୭ ଆହତଙ୍କୁ ଚିକିତ୍ସା ପାଇଁ ବାଲୁଗାଁ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେମାନେ ହେଲେ ବିଜୟ ସାହୁ(୫୭), ବାସୁଦେବ ସାହୁ(୩୪), ଆର୍.ବି.ରାଓ (୫୨), ପି.ମଧୁସୂଦନ ରାଓ(୨୯), କେ.ବାଲାଜୀ(୫୧), ସୁନୀଲ ସାହୁ (୩୦), ଦିଲ୍ଲୀପ କୁମାର ରେଡ୍ଡୀ(୫୨)। ଏମାନଙ୍କ ମଧ୍ୟରୁ ୫ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଡ. ଗୋପବନ୍ଧୁ ଦାସ ମେଡିକାଲରେ ପହଞ୍ଚି ଆହତଙ୍କୁ ୫ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏଥିସହ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ମେଡିକାଲ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଅନ୍ୟପଟେ ଭେଙ୍କଟରାୟପୁରର ଦୁଇ ମୃତକ ଓ ଆଲିପୁରର ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧୦ହଜାର ଟଙ୍କା ଓ ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ତେବେ ଦୁର୍ଘଟଣା ଘଟାଇଥିବା ଟ୍ରକର ସନ୍ଧାନ ମିଳିପାରି ନାହିଁ। ଏ ସମ୍ପର୍କରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଖୁବ୍‌ଶୀଘ୍ର ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଏବଂ ଚାଳକଙ୍କୁ ଧରାଯିବ ବୋଲି ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ କହିଛନ୍ତି।

# ଲିଜର ଟାଇମ୍



ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନଶୈଳୀରେ ପାଠପଢ଼ା ହେଉ ଅବା ଜବ୍ କରୁଥିବା ପ୍ରତ୍ୟେକ ଯୁବପିଢ଼ି ନିଜ ନିଜ କାର୍ଯ୍ୟକୁ ନେଇ ବ୍ୟସ୍ତ। ଏମିତିରେ ଟିକିଏ ଫାଙ୍କା ସମୟ ମିଳିଲେ କାହାକୁ ବା ଖୁସି ନ ଲାଗେ! ଆଉ ଏହି ସମୟରେ କିଏ ବୁଲାବୁଲି ମଜାମସ୍ତି କରେ ତ କିଏ ଦେଖେ ଟିଭି, ପୁଣି କିଏ ମୋବାଇଲ୍‌ରେ ଖେଳେ ଗେମ୍ ଅବା ସୋସିଆଲ୍ ସାଇଟ୍‌ରେ ବିତାଏ ସମୟ। ହେଲେ ଏମିତି ବି କେତେଜଣ ଯୁବତୀଯୁବକ ଅଛନ୍ତି, ଯେଉଁମାନେ ଏହି ଲିଜର୍ ଟାଇମ୍‌ର ସଦୁପଯୋଗ ଏଭଳି କରନ୍ତି, ଯାହାକି ନା କେବଳ ସେମାନଙ୍କୁ ମାନସିକ ଶାନ୍ତି ଦିଏ ବରଂ ଆଗକୁ ବଢ଼ିବାର ମାର୍ଗକୁ କରେ ସୁଗମ...



ଅଧୁନା ସମସ୍ତେ ନିଜ କାର୍ଯ୍ୟକୁ ନେଇ ନିଜ ନିଜ କ୍ଷେତ୍ରରେ ବେଶ୍ ତତ୍ପର। ନିଜ ଲକ୍ଷ୍ୟ ପୂରଣ କରି ଜଣେ ସଫଳ ବ୍ୟକ୍ତିତ୍ୱର ଅଧିକାରୀ ହେବାକୁ ମଧ୍ୟ ସେମାନେ ନିଜ ସଂଗ୍ରାମ ଜାରି ରଖନ୍ତି। ଖାଲି ଯେ ସଫଳ ହେବା ପାଇଁ ସେମାନେ ଦିନ ରାତି ଏକ କରିଦିଅନ୍ତି, ତା' ନୁହେଁ ବରଂ ସେଥିରୁ ସମୟ ବାହାର କରି ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ନିଜକୁ ନିୟୋଜିତ କରନ୍ତି; ଯାହା ସେମାନଙ୍କୁ ମାନସିକ ଶାନ୍ତି ଦେବା ସହ ସେମାନଙ୍କଠାରେ ସୃଷ୍ଟି କରିଥାଏ ସକାରାତ୍ମକ ଭାବନା...

**ଟ୍ୟୁଶନ୍ କରିପାରିବେ:** କୁହାଯାଏ, ପଢ଼ିଥିବା ପାଠକୁ ଅନ୍ୟକୁ ପଢ଼ାଇଲେ ତାହା ବେଶି ମନେରୁହେ। ତେଣୁ, ଯଦି ଆପଣ ଭଲ ପାଠ ପଢୁଛନ୍ତି, ତେବେ ସେଥିରୁ ସମୟ ବାହାର କରି ପିଲାଙ୍କୁ ପଢ଼ାଇପାରିବେ। ଏହା ଦ୍ୱାରା ଆପଣ ନିଜ ଜ୍ଞାନର ପରିସରକୁ ବୃଦ୍ଧି କରିବା ସହ ନିଜ କମ୍ୟୁନିକେଶନ ସ୍କିଲ୍ ଏବଂ ଭୋକାବୁଲାରିକୁ ମଧ୍ୟ ଷ୍ଟ୍ରଙ୍ଗ୍ କରିପାରିବେ। ପଢ଼ାଉଥିବା ବିଷୟରେ ଅଧିକ ଜ୍ଞାନ ମଧ୍ୟ ଆହରଣ କରିପାରିବେ।

**ମାନସିକ ଶାନ୍ତି ଦେବ ଗାର୍ଡେନିଂ:** ବାସସ୍ଥାନ ଆଉ ବଗିଚା, ଉଭୟେ ପରସ୍ପରର ପରିପୂରକ। ଦିନସାରା କାର୍ଯ୍ୟବ୍ୟସ୍ତତା ମଧ୍ୟରେ ରହି ଯଦି କିଛି ସମୟ ବଗିଚାରେ ବିତାଉଛନ୍ତି, ତେବେ ଏହା ଆପଣଙ୍କୁ ନିଶ୍ଚୟ ରିଲାକ୍ସ ଫିଲ୍ କରାଇବ। ବଗିଚାରେ ଥିବା ଗଛଗୁଡ଼ିକର ହାଲୁକା ପବନ ସାଙ୍ଗକୁ ପକ୍ଷୀମାନଙ୍କର କିଚିରିମିଚିରି ଶବ୍ଦ ମନକୁ ଶାନ୍ତି ପ୍ରଦାନ କରିବା ସହ ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ଏହା ସକାରାତ୍ମକ ଭାବନା ସୃଷ୍ଟି କରିବ।





**ପାର୍ଟ ଟାଇମ୍ ଜବ୍‌ରୁ କରିହେବ ରୋଜଗାର:** ଯଦି ଆପଣ ଏବେ ଛାତ୍ର ଅଛନ୍ତି କିମ୍ବା କୌଣସି କାର୍ଯ୍ୟରେ ଜଡ଼ିତ, ତେବେ ଆପଣ ଚାହିଁଲେ ବିଭିନ୍ନ କ୍ଷେତ୍ରରେ ଉଭୟ ଅନ୍‌ଲାଇନ୍ ଏବଂ ଅଫ୍‌ଲାଇନ୍ ପାର୍ଟ ଟାଇମ୍ ଜବ୍ କରିପାରିବେ। ନିଜ ଫିଲ୍ଡ ବ୍ୟତୀତ ରୁଚି ଥିବା ଯେକୌଣସି ଦିଗ ଯଥା ଡ୍ରାଇଭିଂ, ଟେଲରିଂ ଆଦି କରିପାରିବେ। ଏଥିରୁ ଆପଣ ରୋଜଗାର ବି କରି ନିଜ ପଢ଼ା ଖର୍ଚ୍ଚ ତୁଲାଇ ପାରିବେ। ଲକ୍ଷ୍ୟ ପୂରଣ କରିବା ଦିଗରେ ଚେଷ୍ଟା ଜାରି ରଖିବା ସହ ଅନେକ ନୂଆ ନୂଆ କ୍ଷେତ୍ର ବିଷୟରେ ମଧ୍ୟ ଜାଣିପାରିବେ, ଯାହା ଭବିଷ୍ୟତରେ ବହୁତ ସାହାଯ୍ୟ କରିବ।

ଗାର୍ଡେନିଂ ଏପରି ଏକ କାମ, ଯାହା ଆପଣଙ୍କୁ ଉଭୟ ଶାରୀରିକ ଓ ମାନସିକ ଭାବେ ଦୃଢ଼ କରିବାରେ ସାହାଯ୍ୟ କରିବ।

**ଟ୍ରାଏ କରନ୍ତୁ ନୂଆ ରେସିପି:** ବର୍ତ୍ତମାନ ହେଉଛି ସୋସିଆଲ ମିଡିଆର ଯୁଗ। ଯେ କୌଣସି ନୂଆ କାର୍ଯ୍ୟ କରିବାକୁ ଚାହିଁଲେ ଆମେ ଏଥିରୁ ସହଜରେ ଶିଖିପାରିବା। ଯଦି ଆପଣଙ୍କୁ ନୂଆ ନୂଆ ଆଇଟମ୍ ଖାଇବାକୁ ପସନ୍ଦ ଅବା କୁକିଂ ପ୍ରତି ରୁଚି ରହିଛି, ତେବେ ନିଜ ଦୈନନ୍ଦିନ ଜୀବନରୁ କିଛି ସମୟ ଫାଙ୍କା ପାଇଲେ କିଛି ନୂଆ ରେସିପି ଟ୍ରାଏ କରନ୍ତୁ। ଘରେ ମା'ଙ୍କଠାରୁ ବି ନୂଆ ନୂଆ ରେସିପି ଶିଖି ରାନ୍ଧି ଅନ୍ୟମାନଙ୍କୁ ଖୁଆଇପାରିବେ। ଏହା ଏକ ପ୍ରକାର ଖୁସି ଦେବା ସହ ନୂଆ ନୂଆ ଜିନିଷ ଜାଣିବା ପାଇଁ ମନରେ ଆଗ୍ରହ ସୃଷ୍ଟି କରିବ।

**ଲେଖାଲେଖି ବି କରିପାରିବେ:** ଅନେକ ଲୋକ କାର୍ଯ୍ୟବ୍ୟସ୍ତତା ମଧ୍ୟରେ ରହି ନିଜର ଅବସର ସମୟକୁ ଅଯଥାରେ ସାରିଦିଅନ୍ତି। ହେଲେ, ଯଦି ଆପଣଙ୍କର ଲେଖାଲେଖିରେ ରୁଚି ରହିଛି ଏବଂ ସମୟ ଅଭାବରୁ ଏହା କରିପାରୁନାହାନ୍ତି, ତେବେ ଏହି ଲିଜର୍ ଟାଇମ୍ ଆପଣଙ୍କ ପାଇଁ ବେଷ୍ଟ ସମୟ। ଲେଖିବା ଦ୍ୱାରା ଆପଣଙ୍କ ସୃଜନଶୀଳତା ବୃଦ୍ଧି ହେବ। କେବଳ ଏତିକି ନୁହେଁ, ବିଭିନ୍ନ ବିଷୟରେ ଲେଖାଲେଖି କରି ଖବରକାଗଜ, ମାଗାଜିନ୍ ଏବଂ ୱେବ୍‌ସାଇଟ୍ ଆଦିକୁ ନିଜ ଲେଖା ପଠାଇ ଫ୍ରିଲାନ୍ସ ରାଇଟର୍ ଭାବେ କାର୍ଯ୍ୟ କରିପାରିବେ ଏବଂ କିଛି ଅର୍ଥ ରୋଜଗାର ବି କରିପାରିବେ।

**ଘର ସଜାଇପାରିବେ:** ନିଜ କାର୍ଯ୍ୟ କରିବା ମଧ୍ୟରେ ଯଦି କିଛି ସମୟ ପାଉଛନ୍ତି, ନିଜ ଇଚ୍ଛା ମୁତାବକ ଘରକୁ ସଜାଇପାରିବେ। ଯଦି ଡ୍ରଇଂ କିମ୍ବା କ୍ରାଫ୍ଟ କରିବାରେ ଆପଣଙ୍କର ଆଗ୍ରହ ଥାଏ, ତେବେ ପେପର୍ କିମ୍ବା ଡ୍ରଇଂ ସିଟ୍‌ରେ ବିଭିନ୍ନ ୱାଲ୍ ହ୍ୟାଙ୍ଗିଙ୍ଗ୍ ପ୍ରସ୍ତୁତ କରି କାନ୍ଥରେ ଟାଙ୍ଗିପାରିବେ। ଏହା ଘରକୁ ଆକର୍ଷଣୀୟ ଲୁକ୍ ଦେବା ସହ କାମ କରିବା ପାଇଁ ଉତ୍ସାହ ଯୋଗାଇବ।

## କ'ଣ କୁହନ୍ତି ଏମାନେ...



**ସିତେଶ୍ କୁମାର ସାହୁ (କଣ୍ଟିଲୋ, ନୟାଗଡ଼)–** ଆର୍କିଂରେ କ୍ୟାରିୟର୍ ଗଢ଼ିବା ମୋ ଲକ୍ଷ୍ୟ, ହେଲେ ଯେହେତୁ ଏବେ ଛାତ୍ର ଅଛି ସେଥିପାଇଁ ପାଠକୁ ବେଶି ଗୁରୁତ୍ୱ ଦେଉଛି। ତଥାପି ଆର୍କିଂ ଶିଖିବା ପାଇଁ ସମୟ ବାହାର କରୁଛି। ଏହା ସହ ଫାଙ୍କା ସମୟରେ ବାପା ବାହାରେ ରହୁଥିବାରୁ ଘର ପାଇଁ ପରିବା ଆଣିବା, ଇଲେକ୍ଟ୍ରି ବିଲ୍ ଦେବା, ସାନ ଭାଇ କଥା ବୁଝିବା ଆଦି ସବୁ ମଧ୍ୟ ବୁଝିଥାଏ। ତେଣୁ ପ୍ରତିଦିନ ଅବସର ସମୟକୁ ପରିବାର ସହ ହିଁ କଟାଏ। ସେମାନେ ବି ମୋତେ ଆର୍କିଂ କରିବା ଦିଗରେ ଉତ୍ସାହିତ କରୁଥିବାରୁ ମୋତେ ଆଗକୁ ବଢ଼ିବାକୁ ଏହା ପ୍ରେରଣା ଦିଏ।



**ସ୍ୱାଗତିକା ହୋତା (ଦାରିଙ୍ଗବାଡ଼ି, କନ୍ଧମାଳ)–** କୋଭିଡ୍ ପାଇଁ ଏବେ ଘରେ ରହୁଥିବାରୁ ପାଠକୁ ହିଁ ବେଶି ସମୟ ଦେଉଛି। ଯେହେତୁ ନୂଆ ନୂଆ ରେସିପି କରିବାକୁ ମୋତେ ଭଲ ଲାଗେ, ସେଥିପାଇଁ ପାଠରୁ ସମୟ ମିଳିଲେ ମା'ଙ୍କ ସହ ମିଶି ରୋଷେଇ କରେ ଏବଂ ତାଙ୍କଠାରୁ ନୂଆ ରେସିପି ମଧ୍ୟ ଶିଖେ। ଏଇ ୨ ବର୍ଷ ହେଲା ଘରେ ରହି ଅନେକ ଆଇଟମ୍ କରିବା ଶିଖିଗଲିଣି। ଏହା ଛଡ଼ା ଘର ସଜାଇବାରେ ରୁଚି ଥିବାରୁ ମଝିରେ ମଝିରେ ଘର ବି ସଜାଏ। ଘର ପାଖରେ ଛୋଟ ଛୋଟ ପିଲା ୨ଜଣ ଥିବାରୁ ସେମାନଙ୍କ ସହ ଖେଳେ ଆଉ ସେମାନଙ୍କୁ ପାଠ ବି ପଢ଼ାଏ।



**ତିତିଲି ପାତ୍ର (ପୁରୀ)–** ପଢ଼ାପଢ଼ି ଛଡ଼ା ଅବସର ବିନୋଦନ ପାଇଁ ମୋତେ ଟ୍ରାଭେଲିଂ କରିବାକୁ ଭଲ ଲାଗେ। ନୂଆ ଜାଗାକୁ ଯାଏ ଓ ନୂଆ ଲୋକଙ୍କ ସହ ମିଶି ସେମାନଙ୍କ ବିଷୟରେ ବି ଜାଣେ, ଖାସ୍ କରି ସେଠାକାର ଖାଇବା ଶୈଳୀ। ଆଉ ସେସବୁ ବିଷୟରେ ମୁଁ ସୋସିଆଲ ମିଡିଆରେ ଅପଲୋଡ୍ କରି ଖୁସି ବି ସାଉଁଟେ। ଫ୍ରି ସମୟରେ ସାଙ୍ଗମାନଙ୍କ ସହ ହିଁ ବୁଲିବାକୁ ପଳାଏ। ସବୁବେଳେ ସ୍କୁଟିରେ ଲଙ୍ଗ୍ ଡ୍ରାଇଭ୍ କରିବାକୁ ଭଲପାଏ। ଏମିତି ବାହାରେ ଟିକେ ବୁଲାବୁଲି କରି ଅବସର ସମୟରେ ଭରପୂର ମଜା ନିଏ।

## ମୁଣ୍ଡରେ ରୁପି ହେଉଥିଲେ...

ଶୀତଦିନେ ରୁପି ସମସ୍ୟା ଅନେକଙ୍କ ପାଇଁ ଚିନ୍ତାର କାରଣ ପାଲଟିଥାଏ। । ଏହା ବେଳେବେଳେ ବାହାରକୁ ଦେଖାଯିବା ସହ ଡ୍ରେସ୍ ଉପରେ ପଡ଼ି ବ୍ୟକ୍ତିତ୍ୱରେ ମଧ୍ୟ ଆଞ୍ଚ ଆଣିଥାଏ। ତେବେ ଏଥିରୁ ରକ୍ଷା ପାଇବା ପାଇଁ ଆପଣାନ୍ତୁ କେତେକ ଘରୋଇ ଉପାୟ ...



* ଚୁଟିରେ ତେଲ ଲଗାଇବା ଦ୍ୱାରା ଚୁଟିମୂଳ ଶକ୍ତ ହେବା ସହ ମୁଣ୍ଡ ଥଣ୍ଡା ରହେ। ହେଲେ ଆପଣ ଜାଣନ୍ତିକି, ଅନେକେ ଭାବନ୍ତି ଶୀତଦିନେ କେଶରେ ଅଧିକ ତେଲ ଲଗାଇଲେ ଏବଂ କମ୍ ଧୋଇଲେ ଡ୍ରାଏନେସ୍ ଦୂର ହେବା ସହ ରୁପି ହେବ ନାହିଁ। ହେଲେ ଏହା ସମ୍ପୂର୍ଣ୍ଣ ଠିକ୍ ନୁହେଁ। କାରଣ ଅଧିକ ଦିନ କେଶମୂଳେ ତେଲ ରହିଲେ ଏହା ରୁପି ହେବାକୁ ପ୍ରଶ୍ରୟ ଦେଇଥାଏ। ତେଣୁ ଏହି ଦିନେ କେଶରେ ତେଲ ମସାଜ୍ କରିବା ସହ ସପ୍ତାହକୁ ୨ଥର ମୁଣ୍ଡ ସଫା କରନ୍ତୁ।
* ରୁପି ଦୂରେଇବା ପାଇଁ ଆଲୋଭେରା ହେଉଛି ମହୌଷଧି ସଦୃଶ। ଏହାର ଆଣ୍ଟି ବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟି ଫଙ୍ଗାଲ ଗୁଣ ଯୋଗୁ କେଶ ମୂଳେ ରୁପି ହେବାଠାରୁ ଦୂରେଇ ରଖେ ଏବଂ ଏହାକୁ ଝଡ଼ିବାକୁ ମଧ୍ୟ ଦିଏ ନାହିଁ।
* ଓମେଗା-୩ ଫ୍ୟାଟି ଏସିଡ୍‌ଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ମଧ୍ୟ ଆମେ ରୁପିରୁ ରକ୍ଷା ପାଇପାରିବା। ଅନେକ ସମୟରେ ଅତ୍ୟଧିକ ରୁପି ହେବା ଯୋଗୁ ମୁଣ୍ଡ କୁଣ୍ଡେଇ ହୁଏ ଓ ଘା' ହୋଇଯାଏ। ତେଣୁ, ଓମେଗା-୩ ଫ୍ୟାଟି ଏସିଡ୍‌ଯୁକ୍ତ ଖାଦ୍ୟ ଯଥା ସାଲମନ୍, ଟ୍ରଟ, ମାକେରେଲ୍ ଆଦି ମାଛ ଖାଆନ୍ତୁ, ଏହା ରୁପିକୁ ଦୂରେଇବା ପାଇଁ ବେଶ୍ ଉପଯୋଗୀ।
* ଫଙ୍ଗାଲ୍ କିମ୍ବା ବ୍ୟାକ୍ଟେରିଆଲ୍ ଇନ୍‌ଫେକସନ୍ ହେଲେ ଅଧିକ ରୁପି ହୋଇଥାଏ। ସେଥିପାଇଁ କେଶ ଧୋଇଲା ବେଳେ ଦୁଇ ଡ୍ରପ୍ 'ଟି ଟ୍ରି ଅଏଲ୍'କୁ ଶାମ୍ପୁରେ ମିଶାଇ ବ୍ୟବହାର କରନ୍ତୁ।
* ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଯଦି ଏସବୁ ଘରୋଇ ଉପଚାର ପରେ ରୁପି ସମସ୍ୟା ନ କମୁଛି; ତେବେ ଡାକ୍ତରଙ୍କ ପରାମର୍ଶ କ୍ରମେ ମେଡିକେଟେଡ୍ ଶ୍ୟାମ୍ପୁ ବ୍ୟବହାର କରନ୍ତୁ।

## ଏ ସପ୍ତାହର ପ୍ରଶ୍ନ

୧– ପ୍ରଥମ ସେଲ୍ଫ- ଟେଷ୍ଟିଂ କରୋନା ଭାଇରସ୍ କିଟ୍ ବ୍ୟବହାର ଲାଗି........ ଦେଶରେ ମଞ୍ଜୁରୀ ମିଳିଛି ?
୨– 'ପଥେର ପାଞ୍ଚାଲୀ' ଉପନ୍ୟାସ........... ଙ୍କ ଆତ୍ମଜୀବନୀ ?
୩– ............. କମ୍ପିଟିଶନ୍‌କୁ ଲିଗ୍ ମ୍ୟାଗ୍ନସ୍ କୁହାଯାଏ ?
୪– ଅର୍ଥଶାସ୍ତ୍ରର ଲେଖକ................ ?
୫– ଏଏଚ୍‌ଆର୍‌ସିର ଫୁଲ୍‌ଫର୍ମ ....................... ?

## ଗତ ଥରର ଉତ୍ତର

୧ କର୍ଣ୍ଣାଟକ
୨ ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ
୩ ୩ ବର୍ଷ
୪ ଟ୍ରେନ୍ ୧୮
୫ ୧୯୯୮

## ଉତ୍ତରଦାତା



ଶେଖ୍ ୟାକୁବ୍, ଗୋପ, ପୁରୀ



ଚନ୍ଦନ ଖମାରୀ, ବଲାଙ୍ଗୀର



ବିକାଶ ସାହୁ, ବଲାଙ୍ଗୀର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଜିନ୍ସ ଫ୍ୟାଶନ



ଫ୍ୟାଶନ୍ କଥା ଆସିଲେ ଅଧିକାଂଶ ଯୁବପିଢ଼ିଙ୍କ ଆଉଟ୍‌ଫିଟ୍ କଲେକ୍ସନ୍‌ରେ ସବୁଠୁ ଉପରେ ରହିବ ଜିନ୍ସ। ହେଲେ ଏଥିରେ ଫିଗର ମୋଟା ଲାଗୁଥିବା କାରଣରୁ କେହି କେହି ଇଚ୍ଛା ଥିଲେ ସୁଦ୍ଧା ଏହାକୁ ପିନ୍ଧି ପାରନ୍ତି ନାହିଁ। ହେଲେ ଏହାକୁ ପିନ୍ଧିବା ବେଳେ କେତୋଟି କଥା ପ୍ରତି ଧ୍ୟାନ ଦେଲେ ନା କେବଳ ଆପଣ ଜିନ୍ସ ଗେଟ୍‌ଅପ୍‌ରେ ସ୍ଲିମ ଲାଗିପାରିବେ ବରଂ ଅପେକ୍ଷାକୃତ ଷ୍ଟାଇଲିଶ ବି ଦେଖାଯିବେ ...



- ଯୁବତୀ ହୁଅନ୍ତୁ ଅବା ଯୁବକ, ଯଦି ଆପଣଙ୍କ ପେଟ ଏବଂ ଅଣ୍ଟା ପାଖ ମୋଟା; ତେବେ ଲୋ ୱେଷ୍ଟ ଜିନ୍ସ ଆଦୌ ବ୍ୟବହାର କରନ୍ତୁ ନାହିଁ। କାରଣ ଏଭଳି ପ୍ୟାଣ୍ଟ ଆପଣଙ୍କ ଫ୍ୟାଟ୍‌କୁ ହାଇଲାଇଟ୍ କରିବ। ତେଣୁ ଏହା ବଦଳରେ ହାଇ ୱେଷ୍ଟ ପ୍ୟାଣ୍ଟ ବାଛନ୍ତୁ। ଏହା ଆପଣଙ୍କ ଫ୍ୟାଟ୍‌କୁ ଟାଇଟ୍ ଏବଂ ଟୋନ୍‌ଡ ରଖିବାରେ ସାହାଯ୍ୟ କରିବ।
- ଦେଖାଯାଏ, ମୋଟା ଫିଗର ଥିବା ଅଧିକାଂଶ ଢିଲା ଜିନ୍ସ କିଣିଥା'ନ୍ତି। ହେଲେ ମନେରଖନ୍ତୁ, ଯଦି ଆପଣ ଫ୍ୟାଟ୍ ଲୁଚାଇ ଜିନ୍ସରେ ଏକ ସ୍ଲିମ୍ ଲୁକ୍ ପାଇବାକୁ ଚାହୁଁଛନ୍ତି, ତେବେ ଆଦୌ ଓଭର ସାଇଜ୍ କିମ୍ବା ବଏଫ୍ରେଣ୍ଡ ଜିନ୍ସ ଭଳିଢିଲା ଜିନ୍ସପିନ୍ଧନ୍ତୁ ନାହିଁ। କାରଣ ଏହା ଆପଣଙ୍କୁ ଅଧିକ ମୋଟା ଲୁକ୍ ଦେବ। ତେଣୁ ଟାଇଟ୍ ସ୍କିନ୍ ଜିନ୍ସ, ଷ୍ଟ୍ରେଚେବଲ୍ ଜିନ୍ସ ଆଦି ବାଛନ୍ତୁ, ଏହା ଆପଣଙ୍କୁ ଶେପ୍ ୱେୟାର୍ ଭାବେ କାମ କରିବ।
- ମନେରଖନ୍ତୁ, ମୋଟାଲିଆ ଫିଗର ହୋଇଥିଲେ ଆଙ୍କେଲ ଲେନ୍ଥ କିମ୍ବା ଶର୍ଟ ଜିନ୍ସ ନ ବାଛି ନ୍ୟାରୋ ଫିଟ୍ ଏବଂ ଫୁଲ୍ ଲେନ୍ଥ ପ୍ୟାଣ୍ଟ ବ୍ୟବହାର କରନ୍ତୁ। ଏହା ସ୍ଲିମ୍ ଲୁକ୍ ଦେବାରେ ସାହାଯ୍ୟ କରେ।
- ଜିନ୍ସରେ ସ୍ଲିମ୍ ଲୁକ୍ ପାଇଁ ଲାଇଟ୍ କଲର ପରିବର୍ତ୍ତେ ଡିପ୍ ବ୍ଲୁ, ଡିପ୍ ଇଣ୍ଡିଗୋ କିମ୍ବା ବ୍ଲାକ୍ କଲର ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ୍। ଏହା କେବଳ ସ୍ଲିମ୍ ଲାଗି ନ ଥାଏ ବରଂ ସବୁ ପ୍ରକାର ଟପ୍ସ ଏବଂ ଟିଜ୍‌କୁ ମ୍ୟାଚ୍ ବି କରିଥାଏ।

# ଅକ୍ଷରଙ୍କୁ ୫ ଉଇକେଟ: ଭାରତ ଅଗ୍ରଣୀ

**କାନପୁର,୨୭।୧୧**

ଅନୁକୂଳ ଘରୋଇ ପରିବେଶରେ ଭାରତୀୟ ଯୁବ ସ୍ପିନର ଅକ୍ଷର ପଟେଲ ତାଙ୍କର ଦମ୍‌ଦାର ପ୍ରଦର୍ଶନ ଜାରି ରଖିଛନ୍ତି। ଏଠାରେ ଚାଲିଥିବା ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଅକ୍ଷର ୫ ଉଇକେଟ ହାସଲ କରି ଭାରତକୁ ପ୍ରତ୍ୟାବର୍ତ୍ତନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ତାଙ୍କର ପ୍ରଭାବୀ ବୋଲିଂ ବଳରେ ଭାରତ ପ୍ରଥମ ଇନିଂସରେ ଅଗ୍ରଣୀ ହାସଲ କରିବାକୁ ସକ୍ଷମ ହୋଇଛି। କ୍ୟାରିୟରର ଚତୁର୍ଥ ଟେଷ୍ଟ ଖେଳି ସେ ପଞ୍ଚମଥର ପାଇଁ ୫ ଉଇକେଟ ସଫଳତା ଅର୍ଜନ କରିଛନ୍ତି।

ଟସ୍ ଜିତି ଭାରତ ପ୍ରଥମ ଇନିଂସରେ ୧୧୧.୧ ଓଭରରେ ୩୪୫ ରନକରି ଅଲଆଉଟ ହୋଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ଦମ୍‌ଦାର ଆରମ୍ଭ କରିଥିଲେ ମଧ୍ୟ ମଧ୍ୟକ୍ରମ ଓ ଟେଲଏଣ୍ଡରଙ୍କ ବିଫଳତା କାରଣରୁ ବଡ଼ ସ୍କୋର ହାସଲ କରିପାରିନାହିଁ ଓ ଘରୋଇ ଦଳ ଅଗ୍ରଣୀ ହାସଲ କରିଛି। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ ଆରମ୍ଭ କରି ଶନିବାର ତୃତୀୟ ଦିବସ ଅନ୍ତିମ ସେସନର ଡ୍ରିଙ୍କ୍ସ ପରେ ୧୪୨.୩ ଓଭରରେ ୨୯୬ ରନକରି ଅଲଆଉଟ ହୋଇଛି। ଫଳରେ ପ୍ରଥମ ଇନିଂସରେ ଭାରତ ୪୯ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ଏହାପରେ ଭାରତ ଦ୍ୱିତୀୟ ଇନିଂସ ଆରମ୍ଭ କରିବା ମାତ୍ରେ ଯୁବ ଓପନର ଶୁବମନ ଗିଲ୍‌ଙ୍କୁ ହରାଇ ଝଟକା ଖାଇଥିଲା। ଶୁବମନ ୧ ରନ କରିଥିବା ବେଳେ ଦ୍ୱିତୀୟ ଓଭରର ପ୍ରଥମ ବଲ୍‌ରେ କାଏଲ ଜେମିସନଙ୍କ ଦ୍ୱାରା କ୍ଲିନବୋଲ୍ଡ ହୋଇଥିଲେ। ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ଭାରତ ୫ ଓଭରରେ ୧ ଉଇକେଟ ହରାଇ ୧୪ ରନ ସଂଗହ କରିଛି। ମ୍ୟାଚ୍ ଆଉ ୨ ଦିନ ବାକିଥିବା ବେଳେ ଭାରତ ୯ ଉଇକେଟ ହାତରେ ରଖି ୬୩ ରନରେ ଅଗ୍ରଣୀ ହାସଲ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ମୟଙ୍କ ଅଗ୍ରୱାଲ ୪ ଓ ଚେତେଶ୍ୱର ପୂଜାରା ୯ ରନକରି ଅପରାଜିତ ରହିଛନ୍ତି।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୨୯/୦ରୁ ଖେଳ ଆରମ୍ଭ କରି ନ୍ୟୁଜିଲାଣ୍ଡ ଶନିବାର ଅଲଆଉଟ ହୋଇଥିଲା। ଓଭରନାଇଟ୍ ସ୍କୋର ୫୦ରୁ ଟମ୍ ଲାଥମ ଓ ୭୫ରୁ ୱିଲ ୟଙ୍ଗ ଖେଳ ଆରମ୍ଭ କରିଥିଲେ ଓ ଯଥାକ୍ରମେ ୯୫ ଓ ୮୯ ରନକରି ଆଉଟ ହୋଇଥିଲେ। ଦୁଇ ଓପନର ପ୍ରଥମ ଉଇକେଟରେ ୧୫୧ ରନ ସଂଗ୍ରହ କରିଥିଲେ। ଲାଥମ ୫ ଓ ୟଙ୍ଗ ୧୧ ରନ ପାଇଁ ଶତକରୁ ବଞ୍ଚିତ ହୋଇଥିଲେ। ୟଙ୍ଗ୍ ରବିଚନ୍ଦ୍ରନ ଅଶ୍ୱିନଙ୍କ ବଲ୍‌ରେ ବଦଳ ଉଇକେଟକିପର ଶ୍ରୀକର ଭରତଙ୍କୁ କ୍ୟାଚ୍ ଦେଇ ପ୍ରଥମେ ଆଉଟ ହୋଇଥିଲେ। ଏହାପରେ ଲାଥମ ଅକ୍ଷରଙ୍କ ବଲ୍‌ରେ ଭରତଙ୍କ ଦ୍ୱାରା ଷ୍ଟମ୍ପ ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହି ଦୁଇ ଖେଳାଳି ଆଉଟ ହେବା ପରେ ନ୍ୟୁଜିଲାଣ୍ଡ ଇନିଂସ ଭୁଶୁଡି ପଡିଥିଲା। ତୃତୀୟ ଦିବସର ଅନ୍ତିମ ଦୁଇଟି ସେସନରେ ଭାରତର ଆଧିପତ୍ୟ ଦେଖିବାକୁ ମିଳିଥିଲା। ମାତ୍ର ୯୯ ରନ ବ୍ୟୟ କରି ଭାରତ ବାକି ୮ ଉଇକେଟ ଅକ୍ତିଆର କରିଥିଲା।

ଇନ୍‌ଫର୍ମ ଅଧିନାୟକ କେନ ୱିଲିୟମସନ ୧୮ ରନକରି ଉମେଶ ଯାଦବଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଅଭିଜ୍ଞ ରସ ଟେଲର ୧୧ ରନକରି ଭରତଙ୍କୁ କ୍ୟାଚ୍ ଦେଇ ଅକ୍ଷରଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ହେନେରୀ ନିକୋଲ୍ସ ୨, ଟମ୍ ବ୍ଲଣ୍ଡେଲ ୧୩, ରଚିନ ରବୀନ୍ଦ୍ର ୧୩, ଟିମ ସୌଦି ୫, ୱିଲିୟମ ସମରଭିଲେ ୬ ରନକରି ଆଉଟ ହୋଇଥିବା ବେଳେ ଅଜାଜ ପଟେଲ ୫ ରନକରି ଅପରାଜିତ ରହିଥିଲେ। ତେବେ କାଏଲ ଜେମିସନ ୭୫ଟି ବଲ୍ ଖେଳି ୨୩ ରନକରି ଲଢେଇ କରିବାକୁ ପ୍ରୟାସ କରିଥିଲେ। ବୋଲିଂରେ ଭାରତ ପକ୍ଷରୁ ଅକ୍ଷର ସର୍ବାଧିକ ୫, ଅଶ୍ୱିନ ୩, ଉମେଶ ଯାଦବ ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୧୧୧.୧ ଓଭରରେ ୩୪୫ ଅଲଆଉଟ। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୧୪୨.୩ ଓଭରରେ ୨୯୬। (ଟମ୍ ଲାଥମ- ୯୫, ୱିଲ ୟଙ୍ଗ- ୮୯, କାଏଲ ଜେମିସନ- ୨୩, ଅକ୍ଷର ପଟେଲ- ୫/୬୨, ରବିଚନ୍ଦ୍ରନ ଅଶ୍ୱିନ- ୩/୮୨)। ଭାରତ ଦ୍ୱିତୀୟ ଇନିଂସ: ୫ ଓଭରରେ ୧୪/୧ (ମୟଙ୍କ ଅଗ୍ରୱାଲ- ୪*, ଚେତେଶ୍ୱର ପୂଜାରା- ୯*, କାଏଲ ଜେମିସନ- ୧/୮)।



୫ ଉଇକେଟ ହାସଲ କରିଥିବା ଭାରତୀୟ ସ୍ପିନର ଅକ୍ଷର ପଟେଲ।

## ଭାରତ ଏ’ ତରଫରୁ ଖେଳିବେ ସୁଶ୍ରୀ

**ନୂଆଦିଲ୍ଲୀ,୨୭।୧୧**

ଡିସେମ୍ବର ୪ରୁ ୯ ତାରିଖ ମଧ୍ୟରେ ବିଜୟୱାଡାରେ ଆୟୋଜନ ହେବ ମହିଳା ଚ୍ୟାଲେଞ୍ଜର ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ। ଶେଫାଳୀ ବର୍ମା ଓ ସ୍ମୃତି ମାନ୍ଧନାଙ୍କ ସମେତ ଏକାଧିକ ତାରକା ଖେଳାଳି ଏହି ଟୁର୍ନାମେଣ୍ଟ ଖେଳିବେ ନାହିଁ। ପ୍ରଥମ ମ୍ୟାଚ୍‌ରେ ସ୍ନେହ ରାଣାଙ୍କ ନେତୃତ୍ୱରେ ଭାରତ ଏ’ ଓ ତାନିଆ ଭାଟିଆଙ୍କ ନେତୃତ୍ୱାଧୀନ ଭାରତ ବି’ ପରସ୍ପରକୁ ଭେଟିବେ। ଓଡ଼ିଆ ତାରକା ମହିଳା ଅଲରାଉଣ୍ଡର ସୁଶ୍ରୀ ଦିବ୍ୟଦର୍ଶିନୀ ଭାରତ ଏ’ ଦଳରେ ସ୍ଥାନ ପାଇଛନ୍ତି।

ସେହିପରି ଶିଖା ପାଣ୍ଡେ ଭାରତ ସି’ ଓ ପୂଜା ବସ୍ତ୍ରକାର ଭାରତ ଡି’ ଦଳର ନେତୃତ୍ୱ ନେବେ। ୪ଟି ଦଳକୁ ନେଇ ଖେଳାଯିବାକୁଥିବା ଏହି ଟୁର୍ନାମେଣ୍ଟର ମ୍ୟାଚ୍‌ଗୁଡିକ ବିଜୟୱାଡାରେ ଖେଳାଯିବ। ଡିସେମ୍ବର ୪ ତାରିଖରେ ଭାରତ ସି’ ଓ ଡି’ ଦଳ ମଧ୍ୟ ପରସ୍ପରକୁ ଭେଟିବେ।

**ଭାରତ ଏ’ ଦଳ:** ସ୍ନେହ ରାଣା (ଅଧିନାୟିକା), ଶିଭାଲି ସିଣ୍ଡେ, ଲକ୍ଷ୍ମୀ ଯାଦବ, ବୃନ୍ଦା ଦୀନେଶ, ଝାନ୍‌ସୀ ଲକ୍ଷ୍ମୀ, ୟସ୍ତିକା ଭାଟିଆ, ସୁଶ୍ରୀ ଦିବ୍ୟଦର୍ଶିନୀ, ମେହକ କେସର, ବି. ଅନୁଷା, ଏସ୍.ଏସ୍. କଲାଲ, ଗଙ୍ଗା ଡବ୍ଲ୍ୟୁ, ଡି.ଡି. କସାଟ, ରେଣୁକା ସିଂ ଓ ସିମରନ ଦିଲ ବାହାଦୁର।

## ‘ସୁଯୋଗର ସଦ୍‌ବ୍ୟବହାର କରିବି’

**ଭୁବନେଶ୍ୱର, (ସ୍ପୋର୍ଟ୍ସ ବ୍ୟୁରୋ):** ମହିଳା ଅଲରାଉଣ୍ଡର ସୁଶ୍ରୀ ଦିବ୍ୟଦର୍ଶିନୀ ଏକମାତ୍ର ଓଡ଼ିଆ ଖେଳାଳି ଭାବେ ସିନିୟର ମହିଳା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦିନିକିଆ ଚ୍ୟାଲେଞ୍ଜର ଟ୍ରଫି ଖେଳିବାକୁ ଯାଉଛନ୍ତି। ଅଲରାଉଣ୍ଡର ସ୍ନେହ ରାଣାଙ୍କ ନେତୃତ୍ୱରେ ସେ ଭାରତ ଏ’ ଦଳ ତରଫରୁ ଟୁର୍ନାମେଣ୍ଟରେ ପ୍ରତିନିଧିତ୍ୱ କରିବେ। ଜଣାଶୁଣା କୋଚ୍ କ୍ଷୀରୋଦ ବେହେରାଙ୍କ ତତ୍ତ୍ୱାବଧାନରେ ସେ ପ୍ରଶିକ୍ଷଣ ନେଇ ଆସୁଛନ୍ତି। ଭୁବନେଶ୍ୱର ନୟାପଲ୍ଲୀ ସ୍ଥିତ ଇନ୍ଦିରା ମଇଦାନରେ ସେ ଜାଗୃତି କ୍ରିକେଟ ଏକାଡେମୀରେ ନିୟମିତ ଭାବେ ଅଭ୍ୟାସ କରିଆସୁଛନ୍ତି। ଦଳରେ ସ୍ଥାନ ପାଇଥିବାରୁ ସେ ବହୁତ ଖୁସି ଓ ଉତ୍ସାହିତ ଅଛନ୍ତି। ସୁଯୋଗର ସଦ୍‌ବ୍ୟବହାର କରିବାକୁ ସେ ପ୍ରୟାସ କରିବେ ବୋଲି କହିଛନ୍ତି। ସ୍ନେହ ରାଣା ଓ ୟସ୍ତିକା ଭାଟିଆଙ୍କ ଭଳି ତାରକା ଖେଳାଳିଙ୍କ ସହ ଖେଳିବାର ସୁଯୋଗ ମିଳିବ ଓ ଏମାନଙ୍କଠାରୁ ବହୁତ କିଛି ଶିକ୍ଷା କରିବାର ସୁଯୋଗ ପାଇବି ବୋଲି ସୁଶ୍ରୀ କହିଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଓ କୋଚ୍ କ୍ଷୀରୋଦ ସାର୍‌ଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି। ଗତବର୍ଷ ବୋଲିଂ ଭଲ କରିଥିଲି। କିନ୍ତୁ ଏଥର ବୋଲିଂ ସହିତ ବ୍ୟାଟିଂରେ ଭଲ ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରଖିଛି ବୋଲି କହିଛନ୍ତି। ଏଥିପାଇଁ ପ୍ରସ୍ତୁତିରେ କ୍ଷୀରୋଦ ସାର୍‌ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଆସିଛି। ତ୍ରୁଟି ସୁଧାରିବା ସହିତ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ସେ ସବୁବେଳେ ଉତ୍ସାହିତ କରିଆସିଛନ୍ତି ବୋଲି ସୁଶ୍ରୀ କହିଛନ୍ତି। ଜାତୀୟ ଦଳ ତରଫରୁ ପ୍ରତିନିଧିତ୍ୱ କରିବା ତାଙ୍କର ମୁଖ୍ୟ ଲକ୍ଷ୍ୟ ରହିଛି।

୨୪ ବର୍ଷୀୟା ସୁଶ୍ରୀ ଡାହାଣହାତୀ ଅଫ୍ ସ୍ପିନର ଓ ଡାହାଣହାତୀ ବ୍ୟାଟର ଭାବେ ଓଡ଼ିଶା ତରଫରୁ ପ୍ରତିନିଧିତ୍ୱ କରି ବେଶ୍ ସଫଳ ରହିଆସିଛନ୍ତି। ଏ ପର୍ଯ୍ୟନ୍ତ ସେ ୮ ପ୍ରଥମ ଶ୍ରେଣୀ, ୬୧ ଲିଷ୍ଟ ଏ’ ଓ ୫୪ଟି ଟି୨୦ ମ୍ୟାଚ୍ ଖେଳି ଜାତୀୟସ୍ତରରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। ସେ ମଧ୍ୟ ଓଡ଼ିଶା ମହିଳା ୨୩ ବର୍ଷରୁ କମ ଦଳର ନେତୃତ୍ୱ ନେଉଛନ୍ତି। ୨୦୨୦ରେ ହରିୟାଣା ବିପକ୍ଷରେ ୪୩ ରନ ଦେଇ ୫ ଉଇକେଟ ହାସଲ କରି ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ସେ ୨୦୧୪ରେ ଭାରତ ଏ’ ତରଫରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଛନ୍ତି। ସେ ମଧ୍ୟ ଇଷ୍ଟଜୋନ ଓ ଇଣ୍ଡିଆ ଗ୍ରୀନ ଦଳ ପାଇଁ ଖେଳିଛନ୍ତି। ୨୦୧୯ରେ ସେ ଏସିଆନ କ୍ରିକେଟ କାଉନସିଲ (ଏସିସି) ମହିଳା ଇମର୍ଜିଂ ଟିମ୍ସ ଏସିଆ କପ୍ ଖେଳିଛନ୍ତି।



କୋଚ୍ କ୍ଷୀରୋଦ ବେହେରାଙ୍କ ସହ ସୁଶ୍ରୀ ଦିବ୍ୟଦର୍ଶିନୀ।

## ପାକିସ୍ତାନର ଦୃଢ଼ ଜବାବ

**ଚଟ୍ଟୋଗ୍ରାମ,୨୭।୧୧:** ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ପାକିସ୍ତାନ ଭଲ ଆରମ୍ଭ କରିବା ସହ ଦୃଢ଼ ଜବାବ ଦେଇଛି। ଟସ୍ ଜିତି ବାଂଲାଦେଶ ପ୍ରଥମ ଇନିଂସରେ ୧୧୪.୪ ଓଭରରେ ୩୩୦ ରନକରି ଅଲଆଉଟ ହୋଇଥିଲା। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ପାକିସ୍ତାନ ଶନିବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ବିନା କ୍ଷତିରେ ୧୪୫ ରନ ସଂଗ୍ରହ କରିଛି। ଫଳରେ ୧୦ ଉଇକେଟ ହାତରେ ରଖି ପାକିସ୍ତାନ ଏବେ ୧୮୫ ରନ ପଛରେ ରହିଛି। ଷ୍ଟମ୍ପ ଅପସାରଣ ବେଳକୁ ଓପନର ଆବିଦ ଅଲି ୯୩ ଓ ଅବଦୁଲ୍ଲା ସାଫିକ୍ ୫୨ ରନକରି ଅପରାଜିତ ରହିଛନ୍ତି। ପ୍ରଥମ ଉଇକେଟରେ ୧୪୫ ରନ କରି ପାକିସ୍ତାନର ଦୁଇ ଓପନର ବାଂଲାଦେଶ ବୋଲରଙ୍କୁ ନିରାଶ କରିଥିଲେ।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୫୩/୪ରୁ ବାଂଲାଦେଶ ଖେଳ ଆରମ୍ଭ କରି ଶନିବାର ଅଲଆଉଟ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ଲିଟନ ଦାସ ୧୧୩ରନରୁ ଖେଳ ଆରମ୍ଭ କରି ଆଉ ମାତ୍ର ୧ ରନ ଅଧିକ ସଂଗ୍ରହ କରି ୧୧୪ ରନରେ ଆଉଟ ହୋଇଥିଲେ। ସେହିପରି ୮୨ ରନରୁ ଖେଳ ଆରମ୍ଭ କରି ମୁସ୍‌ଫିକର ରହିମ ୯୧ ରନକରି ପ୍ୟାଭିଲିୟନ ଫେରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟାସିର ଅଲି ୪, ତାଇଜୁଲ ଇସ୍‌ଲାମ ୧୧, ଅବୁ ଜାଏଦ ୮ ଓ ଇବାଦୋତ ହୋସେନ ଖାତା ଖୋଲି ନ ପାରି ଆଉଟ ହୋଇଥିଲେ। ମେହିଦ ହାସନ ମିରାଜ ୩୮ ରନକରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ବୋଲିଂରେ ପାକିସ୍ତାନ ତରଫରୁ ହାସନ ଅଲି ସର୍ବାଧିକ ୫, ଶାହିନ ଶାହା ଆଫ୍ରିଦି ଓ ଫହିମ ଆଶ୍ରଫ୍ ୨ଟି ଲେଖାଏ, ସାଜିଦ ଖାଁ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

## ମହିଳା ବିଗ୍‌ବାସ ଲିଗ୍: ପର୍ଥ ସ୍କୋରଚର୍ସଙ୍କୁ ପ୍ରଥମ ଟାଇଟଲ

**ପର୍ଥ,୨୭।୧୧:** ଅଷ୍ଟ୍ରେଲିଆର ଜଣାଶୁଣା ମହିଳା ଟି୨୦ ଲିଗ୍ ବିଗ୍‌ବାସ ଲିଗ୍ ଶେଷ ହୋଇଛି। ସୋଫି ଡିଭାଇନ୍‌ଙ୍କ ନେତୃତ୍ୱାଧୀନ ପର୍ଥ ସ୍କୋରଚର୍ସ ଶନିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ୧୨ ରନରେ ଆଡିଲେଡ ଷ୍ଟ୍ରାଇକର୍ସ ହରାଇ ପ୍ରଥମଥର ପାଇଁ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ଟସ୍ ହାରି ବ୍ୟାଟିଂ ପାଇଁ ଅମନ୍ତ୍ରଣ ପାଇଥିବା ପର୍ଥ ୫ ଉଇକେଟ ହରାଇ ୧୪୬ ରନ ସଂଗ୍ରହ କରିଥିଲା। ଜବାବରେ ଆଡିଲେଡ ୬ ଉଇକେଟ ହରାଇ ୧୩୪ ରନରେ ସୀମିତ ରହି ପରାସ୍ତ ହେବା ସହ ରନର୍ସଅପ ହୋଇଛି। ଭାରତୀୟ ତାରକା ମହିଳା କ୍ରିକେଟର ହରମନପ୍ରୀତ କୌର ଲିଗ୍‌ରେ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି। ସେହିପରି ଫାଇନାଲରେ ଅପରାଜିତ ୩୧ ରନ (୨୩ ବଲ, ୪ ଚୌକା) ସହ ୨୫ ରନ ଦେଇ ଗୋଟିଏ ଉଇକେଟ ଅକ୍ତିଆର କରି ମାରିଜନେ କ୍ୟାପ୍ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

## ସେମିରେ ହାରିଲେ ସିନ୍ଧୁ

**ବାଲି, ୨୭।୧୧ (ପି.ଟି.):** ଇଣ୍ଡୋନେସିଆ ଓପନ ସୁପର ୧୦୦୦ ଟୁର୍ନାମେଣ୍ଟରେ ଭାରତର ଷ୍ଟାର ଖେଳାଳି ପି.ଭି. ସିନ୍ଧୁ ଏବଂ ବିଶ୍ୱର ୧୧ ନମ୍ବର ପୁରୁଷ ଡବଲ୍ସ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟିଙ୍କ ଅଭିଯାନ ଶେଷ ହୋଇଛି। ଶନିବାର ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ସିନ୍ଧୁ ଥାଇଲାଣ୍ଡର ରାଚାନୋକ୍ ଇଣ୍ଟାନନଙ୍କଠାରୁ ୨୧-୧୫, ୯-୨୧, ୧୪-୨୧ରେ ପରାସ୍ତ ହୋଇଥିଲେ।

## ମହିଳା ବିଶ୍ୱକପ୍ କ୍ୱାଲିଫାୟର ସ୍ଥଗିତ

**ଦୁବାଇ, ୨୭।୧୧ (ପି.ଟି.)-** ଦକ୍ଷିଣ ଆଫ୍ରିକୀୟ ଅଞ୍ଚଳରେ କୋଭିଡ୍‌ର ନୂଆ ଭାରିଆଣ୍ଟ ସମଗ୍ର ବିଶ୍ୱରେ ଚିନ୍ତା ବଢ଼ାଇ ଦେଇଥିବାରୁ ଆସନ୍ତାବର୍ଷ ହେବାକୁଥିବା ଅନ୍ତର୍ଜାତୀୟ ମହିଳା କ୍ରିକେଟ ବିଶ୍ୱକପ୍ ପାଇଁ ହରାରେଠାରେ ଚାଲିଥିବା କ୍ୱାଲିଫାୟରକୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଅଧାରୁ ସ୍ଥଗିତ ରଖିଛି। ଫଳରେ ର୍‍ୟାଙ୍କିଙ୍ଗ ଭିତ୍ତିରେ ପାକିସ୍ତାନ, ୱେଷ୍ଟଇଣ୍ଡିଜ ଓ ବାଂଲାଦେଶ ଯୋଗ୍ୟତା ଅର୍ଜନ କରିଛନ୍ତି। କୋଭିଡ୍‌ର ନୂଆ ଭାରିଆଣ୍ଟ ଓମିକ୍ରନ୍‌ର ଆବିର୍ଭାବ ପରେ କେତେକ ଦକ୍ଷିଣ ଆଫ୍ରିକୀୟ ଦେଶ ଯାତାୟାତ କଟକଣା ଜାରି କରିଛି। ଆସନ୍ତାବର୍ଷ ନ୍ୟୁଜିଲାଣ୍ଡରେ ଖେଳାଯିବାକୁ ଥିବା ମହିଳା ବିଶ୍ୱକପ୍ ପାଇଁ ଶେଷ ୩ କ୍ୱାଲିଫାୟର ହରାରେରେ ୯ଟି ଦଳକୁ ନେଇ ଆୟୋଜିତ ଟୁର୍ନାମେଣ୍ଟରୁ ନିରୂପିତ ହୋଇଥାନ୍ତେ। ଏଥିସହିତ ପରବର୍ତ୍ତୀ ଆଇସିସି ମହିଳା ଚାମ୍ପିୟନଶିପ୍ ଲାଗି ଦୁଇଟି ଅତିରିକ୍ତ ଦଳ ମଧ୍ୟ ନିର୍ଣ୍ଣୟ କରାଯାଇଥାନ୍ତା।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଗୀତିକାର ସୋମନାଥ ରାଜଗୁରୁଙ୍କ ପରଲୋକ



ବେଗୁନିଆ, ୨୭।୧୧ (ଡି.ଏନ୍.ଏ.): ଓଡ଼ିଆ ଭଜନ ଓ ଜଣାଣ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବିଶିଷ୍ଟ ଗୀତିକାର ତଥା ସଙ୍ଗୀତଜ୍ଞ ସୋମନାଥ ରାଜଗୁରୁ(୭୯)ଙ୍କ ଶନିବାର ଅପରାହ୍ନରେ ଭୁବନେଶ୍ୱରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ପରେ ତାଙ୍କ ମୃତଦେହକୁ ଜନ୍ମସ୍ଥାନ ବେଗୁନିଆ ବ୍ଲକ ଅନ୍ତର୍ଗତ ଗୋଡ଼ି ଗ୍ରାମକୁ ଅଣାଯାଇ ସଂକୀର୍ତ୍ତନ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିବା ବେଳେ ବଡ଼ ପୁଅ ସୂର୍ଯ୍ୟକାନ୍ତ ମୁଖାଗ୍ନି ଦେଇଥିଲେ। ପ୍ରକାଶ ଯେ, ସୋମନାଥ ୧୯୪୨ରେ ଗୋଡ଼ି ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ବାଲ୍ୟକାଳରୁ ଏକାଧାରରେ ସେ ଜଣେ ପ୍ରତିଭା ସମ୍ପନ୍ନ କବି, ଗୀତିକାର, ସ୍ୱର ସଂଯୋଜକ, ସଙ୍ଗୀତ ନିର୍ଦ୍ଦେଶକ ଭାବେ ଖ୍ୟାତି ଅର୍ଜନ କରିଥିଲେ। ଏଥିସହ ଭଜନ, ଜଣାଣ, ଚମ୍ପୂ, ଛାନ୍ଦ, ପଲ୍ଲୀଗୀତ, ଦେଶବନ୍ଦନା, ଚଳଚ୍ଚିତ୍ର ସଙ୍ଗୀତ ଆଦି ରଚନା କରିଥିଲେ। ତାଙ୍କ ରଚନାରୁ ବହୁ ଓଡ଼ିଆ ଭଜନ ବେଶ୍ ଲୋକପ୍ରିୟ ହାସଲ କରିଥିବା ବେଳେ 'ବାଲି ଖେଳୁଥିଲେ ନନ୍ଦସୁତ କଳାକହ୍ନାଇ' ଭଜନଟି ଲୋକାଦୃତ ହୋଇ ପାରିଥିଲା। ଓଡ଼ିଶା ସମେତ ଭାରତ ବର୍ଷରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରେଷ୍ଠ ଗୀତିକାରଭାବେ ପୁରସ୍କାର ଗ୍ରହଣ କରିଥିଲେ।

### ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ଓଡ଼ିଆ ଚଳଚ୍ଚିତ୍ର 'ଡାଲଚିନି'

ଭୁବନେଶ୍ୱର,୨୭।୧୧ (ବ୍ୟୁରୋ): ଓଡ଼ିଶାର ପର୍ଯ୍ୟଟନ ସ୍ଥଳରେ ଭ୍ରମଣକୁ ନେଇ ନିର୍ମିତ ହୋଇଛି ଚଳଚ୍ଚିତ୍ର 'ଡାଲଚିନି'। ରିତୁପ୍ରିୟା ପ୍ରଡକ୍ସନର ଏହି ଓଡ଼ିଆ ଚଳଚ୍ଚିତ୍ରକୁ ଅତିଶ କୁମାର ରାଉତ ପ୍ରଯୋଜନା କରିଛନ୍ତି। ବଡ଼ ବଜେଟ୍‌ରେ ତିଆରି ହୋଇଥିବା ଏହି ଚଳଚ୍ଚିତ୍ର ଶିମ୍ଲା ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହୋଇଛି। ଦେଶ ବିଦେଶରୁ ଆସିଥିବା ଅନେକ ଚଳଚ୍ଚିତ୍ର ମଧ୍ୟରୁ ଏକମାତ୍ର ଓଡ଼ିଆ ପୂର୍ଣ୍ଣାଙ୍ଗ ଚଳଚ୍ଚିତ୍ର ଭାବେ ଏହା ସ୍ଥାନ ପାଇଛି। ମହୋତ୍ସବରେ ପ୍ରଯୋଜକ ଅତିଶ କୁମାର ରାଉତ, କାହାଣୀ, ସଂଳାପ ଓ ଚିତ୍ରନାଟ୍ୟ ନିର୍ଦ୍ଦେଶକ ଜିତେନ୍ଦ୍ରିୟ ପ୍ରଧାନ ଉପସ୍ଥିତ ରହି ସମ୍ମାନିତ ହୋଇଥିଲେ। ଶିଶିର ସାହୁ ଓ ପିନାକୀ ସିଂଙ୍କ ଏହା ପ୍ରଥମ ନିର୍ଦ୍ଦେଶିତ ପୂର୍ଣ୍ଣାଙ୍ଗ ଚଳଚ୍ଚିତ୍ର ହୋଇଥିଲାବେଳେ ଭାରତର ସୁନାମଧନ୍ୟ ସଙ୍ଗୀତ ନିର୍ଦ୍ଦେଶକ ଜେରୀ ସିଲବଭେଷ୍ଟର ଭିନ୍‌ସେନଟ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ସୁପ୍ରିୟା ରାଉତଙ୍କ ସହ ପ୍ରଯୋଜନାରେ ନାୟକ ଭୂମିକାରେ ପାର୍ଥସାରଥି ରାୟ ଓ ନାୟିକା ସୂର୍ଯ୍ୟମୟୀଙ୍କୁ ନେଇ ଚଳଚ୍ଚିତ୍ର ନିର୍ମାଣ କରାଯାଇଛି। ଯୁବ ପିଢ଼ିଙ୍କ ଚାହିଦାକୁ ଦୃଷ୍ଟିରେ ରଖି ତିଆରି ହୋଇଥିବା ଚଳଚ୍ଚିତ୍ର 'ଡାଲଚିନି' ସବୁ ପିଢ଼ିର ଦର୍ଶକଙ୍କ ମନକୁ ନିଶ୍ଚୟ ଛୁଇଁବ ବୋଲି ନିର୍ଦ୍ଦେଶକ ଓ ପ୍ରଯୋଜକ ଆଶାବ୍ୟକ୍ତ କରିଛନ୍ତି।

### କୃଷକ ଆନ୍ଦୋଳନ ସମାଜରେ ପରିବର୍ତ୍ତନ ଆଣିଥାଏ
#### ବିପ୍ଳବୀ ନାଗଭୂଷଣଙ୍କ ପୁସ୍ତକ 'ବିପ୍ଳବର ପଥେ' ଲୋକାର୍ପିତ

ଭୁବନେଶ୍ୱର,୨୭।୧୧(ବ୍ୟୁରୋ): ଲୋକଙ୍କ ଆନ୍ଦୋଳନ ଫଳରେ ସମାଜରେ ପରିବର୍ତ୍ତନ ସମ୍ଭବ ହୋଇପାରିବ। ସ୍ୱାଧୀନତା ଆନ୍ଦୋଳନ ପୂର୍ବରୁ ଦେଶରେ କୃଷକଙ୍କ ଆନ୍ଦୋଳନ ସଂଘଟିତ ହୋଇଥିଲା। ଏହା ସ୍ୱାଧୀନତା ଆଣିବା ଲାଗି ପଥ ପରିଷ୍କାର କରିଥିଲା। ବିପ୍ଳବୀ ନାଗଭୂଷଣ ତାଙ୍କ ପୁସ୍ତକ 'ବିପ୍ଳବର ପଥେ'ରେ ଏ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଏହି ପୁସ୍ତକକୁ ଶନିବାର ଭୁବନେଶ୍ୱରସ୍ଥିତ ନାଗଭୂଷଣ ଭବନରେ ସିପିଆଇ (ଏମ୍‌ଏଲ୍) ଲିବରେଶନର ସର୍ବଭାରତୀୟ ସାଧାରଣ ସମ୍ପାଦକ ଦୀପଙ୍କର ଭଟ୍ଟାଚାର୍ଯ୍ୟଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। ପୁସ୍ତକଟି ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର ପାତ୍ରଙ୍କ ଦ୍ୱାରା ଓଡ଼ିଆରେ ଅନୁବାଦ ହୋଇଛି। ପୁସ୍ତକକୁ ସମୀକ୍ଷା କରି ପ୍ରଫେସର ବିଜୟ ବହିଦାର କହିଛନ୍ତି, ନାଗଭୂଷଣ ସମାଜର ପରିବର୍ତ୍ତନ ଲାଗି ଉକ୍ତ ପୁସ୍ତକରେ କୃଷକ, ଶ୍ରମିକ ଓ ବିଶେଷକରି ମହିଳା ସମାଜକୁ ବାର୍ତ୍ତା ଦେଇଥିବାବେଳେ ଜାତିପ୍ରଥା ଉଚ୍ଛେଦ ଉପରେ ଗୁରୁତ୍ୱ ଦେଇଛନ୍ତି। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତଥା ସିପିଆଇ(ଏମ୍‌ଏଲ୍) ଲିବରେଶନର କେନ୍ଦ୍ରୀୟ କମିଟି ସଭ୍ୟ ରାଧାକାନ୍ତ ସେଠୀ ସ୍ୱାଗତ ଭାଷଣ ଦେଇଥିବାବେଳେ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ସଭାପତିତ୍ୱ କରିଥିଲେ। ଏହି ଅବସରରେ ନାଗଭୂଷଣଙ୍କ ସହ କାର୍ଯ୍ୟ କରିଥିବା ଶରତ ତ୍ରିପାଠୀ, ଦିବାକର ବେଉରିଆଙ୍କୁ ସମ୍ମାନିତ କରାଯାଇଥିଲା।

# ପ୍ରତିଯୋଗିତାମୂଳକ ହେଲେ ଉନ୍ନତି ସମ୍ଭବ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୭।୧୧(ବ୍ୟୁରୋ)

ଉତ୍କଳ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକଙ୍କ ପଢ଼ା ଶୈଳୀ ଓ ଗବେଷଣା ଦେଶରେ ଆଦୃତ ହୋଇଥିବାବେଳେ ଶିକ୍ଷାନୁଷ୍ଠାନକୁ ଅନ୍ତର୍ରାଷ୍ଟ୍ରୀୟ ର୍ୟାଙ୍କିଙ୍ଗ୍‌ରେ ଆଣିବା ପାଇଁ ସାମୂହିକ ପ୍ରଚେଷ୍ଟା ଆବଶ୍ୟକ। ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାମୂଳକ ହେଲେ ହିଁ ଏହାର ଉନ୍ନତି ହୋଇପାରିବ। ଏଥିସହ ରାଜ୍ୟ ସରକାର ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ ଉପରେ ପୁନର୍ବାର ଅନୁଧ୍ୟାନ କରିବାକୁ ଶନିବାର ଉତ୍କଳ ବିଶ୍ୱବିଦ୍ୟାଳୟର ୭୯ତମ ପ୍ରତିଷ୍ଠା ଦିବସ ସମାରୋହରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଧର୍ମେନ୍ଦ୍ର କହିଛନ୍ତି, ଉତ୍କଳ ବିଶ୍ୱବିଦ୍ୟାଳୟ ସେହିଭଳି ମହାନୁଭବୀଙ୍କ ନେତୃତ୍ୱରେ ପ୍ରତିଷ୍ଠା ହୋଇପାରିଥିଲା ଯେଉଁମାନେ ଓଡ଼ିଶାର ସ୍ୱତନ୍ତ୍ରତାର ସ୍ୱପ୍ନ ଦେଖିଥିଲେ। ଏହିଶିକ୍ଷାନୁଷ୍ଠାନ ଆଜିଅନେକ ଛାତ୍ରୀଛାତ୍ରଙ୍କ



ପ୍ରତିଷ୍ଠା ଦିବସ ସମାରୋହରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ଅତିଥିମାନେ।

ସ୍ୱପ୍ନ ଏବଂ ଆକାଂକ୍ଷା ପୂରଣ କରିବାରେ ସଫଳ ହୋଇଛି। ସେହିପରି ତାଙ୍କ ଭଳି ମଧ୍ୟ ଜଣେ ସାମାଜିକ କାର୍ଯ୍ୟକର୍ତ୍ତାର ପ୍ରାରମ୍ଭିକ ଜୀବନର ମୂଳଦୁଆକୁ ସୁଦୃଢ଼ ଓ ଆତ୍ମବିଶ୍ୱାସୀ କରିବାରେ ବିଶ୍ୱବିଦ୍ୟାଳୟର ଅବଦାନ ଅତୁଳନୀୟ। ସମାଜ ପରିବର୍ତ୍ତନର ମାଧ୍ୟମ ଓ ଲୋକଙ୍କ ସହ ନିଜକୁ ବାନ୍ଧି ରଖିବାର ଶିକ୍ଷାର ପ୍ରେରଣା ତାଙ୍କୁ ଏଠାରୁ ହିଁ ମିଳିଛି। ରାଜ୍ୟର ସବୁ ବିଶ୍ୱବିଦ୍ୟାଳୟ ପାଇଁ ନାକ୍

**ଉତ୍କଳ ବିଶ୍ୱବିଦ୍ୟାଳୟର ୭୯ତମ ପ୍ରତିଷ୍ଠା ଦିବସ**

ଏ+ ମାନ୍ୟତା ପ୍ରାପ୍ତ ଏହି ଶିକ୍ଷାନୁଷ୍ଠାନ ମେଣ୍ଟର ହିସାବରେ କାର୍ଯ୍ୟ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ବର୍ତ୍ତମାନ ଶିକ୍ଷାର ପରିବର୍ତ୍ତିତ ଦୃଶ୍ୟପଟ ତଥା ଡିଜିଟାଲ ୱାର୍ଲଡରେ ପିଲାଙ୍କ ପାଇଁ ସେତେବେଳର ଚକ୍ ବର୍ତ୍ତମାନ ଡିଜିଟାଲ ପେନ୍‌ସିଲ ହୋଇଛି। ମହାମାରୀ ଦ୍ୱାରା ଅନେକ ରାଷ୍ଟ୍ର ପ୍ରଭାବିତ ହୋଇଥିବାବେଳେ ଏବେ ବି ଅନେକ ଚ୍ୟାଲେଞ୍ଜ ରହିଛି। ଏପରି ସ୍ଥିତିରେ ଆଗାମୀ ଦିନର ଚାଲିଚଳଣି, ସାମାଜିକ ଜୀବନ, ପାଠପଢ଼ା କିପରି ହେବ, ତାହାର ନିଷ୍ପତ୍ତି ବିଶ୍ୱବିଦ୍ୟାଳୟମାନେ ନେବା ଦରକାର। ପାଠପଢ଼ା ସମେତ ମାନବ ସମସ୍ୟାର ସମାଧାନର ସୂତ୍ର ବାହାର କରିବାକୁ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଦାୟିତ୍ୱ ନେବାକୁ ପଡ଼ିବ। ଏତଦ୍ ବ୍ୟତୀତ ବିଦ୍ୟାଞ୍ଜଳିରେ ବିଶ୍ୱବିଦ୍ୟାଳୟକୁ ସାମିଲ କରିବା ଏବଂ ଏଥିରେ ଯୋଡ଼ିବା ପାଇଁ ଏବେର ଛାତ୍ରୀଛାତ୍ରଙ୍କ ସହ ଆଲୁମ୍ନିମାନେ ପ୍ରୟାସ କରିବା ଜରୁରୀ। ତେବେ ରାଜ୍ୟ ସରକାର ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ ଉପରେ ପୁନର୍ବାର ଅନୁଧ୍ୟାନ ଓ ବିଚାରବିମର୍ଶ କରନ୍ତୁ ବୋଲି ଧର୍ମେନ୍ଦ୍ର ଅନୁରୋଧ କରିଛନ୍ତି। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, ପଦ୍ମଶ୍ରୀ ରଜତ କୁମାର କର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଧର୍ମେନ୍ଦ୍ର ସେଣ୍ଟର ଫର୍ ଇନୋଭେଶନ ଆଣ୍ଡ ଇନ୍‌କୁବେଶନର ନୂତନ ୱେବ୍‌ସାଇଟ ଲୋକାର୍ପଣ ସହ ଉତ୍କଳ ବିଶ୍ୱବିଦ୍ୟାଳୟର ବାୟୋଟେକ୍ନୋଲୋଜି ବିଭାଗ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଆଣ୍ଟି ଟ୍ରାନ୍ସଫରିନ୍ ଆଣ୍ଟିବଡିର ଶୁଭାରମ୍ଭ କରିଥିଲେ।

### ଅପରାଜିତା, ଧର୍ମେନ୍ଦ୍ରଙ୍କୁ ବିରୋଧ

ଭୁବନେଶ୍ୱର, ୨୭।୧୧(ବ୍ୟୁରୋ)

ଭୁବନେଶ୍ୱର ଏମ୍‌ପି ଅପରାଜିତାଙ୍କୁ ପୁଣି ବିରୋଧର ଶିକାର ହେବାକୁ ପଡ଼ିଛି। ଅପରପକ୍ଷେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ଅବସରରେ ଯୋଗଦେବା ଲାଗି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସିଥିବାବେଳେ କଂଗ୍ରେସ କର୍ମୀ ତାଙ୍କ ଗାଡ଼ି ଆଗରେ କଳାପତାକା ପ୍ରଦର୍ଶନ କରିଛନ୍ତି। ଶନିବାର ଅପରାଜିତା ନୟାପଲ୍ଲୀ ଖଣ୍ଡୁଆଳ ବସ୍ତିକୁ ଯାଇଥିବା ବେଳେ କେତେଜଣ ବିଜେଡି କର୍ମୀ ବିରୋଧ ପ୍ରଦର୍ଶନ କରିଥିଲେ। ନୟାପଲ୍ଲୀ ଅଞ୍ଚଳରେ ଏମ୍‌ପି ନିଜ କର୍ମୀମାନଙ୍କ ସହ ପଦଯାତ୍ରାରେ ବାହାରିଥିଲେ। ଏହି ସମୟରେ ରାସ୍ତା ଉପରେ ଚୁଲି ଜାଳି ଏମ୍‌ପିଙ୍କୁ ବିରୋଧ କରିବା ସହ ନାରାବାଜି ଦିଆଯାଇଥିଲା। ସେଠାରେ ନାରାବାଜି କରୁଥିବା ଜଣେ ମହିଳା କହିଛନ୍ତି, ଏତେ ଦିନ ପରେ ଏମ୍‌ପି ସାହିକୁ ଆସିଥିବାରୁ ଗ୍ୟାସ୍ ଦର ବୃଦ୍ଧିକୁ ନେଇ ପ୍ରତିବାଦ କରାଯାଇଛି। ଅନ୍ୟପଟେ ଏହାକୁ ବିଜେଡି କର୍ମୀଙ୍କ ନାରାବାଜି ନୁହେଁ ବରଂ ଅଭିମାନ ବୋଲି ଅପରାଜିତା କହିଛନ୍ତି। ସେହିପରି ଧର୍ମେନ୍ଦ୍ର ପ୍ରଧାନ ବାଣୀବିହାର ଯିବା ସମୟରେ ଗେଟ୍ ବାହାରେ ଏବଂ ଭିତରେ କେତେକ ଛାତ୍ର କଂଗ୍ରେସ କର୍ମୀ କଳାପତାକା ପ୍ରଦର୍ଶନ କରିଥିଲେ। ପୋଲିସ ଛାତ୍ର କଂଗ୍ରେସ କର୍ମୀଙ୍କୁ ଅଟକାଇବାକୁ ଚେଷ୍ଟା କରିବା ବେଳେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟର କେତେକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା, ଦରଦାମ୍ ବୃଦ୍ଧି ସହ ରନ୍ଧନ ଗ୍ୟାସ୍ ମୂଲ୍ୟ ବଢ଼ିବା ଏବଂ ବେକାରି ସମସ୍ୟା ନେଇ କେନ୍ଦ୍ରମନ୍ତ୍ରୀଙ୍କୁ ବିରୋଧ ପ୍ରଦର୍ଶନ କରାଯାଇଥିବା ସେମାନେ କହିଛନ୍ତି।

# 'ଓଡ଼ିଶା ହେଉଛି କଳାର ଭୂମି'



ଉତ୍ସବରେ ପଦ୍ମଶ୍ରୀ ମାଧବୀ ମୁଦ୍‌ଗଲଙ୍କୁ ସମ୍ମାନିତ କରାଯାଉଛି।



ଶ୍ରୀନିବାସ ଶତପଥୀ ବଂଶୀବାଦନ କରୁଛନ୍ତି।

**ଗୁଞ୍ଜନ ନୃତ୍ୟ ଓ ସଙ୍ଗୀତ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା**

କଟକ ଅଫିସ,୨୭।୧୧

କଟକ ସହିଦ ଭବନରେ ଗୁଞ୍ଜନ ନୃତ୍ୟ ଓ ସଙ୍ଗୀତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶନିବାର ଅନୁଷ୍ଠିତ ଦ୍ୱିତୀୟ ସନ୍ଧ୍ୟାର କାର୍ଯ୍ୟକ୍ରମରେ ଓପିଏସ୍‌ସି ଚେୟାରମ୍ୟାନ ସତ୍ୟଜିତ୍ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ୨୫ ବର୍ଷର ମଧ୍ୟରେ ଓଡ଼ିଶାରେ ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତକୁ ନେଇ ଗୁଞ୍ଜନ ପକ୍ଷରୁ କରାଯାଇଥିବା ପ୍ରୟାସ ନୂତନ ପରମ୍ପରା ସୃଷ୍ଟି କରିଛି। ଏହି ନୃତ୍ୟର ଭବିଷ୍ୟତ ଉଜ୍ଜ୍ୱଳ ରହିଛି। ଆଗାମୀ ପିଢ଼ି ଏହାକୁ ଆଗକୁ ନେବେ ବୋଲି ସେ ଆଶା ପ୍ରକଟ କରିଛନ୍ତି। ସେହିପରି ସମ୍ମାନିତ ଅତିଥି ନୃତ୍ୟଗୁରୁ ଆଶିଷ ମୋହନ ଖୋଖର କହିଛନ୍ତି, ଓଡ଼ିଶା ହେଉଛି କଳାର ଭୂମି। ଏହି ଉତ୍ସବରେ ଶ୍ରୀନିବାସ ଶତପଥୀ ଓ ତାଙ୍କ ସହଯୋଗୀ ବଂଶୀବାଦନରେ ରାଗ ରଙ୍ଗ ପରିବେଷଣ କରିଥିଲେ। ପରେ ଗୁଞ୍ଜନ ପକ୍ଷରୁ ତାଳ ବାଦ୍ୟ, ମଦନମୋହନ ସ୍ତୋତ୍ର, ବନ୍ଦେମାତରମ ପରିବେଷଣ କରାଯାଇଥିଲା। ତେବେ ସନ୍ଧ୍ୟାର ବିଶେଷ ଆକର୍ଷଣ ଥିଲା ପଦ୍ମଶ୍ରୀ ମାଧବୀ ମୁଦ୍‌ଗଲ ଓ ତାଙ୍କ ସାଥୀଙ୍କ ଦ୍ୱାରା ପରିବେଶିତ ସ୍ୱତନ୍ତ୍ର ଓଡ଼ିଶୀ ନୃତ୍ୟ। ଏହା ଦର୍ଶକଙ୍କୁ ମୁଗ୍ଧ କରିଥିଲା। ଏହି ଅବସରରେ ବଂଶୀବାଦକ ଶ୍ରୀନିବାସ ଶତପଥୀ ଓ ମାଧବୀ ମୁଦ୍‌ଗଲଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗୁଞ୍ଜନ ସଭାପତି ଗାୟତ୍ରୀ ଦାସ ଓ ସମ୍ପାଦକ ମୀରା ଦାସଙ୍କ ସମେତ ଅନ୍ୟମାନେ ଉପସ୍ଥିତଥିଲେ। ଧରିତ୍ରୀ ଏହାର ମିଡିଆ ପାର୍ଟନର ରହିଛି।

# ଚାଷୀ ଆତ୍ମହତ୍ୟା: ଆନ୍ଦୋଳନକୁ ଓହ୍ଲାଇବ କଂଗ୍ରେସ

**କିଷାନ କଂଗ୍ରେସ ରାଜ୍ୟ କାର୍ଯ୍ୟକାରିଣୀରେ ଚୂଡ଼ାନ୍ତ ରୂପରେଖ**

ଭୁବନେଶ୍ୱର,୨୭।୧୧(ବ୍ୟୁରୋ)

ରାଜ୍ୟରେ ଚାଷୀ ଆତ୍ମହତ୍ୟା ପାଇଁ କଂଗ୍ରେସ ରାଜ୍ୟ ସରକାରଙ୍କ ନୀତିକୁ ଦାୟୀ କରିଛି। ନବୀନ ସରକାର କେବଳ ଚାଷୀ ବିରୋଧୀ ନୁହନ୍ତି, ଚାଷୀ ହନ୍ତା ମଧ୍ୟ ବୋଲି ଅଭିଯୋଗ ଆଣିଛି। ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ୭ଜଣ ଚାଷୀ ଆତ୍ମହତ୍ୟା କରିସାରିଲେଣି। ଏଣୁ ଚାଷ ଓ ଚାଷୀଙ୍କ ମଙ୍ଗଳ ଦୃଷ୍ଟିରୁ ସେମାନଙ୍କ ସମସ୍ତ ଦାବି ସରକାର ପୂରଣ କରନ୍ତୁ। ଏମ୍‌ଏସ୍‌ପି ବୃଦ୍ଧି ସହ ଏଥିପାଇଁ ଆଇନଗତ ବ୍ୟବସ୍ଥା, ଚକଡ଼ା ପୋକ ଓ ଅଦିନିଆ ବର୍ଷାଦ୍ୱାରା ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ଏକର ପିଛା ୨୦ ହଜାର ଟଙ୍କା ଆର୍ଥିକ ସହାୟତା, ସମସ୍ତ ଚାଷୀଙ୍କ କୃଷି ଋଣ ଛାଡ଼, ଭାଗଚାଷୀ ସୁରକ୍ଷା ଆଇନ ପ୍ରଣୟନ, ଅଣଧାନ ଚାଷର ଅଭିବୃଦ୍ଧି, ସମସ୍ତ ଚାଷୀଙ୍କୁ ଚାଷୀ ପରିଚୟପତ୍ର ପ୍ରଦାନ, ଆଳୁ ପିଆଜ, ପନିପରିବା ଓ ଫୁଲ ଚାଷର ବ୍ୟାପକତା ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀମାନେ ଦାବି କରି ଆସୁଛନ୍ତି। ତାହାକୁ ସରକାର ତୁରନ୍ତ ପୂରଣ ନ କଲେ ଆଗାମୀ ଦିନରେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

କଂଗ୍ରେସ ଭବନରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରବକ୍ତା ସୁଦର୍ଶନ ଦାସ ଓ ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ଚାଷୀ ଆତ୍ମହତ୍ୟାକୁ ନେଇ ସରକାରଙ୍କୁ କଡା ସମାଲୋଚନା କରିଛନ୍ତି। ସୁଦର୍ଶନ କହିଛନ୍ତି, ଗତ ନଭେମ୍ବର ୧୬ରେ ବାଲେଶ୍ୱର ଜିଲାର ଜଳେଶ୍ୱରର ଶାଳୀକୋଠା ଗ୍ରାମର ଚାଷୀ ଲକ୍ଷ୍ମୀ ନାରାୟଣ ଜେନା ବିଲରେ ବିଷପିଇ ଆତ୍ମହତ୍ୟା କରିଥିଲେ। ଗତ ୨୦ ତାରିଖରେ ନବରଙ୍ଗପୁର ରାଇଘର ବ୍ଲକ ତୃଣବେଡ଼ା ଗାଁର ବିଭୂତି ଭୂଷଣ ସରକାର ମଧ୍ୟ କୋବିଚାଷରେ କ୍ଷତି ଗ୍ରସ୍ତ ହେବା ଫଳରେ ଋଣବୋଝ ଦ୍ୱାରା ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଛନ୍ତି। ନବୀନ ସରକାର ଚାଷୀ ହତ୍ୟାକାରୀ ବୋଲି ସୁଦର୍ଶନ କହିବା ସହ ଆତ୍ମହତ୍ୟା କରିଥିବା ସମସ୍ତ ଚାଷୀ ପରିବାରକୁ ୨୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦିଆଯାଉ। ସେହିପରି ଅମୀୟ କହିଛନ୍ତି, ବିଧାନସଭାରେ ସର୍ବଦଳୀୟ ପ୍ରସ୍ତାବ ପାରିତ କରି ରାଜ୍ୟ ସରକାର ଧାନ କୁଇଣ୍ଟାଲ ପ୍ରତି ସର୍ବନିମ୍ନ ମୂଲ୍ୟ ୨୯୩୦ ଟଙ୍କା ଧାର୍ଯ୍ୟ କରି କେନ୍ଦ୍ରକୁ ପତ୍ର ପଠାଇ ଚୁପ୍ ହୋଇ ବସିବା ହାସ୍ୟାସ୍ପଦ। ଯଦି ଚାଷୀଙ୍କ ପ୍ରତି ପ୍ରକୃତ ସମ୍ବେଦନଶୀଳତା ଥାଏ, ପଡ଼ୋଶୀ ଛତିଶଗଡ଼ ସରକାରଙ୍କ ଭଳି ଅତିରିକ୍ତ ସହାୟତା ଦେଇ ଓଡ଼ିଶା ସରକାର ଚାଷୀଙ୍କଠାରୁ ନିଜେ ଧାନ କିଣନ୍ତୁ। ଏନେଇ ଆଗାମୀ ଦିନରେ ଶକ୍ତିଶାଳୀ ଚାଷୀ ଆନ୍ଦୋଳନ କରାଯିବ। ତେବେ ଆସନ୍ତା ଡିସେମ୍ବର ୧ ପ୍ରଦେଶ କିଷାନ କଂଗ୍ରେସ ରାଜ୍ୟ କାର୍ଯ୍ୟକାରିଣୀରେ ଏହି ଆନ୍ଦୋଳନର ରୂପରେଖ ଚୂଡ଼ାନ୍ତ ହେବ ବୋଲି ଅମିୟ ସୂଚନା ଦେଇଛନ୍ତି।

### ଅଗ୍ନିକାଣ୍ଡ: ୬ ବଖରା ଜଳିଗଲା

ବାରଙ୍ଗ,୨୭।୧୧(ଡି.ଏନ୍.ଏ.)

ଚନ୍ଦକା ଥାନା ଅର୍ନ୍ତଗତ ଗିରିଙ୍ଗାପୁଟ ଆଦିବାସୀ ସାହିରେ ଶୁକ୍ରବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୨ ପରିବାରର ୬ ବଖରା ଜଳିଯାଇଛି। ଗ୍ରାମର ଲକ୍ଷ୍ମୀ ମାଝୀ ଓ ଗଣେଶ ମାଝୀଙ୍କ ଘରେ ସମସ୍ତେ ରାତିରେ ଶୋଇଥିବା ବେଳେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ପରିବାର ଲୋକ ଜାଣିବା ପରେ ଭୟରେ ବାହାରକୁ ଚାଲିଆସିଥିଲେ। ଚାଳ ଘର ହୋଇଥିବାରୁ ନିଆଁ ବ୍ୟାପୀ ୨ପରିବାର ସମ୍ପୂର୍ଣ୍ଣ ୬ ବଖରା ଜଳିଯାଇଥିଲା। ଫଳରେ ଘରେ ଥିବା ସମସ୍ତ ଆସବାବପତ୍ର ସହ ଧାନଚାଉଳ, ବାସନକୁସନ, ଲୁଗାପଟା ସବୁ ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ପୂର୍ବତନ ବାୟୁସେନା ଅଧିକାରୀ ପ୍ରଭାତ କୁମାର ରାଉତରାୟ, ନାରୀନେତ୍ରୀ କୌଶଲ୍ୟା ବଳିଆରସିଂ ପହଞ୍ଚି ଉକ୍ତ ପରିବାରକୁ ସାହାଯ୍ୟର ହାତ ବଢାଇଛନ୍ତି। ପରେ ମେଣ୍ଢାଶାଳ ରାଜସ୍ୱ ନିରୀକ୍ଷକ ଘଟଣାର ଅନୁଧ୍ୟାନ କରିବା ସହ ପଲିଥିନ ପ୍ରଦାନ କରିଛନ୍ତି।

# ଫୁଟବଲ୍: ମା' ମଙ୍ଗଳା କ୍ଲବ ଚାମ୍ପିୟନ

ନିରାକାରପୁର,୨୭।୧୧(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଜଙ୍କିଆ ପଞ୍ଚାୟତ ମୁଣ୍ଡାଆମ୍ବ ଆଦିବାସୀ ସାହି ଖେଳ ପଡିଆରେ ବାବା ଆମ୍ବେଡକର ଫୁଟବଲ ଆସୋସିଏଶନ ପକ୍ଷରୁ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଅନଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୮ଟି ଟିମ୍ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍‌ରେ ଗୋଡିପଡା ବିଶ୍ୱାସ କ୍ଲବ ଓ କୁଞ୍ଜୁରିର ମା'ମଙ୍ଗଳା କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍ ଶେଷ ସୁଦ୍ଧା କେହି କାହାକୁ ଗୋଲ୍ ଦେଇପାରି ନ ଥିଲେ। ଫଳରେ ଟ୍ରାଇବେକର ସହାୟତା ନିଆଯାଇଥିଲା। ବିଶ୍ୱାସ କ୍ଲବ କୌଣସି ଗୋଲ ଦେଇ ପାରି ନ ଥିବା ବେଳେ ମା' ମଙ୍ଗଳା କ୍ଲବ ଗୋଟିଏ ଗୋଲ ଦେଇ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ପୂର୍ବତନ ସମିତି ସଭ୍ୟ ମୁଖ୍ୟ ଅତିଥିଭାବେ କୃଷ୍ଣଚନ୍ଦ୍ର ନରେନ୍ଦ୍ର ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ବାବୁଲା ବେହେରା, ବାଞ୍ଛାନିଧି ବେହେରା, ଦିବାକର ନାୟକ, ଶ୍ରୀନିବାସ ନାୟକ ମ୍ୟାଚ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳି ଓ ଅନ୍ୟମାନେ।

# ପତିତପାବନ କ୍ଲବ୍ ସେମିଫାଇନାଲରେ

ଖୋର୍ଦ୍ଧା ଅଫିସ,୨୭।୧୧

ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତରେ ଚାଲିଥିବା ୩୨ତମ ଲୋକନାଥ ଦେବ କ୍ରିକେଟ୍ ଟୁର୍ନାମେଣ୍ଟର ଶନିବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱରର ନଁପୁଟ କ୍ରିକେଟ୍ କ୍ଲବକୁ ୩୦ରନରେ ହରାଇ ଅତ୍ରିର ପତିତପାବନ କ୍ଲବ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ସ୍ଥାନୀୟ ଖେଳପଡ଼ିଆରେ ଆୟୋଜିତ ମ୍ୟାଚରେ ଟସ୍ ଜିତି ପତିତପାବନ କ୍ଲବ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୩୭ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଭକ୍ତବନ୍ଧୁ ରାଉତ ୩୭ରନ ଓ ବିକ୍ରମ ସାମଲ ୨୩ରନ ସଂଗ୍ରହ କରିଥିଲେ। ଜବାବରେ ନଁପୁଟ କ୍ଲବ ୧୭ ଓଭରରେ ସମସ୍ତ ଉଇକେଟ୍ ବିନିମୟରେ ୧୦୭ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ଅଭିଷେକ ପଟ୍ଟନାୟକ ୩୮ରନ ଓ ସୌମ୍ୟ ଜେନା ୩୭ରନ ସଂଗ୍ରହ କରିଥିଲେ। ପତିତପାବନ କ୍ଲବର ରାମଚନ୍ଦ୍ର ବେହେରା ୪ଟି ଉଇକେଟ୍ ନେଇ ମ୍ୟାନ୍ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇଥିଲେ। ଦୁର୍ଯ୍ୟୋଧନ ପରିଡ଼ା, ପ୍ରଦୋଷ ବଳିୟାରସିଂ ମ୍ୟାଚ୍ ପରିଚାଳନା କରିଥିଲେ। ବିଶ୍ୱବିଜୟୀ ସ୍ୱାଇଁ ସ୍କୋରରେ ସହାୟତା କରିଥିଲେ। ରବିବାର କାଇପଦରର ସତ୍ୟପୀର ସ୍ପୋର୍ଟିଂ ଓ ବାଙ୍କୀ ଆଥଲେଟିକ୍ ଆସୋସିଏଶନ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ ସଦସ୍ୟଙ୍କ ପକ୍ଷରୁ ଜଣାପଡ଼ିଛି।

### ୨୫ ହେକ୍ଟର ଚିଙ୍ଗୁଡ଼ି ଘେରି ଉଚ୍ଛେଦ

ଟାଙ୍ଗୀ(ଖୋର୍ଦ୍ଧା),୨୭।୧୧(ଡି.ଏନ୍.ଏ.)

ଚିଲିକା ତହସିଲ ଅନ୍ତର୍ଗତ ସୋରଣ ଓ ମାନସିଂହପୁର ଅଞ୍ଚଳ ଚିଲିକାରେ ଥିବା ୨୫ ହେକ୍ଟର ବେଆଇନ ଚିଙ୍ଗୁଡ଼ି ଘେରିକୁ ଚିଲିକା ତହସିଲଦାର ପୁନମ ମହାପାତ୍ରଙ୍କ ନିର୍ଦ୍ଦେଶରେ ଶନିବାର ଉଚ୍ଛେଦ କରାଯାଇଛି। ଜବତ ହୋଇଥିବା ଜାଲ, ବାଉଁଶକୁ ପୋଡ଼ି ଦିଆଯାଇଛି। ଏହି ଉଚ୍ଛେଦ ବେଳେ ଟାଙ୍ଗୀ ଆଇଆଇସି ବିଜୟ ମଲ୍ଲିକ, କୃଷି ବିଭାଗ କର୍ମଚାରୀ, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଆଇନ ପରାମର୍ଶଦାତା, ଜରିପଡା ଆର୍‌ଆଇଙ୍କ ସମେତ ପୋଲିସ ଫୋର୍ସ ସାମିଲ ହୋଇଥିଲେ।

### କ୍ରିକେଟ୍: ମା' ତାରିଣୀ କ୍ଲବ୍ ବିଜୟୀ

ବୋଲଗଡ଼,୨୭।୧୧(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତ ଦେଉଳି କଲେଜ ଖେଳପଡ଼ିଆରେ ଚାଲିଥିବା ରାଇଜିଂ ଷ୍ଟାର କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ଲିଗ ମ୍ୟାଚରେ ଶନିବାର ଗଡ଼ମାଣତିରର ମା'ରାମଚଣ୍ଡୀ କ୍ଲବ୍‌କୁ ହରାଇ ବାଗଲପୁରର ମା'ତାରିଣୀ କ୍ଲବ୍ ବିଜୟୀ ହୋଇଛି। ଟସ୍ ଜିତି ମା'ତାରିଣୀ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୬ ଉଇକେଟ ବିନିମୟରେ ୧୧୦ରନ ସଂଗ୍ରହ କରିଥିଲା। ଜବାବରେ ମା'ରାମଚଣ୍ଡୀ ଟିମ୍ ୧୧ ଓଭରରେ ସମସ୍ତ ଉଇକେଟ ବିନିମୟରେ ୬୩ରନ ସଂଗ୍ରହ କରି ପରାଜିତ ହୋଇଥିଲା। ପ୍ରଫୁଲ୍ଲ ପୂଜାରୀ ଓ ସୁନୀଲ ନାୟକ ଅମ୍ପାୟାରଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ସନ୍ତୋଷ କୁମାର ସାହୁ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅଜିତ୍ କୁମାର ନାୟକ, ମାନସ କୁମାର ନାୟକ ଓ ଲାଲୁ ପ୍ରସାଦ ସାହୁ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ୫ ବର୍ଷରେ ୭ ଶହରୁ ଊର୍ଦ୍ଧ୍ୱ ଗୋରୁ ଉଦ୍ଧାର

ଖୋର୍ଦ୍ଧା ଅଫିସ,୨୭।୧୧

**ଖୋର୍ଦ୍ଧାରେ ବଢ଼ୁଛି ଗୋଚାଲାଣ**
- ୭୬ ଗୋରୁଙ୍କ ମୃତଦେହ ଜବତ
- ୪୬ରୁ ଊର୍ଦ୍ଧ୍ୱ ଗିରଫ

ଖୋର୍ଦ୍ଧା ଜିଲାରେ ଗୋଚାଲାଣ ଦିନକୁ ଦିନ ବଢ଼ିବାରେ ଲାଗିଛି। ଦୈନିକ ୧୬ ଓ ୫୭ନମ୍ବର ଜାତୀୟ ରାଜପଥ ଦେଇ ବାହାର ରାଜ୍ୟକୁ ଚାଲାଣ କରାଯାଉଛି। ଭଦ୍ରକ, ପଶ୍ଚିମବଙ୍ଗ ଦେଇ ବାଂଲାଦେଶକୁ ଗୋଚାଲାଣ ହେଉଥିବା ଜଣାପଡ଼ିଛି। ଗତ ୫ବର୍ଷ ମଧ୍ୟରେ ୭ଶହରୁ ଊର୍ଦ୍ଧ୍ୱ ଗୋରୁଙ୍କୁ ଉଦ୍ଧାର କରାଯାଇଥିବା ବେଳେ ପ୍ରାୟ ୭୬ଗୋରୁଙ୍କ ମୃତଦେହ ଜବତ ହୋଇଛି। ଏହି ଘଟଣାରେ ସମ୍ପୃକ୍ତି ନେଇ ପୋଲିସ ୪୬ରୁ ଊର୍ଦ୍ଧ୍ୱ ଜଣଙ୍କୁ ଗିରଫ କରିଛି। ତେବେ କେତେଜଣ ପୋଲିସ କର୍ମଚାରୀ ବଟି ନେଇ ଗୋଚାଲାଣକୁ ପ୍ରଶ୍ରୟ ଦେଉଥିବା ସାଧାରଣରେ ଅଭିଯୋଗ ହେଉଛି।

ପ୍ରକାଶ ଯେ, ଜିଲାର କେରଙ୍ଗ, ତୋଟାପଡ଼ା, ତରତୁଆ, କୁସୁମୀ, ରାଉତପଡ଼ା, ଦୀକ୍ଷିତ୍‌ପଡ଼ା, ଖଜୁରିଆ, ଜଟଣୀ ଥାନା ଅନ୍ତର୍ଗତ ବେଣାପଞ୍ଚରୀ, ତରାବୋଇ ଏବଂ ବେଗୁନିଆ, ବୋଲଗଡ଼, ଟାଙ୍ଗୀ, ବାଣପୁର ଓ ବାଲୁଗାଁ ଅଞ୍ଚଳରୁ ଦୈନିକ ଶତାଧିକ ଗୋରୁଙ୍କୁ ବାହାର ରାଜ୍ୟକୁ ଚାଲାଣ କରାଯାଉଛି। ଏଥିଲାଗି ଏକ ର୍ୟାକେଟ କାର୍ଯ୍ୟ କରୁଛି। ୨୦୧୬ ମସିହାରେ ଖୋର୍ଦ୍ଧା ଟାଉନ ପୋଲିସ ୨ଜଣ ଗୋରୁ ମାଫିଆଙ୍କୁ ଗିରଫ କରିଥିବା ବେଳେ ୨୭ ଗୋରୁ ଉଦ୍ଧାର କରିଥିଲା। ଉକ୍ତ ବର୍ଷ ବେଗୁନିଆ ଥାନା ଅଞ୍ଚଳରୁ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ତାଙ୍କ ନିକଟରୁ ୫ଟି ଗୋରୁ ଉଦ୍ଧାର ହୋଇଥିଲା। ସେହିପରି ଜଙ୍କିଆ ପୋଲିସ ୨ଟି ପୃଥକ ମାମଲାରେ ୩ଜଣଙ୍କୁ ଗିରଫ କରିଥିବା ବେଳେ ୪୦ଗୋରୁ ଉଦ୍ଧାର କରିଥିଲା। ୨୦୧୭ରେ ଖୋର୍ଦ୍ଧା ପୋଲିସ ୫ ଜଣ ଗୋରୁ ମାଫିଆଙ୍କୁ ଗିରଫ କରିଥିବା ବେଳେ ୨୯ଗୋରୁ ଉଦ୍ଧାର କରିଥିଲା। ଟାଙ୍ଗୀ ପୋଲିସ ୬ଟି ଗୋରୁ ଉଦ୍ଧାର କରିଥିବା ବେଳେ ୧୦ଜଣଙ୍କୁ ଗିରଫ କରିଥିଲା। ବେଗୁନିଆ ପୋଲିସ ଦୁଇଟି ପୃଥକ୍ ମାମଲାରେ ୧୧ଜଣଙ୍କୁ ଗିରଫ କରିବା ସହ ୭୫ ଗୋରୁ ଉଦ୍ଧାର କରିଥିଲା। ବାଣପୁର ପୋଲିସ ୩ ଗୋରୁ ମାଫିଆଙ୍କୁ ଗିରଫ କରିଥିଲା। ୨୦୧୮ରେ ବେଗୁନିଆ ପୋଲିସ ୩ଜଣଙ୍କୁ ଗିରଫ କରିଥିବା ବେଳେ ୪୦ଗୋରୁଙ୍କୁ ଉଦ୍ଧାର କରିଥିଲା। ଖୋର୍ଦ୍ଧା ଟାଉନ ପୋଲିସ ବାଟମଙ୍ଗଳା ଛକରୁ ଏକ କଣ୍ଟେନରରୁ ୧୩୨ ଗୋରୁଙ୍କୁ ଉଦ୍ଧାର କରିଥିଲା। ସେଥିରୁ ଶ୍ୱାସରୁଦ୍ଧରେ ୫୫ଗୋରୁଙ୍କ ମୃତ୍ୟୁ ଘଟିଥିଲା। ୨୦୨୦ମାର୍ଚ୍ଚ ୧୯ରେ ଦଳେଇପୁଟ ଛକ ପେଟ୍ରୋଲ ପମ୍ପ ନିକଟରେ ସଦର ପୋଲିସ ଚଢ଼ାଉ କରି ଏକ କଣ୍ଟେନରରୁ ୪୫ ଗୋରୁ ଜବତ କରିଥିଲା। ସେଥିରୁ ଶ୍ୱାସରୁଦ୍ଧ ହୋଇ ଦୁଇ ଗୋରୁଙ୍କ ମୃତ୍ୟୁ ହୋଇଥିଲା । ଏହି ଘଟଣାରେ ପୋଲିସ ଯଦୁପୁର ଗ୍ରାମର ମଞ୍ଜୁର ଖାନକୁ ଗିରଫ କରିଥିଲା । ଅକ୍ଟୋବର ୬ରେ ବେଗୁନିଆ ବଜାରରୁ ପୋଲିସ ଏକ କଣ୍ଟେନର ବୋଝେଇ ମଇଁଷି ଗାଡ଼ିକୁ ଜବତ କରିଥିଲା। ସେଥିରୁ ୪୮ଟି ମଇଁଷି ଉଦ୍ଧାର ହୋଇଥିଲା। ଏଥିରେ ସମ୍ପୃକ୍ତି ନେଇ ଡ୍ରାଇଭର କୁଷପଲା ଗ୍ରାମର ତାହିଉଦ୍ଦିନ ଖାନଙ୍କୁ ଗିରଫ କରାଯାଇଥିଲା। ଗତ କିଛି ଦିନ ତଳେ ଆଦର୍ଶ ଥାନା ପୋଲିସ କୁମାରବସ୍ତ ଗାଁ ଛକରୁ ଗୋରୁ ଗାଡି ଜବତ କରିବା ସହ କେରଙ୍ଗର ୨ଜଣଙ୍କୁ ଗିରଫ କରିଥିଲା। ଚଳିତ ବର୍ଷ ୨୦୨୧ରେ ଗତ ସାଢେ ୪ମାସ ମଧ୍ୟରେ ଖୋର୍ଦ୍ଧା ପୋଲିସ ୧୯୨ରୁ ଊର୍ଦ୍ଧ୍ୱ ଗୋରୁ ଉଦ୍ଧାର କରିଥିବା ବେଳେ ପ୍ରାୟ ୧୬ଟି ଗୋରୁଙ୍କ ମୃତଦେହ ଜବତ କରିଛି। ଏଥିସହ ୧୬ରୁ ଊର୍ଦ୍ଧ୍ୱ ଜଣଙ୍କୁ ପୋଲିସ ଗିରଫ କରିଛି। ଏ ସମ୍ପର୍କରେ ଏସ୍‌ପି ରାଜକିଶୋର ଦୋରା କହିଛନ୍ତି, ଜିଲାରେ ବେଆଇନ ଗୋଚାଲାଣ ରୋକିବା ଲାଗି ସମସ୍ତ ଥାନାକୁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ସମୟରେ ଗୋରୁଗାଡି ଧରାଯିବା ସହ ଚାଲାଣକାରୀଙ୍କୁ ଗିରଫ କରାଯାଉଛି। ଅନ୍ୟପଟେ ଜଣେ ପୋଲିସ ଅଧିକାରୀ ନାମ ଗୋପନ ରଖି କହିଛନ୍ତି, ଗୋରୁଗାଡି ଧରିବା ପରେ କେଉଁଠି ଛଡାଯିବ, ସେ ନେଇ ଚିନ୍ତା ଘାରୁଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୮ ନଭେମ୍ବର, ୨୦୨୧

## ଭାଜପାର ମିଶ୍ରଣ ପର୍ବ

ବାଙ୍କୀ,(ସ୍ୱ.ପ୍ର.): ଡମପଡ଼ା ବ୍ଲକ ଗୋପାଳପୁର ପଞ୍ଚାୟତରେ ଭାଜପା ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ଲିକୁନା ବେହେରା ଓ ସନାତନ ସାହୁ ଭାଜପାରେ ଯୋଗଦେଇଛନ୍ତି। ଗୋପାଳପୁର ପଞ୍ଚାୟତର ଦୁର୍ଯ୍ୟୋଧନ ସାହୁ ଓ ଭାଜପା ଯୁବମୋର୍ଚ୍ଚାର କାଳନ୍ଦୀ ବେହେରାଙ୍କ ତତ୍ତ୍ୱାବଧାନରେ ଏହି ମିଶ୍ରଣ ପର୍ବ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ସୁବ୍ରତ ଧଳ, ଶବି ମାଝୀ, ପ୍ରଫୁଲ ସାହୁ, ଅଜିତ୍ ସୁବୁଦ୍ଧି ଓ ପିଣ୍ଟୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ୫ ଲକ୍ଷ ଟଙ୍କା ବଟି ମାଗି ଜଣେ ଗିରଫ

କଟକ ସଦର,୨୭।୧୧(ଡି.ଏନ.ଏ.): ବାଲିଘାଟ ମାଲିକଙ୍କୁ ବଟି ମାଗିବା ଅଭିଯୋଗରେ କିଶନନଗର ପୋଲିସ ଜଣକୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ମୁର୍କୁଣ୍ଡି ଗ୍ରାମର ବିଶ୍ୱରଞ୍ଜନ ଦାସ(୪୨)। ପୋଲିସ ସୂତ୍ରରୁ ପ୍ରକାଶ, ମହାନଦୀର ମୁର୍କୁଣ୍ଡି ବାଲିଘାଟ ଲିଜ୍ ନେଇଥିବା ପତିତପାବନ ସ୍ୱାଇଁଙ୍କୁ ଗତ ୨୪ ତାରିଖରେ ଅଭିଯୁକ୍ତ ଜଣଙ୍କ ୫ ଲକ୍ଷ ଟଙ୍କା ବଟି ମାଗିଥିଲେ। ଏ ନେଇ ସ୍ୱାଇଁ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୯୩/୨୧) ରୁଜୁ କରିଥିଲା।

### ଶୈଳବାଳା ମହିଳା କଲେଜରେ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ

କଟକ ଅଫିସ,୨୭।୧୧: କଟକସ୍ଥିତ ଶୈଳବାଳା ମହିଳା ସ୍ୱୟଂଶାସିତ କଲେଜରେ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନଜିତ୍ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀମାନେ କିପରି ଆଇଏଏସ୍ ଏବଂ ଓଏଏସ୍ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ ସେ ବିଷୟରେ ଆଲୋଚନା କରିଥିଲେ। ଅଧକ୍ଷା ପ୍ରଫେସର ସୁରେଖା ସୁନ୍ଦରୀ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଅର୍ଥନୀତି ବିଭାଗର ଆଧାପିକା ବନ୍ଦନା ପାଠକ ଅତିଥି ପରିଚୟ ପ୍ରଦାନ ଓ ଏଡୁକେମିର ଅଧାପକ ଅଭିଜିତ ମିଶ୍ର ଧନ୍ୟବାଦ ଦେଇଥିଲେ।

### ହାଡ୍‌କୋକ୍ ବୋଝେଇ ଟ୍ରକ୍ ଜବତ, ଚାଳକ ଅଟକ

ଚୌଦ୍ୱାର,୨୭।୧୧(ଡି.ଏନ.ଏ.): ଚୌଦ୍ୱାର ଥାନା ଅନ୍ତର୍ଗତ ମଙ୍ଗୁଳି ଛକରୁ ଏକ ହାଡ୍‌କୋକ ବୋଝେଇ ଟ୍ରକ୍‌କୁ ପୋଲିସ ଜବତ କରିଛି। ଏହି ଘଟଣାରେ ଚାଳକଙ୍କୁ ଅଟକ ରଖାଯାଇଛି। ପୋଲିସ ସୂଚନା ଅନୁଯାୟୀ, ହାଡ୍‌କୋକ୍ ବୋଝେଇ କରି ନିର୍ଗୁଣ୍ଡିରୁ ପାରାଦୀପ ଯାଉଥିବା ଉକ୍ତ ଟ୍ରକ(ନଂ.ଓଡ଼ି୦୫ଏସ୍-୨୫୨୫) ଶୁକ୍ରବାର ରାତିରେ ମଙ୍ଗୁଳିଛକରୁ ଚୌଦ୍ୱାର ଆଡ଼କୁ ଆସି ଏକ କବାଡ଼ିଆ ଡିପୋରେ କୋକ୍ ଖାଲି କରୁଥିଲା। ଖବରପାଇ ଚୌଦ୍ୱାର ପୋଲିସ୍ ପହଞ୍ଚି ଉକ୍ତ ଟ୍ରକ୍ ଜବତ କରି ଥାନାକୁ ଆଣିଥିଲା। ଯାଞ୍ଚବେଳେ ଗାଡିର କାଗଜପତ୍ର ଠିକ୍ ନ ଥିବା ଜଣାପଡ଼ିଥିଲା। ଏ ନେଇ ପୋଲିସ ଏକ ମାମଲା(ନଂ.୫୦୪/୨୧) ରୁଜୁ କରି ତଦନ୍ତ ଚଳାଇଛି।

### ମୋବାଇଲ ଚୋରି ଅଭିଯୋଗ: ୩ ଜଣଙ୍କୁ ପୋଲିସ ଜିମା

ଆଠଗଡ଼,୨୭।୨୧(ସ୍ୱ.ପ୍ର.): ମୋବାଇଲ୍ ଚୋରି ଅଭିଯୋଗରେ ଶନିବାର ଆଠଗଡ ପୁରୁଣା ବସଷ୍ଟାଣ୍ଡସ୍ଥିତ ପରିବା ମାର୍କେଟରୁ ୩ ଜଣଙ୍କୁ ସ୍ଥାନୀୟ ଲୋକେ କାବୁ କରି ପୋଲିସ ଜିମା ଦେଇଛନ୍ତି। ସେମାନଙ୍କୁ ଗିରଫ କରାଯାଇଥିବାବେଳେ ରବିବାର କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ପରିଡା ସୂଚନା ଦେଇଛନ୍ତି। ଅଭିଯୁକ୍ତମାନଙ୍କ ମଧ୍ୟରେ ଆସ୍କା ଅଞ୍ଚଳର ଜଣେ ନାବାଳକ ଥିବାବେଳେ ଅନ୍ୟ ଜଣେ ହେଲେ ଉକ୍ତ ଅଞ୍ଚଳର କାର୍ତ୍ତିକ ଦାସ( ୧୯ )। ଅନ୍ୟତମ ଅଭିଯୁକ୍ତ ହେଲେ ଆନ୍ଧ୍ରପ୍ରଦେଶର କେ. ଶିବା( ୨୧)। ପୋଲିସ ସେମାନଙ୍କ ନିକଟରୁ ଗୋଟିଏ ବାଇକ୍ ଓ ୩ ମୋବାଇଲ୍ ଜବତ କରିଛି। ଜବତ ମୋବାଇଲ ମଧ୍ୟରୁ ବିଜୟ କୁମାର ରଣା ଏବଂ ଭାଗିରଥି ସାହାଣୀଙ୍କମୋବାଇଲ ଚିହ୍ନଟ କରାଯାଇ ଫେରାଇ ଦିଆଯାଇଛି ବୋଲି ଥାନା ଅଧିକାରୀ କହିଛନ୍ତି। ସକାଳ ୧୦ ଟା ସମୟରେ ଆଠଗଡ ଥାନା ନିକଟ ପୁରୁଣା ବସଷ୍ଟାଣ୍ଡସ୍ଥିତ ପରିବା ମାର୍କେଟରୁ ବାଣୀକଣ୍ଠ ନଗରର ଦେବେନ୍ଦ୍ର ସ୍ୱାଇଁ ଓ କିରଣ ବିହାରୀ ଭକ୍ତା ପରିବା କିଣୁଥିବା ବେଳେ ଅଭିଯୁକ୍ତମାନେ ସେମାନଙ୍କ ପକେଟରୁ ମୋବାଇଲ୍ ନେଇ ପଳାଇଯିବାକୁ ଉଦ୍ୟମ କରିଥିଲେ। ମାତ୍ର ସ୍ଥାନୀୟ ଲୋକଙ୍କ ହାତରେ ଧରାପଡିଯାଇଥିଲେ। ଏହାପରେ ସ୍ୱାଇଁ ଓ ଭକ୍ତାଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା ରୁଜୁ ହୋଇଛି।

# ବନ୍ଧୁକ କାରବାରରେ କେବିଏନ୍ ଗ୍ୟାଙ୍ଗ୍

**ଚଢ଼ାଉବେଳେ ବ୍ଲାଙ୍କ୍ ଫାୟାରିଂ କରି ଖସିଗଲେ ଏକାଧିକ**

■ଜଣେ ଧରାପଡ଼ିଲେ, ୨ ପିସ୍ତଲ ଜବତ

■ବାର୍, ହୋଟେଲ ସମେତ ବିଭିନ୍ନ ସ୍ଥାନରେ ସ୍ୱେଶାଲ ସ୍କ୍ୱାଡ୍‌ର ଚଢ଼ାଉ

ଭୁବନେଶ୍ୱର, ୨୭।୧୧(ବ୍ୟୁରୋ)

ଅପରାଧ ଘଟାଇ ଭିଡିଓ ଭାଇରାଲ କରି ରାଜଧାନୀରେ ଆତଙ୍କ ଖେଳାଇଥିବା ବୁବୁ ଜେନାଙ୍କ କେବିଏନ୍ ଗ୍ୟାଙ୍ଗ ସମ୍ପର୍କରେ ତଦନ୍ତବେଳେ କମିଶନରେଟ ପୋଲିସକୁ ବଡ଼ ସଫଳତା ମିଳିଛି। ଗ୍ୟାଙ୍ଗ ସଦସ୍ୟମାନେ ବିଭିନ୍ନ ଅପରାଧ ଘଟାଇବା ସହ ଚୋରା ବନ୍ଧୁକ କାରବାର କରୁଥିବା ଜଣାପଡିଛି। ଏହି ସୂଚନା ଆଧାରରେ ଶନିବାର ସ୍ୱେଶାଲ ସ୍କ୍ୱାଡ୍ ଓ ନୟାପଲ୍ଲୀ ଥାନା ପୋଲିସ ନୟାପଲ୍ଲୀ ଆଇଆର୍‌ସି ଭିଲେଜସ୍ଥିତ ସ୍ୱପ୍ନେଶ୍ୱର ମନ୍ଦିର ନିକଟରେ ଚଢ଼ାଉ କରି ଜଣଙ୍କୁ ଧରିବା ସହ ତାଙ୍କଠାରୁ ୨ଟି ପିସ୍ତଲ ଜବତ କରିଛି। ତେବେ ଗୁଳି ଫୁଟାଇ ଅନ୍ୟ କେତେଜଣ ଘଟଣାସ୍ଥଳରୁ ଖସିଯାଇଥିବାବେଳେ ଧରାପଡିଥିବା ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଏକ ଅଜ୍ଞାତ ସ୍ଥାନରେ ରଖି ପଚରାଉଚରା କରୁଛି। ଗ୍ୟାଙ୍ଗ ଓ ଚୋରା ବନ୍ଧୁକ କାରବାର ସଂକ୍ରାନ୍ତରେ ତାଙ୍କଠାରୁ ପୋଲିସ କେତେକ ତଥ୍ୟ ହାସଲ କରିଛି। ସେ ଜଣେ ପେସାଦାର ଅପରାଧୀ ହୋଇଥିବାବେଳେ ତାଙ୍କ ନାମରେ ଭୁବନେଶ୍ୱର ସମେତ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଛି। ଏଥିସହ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ବିଭିନ୍ନ ବାର୍, ହୋଟେଲରେ ଚଢାଉ ଜାରି ରହିଥିବାବେଳେ ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ପୋଲିସ ଏ ସମ୍ପର୍କରେ କୌଣସି ତଥ୍ୟ ପ୍ରଘଟ କରୁନାହିଁ।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ସ୍ୱେଶାଲ ସ୍କ୍ୱାଡ୍ କବ୍‌ଜାରେ ଥିବା ଅଭିଯୁକ୍ତ କେବିଏନ୍ ଗ୍ୟାଙ୍ଗ ସହ ହାତ ମିଳାଇ ଲୁଟ୍‌ପାଟ୍ କରୁଥିଲେ। ଏଥିସହ ରାଜ୍ୟ ବାହାରୁ ଚୋରା ବନ୍ଧୁକ ଆଣି ଭୁବନେଶ୍ୱରରେ ବିଭିନ୍ନ ଅସାମାଜିକ ଯୁବକ ଓ କଲେଜ ଛାତ୍ରଙ୍କୁ କମ୍ ଦାମରେ ବିକ୍ରି କରୁଥିଲେ। ଏପରି କି ଏହି ବନ୍ଧୁକ ସାହାଯ୍ୟରେ ଗ୍ୟାଙ୍ଗ୍ ସଦସ୍ୟମାନେ ବେଶ୍ ସକ୍ରିୟ ହୋଇଉଠିଥିଲେ। ବିଭିନ୍ନ ଅଞ୍ଚଳରେ ଲୋକଙ୍କୁ ଭୟଭୀତ କରି ଦାଦାବଟି, ଜମି ଜବରଦଖଲ ଓ ରାତି ସମୟରେ ଲୋକଙ୍କୁ ଆକ୍ରମଣ କରି ଲୁଟ୍‌ପାଟ୍ କରୁଥିଲେ। ପୂର୍ବରୁ ଗିରଫ ହୋଇଥିବା ଗ୍ୟାଙ୍ଗ ସଦସ୍ୟଙ୍କୁ ପଚରାଉଚରାବେଳେ ବନ୍ଧୁକ କାରବାର ଓ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ମିଳିଥିଲା। ତେଣୁ ଏହାକୁ ଧରିବା ପାଇଁ ସ୍ୱେଶାଲ ସ୍କ୍ୱାଡ୍ ଓ ନୟାପଲ୍ଲୀ ଥାନା ପୋଲିସ ଯୋଜନା ପ୍ରସ୍ତୁତ କରି ଅଭିଯୁକ୍ତଙ୍କ ଉପରେ ନଜର ରଖିଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ଗ୍ୟାଙ୍ଗର ସଦସ୍ୟମାନେ ଆଇଆର୍‌ସି ଭିଲେଜ ନିକଟ ସ୍ୱପ୍ନେଶ୍ୱର ମନ୍ଦିରରେ ବସି ଅପରାଧ ପାଇଁ ଯୋଜନା କରୁଥିଲେ। ବିଶ୍ୱସ୍ତସୂତ୍ରରୁ ଖବର ମିଳିବା ପରେ ମିଳିତ ପୋଲିସ ଟିମ୍ ସେଠାରେ ଚଢ଼ାଉ କରିଥିଲା। ଏହି ସମୟରେ ଅଭିଯୁକ୍ତମାନେ ଫାଙ୍କା ଗୁଳି ଚାଳନା କରି ଖସିଯାଉଥିବାବେଳେ ଜଣକୁ ପୋଲିସ କାବୁ କରିନେଇଥିଲା। ଏ ନେଇ ଥାନା ଅଧିକାରୀ ଶରତ ସାହୁ ଓ ସ୍ୱେଶାଲ ସ୍କ୍ୱାଡ୍ ଅଧିକାରୀ ସଞ୍ଜୀବ ଶତପଥୀଙ୍କୁ ପଚାରିବାରୁ ସେମାନେ ପରେ ସୂଚନା ଦେବାକୁ କହି ଏଡାଇ ଯାଇଛନ୍ତି।

## ‘ଜାନୁୟାରୀ ସୁଦ୍ଧା ଡିଜିଟାଲ ଡୋର୍ ନମ୍ବରିଂ କାର୍ଯ୍ୟ ଶେଷ କର’

କଟକ ଅଫିସ,୨୭।୧୧

କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ୧୬ଟି ୱାର୍ଡର ସମସ୍ତ ଘରେ ଡିଜିଟାଲ ନମ୍ବର ଲାଗିବା କାର୍ଯ୍ୟ ଶେଷ ହୋଇଛି। ଏବେ ୪ଟି ୱାର୍ଡରେ କାର୍ଯ୍ୟ ଜାରି ରହିଛି। ତେବେ ଆସନ୍ତା ଜାନୁୟାରୀ ଶେଷ ସୁଦ୍ଧା ଅବଶିଷ୍ଟ ୩୯ଟି ୱାର୍ଡର ସମସ୍ତ ଘରେ ଡିଜିଟାଲ ଡୋର ନମ୍ବରିଂ ବ୍ୟବସ୍ଥା କରାଯିବ। ଏହାଦ୍ୱାରା କୌଣସି ଘରର ଠିକଣା ଏବଂ ସବିଶେଷ ତଥ୍ୟ ସହଜରେ ଜାଣି ହେବ। ତେବେ ଏହି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଡେପୁଟି କମିଶନର ଅଜୟ କୁମାର ମହାନ୍ତି ସମୀକ୍ଷା କରିଛନ୍ତି। ଶନିବାର ସିଏମ୍‌ସି ସମ୍ମିଳନୀ କକ୍ଷରେ ଏନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉକ୍ତ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ମହାନ୍ତି ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଥାଉ କି, ବିଭିନ୍ନ ଦେଶରେ ଡିଜିଟାଲ ଡୋର ନମ୍ବରିଂ ବ୍ୟବସ୍ଥା ପ୍ରଚଳିତ ହୋଇଛି। ଏହି କ୍ରମରେ କଟକ ସହରରେ ଡିଜିଟାଲ ଡୋର ନମ୍ବରିଂ ପାଇଁ ପଦକ୍ଷେ ନିଆଯାଇଥିଲା। ଦିଲ୍ଲୀର ଏକ ଘରୋଇ ସଂସ୍ଥା ସହ ସିଏମ୍‌ସି ଚୁକ୍ତି କରି ଏହି କାର୍ଯ୍ୟ ଜାରି ରଖିଛି। ଗତ ଅଗଷ୍ଟ ୩ ତାରିଖରୁ ମହାନଦୀ ବିହାରରୁ ଏହି କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ବିଭିନ୍ନ ୱାର୍ଡର ଘର ଘର ବୁଲି ସର୍ଭେ କରାଯାଉଛି। ଏହି କାର୍ଯ୍ୟ ପାଇଁ ୪୦ଜଣିଆ ଟିମ୍ ନିୟୋଜିତ ହୋଇଥିବା ମହାନ୍ତି ସୂଚନା ଦେଇଛନ୍ତି।



କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

## ଡାକ୍ତରଙ୍କ ପାଇଁ ସେବା ଏକ ମାତ୍ର ଉଦ୍ଦେଶ୍ୟ: ରାଜ୍ୟପାଳ

କଟକ ଅଫିସ, ୨୭।୧୧

୭୫ ବର୍ଷର ଗୌରବମୟ ଗାଥାକୁ ସ୍ମରଣ କରି କଟକ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ପ୍ଲାଟିନମ୍ ଜୁବିଲି(୭୫ ଫର ୭୫) ପାଳନ କରୁଛି। ଏହି ଅବସରରେ ଶନିବାର ଏସ୍‌ସିବି ସେଣ୍ଟରାଲ ହଲ୍‌ରେ ଗ୍ଲୋବାଲ କନ୍‌କ୍ଲେଭ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହାକୁ ଉଦ୍‌ଘାଟନ କରି କହିଥିଲେ, ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଡାକ୍ତର ପାଇଁ ସେବା ହିଁ ଏକ ମାତ୍ର ଉଦ୍ଦେଶ୍ୟ। ଜଣେ ଡାକ୍ତର କେବଳ ଶରୀରର ଚିକିତ୍ସା କରେନାହିଁ, ସେ ଏକାସାଙ୍ଗରେ ଶରୀର, ଆତ୍ମା ଓ ଭାବନାର ଚିକିତ୍ସା କରିଥାନ୍ତି। ଏବେ ବିଶ୍ୱରେ ସଙ୍ଗୀତ ମାଧ୍ୟମରେ ଚିକିତ୍ସା କରାଯାଉଥିବାବେଳେ ଆମେରିକାର ଚିକିତ୍ସାଳୟରେ ମେଡିଟେସନ ମାଧ୍ୟମରେ ଚିକିତ୍ସା ଆରମ୍ଭ ହୋଇଛି। ବିଶ୍ୱରେ ରହିଥିବା ପଞ୍ଚତତ୍ତ୍ୱ(ଜଳ, ବାୟୁ, ଅଗ୍ନି, ଆକାଶ ଓ ପୃଥିବୀ) ଈଶ୍ୱର ପ୍ରଦତ୍ତ। ଏହାର ଉଚିତ୍ ବ୍ୟବହାର ମଣିଷକୁ ସୁସ୍ଥ ରଖିପାରିବ। ବିଶ୍ୱର ବହୁ ଦୁରାରୋଗ୍ୟ ବ୍ୟାଧିର ଚିକିତ୍ସା ମନ୍ତ୍ର ମାଧ୍ୟମରେ ସମ୍ଭବ ବୋଲି ସେ କହିଥିଲେ। ସେହିପରି ପୋଷ୍ଟମାଷ୍ଟର ଜେନେରାଲ ଶୁଭେନ୍ଦୁ ସ୍ୱାଇଁ ଯୋଗଦେଇ କହିଥିଲେ, ଦେଶର ଶହେ ମେଡିକାଲ କଲେଜ ମଧ୍ୟରୁ ଏସ୍‌ସିବି ୧୬ ନଂ.ରେ ରହିଛି। ଏହି ଅବସରରେ ପ୍ରଫେସର କେ. ଲକ୍ଷ୍ମୀବାଈ ଓ ପ୍ରଫେସର ବି. ରାଜଗୁରୁଙ୍କୁ ଏସ୍‌ସିବି ମେଡିକାଲ ଡିନ୍ ତଥା ଅଧ୍ୟକ୍ଷ ଦଣ୍ଡେଶ୍ୱର ହୋତା ସମ୍ମାନିତ କରିଥିଲେ। ଏଥିସହ ସ୍ୱତନ୍ତ୍ର ଡାକଟିକଟ ଓ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଏସ୍‌ସିବି ଆଲୁମ୍ନି ଆସୋସିଏସନ ସଭାପତି ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସେକ୍ରେଟାରି ପ୍ରଫେସର ଏସ୍.ପି. ସିଂଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ମାନ୍ୟଗନ୍ୟ ବ୍ୟକ୍ତି ଯୋଗଦେଇଥିଲେ।

## ଏବି ଷ୍ଟାର ଇଲେଭେନ, ବେଲଦେବୀ ଥଣ୍ଡର ଟିମ୍ ବିଜୟୀ

**କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

ଫୁଲନଖରା, ୨୭।୧୧(ଡି.ଏନ.ଏ.)

କଟକ ସଦର ଥାନା ଅନ୍ତର୍ଗତ ଅଡାଳିଆ ଗ୍ରାମରେ ଶନିବାର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସରପଞ୍ଚ ଶିବଚରଣ ପୃଷ୍ଟି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ୍ ୬ଟି ଟିମ୍ ଭାଗ ନେଇଛି। ଶନିବାର ୪ଟି ଟିମ୍ ମଧ୍ୟରେ ମ୍ୟାଚ ହୋଇଥିଲା। ପ୍ରଥମ ମ୍ୟାଚ ଲକ୍ଷେଶ୍ୱର ଲାୟନ୍ସ ଓ ଏବି ଷ୍ଟାର ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୧୪ ଓଭର ବିଶିଷ୍ଟ ମ୍ୟାଚ୍‌ରେ ଲକ୍ଷେଶ୍ୱର ଲାୟନ୍ସ ଟିମ୍ ୭ଟି ଉଇକେଟ୍ ହରାଇ ୧୪୨ ରନ୍ କରିଥିଲା। ଏହାର ଜବାବରେ ଏବି ଷ୍ଟାର ଇଲେଭେନ ଟିମ୍ ୮ ଉଇକେଟ୍ ହରାଇ ୧୪୬ ରନ୍ କରି ବିଜୟୀ ହୋଇଥିଲା। ସେହିଭଳି ଦ୍ୱିତୀୟ ମ୍ୟାଚ୍ ବାସୁଦେବ ଫାଇଟର ଓ ବେଲଦେବୀ ଥଣ୍ଡର ମଧ୍ୟରେ ହୋଇଥିଲା। ବାସୁଦେବ ଫାଇଟର ଟିମ୍ ୧୪ ଓଭରରେ ୬ ଉଇକେଟ ହରାଇ ୧୪୩ ରନ କରିଥିଲା। ଜବାବରେ ବେଲଦେବୀ ଥଣ୍ଡର ଟିମ୍ ୮ଉଇକେଟ ହରାଇ ୧୪୪ରନ କରି ବିଜୟୀ ହୋଇଥିଲା। ମହାବୀର କ୍ରିକେଟ କ୍ଲବର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଜେଡିରେ ମିଶିଲେ କଂଗ୍ରେସ ନେତାଙ୍କ ପରିବାର

ବାଙ୍କୀ,୨୭।୧୧(ସ୍ୱ.ପ୍ର.)

ବାଙ୍କୀର ପୁରୁଖା କଂଗ୍ରେସ ନେତା ସ୍ୱର୍ଗତ କୃପାସିନ୍ଧୁ ବେହେରାଙ୍କ ପରିବାର ଶନିବାର ବିଜେଡି ଯୋଗଦେଇଛନ୍ତି। ସ୍ୱର୍ଗତ ବେହେରା ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଅନୁଗତ ଥିଲେ। ରାଜ୍ୟ ସରକାରଙ୍କ ଜନହିତକର କାର୍ଯ୍ୟରେ ପ୍ରଭାବିତ ହୋଇ ପରିବାର ସଦସ୍ୟ ବିଜେଡିରେ ସାମିଲ ହୋଇଛନ୍ତି ବୋଲି ସ୍ୱର୍ଗତ ବେହେରାଙ୍କ ଜ୍ୟେଷ୍ଠପୁତ୍ର ଅନୁପ କୁମାର ବେହେରା ପ୍ରକାଶ କରିଛନ୍ତି। ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଏହାର ନେତୃତ୍ୱ ନେଇଥିଲେ। ଡମପଡ଼ା ବିଜେଡି ସଭାପତି ଆର୍ତ୍ତତ୍ରାଣ ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଡମପଡ଼ା ବ୍ଲକ ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ପାତ୍ର, ଜିଲା ପରିଷଦ ସଭ୍ୟ ତ୍ରିଲୋଚନ ରାଉତ, ତାଳବସ୍ତ ସରପଞ୍ଚ ଦୀନବନ୍ଧୁ ସାହୁ, ଓକିଲ ସଂଘର ସଭାପତି ଗୌରୀ ଶଙ୍କର ନନ୍ଦ ପ୍ରମୁଖ ଯୋଗଦେଇଥିଲେ।

## ୧୧୩ ଫେରି ପାଇଲେ ଚୋରି ମୋବାଇଲ

**ଡିସିପିଙ୍କ କାର୍ଯ୍ୟାଳୟରେ ଫେରସ୍ତ ମେଳା**



କଟକ ଅଫିସ,୨୭।୧୧

କଟକ କମିଶନରେଟ୍ ପୋଲିସ ପକ୍ଷରୁ ସ୍ଥାନୀୟ ଡିସିପିଙ୍କ କାର୍ଯ୍ୟାଳୟରେ ଶନିବାର ଫେରସ୍ତ ମେଳା ଆୟୋଜିତ ହୋଇଥିଲା। ଏଥିରେ ମୋଟ୍ ୧୧୩ ଜଣଙ୍କୁ ତାଙ୍କର ଚୋରି ମୋବାଇଲ ଫେରସ୍ତ କରାଯାଇଥିଲା। କଟକ କମିଶନରେଟ ପୋଲିସ ପକ୍ଷରୁ କିଛି ମାସ ହେଲା ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି। ଫଳରେ ଥାନାୱାରୀ ଏକାଧିକ ଲୁଟେରା ଧରାପଡିବା ସହ ସେମାନଙ୍କ ଠାରୁ ଚୋରି ସାମଗ୍ରୀ ଉଦ୍ଧାର କରାଯାଉଛି। ଏହା ମଧ୍ୟରେ ପୋଲିସ ଏକାଧିକ ବାଇକ୍, ସାଇକେଲ, ଲାପ୍‌ଟପ୍, ମୋବାଇଲ ଆଦି ଜବତ କରିଥିଲା। ଏହି ସବୁ ସାମଗ୍ରୀର ଅସଲ ମାଲିକଙ୍କୁ ଚିହ୍ନଟ କରି ଫେରସ୍ତ କରାଯାଇଥିଲା। ଏହି ଅନୁସାରେ ଗତ ୧୪ ତାରିଖରେ ଡିସିପି ଅଫିସରେ ଆୟୋଜିତ କାର୍ଯ୍ୟକ୍ରମରେ ୧୧୦ଟି ଚୋରା ବାଇକ ଫେରସ୍ତ କରାଯାଇଥିଲା। ଏହି ସମୟରେ ମିଳିଥିବା ମୋବାଇଲଗୁଡ଼ିକର ଅସଲ ମାଲିକ ତଥା ଅଭିଯୋଗକାରୀଙ୍କୁ ଚିହ୍ନଟ କରି ଶନିବାର ଫେରସ୍ତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଡିସିପି ପ୍ରତୀକ୍ ସିଂଙ୍କ ସମେତ ଏଡିସିପି, ଏସିପି ଓ ଥାନାଧିକାରୀମାନେ ଉପସ୍ଥିତ ଥିଲେ।

## ‘ଭାରତୀୟଙ୍କ ପାଇଁ ସମ୍ବିଧାନ ଆତ୍ମା ସଦୃଶ’

କଟକ ଅଫିସ, ୨୭।୧୧

କଟକ ବିହାରୀବାଗସ୍ଥିତ ପ୍ରଜାତନ୍ତ୍ର ସଭାକକ୍ଷରେ ସାମ୍ପ୍ରତିକ ପରିସ୍ଥିତିରେ ଭାରତୀୟ ସମ୍ବିଧାନ ଶୀର୍ଷକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ନିରଞ୍ଜନ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଆଡ୍‌ଭୋକେଟ୍ ବିଭୁପ୍ରସାଦ ତ୍ରିପାଠୀ, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ପ୍ରାଧ୍ୟାପକ ଯୋଗଶଙ୍କର ମହାପ୍ରଶସ୍ତ ପ୍ରମୁଖ ଯୋଗଦେଇ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ସମ୍ବିଧାନ ହେଉଛି ଆତ୍ମା ସଦୃଶ। ଏହା ଦ୍ୱାରା ସଂହତି ଓ ଏକତା ସମ୍ଭବ। ଏହାକୁ ଅବଲୋକନ କରିବାର ସମୟ ଆସିଛି ବୋଲି ସେମାନେ କହିଥିଲେ। ପ୍ରଜାତନ୍ତ୍ର ପ୍ରଚାର ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଡା. ରବି ରଞ୍ଜନ ସାହୁ ସ୍ୱାଗତ ଭାଷଣ ଓ ସନ୍ତୋଷ ପତି ଧନ୍ୟବାଦ ଦେଇଥିଲେ।

## ଟଙ୍କା, ଅଳଙ୍କାର ଜବତ, ୨ ଗିରଫ

**ମହିଳାଙ୍କଠାରୁ ଲୁଟ୍ ଘଟଣା**

■ନାବାଳକଙ୍କୁ ବାଳସୁଧାର ଗୃହକୁ ପଠାଗଲା

କଣ୍ଟାପଡା, ୨୭।୧୧(ଡି.ଏନ.ଏ.)

ଓଲଟପୁର ଥାନା ଅଧୀନ ଅଡଶପୁର ବଜାରରୁ ମହିଳାଙ୍କଠାରୁ ଟଙ୍କା ଓ ସୁନାଅଳଙ୍କାର ଲୁଟ୍ କରିବା ଅଭିଯୋଗରେ ପୋଲିସ ୩ ଜଣଙ୍କୁ କାବୁ କରିଛି। ସେମାନଙ୍କ ମଧ୍ୟରୁ ଶନିବାର ୨ ଜଣଙ୍କୁ ଗିରଫ କରିଥିବାବେଳେ ଅନ୍ୟଜଣେ ନାବାଳକଙ୍କୁ ଅନୁଗୋଳସ୍ଥିତ ବାଳସୁଧାର ଗୃହକୁ ପଠାଇଦେଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ପୁରୀ ଜିଲା ପିପିଲି ଥାନା ଅଞ୍ଚଳର ରାଜା ଶିକାରୀ(୨୦) ଓ ଗୋବିନ୍ଦପୁର ଥାନା ଅନ୍ତର୍ଗତ ଅରିଶୋଲ ଗ୍ରାମର ବିଭୂତି ଭୂଷଣ ଭୋଇ(୩୬)। ପୋଲିସ ଅଭିଯୁକ୍ତଙ୍କଠାରୁ ଲୁଟ୍ ଅଳଙ୍କାର ଓ ୭୯,୨୫୫ ଟଙ୍କା ଜବତ କରିଛି। ଅଭିଯୋଗ ଅନୁଯାୟୀ, ନିଆଳି ଥାନା ଅଧୀନ ଏରଞ୍ଚ ଗ୍ରାମର ପ୍ରତିମାରାଣୀ ସେନାପତି ଶୁକ୍ରବାର ଅଡ଼ଶପୁରସ୍ଥିତ କାନାରା ବ୍ୟାଙ୍କରୁ ୮୦ହଜାର ଟଙ୍କା ଉଠାଇଥିଲେ। ଅଧିକ ଅର୍ଥ ଆବଶ୍ୟକ ଥିବାରୁ ସେ ନିଜର ଗହଣା ବନ୍ଧକ ରଖି ବ୍ୟାଙ୍କରୁ ଟଙ୍କା ଉଠାଇବା ପାଇଁ ଚାହିଁଥିଲେ। ମାତ୍ର ସୁନା ଯାଞ୍ଚ କରୁଥିବା ବଣିଆ ଆସି ନ ଥିବାରୁ ସେ ଉକ୍ତ ଟଙ୍କାରୁ ୨୦୦ଟଙ୍କା କାଢ଼ି ଅବଶିଷ୍ଟ ଟଙ୍କା ଓ ସୁନାଗହଣାକୁ ବ୍ୟାଗରେ ରଖି ଅଡଶପୁର ତ୍ରିଛକି ଆଡକୁ ଚାଲିଚାଲି ଆସୁଥିଲେ। ଏହି ସମୟରେ ଅଭିଯୁକ୍ତମାନେ ତାଙ୍କଠାରୁ ଉକ୍ତ ବ୍ୟାଗ ଛଡାଇ ନେଇଥିଲେ। ମହିଳା ଜଣଙ୍କ ଚିତ୍କାର କରିବାରୁ ସେଠାରେ ଥିବା ଲୋକେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ କାବୁ କରିଥିଲେ। ପ୍ରବଳ ଗହଳିର ସୁଯୋଗ ନେଇ ବିଭୂତି ଉକ୍ତ ବ୍ୟାଗ ଧରି ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ମହିଳା ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୨୫/୨୧) ରୁଜୁ କରିଥିଲା। ଏଥିସହ ଛକରେ ଲାଗିଥିବା ସିସିଟିଭି କ୍ୟାମେରା ଯାଞ୍ଚ କରିବା ପରେ ବିଭୂତିଙ୍କୁ ଠାବ କରିଥିଲା। ପରେ ତାଙ୍କୁ ଗିରଫ କରିବା ସହ ଲୁଟ୍ ସାମଗ୍ରୀ ଜବତ କରିଥିଲା।



କଟକ ଶ୍ରୀରାମଚନ୍ଦ୍ର ଭବନରେ ଶନିବାର ଅନୁଷ୍ଠିତ ଉତ୍ସବରେ ଡା. ତାରକ ପ୍ରସନ୍ନ ତ୍ରିପାଠୀଙ୍କ କାବ୍ୟ ‘କୃଷ୍ଣପ୍ରିୟା’କୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି।



ଉତ୍ସବରେ ପଦ୍ମଶ୍ରୀ ମାଧବୀ ମୁଦ୍‌ଗଲଙ୍କୁ ସମ୍ମାନିତ କରାଯାଉଛି।



ଶ୍ରୀନିବାସ ଶତପଥୀ ବଂଶୀବାଦନ କରୁଛନ୍ତି।

## ଓଡ଼ିଶା ହେଉଛି କଳାର ଭୂମି

**ଗୁଞ୍ଜନ ନୃତ୍ୟ ଓ ସଙ୍ଗୀତ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା**

କଟକ ଅଫିସ,୨୭।୧୧

କଟକ ସହିଦ ଭବନରେ ଗୁଞ୍ଜନ ନୃତ୍ୟ ଓ ସଙ୍ଗୀତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶନିବାର ଅନୁଷ୍ଠିତ ଦ୍ୱିତୀୟ ସନ୍ଧ୍ୟାର କାର୍ଯ୍ୟକ୍ରମରେ ଓପିଏସ୍‌ସି ଚେୟାରମ୍ୟାନ ସତ୍ୟଜିତ୍ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ୨୫ ବର୍ଷର ମଧ୍ୟରେ ଓଡ଼ିଶାରେ ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତକୁ ନେଇ ଗୁଞ୍ଜନ ପକ୍ଷରୁ କରାଯାଇଥିବା ପ୍ରୟାସ ନୂତନ ପରମ୍ପରା ସୃଷ୍ଟି କରିଛି। ଏହି ନୃତ୍ୟର ଭବିଷ୍ୟତ ଉଜ୍ଜ୍ୱଳ ରହିଛି। ଆଗାମୀ ପିଢି ଏହାକୁ ଆଗକୁ ନେବେ ବୋଲି ସେ ଆଶା ପ୍ରକଟ କରିଛନ୍ତି। ସେହିପରି ସମ୍ମାନିତ ଅତିଥି ନୃତ୍ୟଗୁରୁ ଆଶିଷ ମୋହନ ଖୋଖର କହିଛନ୍ତି, ଓଡ଼ିଶା ହେଉଛି କଳାର ଭୂମି। ଏହି ଉତ୍ସବରେ ଶ୍ରୀନିବାସ ଶତପଥୀ ଓ ତାଙ୍କ ସହଯୋଗୀ ବଂଶୀବାଦନରେ ରାଗ ରଙ୍ଗ ପରିବେଷଣ କରିଥିଲେ। ପରେ ଗୁଞ୍ଜନ ପକ୍ଷରୁ ତାଳ ବାଦ୍ୟ, ମଦନମୋହନ ସ୍ତୋତ୍ର, ବନ୍ଦେମାତରମ ପରିବେଷଣ କରାଯାଇଥିଲା। ତେବେ ସନ୍ଧ୍ୟାର ବିଶେଷ ଆକର୍ଷଣ ଥିଲା ପଦ୍ମଶ୍ରୀ ମାଧବୀ ମୁଦ୍‌ଗଲ ଓ ତାଙ୍କ ସାଥୀଙ୍କ ଦ୍ୱାରା ପରିବେଶିତ ସ୍ୱତନ୍ତ୍ର ଓଡ଼ିଶୀ ନୃତ୍ୟ। ଏହା ଦର୍ଶକଙ୍କୁ ମୁଗ୍ଧ କରିଥିଲା। ଏହି ଅବସରରେ ବଂଶୀବାଦକ ଶ୍ରୀନିବାସ ଶତପଥୀ ଓ ମାଧବୀ ମୁଦ୍‌ଗଲଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗୁଞ୍ଜନ ସଭାପତି ଗାୟତ୍ରୀ ଦାସ ଓ ସମ୍ପାଦକ ମୀରା ଦାସଙ୍କ ସମେତ ଅନ୍ୟମାନେ ଉପସ୍ଥିତଥିଲେ। ଧରିତ୍ରୀ ଏହାର ମିଡିଆ ପାର୍ଟନର ରହିଛି।

> “ପୂର୍ବରୁ ମୁଁ କଥକ ନୃତ୍ୟ ଶିଖୁଥିଲି। ହେଲେ ଓଡ଼ିଶୀର ଅଙ୍ଗଭଙ୍ଗି ଦେଖି ଆକୃଷ୍ଟ ହେଲି। ୧୯୭୦ ମସିହାରୁ କଟକରେ ଗୁରୁ କେଳୁଚରଣ ମହାପାତ୍ରଙ୍କ ଠାରୁ ଓଡ଼ିଶୀ ନୃତ୍ୟ ଶିଖିବା ଆରମ୍ଭ କଲି। ଚଳିତବର୍ଷ ଗୁଞ୍ଜନ ନୃତ୍ୟ ଓ ସଙ୍ଗୀତ ଉତ୍ସବରେ ସାମିଲ ହୋଇଥିବାରୁ ବହୁତ ଖୁସୀ।
> **ମାଧବୀ ମୁଦ୍‌ଗଲ,ନୃତ୍ୟଶିଳ୍ପୀ**

> “ଗୁଞ୍ଜନ ପକ୍ଷରୁ ଦୀର୍ଘଦିନ ପରେ ଆମକୁ ମଞ୍ଚ ମିଳିଛି। ସବୁ କଳାକାରଙ୍କ ପାଇଁ ମଞ୍ଚ ଆବଶ୍ୟକ। କାରଣ ଦର୍ଶକଙ୍କ ସମ୍ମୁଖରେ କଳା ପ୍ରଦର୍ଶନ କରିବାର ଏହା ଏକ ମାଧ୍ୟମ। ତେବେ ଏହି ମଞ୍ଚ ମାଧ୍ୟମରେ ନିଜର କଳା ପ୍ରଦର୍ଶନ କରିଥିବାରୁ ବହୁତ ଆନନ୍ଦିତ।
> **ଶ୍ରୀନିବାସ ଶତପଥୀ,ବଂଶୀବାଦକ**

# ବନ୍ଧୁକ କାରବାରରେ କେବିଏନ୍ ଗ୍ୟାଙ୍ଗ୍

ଭୁବନେଶ୍ୱର, ୨୭।୧୧(ବ୍ୟୁରୋ)

ଅପରାଧ ଘଟାଇ ଭିଡିଓ ଭାଇରାଲ କରି ରାଜଧାନୀରେ ଆତଙ୍କ ଖେଳାଇଥିବା ବୁବୁ ଜେନାଙ୍କ କେବିଏନ୍ ଗ୍ୟାଙ୍ଗ ସମ୍ପର୍କରେ ତଦନ୍ତବେଳେ କମିଶନରେଟ ପୋଲିସକୁ ବଡ଼ ସଫଳତା ମିଳିଛି। ଗ୍ୟାଙ୍ଗ ସଦସ୍ୟମାନେ ବିଭିନ୍ନ ଅପରାଧ ଘଟାଇବା ସହ ଚୋରା ବନ୍ଧୁକ କାରବାର କରୁଥିବା ଜଣାପଡିଛି। ଏହି ସୂଚନା ଆଧାରରେ ଶନିବାର ସ୍ପେଶାଲ ସ୍କ୍ୱାଡ୍ ଓ ନୟାପଲ୍ଲୀ ଥାନା ପୋଲିସ ନୟାପଲ୍ଲୀ ଆଇଆର୍‌ସି ଭିଲେଜସ୍ଥିତ ସ୍ୱପ୍ନେଶ୍ୱର ମନ୍ଦିର ନିକଟରେ ଚଢ଼ାଉ କରି ଜଣଙ୍କୁ ଧରିବା ସହ ତାଙ୍କଠାରୁ ୨ଟି ପିସ୍ତଲ ଜବତ କରିଛି। ତେବେ ଗୁଳି ଫୁଟାଇ ଅନ୍ୟ କେତେଜଣ ଘଟଣାସ୍ଥଳରୁ ଖସିଯାଇଥିବାବେଳେ ଧରାପଡିଥିବା ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଏକ ଅଜ୍ଞାତ ସ୍ଥାନରେ ରଖି ପଚରାଉଚରା କରୁଛି। ଗ୍ୟାଙ୍ଗ ଓ ଚୋରା ବନ୍ଧୁକ କାରବାର ସଂକ୍ରାନ୍ତରେ ତାଙ୍କଠାରୁ ପୋଲିସ କେତେକ ତଥ୍ୟ ହାସଲ କରିଛି। ସେ ଜଣେ ପେସାଦାର ଅପରାଧୀ ହୋଇଥିବାବେଳେ ତାଙ୍କ ନାମରେ ଭୁବନେଶ୍ୱର ସମେତ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଛି। ଏଥିସହ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ବିଭିନ୍ନ ବାର୍, ହୋଟେଲରେ ଚଢାଉ ଜାରି ରହିଥିବାବେଳେ ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ପୋଲିସ ଏ ସମ୍ପର୍କରେ

**ଚଢ଼ାଉବେଳେ ବ୍ଲାଙ୍କ୍ ଫାୟାରିଂ କରି ଖସିଗଲେ ଏକାଧିକ**

- ଜଣେ ଧରାପଡ଼ିଲେ, ୨ ପିସ୍ତଲ ଜବତ
- ବାର୍, ହୋଟେଲ ସମେତ ବିଭିନ୍ନ ସ୍ଥାନରେ ସ୍ପେଶାଲ ସ୍କ୍ୱାଡ୍‌ର ଚଢ଼ାଉ

କୌଣସି ତଥ୍ୟ ପ୍ରଘଟ କରୁନାହିଁ।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ସ୍ପେଶାଲ ସ୍କ୍ୱାଡ୍ କବ୍‌ଜାରେ ଥିବା ଅଭିଯୁକ୍ତ କେବିଏନ୍ ଗ୍ୟାଙ୍ଗ ସହ ହାତ ମିଳାଇ ଲୁଟ୍‌ପାଟ୍ କରୁଥିଲେ। ଏଥିସହ ରାଜ୍ୟ ବାହାରୁ ଚୋରା ବନ୍ଧୁକ ଆଣି ଭୁବନେଶ୍ୱରରେ ବିଭିନ୍ନ ଅସାମାଜିକ ଯୁବକ ଓ କଲେଜ ଛାତ୍ରଙ୍କୁ କମ୍ ଦାମରେ ବିକ୍ରି କରୁଥିଲେ। ଏପରି କି ଏହି ବନ୍ଧୁକ ସାହାଯ୍ୟରେ ଗ୍ୟାଙ୍ଗ୍ ସଦସ୍ୟମାନେ ବେଶ୍ ସକ୍ରିୟ ହୋଇଉଠିଥିଲେ। ବିଭିନ୍ନ ଅଞ୍ଚଳରେ ଲୋକଙ୍କୁ ଭୟଭୀତ କରି ଦାଦାବଟି, ଜମି ଜବରଦଖଲ ଓ ରାତି ସମୟରେ ଲୋକଙ୍କୁ ଆକ୍ରମଣ କରି ଲୁଟ୍‌ପାଟ୍ କରୁଥିଲେ। ପୂର୍ବରୁ ଗିରଫ ହୋଇଥିବା ଗ୍ୟାଙ୍ଗ ସଦସ୍ୟଙ୍କୁ ପଚରାଉଚରାବେଳେ ବନ୍ଧୁକ କାରବାର ଓ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ମିଳିଥିଲା। ତେଣୁ ଏହାକୁ ଧରିବା ପାଇଁ ସ୍ପେଶାଲ ସ୍କ୍ୱାଡ୍ ଓ ନୟାପଲ୍ଲୀ ଥାନା ପୋଲିସ ଯୋଜନା ପ୍ରସ୍ତୁତ କରି ଅଭିଯୁକ୍ତଙ୍କ ଉପରେ ନଜର ରଖିଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ଗ୍ୟାଙ୍ଗର ସଦସ୍ୟମାନେ ଆଇଆର୍‌ସି ଭିଲେଜ ନିକଟ ସ୍ୱପ୍ନେଶ୍ୱର ମନ୍ଦିରରେ ବସି ଅପରାଧ ପାଇଁ ଯୋଜନା କରୁଥିଲେ। ବିଶ୍ୱସ୍ତସୂତ୍ରରୁ ଖବର ମିଳିବା ପରେ ମିଳିତ ପୋଲିସ ଟିମ୍ ସେଠାରେ ଚଢ଼ାଉ କରିଥିଲା। ଏହି ସମୟରେ ଅଭିଯୁକ୍ତମାନେ ଫାଙ୍କା ଗୁଳି ଚାଳନା କରି ଖସିଯାଉଥିବାବେଳେ ଜଣକୁ ପୋଲିସ କାବୁ କରିନେଇଥିଲା। ଏ ନେଇ ଥାନା ଅଧିକାରୀ ଶରତ ସାହୁ ଓ ସ୍ପେଶାଲ ସ୍କ୍ୱାଡ୍ ଅଧିକାରୀ ସଞ୍ଜୀବ ଶତପଥୀଙ୍କୁ ପଚାରିବାରୁ ସେମାନେ ପରେ ସୂଚନା ଦେବାକୁ କହି ଏଡାଇ ଯାଇଛନ୍ତି।




୨୭।୧୧।୨୦୨୧

| | |
|---|---|
| ୫,୪୩,୫୯୪ ଟଙ୍କା | |
| ସୁନା | ୨୦୦ ମିଲି ଗ୍ରାମ |
| ରୁପା | ୧୧.୨୦୦ ଗ୍ରାମ |

## ଆଜି କ'ଣ କେଉଁଠି

ପୁରୀ

- ସାହିତ୍ୟ ପତ୍ରିକା ସିଂହଦ୍ୱାର ଓ ସ୍ୱର ପସ୍ତୁକ ଉନ୍ମୋଚନ ଉତ୍ସବ, ଭକ୍ତ ସାଲବେଗ ପୀଠ, ସକାଳ ୯ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମଧୁବନ ପରିବାର ପ୍ରବୋଧନ କାର୍ଯ୍ୟକ୍ରମ, ବିଦ୍ୟାଳୟ ପରିସର, ଅପରାହ୍ନ ୨ଟା ୩୦।
- ରଙ୍ଗାରଙ୍ଗ କଲଚରାଲ ଏକାଡେମୀ ପକ୍ଷରୁ ଡ୍ୟାନ୍ସ ପୁରୀ ଡ୍ୟାନ୍ସ ୨୦୨୧, ଅନ୍ନପୂର୍ଣ୍ଣ ରଙ୍ଗମଞ୍ଚ, ସନ୍ଧ୍ୟା ୭ଟା ।

## ସଂକ୍ଷେପରେ

### ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଅ

ବିଜେଡିର କାର୍ଯ୍ୟକାରିଣୀ ବୈଠକ

ପିପିଲି,୨୭।୧୧(ଡି.ଏନ୍.ଏ.)- ପିପିଲି-ଡେଲାଙ୍ଗ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଜୁ ଜନତା ଦଳର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ପିପିଲିସ୍ଥିତ ବିଜେଡି ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପିପିଲି ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଯୋଗଦେଇ ଦଳକୁ ତୃଣମୂଳ ସ୍ତରରେ ଆହୁରି ମଜଭୁତ କରିବା ପାଇଁ କହିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ



ଯୋଜନାଗୁଡିକ ଲୋକଙ୍କ ପାଖରେ ପହଞ୍ଚାଇ ପଞ୍ଚାୟତ ନିର୍ବାଚନରେ ସଫଳତାର ସହିତ କାର୍ଯ୍ୟ କରିବା ପାଇଁ ଦଳର କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ପ୍ରମୋଦ ସାମଲ, ଡେଲାଙ୍ଗ ବ୍ଲକ ବିଜେଡି ସଭାପତି ବୈରାଗୀ ଜେନା, ଡେଲାଙ୍ଗ ବ୍ଲକ ଅଧକ୍ଷ ପ୍ରସନ୍ନ ସାହୁ, ପିପିଲି ବ୍ଲକ ଅଧକ୍ଷା କଳ୍ପନା ସାମନ୍ତରାୟ, ଉପାଧକ୍ଷ ଯୁଧିଷ୍ଠିର ସ୍ୱାଇଁ, ପୁରୀ ଜିଲା ବିଜେଡି ସମ୍ପାଦକ ଧରଣୀଧର ସାହୁ, ଜିଲା ଯୁବ ବିଜେଡି ସଭାପତି ନାରାୟଣ ସ୍ୱାଇଁ, ଜିଲା ବିଜେଡି ସାଧାରଣ ସମ୍ପାଦକ କିଶୋର ଛୋଟରାୟ, ସତ୍ୟଜିତ ରାୟ ଚୌଧୁରୀ, ଡେଲାଙ୍ଗ ବ୍ଲକ ଆମ୍ବା ସଭାପତି ସୁଧାକର ମାର୍ଥା, ପିପିଲି ବ୍ଲକ ଯୁବ ବିଜେଡି ସଭାପତି ରଶ୍ମିରଞ୍ଜନ ବିଶ୍ୱାଳ, ଡେଲାଙ୍ଗ ବ୍ଲକ ଯୁବ ବିଜେଡି ସଭାପତି ସୌମ୍ୟରଞ୍ଜନ ରାଉତ, ଛାତ୍ରନେତା ସୁଦୀପ୍ତ ନାୟକ ଓ ସୌମ୍ୟରଞ୍ଜନ ମହାପାତ୍ର ପ୍ରମୁଖଙ୍କ ସହିତ କାର୍ଯ୍ୟକର୍ତ୍ତାମାନେ ଯୋଗଦେଇ ଦଳକୁ ପଞ୍ଚାୟତ ନିର୍ବାଚନରେ ଯେପରି ବହୁମତ ସଫଳତା ମିଳିବ ସେନେଇ କାର୍ଯ୍ୟକରିବା ପାଇଁ ବୈଠକରେ ପ୍ରାଧାନ୍ୟ ଦିଆଯାଇଛି।

### କୋରେକ୍ସ ବିକ୍ରି ଜଣେ ଗିରଫ

ପୁରୀ ଅଫିସ,୨୭।୧୧ - କୋରେକ୍ସ ବିକ୍ରି କରିବା ଅଭିଯୋଗରେ ବଳିଆପଣ୍ଡା ଥାନା ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଉଛନ୍ତି ଏହି ଥାନା ଅନ୍ତର୍ଗତ ଶିବଶକ୍ତି ସାହିର ମାଧବ ମଣ୍ଡଳ (୩୫)। ପୋଲିସ ଅଭିଯୁକ୍ତଠାରୁ ୧୯ଟି କୋରେକ୍ସ ବୋତଲ ଜବତ କରିଛି। ଏ ନେଇ ପୋଲିସ ନଂ ୧୭୦/୨୧ରେ ଏକ ମାମଲା ରୁଜୁ କରିଛି। ଏହି ଥାନା ଅଞ୍ଚଳରେ ଦୀର୍ଘଦିନ ହେବ ବେଆଇନ ଭାବେ କୋରେକ୍ସ ବିକ୍ରି କରାଯାଉଥିବା ନେଇ ଅଭିଯୋଗ ହୋଇଆସୁଥିଲା। ତେବେ ବିଶେଷ ସୂତ୍ରରୁ ପୋଲିସ ଖବରପାଇ ଟିମ୍ ସହ ସେଠାରେ ଚଢ଼ାଉ କରି ମାଧବଙ୍କୁ ଧରିଥିଲେ। ପଚରାଉଚରା କରିବା ପରେ କୋରେକ୍ସ ବିକ୍ରି କରୁଥିବା ମାଧବ ସ୍ୱୀକାର କରିବା ପରେ ପୋଲିସ ତାଙ୍କୁ ଗିରଫ କରିଛି।



ପ୍ରଥମାଷ୍ଟମୀ ଅବସରରେ ପୁରୀରେ ଜଣେ ମହିଳା ପୌତ୍ରୁଅଁ ସନ୍ତାନଙ୍କୁ ପୂଜା କରୁଛନ୍ତି ।

# ଶ୍ରୀମନ୍ଦିରରେ ପ୍ରଥମାଷ୍ଟମୀ ନୀତି ସମ୍ପନ୍ନ

ପୁରୀ ଅଫିସ,୨୭।୧୧

ପବିତ୍ର ମାର୍ଗଶିର ମାସ କୃଷ୍ଣପକ୍ଷ ଅଷ୍ଟମୀ ବା ପ୍ରଥମାଷ୍ଟମୀ ଅବସରରେ ଘରର ଜ୍ୟେଷ୍ଠମାନଙ୍କୁ ପୋଢୁଆଁ କରାଯାଇ ବନ୍ଦାପନା କରାଯିବାର ପରମ୍ପରା ରହିଛି। ଏହି ପରିପ୍ରେକ୍ଷୀରେ ଶନିବାର ପ୍ରଥମାଷ୍ଟମୀ ଅବସରରେ ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଛି। ପ୍ରଥମାଷ୍ଟମୀ ଅବସରରେ ଶ୍ରୀବିଗ୍ରହମାନଙ୍କ ବନ୍ଦାପନା ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ମହାପ୍ରଭୁଙ୍କ ଭୋଗମଣ୍ଡପ ସମ୍ପନ୍ନ ହେବା ପରେ ବେଶ ମଇଲମ କରାଯାଇ ପାଣି ପଡ଼ିଥିଲା। ତା' ପରେ ପୂଜାପଣ୍ଡା ସାମନ୍ତ ମହାସ୍ନାନ ନୀତି ସମ୍ପନ୍ନ କରିଥିଲେ। ପରେ ତିନି ଠାକୁରଙ୍କ ନୂଆ ଲୁଗା ଲାଗି କରାଯାଇଥିଲା। ଏହାପରେ ପୂଜାପଣ୍ଡା, ପତି ମହାପାତ୍ର ଏବଂ ମୁଦିରସ୍ତ ମହାପ୍ରଭୁଙ୍କୁ ଚନ୍ଦନ ଲାଗି ସର୍ବାଙ୍ଗ ନୀତି କରିଥିଲେ। ପରେ ସେବକମାନେ ଶ୍ରୀବିଗ୍ରହମାନଙ୍କୁ ୬ ମୂର୍ତ୍ତି ଅଳଙ୍କାର ଲାଗି କରି ବେଶ କରାଇଥିଲେ। ଏହାପରେ ତିନି ଠାକୁରଙ୍କୁ ବନ୍ଦାପନା ବା ବରୁଣ ପୂଜା ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନ ଧୂପ ଉଠିବା ପରେ ତିନି ବାଡ଼ରେ ମଙ୍ଗଳାର୍ପଣ ନୀତି ସମ୍ପନ୍ନ ହୋଇ ଫୁଲପୁରିଆ ଖଦି ଓ ଛେଦା ପ୍ରସାଦ ଲାଗି ହୋଇ ବନ୍ଦାପନା ନୀତି ସମ୍ପନ୍ନ ହୋଇଥିଲା। ବନ୍ଦାପନା ସମ୍ପୂର୍ଣ୍ଣ ହେବା ପରେ ଶ୍ରୀମନ୍ଦିରରେ ପୋଢୁଆଁ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି କରାଯାଇଥିଲା।

## ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ଓଡ଼ିଆ ଚଳଚ୍ଚିତ୍ର 'ଡାଲଚିନି'

ଭୁବନେଶ୍ୱର,୨୭।୧୧ (ବ୍ୟୁରୋ)

ଓଡ଼ିଶାର ପର୍ଯ୍ୟଟନ ସ୍ଥଳରେ ଭ୍ରମଣକୁ ନେଇ ନିର୍ମିତ ହୋଇଛି ଚଳଚ୍ଚିତ୍ର 'ଡାଲଚିନି'। ରିତୁପ୍ରିୟା ପ୍ରଡକ୍ସନର ଏହି ଓଡ଼ିଆ ଚଳଚ୍ଚିତ୍ରକୁ ଅତିଶ କୁମାର ରାଉତ ପ୍ରଯୋଜନା କରିଛନ୍ତି। ବଡ଼ ବଜେଟ୍‌ରେ ତିଆରି ହୋଇଥିବା ଏହି ଚଳଚ୍ଚିତ୍ର ଶିମ୍‌ଲା ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହୋଇଛି। ଦେଶ ବିଦେଶରୁ ଆସିଥିବା ଅନେକ ଚଳଚ୍ଚିତ୍ର ମଧ୍ୟରୁ ଏକମାତ୍ର ଓଡ଼ିଆ ପୂର୍ଣ୍ଣାଙ୍ଗ ଚଳଚ୍ଚିତ୍ର ଭାବେ ଏହା ସ୍ଥାନ ପାଇଛି। ମହୋତ୍ସବରେ ପ୍ରଯୋଜକ ଅତିଶ କୁମାର ରାଉତ, କାହାଣୀ, ସଂଳାପ ଓ ଚିତ୍ରନାଟ୍ୟ ନିର୍ଦ୍ଦେଶକ ଜିତେନ୍ଦ୍ରିୟ ପ୍ରଧାନ ଉପସ୍ଥିତ ରହି ସମ୍ମାନିତ ହୋଇଥିଲେ। ଶିଶିର ସାହୁ ଓ ପିନାକୀ ସିଂଙ୍କ ଏହା ପ୍ରଥମ ନିର୍ଦ୍ଦେଶିତ ପୂର୍ଣ୍ଣାଙ୍ଗ ଚଳଚ୍ଚିତ୍ର ହୋଇଥିଲାବେଳେ ଭାରତର ସୁନାମଧନ୍ୟ ସଙ୍ଗୀତ ନିର୍ଦ୍ଦେଶକ ଜେରୀ ସିଲବଭେଷ୍ଟର ଭିନ୍‌ସେନଟ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ସୁପ୍ରିୟା ରାଉତଙ୍କ ସହ ପ୍ରଯୋଜନାରେ ନାୟକ ଭୂମିକାରେ ପାର୍ଥସାରଥି ରାୟ ଓ ନାୟିକା ସୂର୍ଯ୍ୟମୟୀଙ୍କୁ ନେଇ ଚଳଚ୍ଚିତ୍ର ନିର୍ମାଣ କରାଯାଇଛି। ଯୁବ ପିଢିଙ୍କ ଚାହିଦାକୁ ଦୃଷ୍ଟିରେ ରଖି ତିଆରି ହୋଇଥିବା ଚଳଚ୍ଚିତ୍ର 'ଡାଲଚିନି' ସବୁ ପିଢ଼ିର ଦର୍ଶକଙ୍କ ମନକୁ ନିଶ୍ଚୟ ଛୁଇଁବ ବୋଲି ନିର୍ଦ୍ଦେଶକ ଓ ପ୍ରଯୋଜକ ଆଶାବ୍ୟକ୍ତ କରିଛନ୍ତି।

## ସ୍ୱର୍ଣ୍ଣପଦକ ପାଇଲେ ପିପିଲି ଝିଅ ମଧୁସ୍ମିତା




ପିପିଲି,୨୭।୧୧(ଡି.ଏନ୍.ଏ.)

ଉତ୍କଳ ବିଶ୍ୱବିଦ୍ୟାଳୟରେ ଶନିବାର ଅନୁଷ୍ଠିତ ୭୯ତମ ପ୍ରତିଷ୍ଠା ଦିବସ ଉତ୍ସବରେ ବିଶ୍ୱବିଦ୍ୟାଳୟର ୨୦୨୦ ମସିହା ଶିକ୍ଷା ବର୍ଷର ସାମାଜ ବିଜ୍ଞାନ ବିଭାଗର ଛାତ୍ରୀ ତଥା ପିପିଲି ଝିଅ ସୁଶ୍ରୀ ମଧୁସ୍ମିତା ପଟ୍ଟନାୟକଙ୍କୁ ସର୍ଣ୍ଣପଦକ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। ଏହି ପ୍ରତିଷ୍ଠା ଦିବସ ଉତ୍ସବରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧୁସ୍ମିତାଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରିଥିଲେ। ଏହି ପଦକ ହାସଲ କରିବା ପରେ ମଧୁସ୍ମିତା ତାଙ୍କ ସମସ୍ତ ଗୁରୁଜନ ଓ ମା'ବାପାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପଦ୍ମଶ୍ରୀ ଡ.ରଜତ କୁମାର କର ଏବଂ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଉପସ୍ଥିତ ରହିଥିଲେ। ମଧୁଙ୍କ ଏହି ସଫଳତାରେ ପିପିଲି ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।

## ବିଦ୍ୟୁତ୍ ଚୋରି ରୋକିବାବେଳେ ଅଧିକାରୀଙ୍କୁ ମାଡ଼

ନିମାପଡ଼ା,୨୭।୧୧(ଡି.ଏନ୍.ଏ.)

ବିଦ୍ୟୁତ୍ ଚୋରି ରୋକିବା, ବିଦ୍ୟୁତ୍ ଚୋରକୁ ଧରିବାକୁ ଯାଇ ନିମାପଡ଼ା ଅଞ୍ଚଳରେ ବିଦ୍ୟୁତ୍ ବିଭାଗର ଅଧିକାରୀମାନଙ୍କୁ ହଟହଟା ହେବାକୁ ପଡ଼ିଛି। ଏପରିକି ଅଧିକାରୀମାନଙ୍କୁ ମାଡ଼ ମରାଯାଇଥିବା ନେଇ ନିମାପଡ଼ା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ୫ଜଣ ଆକ୍ରମଣକାରୀଙ୍କ ବିରୋଧରେ ଏକ ମାମଲା(ନଂ.୪୦୭/୨୧) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଏହି ଥାନା ଅନ୍ତର୍ଗତ କାଜିପାଟଣା ଛକରେ ଜଣେ ମିଠା ଦୋକାନୀ ଦୀର୍ଘଦିନ ଧରି ବେଆଇନ ଭାବେ ବିଦ୍ୟୁତ୍ ସଂଯୋଗ ନେଇ ବିଦ୍ୟୁତ୍ ବ୍ୟବହାର କରିଚାଲିଥିଲେ। ବିଶେଷ ସୂତ୍ରରୁ ଖବରପାଇ ଟାଟା ପାୱାରର ଭୁବନେଶ୍ୱର ଡିଭିଜନର କେତେକ ବରିଷ୍ଠ ଅଧିକାରୀ ବିଦ୍ୟୁତ ଚୋରି ରୋକିବାକୁ ଗୁରୁବାର ଉକ୍ତ ମିଠା ଦୋକାନକୁ ଆସିଥିଲେ। ଦୋକନକୁ ଅଧିକାରୀମାନେ ବିଦ୍ୟୁତ ଚୋରି ସମ୍ପର୍କରେ ପଚରାଉଚରା କରୁଥିଲେ। ଏହି ସମୟରେ ଦୋକାନୀ ହଠାତ୍ ଉତ୍କ୍ଷିପ୍ତ ହୋଇ ଦୋକାନର କେତେଜଣ କର୍ମଚାରୀଙ୍କ ସମେତ ୫/୬ଜଣ ବ୍ୟକ୍ତି ସଂଘବଦ୍ଧ ହୋଇ ଅଧିକାରୀମାନଙ୍କୁ ମାଡ଼ ମାରି ଆକ୍ରମଣ କରିଥିଲେ। ଏପରିକି ଆକ୍ରମଣକାରୀମାନେ ବିଦ୍ୟୁତ୍ ବିଭାଗର ଗାଡ଼ିକୁ ଭଙ୍ଗାରୁଜା କରିବା ସହ ତାଙ୍କ ମୋବାଇଲ ଫୋନ ଛଡ଼ାଇ ନେଇଥିଲେ। ଆକ୍ରମଣରେ ବିଭାଗୀୟ ଇଞ୍ଜିନିୟର ଶ୍ରୀଧର ସାହୁ, ଇଞ୍ଜିନିୟର ଦିଲୀପ ମାଝି, ଇଞ୍ଜିନିୟର ଅଶୋକ ପରିଡ଼ା ପ୍ରମୁଖ ଆହତ ହୋଇଥିଲେ। ଏ ନେଇ ଅଧିକାରୀମାନେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏଥିସହ ଘଟଣା ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିଛନ୍ତି।

## ଡିଭାଇଡର ଡେଇଁ ସ୍ୱର୍ଗରଥ ଗାଡ଼ିକୁ ପିଟିଲା କାର୍

**୪ ଆହତ**

ପିପିଲି,୨୭।୧୧(ସ୍ୱ.ପ୍ର.)

କଟକରୁ ମୃତଦେହ ନେଇ ପୁରୀ ସ୍ୱର୍ଗଦ୍ୱାର ଯାଉଥିବା ବେଳେ ପିପିଲି ଓଭରବ୍ରିଜ ନିକଟ ଷଣ୍ଢଭଟରେ ସ୍ୱର୍ଗରଥ ଗାଡ଼ିକୁ ଶନିବାର ଅପରାହ୍ନ ୪ଟାରେ ଏକ କାର୍ ଡିଭାଇଡର ଡେଇଁ ଧକ୍କା ଦେଇଛି। ଦୁର୍ଘଟଣାରେ ୪ଜଣ ଆହତ ହୋଇଛନ୍ତି। ଖବରପାଇ ପିପିଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ବ୍ୟକ୍ତିମାନଙ୍କୁ ଚିକିତ୍ସା ନିମନ୍ତେ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ିଦ୍ୱୟକୁ ଜବତ କରି ତଦନ୍ତ ଚଳାଇଛି। ତେବେ ଆହତଙ୍କ ମଧ୍ୟରେ ଜଣେ ବ୍ୟକ୍ତିଙ୍କ ଅବସ୍ଥା ଗୁରୁତର ହେବାରୁ ପ୍ରଥମେ ପିପିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଗୁରୁତର ବ୍ୟକ୍ତି ହେଲେ କଟକ ମହାନଦୀ ବିହାର ଅଞ୍ଚଳର କେଦାର ବାରିକ (୫୦)। ସୂଚନା ମୁତାବକ, କଟକ ମହାନଦୀ ବିହାର ଅଞ୍ଚଳର ଯଦୁମଣି ସାହୁଙ୍କ ମୃତ୍ୟୁ ପରେ ପରିବାର ଲୋକେ ଶେଷକୃତ୍ୟ ପାଇଁ ସ୍ୱର୍ଗରଥ (ଓଆର୦୫ଏଏଲ ୫୬୧୩)ଗାଡ଼ିରେ ସ୍ୱର୍ଗଦ୍ୱାରକୁ ନେଉଥିଲେ। ପିପିଲି ଓଭରବ୍ରିଜ ନିକଟରେ କୌଣସି କାରଣରୁ ଗାଡ଼ି ରଖିଥିଲେ। ଏହି ସମୟରେ ପୁରୀରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଏକ ଦ୍ରୁତଗାମୀ କାର୍ (ଓଡି୦୨ବିଏମ ୨୯୪୪) ହଠାତ୍ ଭାରସାମ୍ୟ ହରାଇ ରାସ୍ତା ମଝିରେ ଥିବା ଡିଭାଇଡର ଡେଇଁ ସ୍ୱର୍ଗରଥ ଗାଡି ସମ୍ମୁଖରେ ଧକ୍କା ହୋଇଥିଲା। ଧକ୍କା ଏତେ ଜୋର୍‌ରେ ଥିଲ ଯେ, ସ୍ୱର୍ଗରଥ ଗାଡ଼ି ଓଲଟି ଯିବା ସହ ୪ଜଣ ଆହତ ହୋଇଥିଲେ। ଏଥିରେ କଟକ ଅଞ୍ଚଳର କେଦାର ବାରିକ ଗୁରୁତର ହୋଇଥିଲେ। ଘଟଣାସ୍ଥଳରେ କିଛି ସମୟ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ହୋଇଥିଲା। ପରେ ପିପିଲି ଥାନା ଏଏସ୍‌ଆଇ ପ୍ରକାଶ ମଲ୍ଲିକ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଏ ନେଇ ଥାନାରେ ନଂ–୫୨୫/୨୧ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନାଧିକାରୀ ଅଭିମନ୍ୟୁ ନାୟକ ପ୍ରକାଶ କରିଛନ୍ତି।

## ମୋବାଇଲ ଚୋରି କରି ୪ ଗିରଫ

ପୁରୀ ଅଫିସ,୨୭।୧୧

ମୋବାଇଲ ଚୋରି କରିବା ଏବଂ ରଖିବା ଅଭିଯୋଗରେ କୁମ୍ଭାରପଡା ଥାନା ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ବାଲିଖୁଦ ରାମଚଣ୍ଡୀ ସାହି ମହେଶ୍ୱର ମାର୍ଗର ରାମ ଡୋରା, ଘୋଡାବଜାର ପାଣିଟାଙ୍କି ଲେନ୍‌ର ବାବୁନଡ଼ି ବେହେରା, ସମୁଦ୍ରକୂଳ ଥାନା ଅନ୍ତର୍ଗତ ରେଲୱେ କଲୋନୀ ଷ୍ଟେଶନ ବଜାରର ସୁନୀଲ ନାୟକ ଏବଂ ଟାଉନଥାନା ଅନ୍ତର୍ଗତ କାଳିକାଦେବୀ ସାହି ପଣ୍ଡା ଲେନ୍‌ର ମିଥୁନ ପୃଷ୍ଟି। ପୋଲିସ ଅଭିଯୁକ୍ତ ମାନଙ୍କଠାରୁ ଚୋରି ହୋଇଥିବା କେତେକ ମୋବାଇଲ ଜବତ କରିଛି। ଏ ନେଇ ପୋଲିସ ନଂ. ୩୧୭/୨୧ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ସେପ୍ଟେମ୍ବର ୮ ତାରିଖ ଦିନ ଛବି କୁମାର ମାଝି ଥାନାକୁ ଆସି ଅଭିଯୋଗ କରିଥିଲେ, କି ସେ ଘରେ ଶୋଇଥିବା ଅବସ୍ଥାରେ କେହି ଦୁର୍ବୃତ୍ତ ଘରେ ପଶି ତାଙ୍କ ମୋବାଇଲ ଫୋନ ଏବଂ ନଗଦ ୭୦୦ ଟଙ୍କା ଚୋରି କରି ନେଇଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛି ।

## ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଏକ ଦିବ୍ୟ ଅନୁଷ୍ଠାନ

ପୁରୀ ଅଫିସ,୨୭।୧୧

ବଳିଆପଣ୍ଡାସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଈଶ୍ୱରୀୟ ରାଜଯୋଗ ସାଧନା କେନ୍ଦ୍ର ପରିସରରେ ଥିବା ଓଁ ଶାନ୍ତି ଅଡିଟୋରିୟମ ହଲ୍‌ରେ ଶନିବାର ଈଶ୍ୱରଙ୍କ ପ୍ରତ୍ୟକ୍ଷଣ ଶୀର୍ଷକ ଏକ ଆଧ୍ୟାତ୍ମିକ ସ୍ନେହ ମିଳନର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ରାଜ୍ୟ ସରକାରଙ୍କ ଲୋକାୟୁକ୍ତ ସଦସ୍ୟ ଡ.ଦେବବ୍ରତ ସ୍ୱାଇଁ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅଲେଖ ଚନ୍ଦ୍ର ଷଡ଼ଙ୍ଗୀ, ଶିକ୍ଷାବିତ୍ ଡ.ପ୍ରତିଭା ମହାରଥୀ, ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ପୁଣେ ମିରାସୋମାଇଟ ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ସୁନୀତା ଏବଂ ଈଶ୍ୱରୀୟ ରାଜଯୋଗ ସାଧନା କେନ୍ଦ୍ରର ନିର୍ଦ୍ଦେଶିକା ଡ.ବି .କେ. ନିରୁପମା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆଧ୍ୟାତ୍ମିକ ସଙ୍ଗୀତ ପରିବେଷଣ କରାଯାଇଥିଲା। ପରେ ବ୍ରହ୍ମାକୁମାର ଡା. ସତ୍ୟାନନ୍ଦ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅତିଥି ଭାବେ ଯୋଗଦାନ କରିଥିବା ଡା ଦେବବ୍ରତ ସ୍ୱାଇଁ ମତବ୍ୟକ୍ତ କରି କହିଥିଲେ, ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଏକ ଦିବ୍ୟ ଅନୁଷ୍ଠାନ। ଯେଉଁଠାରେ ମାନବୀୟ ଚରିତ୍ରକୁ ଦୈବୀ ଚରିତ୍ରରେ ବିଭୂଷିତ ହେବା ପାଇଁ ଶିକ୍ଷା ଦେଇଥାଏ। ପ୍ରଫେସର ଷଡଙ୍ଗୀ କହିଥିଲେ, ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଶିକ୍ଷା ଓ ସାଧନା, ଶାସ୍ତ୍ର ଓ ବିଜ୍ଞାନ ଅନୁମୋଦିତ ତଥା ଆଧାରିତ ଯାହା ସବୁ ସ୍ତରର ମାନବଙ୍କ ଉପରେ ସକାରାତ୍ମକ ପ୍ରଭାବ ପ୍ରକାଇ ଥାଏ ବୋଲି କହିଥିଲେ। ଡ. ବ୍ରହ୍ମାକୁମାର ସତ୍ୟାନନ୍ଦ ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ।

## ୧୦୧ ୟୁନିଟ୍ ରକ୍ତ ସଂଗ୍ରହ

ପୁରୀ ଅଫିସ, ୨୭।୧୧

ପୁରୀ ଜିଲା ଜୀବନବିନ୍ଦୁ ଏବଂ ଓଡ଼ିଶା ମୋ ପରିବାର ପକ୍ଷରୁ ଶନିବାର ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ସଂଗଠନର ଯୁଗ୍ମ ସଂଯୋଜକ ଷ୍ଟାଲିନ ପରିଜାଙ୍କ ନେତୃତ୍ୱରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଏବଂ ବିଜେଡି ଜିଲା ସଭାପତି ମହେଶ୍ୱର ମହାନ୍ତି କାର୍ଯ୍ୟକ୍ରମରେ ଯୋଗଦାନ କରି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ରକ୍ତଦାନ ଶିବିରରେ ୧୦୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। କାର୍ଯ୍ୟକ୍ରମରେ ବିଜେଡି ଜିଲା ସଦର ସଭାପତି ପ୍ରକାଶ ମିଶ୍ର, ଭକ୍ତଚରଣ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୁଷ୍ପାଞ୍ଜଳି ରଣା, ରାଜ୍ୟ ଯୁବ ବିଜେଡି ଉପ ସଭାପତି ସୁନୀଲ ମହାନ୍ତି ଏବଂ ଶୁଭାଶିଷ ଖୁଣ୍ଟିଆ, ଛାତ୍ର ବିଜେଡି ସାଧାରଣ ସମ୍ପାଦକ ଶକ୍ତି ରଥ, କଟକ ଜିଲା ସଂଯୋଜକ ରଞ୍ଜନ ବିଶ୍ୱାଳ, ସୁବାସ ସ୍ୱାଇଁ, ସାମାଜିକ କର୍ମୀ ବଦ୍ରି ମିଶ୍ର, ଚକ୍ରଧର ମହାପାତ୍ର, ଯୁବ ସଂଗଠକ ହେକ୍ଟର ମିଶ୍ର, ରାଜେଶ ମହାନ୍ତି ଏବଂ ଶ୍ୟାମ ପ୍ରକାଶ ସେନାପତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବିଶ୍ୱଜିତ ପ୍ରଧାନ, ଅଧିବକ୍ତା ଅନିଲ ସାହୁ, ଯୁବ ସଂଗଠକ ଅରବିନ୍ଦ ଦାସ, ଶୁଭାଶିଷ ମହାନ୍ତି, ଶିବ ରଥ, ସୌମ୍ୟରଞ୍ଜନ ଦାସ ଏବଂ ଜ୍ୟୋତି ରଞ୍ଜନ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ଜଳ ନିଷ୍କାସନ ବ୍ୟବସ୍ଥା ନାହିଁ, ଉଜୁଡୁଛି ଫସଲ

କଣାସ, ୨୭।୧୧(ସ୍ୱ.ପ୍ର.):

ପୁରୀ ଜିଲାରେ ପ୍ରବାହିତ ଦୟା, ଭାର୍ଗବୀ, ରାଜୁଆ, ମକରା, ଲୁଣା, କାଣିଆ, ମଲାଗୁଣି, କୁଶଭଦ୍ରା, ପ୍ରାଚୀ ଏବଂ ଦେବୀ ନଦୀର ବନ୍ୟାଜଳ ପ୍ରତିବର୍ଷ ଠିକ୍ ଭାବେ ନିଷ୍କାସନ ହୋଇ ପାରୁନାହିଁ। ଫଳରେ ଚାଷୀଙ୍କର ବ୍ୟାପକ ଫସଲ କ୍ଷତିଗ୍ରସ୍ତ ହେଉଛି। କଣାସ ବ୍ଲକର ୯୨, ଡେଲାଙ୍ଗ ବ୍ଲକର ୮୪, ପୁରୀ ସଦର ବ୍ଲକର ୬୭, ସତ୍ୟବାଦୀ ବ୍ଲକର ୩୨, ବ୍ରହ୍ମଗିରି ବ୍ଲକର ୫୦ ଏବଂ ପିପିଲି ବ୍ଲକ ଅଧୀନ ୧୮ଟି ଗ୍ରାମର ଚାଷୀଙ୍କ ଦୁର୍ଦ୍ଦଶା ଗତ ୫୦ ବର୍ଷ ହେଲା ବଢ଼ି ଚାଲିଛି। ପ୍ରତିବର୍ଷ ବନ୍ୟା ସମୟରେ ପ୍ରଶାସନ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଲୋକଙ୍କୁ ଚୁଡ଼ା, ଚାଉଳ ବାଣ୍ଟି ଦାୟିତ୍ୱ ସାରିଦିଆଯାଏ। ମାତ୍ର ବନ୍ୟାଜଳ ନିଷ୍କାସନ ସମସ୍ୟା ନେଇ ସ୍ଥାୟୀ ପ୍ରତିକାର ପାଇଁ ସରକାରୀ ସ୍ତରରେ ଆନ୍ତରିକତାର ସହ ପଦକ୍ଷେପ ନିଆଯାଉ ନାହିଁ। ଏଥିଯୋଗୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି।

ବନ୍ୟା ପ୍ରପୀଡ଼ିତ ଅଞ୍ଚଳ ଭାବେ ଚିହ୍ନଟ କଣାସ ବ୍ଲକରେ ଜଳ ନିଷ୍କାସନ ସମସ୍ୟା ଲାଗିରହିଛି। ରାଜୁଆ ନଦୀ ବାମପାର୍ଶ୍ୱରେ ପୂର୍ଣ୍ଣାଙ୍ଗ ନଦୀବନ୍ଧ ନ ଥିବାରୁ ବନ୍ୟାଜଳ ଦୟା ଓ ରାଜୁଆ ନଦୀ ମଧ୍ୟବର୍ତ୍ତୀ ଅଞ୍ଚଳ ଦୋକନ୍ଦା, ବଡ଼ାସ, ଗଡ଼ବଳଭଦ୍ରପୁର ପଞ୍ଚାୟତର ଚାଷଜମି କ୍ଷୟକ୍ଷତି କରିବା ସହିତ ବାଲିଚର କରିଦେଇଛି। ଏହି ବ୍ଲକର ତ୍ରିଲୋଚନପୁର, କଣାସ, ସିରେଇ, ଗଡ଼ସାହି, ବିଜିପୁର, ବିନ୍ଧଣ, ଅଣ୍ଡାଳସିଂହ, ଖଣ୍ଡହତା, ଆଳିବାଡ଼, ଯାମଳଗୋଦା ଏବଂ ଗଡ଼ିଶାଗୋଦା ପଞ୍ଚାୟତରେ ବର୍ଷାଜଳ ନିଷ୍କାସନ ପାଇଁ ଥିବା ଆରଦଙ୍ଗା, ସୁହାଗପୁର ନାଳ ପୋତି ହୋଇପଡ଼ିଥିବାବେଳେ କଳିକତି ଦଳ ଜମିରହିଛି। ଫଳରେ ପ୍ରତିବର୍ଷ ଉକ୍ତ ଅଞ୍ଚଳର ବର୍ଷା ଓ ବନ୍ୟାଜଳ ମାସ ମାସ ଧରି ଚାଷ ଜମିରେ ଜମିରହୁଥିବାରୁ ଶାରଦ ଧାନ ଫସଲ କ୍ଷତିଗ୍ରସ୍ତ ହେଉଛି। ତ୍ରିଲୋଚନପୁର ଠାରୁ ନୂଆପଡ଼ା, ସିରେଇଶର, ଜଙ୍ଘାର, ପଣିଆପଡ଼ା, ମାଡ଼ିପୁର ଓ ବିଜିପୁର ମଧ୍ୟଦେଇ ଖଣ୍ଡହତା ନିକଟରେ ଖରଖରା ଖଲାସି ସହିତ ମିଶିଥିବା ମୂଳଖରଖରା ବର୍ତ୍ତମାନ ନିଶ୍ଚିହ୍ନ ହୋଇଗଲାଣି। ସମ୍ପୃକ୍ତ ଅଞ୍ଚଳରେ ଧାନଜମିରେ ପାଣି ଜମିରହି ବ୍ୟାପକ ଫସଲ ହାନି ହେଉଛି। ଡେଲାଙ୍ଗ ଓ ପିପିଲି ବ୍ଲକର ଦୁଇ ତୃତୀୟାଂଶ ଜମିରେ ଲୁଣାନଦୀ ଶଯ୍ୟା ପୋତିହୋଇ ପଡ଼ିଥିବାରୁ ଜଳ ନିଷ୍କାସନରେ ବାଧା ଉପୁଜୁଛି। ସେହିପରି ଭାର୍ଗବୀ ଓ ଲୁଣା ନଦୀର ମିଶ୍ରଣସ୍ଥଳ ବଡ଼ଗୋଠରୁ ଚିଲିକା ମୁହାଁଣ ପର୍ଯ୍ୟନ୍ତ ନଦୀଶଯ୍ୟା ପୋତିହେବା ସହ ଅନାବନା ଦଳ ଜମିଛି। ସତ୍ୟବାଦୀ, ଡେଲାଙ୍ଗ, ପିପିଲି ଅଞ୍ଚଳର ବର୍ଷାଜଳ ଲୁଣା ନଦୀକୁ ଖଲାସ ହେବା ପାଇଁ ଥିବା ବାରପଲ୍ଲିଆ ଖଲାସି, ଜୟଲୁଣ୍ଠା ଖଲାସି, ରତ୍ନଚିରା ଖଲାସି, ତୁତୁରୀ ଖଲାସି ଆଦି ପୋତି ହୋଇପଡ଼ିଥିବା ସହ ଦଳ ଜମିଛି। ଏଥିସହ କୁର ଓ ବାସ୍ତରୀପଲ୍ଲିଆ ନାଳ ସହିତ ଅନେକ ଛୋଟନାଳର ଗତିପଥ ଅବରୋଧ ହେବା ଫଳରେ ୫ଟି ବ୍ଲକରେ ଫସଲ ନଷ୍ଟ ହେଉଛି। ସତ୍ୟବାଦୀ ଓ ପୁରୀ ସଦର ବ୍ଲକରେ ବର୍ଷାଜଳ ରତ୍ନଚିରା ମୁଖ୍ୟ ଖଲାସି ମାଧ୍ୟମରେ ଖଜୁରିଆଠାରେ ଭାର୍ଗବୀ ନଦୀକୁ ନିଷ୍କାସନ ବ୍ୟବସ୍ଥା ଥିବାବେଳେ ଗମନାଗମନ ପାଇଁ ଏହି ଖଲାସି ଉପରେ କଲଭର୍ଟ ନିର୍ମାଣ କରାଯାଇଛି। ଅନାବନା ଦଳ ଜମିରହି ଥିବାରୁ ଜଳ ନିଷ୍କାସନ ହୋଇ ନ ପାରି କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି କରୁଛି। ଗମନାଗମନ ପାଇଁ ନିର୍ମିତ ନୂଆ ଜଗନ୍ନାଥ ସଡ଼କରେ ଆବଶ୍ୟକ ସଂଖ୍ୟକ କଲଭର୍ଟ ନ ଥିବାରୁ ବର୍ଷାଜଳ ଜମିରହି କଣାସ ବ୍ଲକର କଣାସ, ସିରେଇ, ଗଡ଼ସାହି, ତ୍ରିଲୋଚନପୁର ଏବଂ ଡେଲାଙ୍ଗ ବ୍ଲକର କଲ୍ୟାଣପୁର, ସାଉରିଆ, ମୁନ୍ଦିଆ, ଧାନକେରା, ଅଭମୁଖୀ, ଡେଲାଙ୍ଗ କୋଠବାଡ଼ ପଞ୍ଚାୟତ ଚାଷଜମି ଜଳମଗ୍ନ ହେଉଛି। ପ୍ରାୟ ୧୦ବର୍ଷ ତଳେ ଖୋଳାଯାଇଥିବା ନଦୀ ମୁହାଁଣଗୁଡ଼ିକ ପୋତି ହୋଇଯାଇଥିବାରୁ ଚିଲିକାକୁ ସହଜରେ ଜଳ ନିଷ୍କାସନ ହୋଇପାରୁନାହିଁ। ତୁରନ୍ତ ନଦୀନାଳଗୁଡ଼ିକ ଖନନ ସହ ଦଳ ସଫେଇ କରା ନ ଗଲେ ଆଗାମୀ ଦିନରେ ୬ଟି ବ୍ଲକର ଚାଷଜମି ଚିଲିକାରେ ପରିଣତ ହେବ ବୋଲି କୃଷକ ସଙ୍ଗଠନଗୁଡ଼ିକ ପକ୍ଷରୁ ଚେତାବନୀ ଦିଆଯାଇଛି।

## ସଂକ୍ଷେପରେ

### +୨ ସ୍ୱତନ୍ତ୍ର ପରୀକ୍ଷାର ୩୧୨ ପରୀକ୍ଷାର୍ଥୀଙ୍କ ଫଳ ପ୍ରକାଶ

ଭୁବନେଶ୍ୱର,୨୭।୧୧(ବ୍ୟୁରୋ): ଯୁକ୍ତ୨ ସ୍ୱତନ୍ତ୍ର ପରୀକ୍ଷାଫଳ ପ୍ରକାଶ ପାଇଛି। କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ଶିକ୍ଷାରେ ମୋଟ୍ ପାସ୍‌ହାର ୬୮.୬୬% ରହିଥିଲା। ତେବେ ଏହି ପରୀକ୍ଷାରେ ୨୮୭ଜଣ ପରୀକ୍ଷାର୍ଥୀଙ୍କ ଫଳ କୌଣସି କାରଣରୁ ୱିଥହେଲ୍ଡ ରହିଥିବା ବେଳେ ୨୫ଜଣ ପରୀକ୍ଷାର୍ଥୀ ପୁନଃଯାଞ୍ଚ ଲାଗି ଆବେଦନ କରିଥିଲେ। ତେବେ ଶନିବାର ମୋଟ୍ ୩୧୨ଜଣ ପରୀକ୍ଷାର୍ଥୀଙ୍କ ରେଜଲ୍ଟ ପ୍ରକାଶ ପାଇଛି। ରବିବାର +୩ ପ୍ରଥମବର୍ଷ ଆବେଦନର ଶେଷ ତାରିଖ ଥିବାରୁ ଏହାକୁ ନଜର ଦେଇ +୨ ପରିଷଦ ପକ୍ଷରୁ ଏଭଳି ପଦକ୍ଷେପ ସ୍ୱରୂପ ଫଳ ପ୍ରକାଶ କରାଯାଇଛି ବୋଲି ପରୀକ୍ଷା ନିୟନ୍ତ୍ରକ ବିଜୟ କୁମାର ସାହୁ ସୂଚନା ଦେଇଛନ୍ତି। ଚଳିତବର୍ଷ ବିକଳ୍ପ ବ୍ୟବସ୍ଥାରେ +୨ ରେଜଲ୍ଟ ପ୍ରକାଶ ପାଇବା ପରେ ୧୩,୦୭୧ ଜଣ ଛାତ୍ରଛାତ୍ରୀ ଅଫଲାଇନ୍ ପରୀକ୍ଷା ଦେବା ଲାଗି ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୮୫ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇଥିଲେ ୧୨,୩୨୧ଜଣ ପରୀକ୍ଷାର୍ଥୀ। ସେଥିରୁ କଳାରେ ୮୯୩୫ଜଣ, ବାଣିଜ୍ୟରେ ମୋଟ ୬୧୫ଜଣ, ବିଜ୍ଞାନରେ ମୋଟ ୨୩୩୧ଜଣ ଓ ଧନ୍ଦାମୂଳକ ଶିକ୍ଷାରେ ମୋଟ ୪୪୦ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ରାଜ୍ୟର ୧୩ଟି ଯୋନ୍‌ରେ ଖାତା ଦେଖା ହୋଇଥିଲା।

### ଗୀତିକାର ସୋମନାଥ ରାଜଗୁରୁଙ୍କ ପରଲୋକ

ବେଗୁନିଆ,୨୭।୧୧(ଡି.ଏନ୍.ଏ.): ଓଡ଼ିଆ ଭଜନ ଓ ଜଣାଣ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବିଶିଷ୍ଟ ଗୀତିକାର ତଥା ସଙ୍ଗୀତଜ୍ଞ



ସୋମନାଥ ରାଜଗୁରୁ(୭୯)ଙ୍କ ଶନିବାର ଅପରାହ୍ନରେ ଭୁବନେଶ୍ୱରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ପରେ ତାଙ୍କ ମୃତଦେହକୁ ଜନ୍ମସ୍ଥାନ ବେଗୁନିଆ ବ୍ଲକ ଅନ୍ତର୍ଗତ ଗୋଡ଼ି ଗ୍ରାମକୁ ଅଣାଯାଇ ସଂକୀର୍ତ୍ତନ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିବା ବେଳେ ବଡ଼ ପୁଅ ସୂର୍ଯ୍ୟକାନ୍ତ ମୁଖାଗ୍ନି ଦେଇଥିଲେ। ପ୍ରକାଶ ଯେ, ସୋମନାଥ ୧୯୪୨ରେ ଗୋଡ଼ି ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ବାଲ୍ୟକାଳରୁ ଏକାଧାରରେ ସେ ଜଣେ ପ୍ରତିଭା ସମ୍ପନ୍ନ କବି, ଗୀତିକାର, ସ୍ୱର ସଂଯୋଜକ, ସଙ୍ଗୀତ ନିର୍ଦ୍ଦେଶକ ଭାବେ ଖ୍ୟାତି ଅର୍ଜନ କରିଥିଲେ। ଏଥିସହ ଭଜନ, ଜଣାଣ, ଚମ୍ପୂ, ଛାନ୍ଦ, ପଲ୍ଲୀଗୀତ, ଦେଶବନ୍ଦନା, ଚଳଚ୍ଚିତ୍ର ସଙ୍ଗୀତ ଆଦି ରଚନା କରିଥିଲେ। ତାଙ୍କ ରଚନାରୁ ବହୁ ଓଡ଼ିଆ ଭଜନ ବେଶ୍ ଲୋକପ୍ରିୟ ହାସଲ କରିଥିବା ବେଳେ 'ବାଲି ଖେଳୁଥିଲେ ନନ୍ଦସୁତ କଳାକହ୍ନାଇ' ଭଜନଟି ଲୋକାଦୃତ ହୋଇ ପାରିଥିଲା। ଓଡ଼ିଶା ସମେତ ଭାରତ ବର୍ଷରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରେଷ୍ଠ ଗୀତିକାରଭାବେ ପୁରସ୍କାର ଗ୍ରହଣ କରିଥିଲେ।

### ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଲା ୟୁସିସିଆଇ

ଭୁବନେଶ୍ୱର,୨୭।୧୧ (ବ୍ୟୁରୋ) : ରାଜ୍ୟର ଶିଳ୍ପଜଗତ ବିଭିନ୍ନ ସମୟରେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ନେଉଥିବାରୁ ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ୟୁସିସିଆଇ) ରାଜ୍ୟ ସରକାରଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛି। ଏଥିସହିତ ସଂଘ ପକ୍ଷରୁ ବିଭିନ୍ନ ପ୍ରସଙ୍ଗ ନେଇ ସରକାରଙ୍କ ନିକଟରେ କରାଯାଇଥିବା ଦାବିର ସମାଧାନ ହୋଇଯିବ ବୋଲି ଏହା ଆଶା ପ୍ରକଟ କରିଛି। ଶନିବାର ସ୍ଥାନୀୟ ନୟାପଲ୍ଲୀସ୍ଥିତ ୟୁସିସିଆଇ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସଂଘ ସଭାପତି ବ୍ରହ୍ମା ମିଶ୍ର ବର୍ଷେ ମଧ୍ୟରେ ଗ୍ରହଣ ଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ସେ କହିଛନ୍ତି, ରାଜ୍ୟରେ କୋଇଲା ସଙ୍କଟ ସମ୍ପର୍କରେ ସରକାରଙ୍କ ହସ୍ତକ୍ଷେପ ଲୋଡ଼ାଯିବା ପରେ ସମସ୍ୟା ସମାଧାନ ହୋଇଛି। ଏହାବାଦ ସ୍ପଞ୍ଜ ଆଇରନ ଶିଳ୍ପରେ କଞ୍ଚାମାଲ ସଙ୍କଟ, ଷ୍ଟେନ୍‌ଲେସ ଷ୍ଟିଲ୍ ଶିଳ୍ପର ସମସ୍ୟା ସମାଧାନ ଲାଗି ସରକାର ପଦକ୍ଷେପ ନେଇଛନ୍ତି। ୟୁସିସିଆଇର ଉପସଭାପତି ଅଶୋକ ସାରଦା, ଉପସଭାପତି ବିନୋଦ ଦାଶ, ଉପସଭାପତି ଦୀପକ ରାଠୋର, ସହ ସମ୍ପାଦକ ଅକ୍ଷୟ ଖଣ୍ଡେଲୱାଲ ଏବଂ ସହ କୋଷାଧ୍ୟକ୍ଷ ନାରାୟଣ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରତିଯୋଗିତାମୂଳକ ହେଲେ ଉନ୍ନତି ସମ୍ଭବ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୭।୧୧(ବ୍ୟୁରୋ)




ପ୍ରତିଷ୍ଠା ଦିବସ ସମାରୋହରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ଅତିଥିମାନେ।

ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକଙ୍କ ପଢ଼ା ଶୈଳୀ ଓ ଗବେଷଣା ଦେଶରେ ଆଦୃତ ହୋଇଥିବାବେଳେ ଶିକ୍ଷାନୁଷ୍ଠାନକୁ ଅନ୍ତର୍ରାଷ୍ଟ୍ରୀୟ ର୍‌ୟାଙ୍କିଙ୍ଗ୍‌ରେ ଆଣିବା ପାଇଁ ସାମୂହିକ ପ୍ରଚେଷ୍ଟା ଆବଶ୍ୟକ। ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାମୂଳକ ହେଲେ ହିଁ ଏହାର ଉନ୍ନତି ହୋଇପାରିବ। ଏଥିସହ ରାଜ୍ୟ ସରକାର ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ ଉପରେ ପୁନର୍ବାର ଅନୁଧ୍ୟାନ କରିବାକୁ ଶନିବାର ଉତ୍କଳ ବିଶ୍ୱବିଦ୍ୟାଳୟର ୭୯ତମ ପ୍ରତିଷ୍ଠା ଦିବସ ସମାରୋହରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଧର୍ମେନ୍ଦ୍ର କହିଛନ୍ତି, ଉତ୍କଳ ବିଶ୍ୱବିଦ୍ୟାଳୟ ସେହିଭଳି ମହାନୁଭବୀଙ୍କ ନେତୃତ୍ୱରେ ପ୍ରତିଷ୍ଠା ହୋଇପାରିଥିଲା ଯେଉଁମାନେ ଓଡ଼ିଶାର ସ୍ୱତନ୍ତ୍ରତାର ସ୍ୱପ୍ନ ଦେଖିଥିଲେ। ଏହି ଶିକ୍ଷାନୁଷ୍ଠାନ ଆଜି ଅନେକ ଛାତ୍ରୀଛାତ୍ରଙ୍କ ସ୍ୱପ୍ନ ଏବଂ ଆକାଂକ୍ଷା ପୂରଣ କରିବାରେ ସଫଳ ହୋଇଛି। ସେହିପରି ତାଙ୍କ ଭଳି ମଧ୍ୟ ଜଣେ ସାମାଜିକ କାର୍ଯ୍ୟକର୍ତ୍ତାର ପ୍ରାରମ୍ଭିକ ଜୀବନର ମୂଳଦୁଆକୁ ସୁଦୃଢ଼ ଓ ଆତ୍ମବିଶ୍ୱାସୀ କରିବାରେ ବିଶ୍ୱବିଦ୍ୟାଳୟର ଅବଦାନ

### ଉତ୍କଳ ବିଶ୍ୱବିଦ୍ୟାଳୟର ୭୯ତମ ପ୍ରତିଷ୍ଠା ଦିବସ

ଅତୁଳନୀୟ। ସମାଜ ପରିବର୍ତ୍ତନର ମାଧ୍ୟମ ଓ ଲୋକଙ୍କ ସହ ନିଜକୁ ବାନ୍ଧି ରଖିବାର ଶିକ୍ଷାର ପ୍ରେରଣା ତାଙ୍କୁ ଏଠାରୁ ହିଁ ମିଳିଛି। ରାଜ୍ୟର ସବୁ ବିଶ୍ୱବିଦ୍ୟାଳୟ ପାଇଁ ନାକ୍ ଏ+ ମାନ୍ୟତା ପ୍ରାପ୍ତ ଏହି ଶିକ୍ଷାନୁଷ୍ଠାନ ମେଣ୍ଟର ହିସାବରେ କାର୍ଯ୍ୟ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ବର୍ତ୍ତମାନ ଶିକ୍ଷାର ପରିବର୍ତ୍ତିତ ଦୃଶ୍ୟପଟ ତଥା ଡିଜିଟାଲ ୱାର୍ଲଡରେ ପିଲାଙ୍କ ପାଇଁ ସେତେବେଳର ଚକ୍ ବର୍ତ୍ତମାନ ଡିଜିଟାଲ ପେନ୍‌ସିଲ ହୋଇଛି। ମହାମାରୀ ଦ୍ୱାରା ଅନେକ ରାଷ୍ଟ୍ର ପ୍ରଭାବିତ ହୋଇଥିବାବେଳେ ଏବେ ବି ଅନେକ ଚ୍ୟାଲେଞ୍ଜ ରହିଛି। ଏପରି ସ୍ଥିତିରେ ଆଗାମୀ ଦିନର ଚାଲିଚଳଣି, ସାମାଜିକ ଜୀବନ, ପାଠପଢ଼ା କିପରି ହେବ, ତାହାର ନିଷ୍ପତ୍ତି ବିଶ୍ୱବିଦ୍ୟାଳୟମାନେ ନେବା ଦରକାର। ପାଠପଢ଼ା ସମେତ ମାନବ ସମସ୍ୟାର ସମାଧାନର ସୂତ୍ର ବାହାର କରିବାକୁ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଦାୟିତ୍ୱ ନେବାକୁ ପଡ଼ିବ। ଏତଦ୍ ବ୍ୟତୀତ ବିଦ୍ୟାଞ୍ଜଳିରେ ବିଶ୍ୱବିଦ୍ୟାଳୟକୁ ସାମିଲ କରିବା ଏବଂ ଏଥିରେ ଯୋଡ଼ିବା ପାଇଁ ଏବେର ଛାତ୍ରୀଛାତ୍ରଙ୍କ ସହ ଆଲୁମ୍‌ନିମାନେ ପ୍ରୟାସ କରିବା ଜରୁରୀ। ତେବେ ରାଜ୍ୟ ସରକାର ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ ଉପରେ ପୁନର୍ବାର ଅନୁଧ୍ୟାନ ଓ ବିଚାରବିମର୍ଶ କରନ୍ତୁ ବୋଲି ଧର୍ମେନ୍ଦ୍ର ଅନୁରୋଧ କରିଛନ୍ତି। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, ପଦ୍ମଶ୍ରୀ ରଜତ କୁମାର କର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଧର୍ମେନ୍ଦ୍ର ସେଣ୍ଟର ଫର୍ ଇନୋଭେଶନ ଆଣ୍ଡ ଇନ୍‌କୁବେଶନର ନୂତନ ୱେବ୍‌ସାଇଟ ଲୋକାର୍ପଣ ସହ ଉତ୍କଳ ବିଶ୍ୱବିଦ୍ୟାଳୟର ବାୟୋଟେକ୍ନୋଲୋଜି ବିଭାଗ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଆଣ୍ଟି ଟ୍ରାନ୍ସଫରିନ୍ ଆଣ୍ଟିବଡିର ଶୁଭାରମ୍ଭ କରିଥିଲେ।

# ଓଡ଼ିଶା ହେଉଛି କଳାର ଭୂମି

କଟକ ଅଫିସ,୨୭।୧୧

### ଗୁଞ୍ଜନ ନୃତ୍ୟ ଓ ସଙ୍ଗୀତ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

କଟକ ସହିଦ ଭବନରେ ଗୁଞ୍ଜନ ନୃତ୍ୟ ଓ ସଙ୍ଗୀତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶନିବାର ଅନୁଷ୍ଠିତ ଦ୍ୱିତୀୟ ସନ୍ଧ୍ୟାର କାର୍ଯ୍ୟକ୍ରମରେ ଓପିଏସ୍‌ସି ଚେୟାରମ୍ୟାନ ସତ୍ୟଜିତ୍ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ୨୫ ବର୍ଷର ମଧ୍ୟରେ ଓଡ଼ିଶାରେ ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତକୁ ନେଇ ଗୁଞ୍ଜନ ପକ୍ଷରୁ କରାଯାଇଥିବା ପ୍ରୟାସ ନୂତନ ପରମ୍ପରା ସୃଷ୍ଟି କରିଛି। ଏହି ନୃତ୍ୟର ଭବିଷ୍ୟତ ଉଜ୍ଜ୍ୱଳ ରହିଛି। ଆଗାମୀ ପିଢି ଏହାକୁ ଆଗକୁ ନେବେ ବୋଲି ସେ ଆଶା ପ୍ରକଟ କରିଛନ୍ତି। ସେହିପରି ସମ୍ମାନିତ ଅତିଥି ନୃତ୍ୟଗୁରୁ ଆଶିଷ ମୋହନ ଖୋଖର କହିଛନ୍ତି, ଓଡ଼ିଶା ହେଉଛି କଳାର ଭୂମି। ଏହି ଉତ୍ସବରେ ଶ୍ରୀନିବାସ ଶତପଥୀ ଓ ତାଙ୍କ ସହଯୋଗୀ ବଂଶୀବାଦନରେ ରାଗ ରଙ୍ଗ ପରିବେଷଣ କରିଥିଲେ। ପରେ ଗୁଞ୍ଜନ ପକ୍ଷରୁ ତାଳ ବାଦ୍ୟ, ମଦନମୋହନ ସ୍ତୋତ୍ର, ବନ୍ଦେମାତରମ ପରିବେଷଣ କରାଯାଇଥିଲା। ସନ୍ଧ୍ୟାର ବିଶେଷ ଆକର୍ଷଣ ଥିଲା ପଦ୍ମଶ୍ରୀ ମାଧବୀ ମୁଦ୍‌ଗଲ ଓ ତାଙ୍କ ସାଥୀଙ୍କ ପରିବେଷିତ ସ୍ୱତନ୍ତ୍ର ଓଡ଼ିଶୀ ନୃତ୍ୟ। ଏହା ଦର୍ଶକଙ୍କୁ ମୁଗ୍ଧ କରିଥିଲା। ବଂଶୀବାଦକ ଶ୍ରୀନିବାସ ଶତପଥୀ ଓ ମାଧବୀ ମୁଦ୍‌ଗଲଙ୍କୁ ସମ୍ମାନିତ କରାଯାଇଥିଲା। ଶ୍ରୀନିବାସ କୁହନ୍ତି, ସବୁ କଳାକାରଙ୍କ ପାଇଁ ମଞ୍ଚ ଆବଶ୍ୟକ। ନୃତ୍ୟଶିଳ୍ପୀ ମାଧବୀ ମୁଦ୍‌ଗଲ କହିଛନ୍ତି, ୧୯୭୦ରୁ କଟକରେ ଗୁରୁ କେଳୁଚରଣ ମହାପାତ୍ରଙ୍କ ଠାରୁ ଓଡ଼ିଶୀ ନୃତ୍ୟ ଶିଖିବା ଆରମ୍ଭ କଲି। ଗୁଞ୍ଜନ ସଭାପତି ଗାୟତ୍ରୀ ଦାସ ଓ ସମ୍ପାଦକ ମୀରା ଦାସ ଉପସ୍ଥିତ ଥିଲେ। ଧରିତ୍ରୀ ଏହାର ମିଡିଆ ପାର୍ଟନର ରହିଛି।



ଉତ୍ସବରେ ପଦ୍ମଶ୍ରୀ ମାଧବୀ ମୁଦ୍‌ଗଲଙ୍କୁ ସମ୍ମାନିତ କରାଯାଉଛି।

# ଅପରାଜିତା, ଧର୍ମେନ୍ଦ୍ରଙ୍କୁ ବିରୋଧ ଆନ୍ଦୋଳନକୁ ଓହ୍ଲାଇବ କଂଗ୍ରେସ

ଭୁବନେଶ୍ୱର, ୨୭।୧୧(ବ୍ୟୁରୋ)

ଭୁବନେଶ୍ୱର ଏମ୍‌ପି ଅପରାଜିତାଙ୍କୁ ପୁଣି ବିରୋଧର ଶିକାର ହେବାକୁ ପଡ଼ିଛି। ଅପରପକ୍ଷେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ଅବସରରେ ଯୋଗଦେବା ଲାଗି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସିଥିବାବେଳେ କଂଗ୍ରେସ କର୍ମୀ ତାଙ୍କ ଗାଡ଼ି ଆଗରେ କଳାପତାକା ପ୍ରଦର୍ଶନ କରିଛନ୍ତି।

ଶନିବାର ଅପରାଜିତା ନୟାପଲ୍ଲୀ ଖଣ୍ଡୁଆଳ ବସ୍ତିକୁ ଯାଇଥିବା ବେଳେ କେତେଜଣ ବିଜେଡି କର୍ମୀ ବିରୋଧ ପ୍ରଦର୍ଶନ କରିଥିଲେ। ନୟାପଲ୍ଲୀ ଅଞ୍ଚଳରେ ଏମ୍‌ପି ନିଜ କର୍ମୀମାନଙ୍କ ସହ ପଦଯାତ୍ରାରେ ବାହାରିଥିଲେ। ଏହି ସମୟରେ ରାସ୍ତା ଉପରେ ଚୁଲି ଜାଳି ଏମ୍‌ପିଙ୍କୁ ବିରୋଧ କରିବା ସହ ନାରାବାଜି ଦିଆଯାଇଥିଲା। ସେହିପରି ଧର୍ମେନ୍ଦ୍ର ପ୍ରଧାନ ବାଣୀବିହାର ଯିବା ସମୟରେ ଗେଟ୍ ବାହାରେ ଏବଂ ଭିତରେ କେତେକ ଛାତ୍ର କଂଗ୍ରେସ କର୍ମୀ କଳାପତାକା ପ୍ରଦର୍ଶନ କରିଥିଲେ। ପୋଲିସ ଛାତ୍ର କଂଗ୍ରେସ କର୍ମୀଙ୍କୁ ଅଟକାଇବାକୁ ଚେଷ୍ଟା କରିବା ସମୟରେ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା।

ଭୁବନେଶ୍ୱର,୨୭।୧୧(ବ୍ୟୁରୋ)

ରାଜ୍ୟରେ ଚାଷୀ ଆତ୍ମହତ୍ୟା ପାଇଁ କଂଗ୍ରେସ ରାଜ୍ୟ ସରକାରଙ୍କ ନୀତିକୁ ଦାୟୀ କରିଛି। ନବୀନ ସରକାର କେବଳ ଚାଷୀ ବିରୋଧୀ ନୁହନ୍ତି, ଚାଷୀ ହନ୍ତା ମଧ୍ୟ ବୋଲି ଅଭିଯୋଗ ଆଣିଛି। ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ୭ଜଣ ଚାଷୀ ଆତ୍ମହତ୍ୟା କରିସାରିଲେଣି। ଏଣୁ ଚାଷ ଓ ଚାଷୀଙ୍କ ମଙ୍ଗଳ ଦୃଷ୍ଟିରୁ ସେମାନଙ୍କ ସମସ୍ତ ଦାବି ସରକାର ପୂରଣ କରନ୍ତୁ। ଏମ୍‌ଏସ୍‌ପି ବୃଦ୍ଧି ସହ ଏଥିପାଇଁ ଆଇନଗତ ବ୍ୟବସ୍ଥା, ଚକଡ଼ା ପୋକ ଓ ଅଦିନିଆ ବର୍ଷାଦ୍ୱାରା ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ଏକର ପିଛା ୨୦ ହଜାର ଟଙ୍କା ଆର୍ଥିକ ସହାୟତା, ଚାଷର ବ୍ୟାପକତା ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀମାନେ ଦାବିକରିଆସୁଛନ୍ତି। ତାହାକୁ ସରକାର ତୁରନ୍ତ ପୂରଣ ନକଲେ

### ଚାଷୀ ଆତ୍ମହତ୍ୟା

ଆଗାମୀ ଦିନରେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

କଂଗ୍ରେସ ଭବନରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରବକ୍ତା ସୁଦର୍ଶନ ଦାସ ଓ ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ ପଟ୍ଟନାୟକ ଚାଷୀ ଆତ୍ମହତ୍ୟାକୁ ନେଇ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସୁଦର୍ଶନ କହିଛନ୍ତି, ନଭେମ୍ବର ୧୬ରେ ବାଲେଶ୍ୱରର ଚାଷୀ ଲକ୍ଷ୍ମୀ ନାରାୟଣ ଜେନା ଓ ଗତ ୨୦ ତାରିଖରେ ନବରଙ୍ଗପୁରର ବିଭୂତି ଭୂଷଣ ଚାଷ କ୍ଷତିରେ ଆତ୍ମହତ୍ୟା କରିଛନ୍ତି। ସରକାର ଆତ୍ମହତ୍ୟା କରିଥିବା ସମସ୍ତ ଚାଷୀ ପରିବାରକୁ ୨୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦିଆଯାଉ। ସେହିପରି ଅମିୟ କହିଛନ୍ତି, ଡିସେମ୍ବର ୧ ପ୍ରଦେଶ କିଷାନ କଂଗ୍ରେସ ରାଜ୍ୟ କାର୍ଯ୍ୟକାରିଣୀରେ ଚାଷୀ ଆନ୍ଦୋଳନର ରୂପରେଖ ଚୂଡ଼ାନ୍ତ ହେବ ବୋଲି ଅମିୟ ସୂଚନା ଦେଇଛନ୍ତି।

# ଓଡ଼ିଶା ପାଇଁ ରୌପ୍ୟ ଜିତିଲେ ପୁରୀର ଜୟଶ୍ରୀ

ପୁରୀ ଅଫିସ ୨୭।୧୧

### କରାଟେ ପ୍ରତିଯୋଗିତା



ଭୁବନେଶ୍ୱରର ଉତ୍କଳ କରାଟେ ସ୍କୁଲରେ ସୋଟୋକାଇ କରାଟେ ୟୁନିୟନ ଇଣ୍ଡିଆ ଓ ଉତ୍କଳ କରାଟେ ସ୍କୁଲ ମିଳିତ ଆନୁକୂଲ୍ୟରେ ଚଳିତ ମାସ ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ୧୧ତମ ସର୍ବଭାରତୀୟସ୍ତରୀୟ ଓପନ୍ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ଚାଲିଛି। ଏହି ପ୍ରତିଯୋଗିତାର ପ୍ରଥମ ଦିନରେ ପୁରୀର ଜୟଶ୍ରୀ ଜୟଦର୍ଶିନୀ ଦଳବେହେରା ସିନିୟର ୬୫ କେଜିରୁ ଊର୍ଦ୍ଧ୍ୱ ବର୍ଗରେ ଓଡ଼ିଶା ପାଇଁ ପ୍ରତିନିଧିତ୍ୱ କରିବା ସହ ରୌପ୍ୟ ପଦକ ହାସଲ କରିଛନ୍ତି। ସେ କରାଟେ ପ୍ରଶିକ୍ଷକ ତଥା ଅନ୍ତର୍ଜାତୀୟ ଖେଳାଳି ଦୀପକ କୁମାର ସାମନ୍ତରାୟଙ୍କଠାରୁ ଶିକ୍ଷା ଗ୍ରହଣ କରିଛନ୍ତି। ଜୟଶ୍ରୀ ପୂର୍ବରୁ ମଧ୍ୟ ଉତ୍କଳ କରାଟେ ସ୍କୁଲର ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକଙ୍କଠାରୁ ଆତ୍ମରକ୍ଷା କୌଶଳ ଶିକ୍ଷା ଲାଭ କରିଥିଲେ। ସଫଳତାର ଶ୍ରେୟ ସେ ତାଙ୍କ ସ୍ୱର୍ଗତ ପିତା କୃଷ୍ଣଚନ୍ଦ୍ର ଦଳବେହେରା ଓ ମାତା ସନ୍ଧ୍ୟାରାଣୀ ଦଳବେହେରାଙ୍କୁ ଦେଇଥିବା ସହ ନିଜ ଦୁଇ ଭଉଣୀ ଶୁଭଶ୍ରୀ ଓ ରାଜଶ୍ରୀଙ୍କୁ ଏହି ପଦକ ସମର୍ପିତ କରିଛନ୍ତି। ଗତ ୫ ମାସ ପୂର୍ବେ ତାଙ୍କ ପିତାଙ୍କ ଅକାଳ ବିୟୋଗ ସତ୍ତ୍ୱେ ସେ ତାଙ୍କ ଅଭ୍ୟାସ ଜାରି ରଖି ଏହି ସଫଳତା ହାସଲ କରି ପୁରୀ ତଥା ଓଡ଼ିଶାର ସମ୍ମାନ ବଢ଼ାଇଛନ୍ତି। ଏହି ସଫଳତାରେ ଜୟଶ୍ରୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳିଥିବା ବେଳେ, କଠିନ ସମୟରେ ନିଜ ଲକ୍ଷ୍ୟପଥରେ ଅଗ୍ରସର ହୋଇ ସଫଳତା ହାସଲ କରିବା ଦିଗରେ ସେ ନିଶ୍ଚିତ ରୂପେ ଯୁବପିଢ଼ିଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ଉଜ୍ଜ୍ୱଳ ଭବିଷ୍ୟତ ସହ ଆଗକୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ସଫଳତା ହାସଲ କରିବାର ଆଶା ଓ ବିଶ୍ୱାସ ରଖୁଛନ୍ତି ବୋଲି ଜୟଶ୍ରୀ ପ୍ରକାଶ କରିଛନ୍ତି।

WORKS DEPARTMENT
OFFICE OF THE EXECUTIVE ENGINEER
MAYURBHANJ (R & B) DIVISION, BARIPADA
No.B-685 e-mail – bpd_eerb@rediffmail.com
Government of Odisha "e" Procurement Notice
Bid Identification No. E.E.-35/2021-22
1. Number of works – 12 (Twelve) number of works.
2. Approximate estimated cost: - 43.99 Lakh to 44.30 Lakh
3. Period of Completion:- 4 (Four) Calendar months.
4. Date & Time of availability of bid documents in the portal :- Dt. 03.12.2021 to 14.12.2021.
5. Last Date / Time of receipt of bid in the portal :- Dt. 14.12.2021 up to 4.00 PM
6. Date of Opening of bid :- Dt. 15.12.2021 at 11.00 AM
7. Name & address of the Office inviting bid :- Executive Engineer, Mayurbhanj (R&B) Division, Baripada.
Further details can be seen from the e-procurement portal http://www.tendersodisha.gov.in
Sd./- Executive Engineer
Mayurbhanj (R&B) Division
OIPR-34060/11/0013/2122

UNIMONI FINANCIAL SERVICES LIMITED
RO: N.G. 12 & 13 Ground Floor, North Block, Manipal Centre, Dickenson Road, Bangalore - 560 042. CIN No.U85110KA1995PLC018175
ସାର୍ବଜନିକ ସୂଚନା
ଜନସାଧାରଣଙ୍କୁ ଏହା ସୁଚିତ କରାଯାଉଛି କି ୟୁନିମୋନୀ ଫାଇନାନ୍ସିଆଲ ସର୍ଭିସେଜ ଲିମିଟେଡ ନିଜ ପାଖରେ ବନ୍ଧକ ରଖିଥିବା ସୁନା ଆଭୁଷଣର ନିଲାମ କରିବାକୁ ଯାଉଛି । ଏହି ନିଲାମ ଦିନାଙ୍କ 03.12.2021  କୁ ସକାଳ/ସଂନ୍ଧ୍ୟା-10.00 ଘଟିକାରେ (ଠିକଣା) PLOT NO - 44, ASHOK NAGAR, UNIT II, BHUBANESWAR, KHURDA - 751001. ରେ ହେବ। ସୁନା ଆଭୁଷଣ ଆମର ଏମିତି ବିଭିନ୍ନ ଗ୍ରାହକଙ୍କର ଅଟେ, ଯିଏ ନିଜର ଋଣ ସୁଝି ପାରିନାହାନ୍ତି । ନିଲାମର ସୁଚନା ଏହି ଋଣକର୍ତ୍ତା ଗ୍ରାହକଙ୍କୁ ବି ଦିଆଯାଇସାରିଛି। ନିଲାମ ପାଇଁ ଉପଲବ୍ଧ ସୁନା ଆଭୁଷଣ କିଛି ଗ୍ରାହକଙ୍କ ଦେୟ ଋଣ ଖାତା ସମ୍ବନ୍ଧିତ ଅଟେ। ଏହି ଗ୍ରାହକଙ୍କ ନାମ ସେମାନଙ୍କ ସମ୍ବନ୍ଧିତ ଶାଖା ସହିତ ତଳେ ଦିଆଯାଉଛି।
Loan Nos: BHUBANESWAR (BUU) - 1878002, 1864848, 1877353, 1892558
For more details, please contact : Mr. SK SELIM - 9332256420
(Reserves the right to alter the number of accounts to be auctioned &/ postpone / cancel the auction without any prior notice.)

OFFICE OF THE EXECUTIVE ENGINEER
RURAL WORKS DIVISION, BARGARH
Email: rd_bgh@yahoo.co.in, Gmail: rwd.bgh@gmail.com
e-Procurement Notice No. ONLINE-BGH-13 OF 2021-22
No.O-1009

| | | |
|---|---|---|
| 1 | Name of the Work | Road works during 2021-22 in the district of Bargarh. |
| 2 | EMD | Bid Security Declaration |
| 3 | Other details | As per DTCN |

| Procurement Officer | Bid Identification No. | Availability of tender online for bidding | | Last Date & Time of Seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Divsion, Bargarh | ONLINE-BGH-13 OF 2021-22 | 29.11.2021 at 11.00 A.M. | 06.12.2021 upto 5.00 P.M. | 06.12.2021 upto 4.00 P.M. | 07.12.2021 at 11.00 A.M. |

Further details can be seen from the website www.tendersorissa.gov.in
Sd./- Executive Engineer, R.W. Division, Bargarh
OIPR-25062/11/0012/2122

GOVERNMENT OF ORISSA
OFFICE OF THE SUPERINTENDING ENGINEER, RURAL WORKS DIVISION, KARANJIA (MAYURBHANJ)
E-mail ID:- eerwkaranjia@yahoo.com
Letter No. 6690/WE Date: 23.11.2021
"e" Procurement Notice for Construction of new Building works (Plan Building) & Special Repair of Building works (Non-Plan Building) for the year 2021-22
No. O-1045
Bid Identification No- RWDKNJ- 13/2021-22
1. Name of the work : Building Works (As per Annexure)
2. Estimated Cost : Rs.1.79 to Rs.31.03 lakhs Approximately (As per Annexure).
3. Class of Contractor (Eligible) : 'D' & 'C' class (As per Annexure)
4. Period of Completion : As per Annxure
5. Tender Paper Cost : Rs.6,000/-, & Rs.600/- towards cost of bid as mentioned in Annexure of Building works.
Further details can be seen from the website www.tenders.odisha.gov.in

| Procurement Officer | Bid Identification No. | Availability of Tender On-line for bidding | | Last Date & Time of seeking tender clarification | Date & Time of opening of Tender in O/o S.E., R.W. Division, Karanjia Technical & Financial Bid Financial Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Karanjia | Building On-line RWDKNJ-13/ 21- 22 | Dt.29.11.2021 at 11.00 A.M. | Dt.09.12.2021 upto 5.00 P.M. | Dt.08.12.2021 up to 1.00 P.M. | Dt.10.12.2021 at 11.00 A.M. |

OIPR-25086/11/0013/2122
Sd./- Superintending Engineer, R.W. Division, Karanjia

Government of Odisha, e- Procurement Notice
INVITATION FOR BIDS (IFB)
Email Id-sedklpwd@gmail.com
Bid Identification No. C.C.E.Dkl.(R&B) 09/2021-22
Letter No. 2172/Dt.23.11.2021
No. B-676:- The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Road works as detailed below:

| | | |
|---|---|---|
| 1. | Name of the work | Road works |
| 2. | No/of works | 05 (Five) Nos. |
| 3. | Estimated Cost | Rs. 1,35,26,320/- to Rs.8,69,29,332/- (as given in column No. 03 of table) |
| 4. | Cost of tender paper | Rs 10,000.00 |
| 5. | Class of contractor | 'B', 'A', 'Special' & 'Super' (as given in column No. 06 of table) |
| 6. | Period of Completion of work | 04 (Four) to 11 (Eleven) Calendar months (as given in column No. 07 of table) |
| 7. | Date and time of availability of bid Document in the website | From Dt.01.12.2021 to 5.30 P.M. of Dt.15.12.2021 |
| 8. | Date of opening of bid | Dt.16.12.2021 at 11.30 hours |

The bidders have to participate in ONLINE bidding only further details can be seen from the e- Procurement Portal: www.tendersodisha.gov.in Any addendum / corrigendum / cancellation of tender can also be seen in the said website.
Sd./- Chief Construction Engineer
Dhenkanal(R&B) Circle, Dhenkanal
OIPR-34132/11/0011/2122

OFFICE OF THE EXECUTIVE ENGINEER
RWS&S DIVISION, KENDRAPARA
At: Ichhapur, Post: Shree Baladevjew, Email: eerwsskendrapara@gmail.com
INVITATIONS FOR BIDS (IFB) [e-Procurement]
Bid Identification No. RWS/60/2021-22
Letter No. 6138/Dated 20.11.21
No.O-1039:

| | | |
|---|---|---|
| 1 | The Executive Engineer, RWS&S Division, Kendrapara on behalf of Governor of Odisha invites urgent basis lump sum bid in Single cover system in ONLINE MODE from eligible contractors for operation and maintenance along with Production well for different Rural Piped Water Supply Schemes in Kendrapara District. | |
| 2 | Name of the work | Operation and maintenance, Reconstruction, Colour washing and other works for different RPWS Schemes in Kendrapara district |
| 3 | No. of Work | 09 Nos. (Nine) only |
| 4 | Value of Work | ₹ 6.02 Lakhs to ₹ 19.05 Lakhs |
| 5 | Concerned tender inviting authority | Executive Engineer, RWS&S Division, Kendrapara |
| 6 | Cost of Bid documents (Rs.) (Online) | ₹ 4000/- to 6000/-as applicable |
| 7 | Class of Bidder | "D"and "C" |
| 8 | Period of Comletion | 45 days |
| 9 | Availabiity of bid documents in the website | From date 29.11.2021 at 10.00 A.M. to date.08.12.2021 till 5.30 P.M. |
| 10 | Last Date & Time of seeking tender clarification | Upto 02.12.2021 upto 5.30 P.M. |
| 11 | Date of Opening of Bid | 09.12.2021 at 11.00 A.M. |

The bidders have to participate in the tender through ONLINE bidding only. Further details can be had from the website i.e. http://tendersodisha.gov.in.
Subsequent corrigendum / addendum if required shall only be appeared in the above website.
Sd./- Executive Engineer, RWS&S Division, Kendrapara
OIPR-25004/11/0023/2122

GOVT. OF ODISHA
OFFICE OF THE SUPERINTENDING ENGINEER, RURAL WORKS DIVISION, NAYAGARH
At/Po-Nabaghanpur, Dist.-Nayagarh, Ph.-06753-252049, E-mail-nayagarhrw2006@yahoo.in
No. O-1027 No.:- Tender-Online-NayagarhDivn.-07/2021-22 Date: 24.11.2021
e-Procurement Notice
1. Name of the work : Repair of Road Work
2. Total No. of Projects : 01 (One) No. of project
3. Class of contractor
a) Estimated cost more than Rs.40.00 lakhs & upto Rs.300.00 lakhs — "B' & 'A' Class (of Orissa PWD)or relevant class of other licensing authorities
b) Estimated cost more than Rs.20.00 lakhs & upto Rs.40.00 lakhs — "C' & 'B' Class (of Orissa PWD)or relevant class of other licensing authorities
c) Estimated cost more than Rs. 1.00 lakh & up to Rs. 20.00 lakh — "D' & 'C' Class (of Orissa PWD)or relevant class of other licensing authorities
4. Estimated cost : Rs.87.50 Lakh
5. Time for completion : 02 (Two) calendar months.
6. Other details

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender | |
|---|---|---|---|---|---|
| | | From | To | Technical Bid Opening | Financial Bid Opening |
| 1 | 2 | 3 | 4 | | 5 |
| Superintending Engineer, Rural Works Division, Nayagarh | No.: Tender-Online-Divn. NAYAGARH-07/2021-22 | 30.11.2021 at 10.00 A.M. | 07.12.2021 upto 1.00 P.M. | 08.12.2021 at 11.00 A.M. | 10.12.2021 at 11.00 A.M. |

Further details can be seen from the website www.tendersorissa.gov.in
OIPR-25106/11/0010/2122
Sd./- Superintending Engineer, Rural Works Divn., Nayagarh

GOVERNMENT OF ODISHA O-1029
OFFICE OF THE SUPERINTENDING ENGINEER
RURAL WORKS DIVISION-II, KENDRAPARA
eerw_kendraparat@yahoo.co.in
'E' PROCUREMENT NOTICE NO.RWD-II/KPD-08/21-22 DTD 25.11.2021
1. Name of work : Road works in the District of Kendrapara for the year 2021-22.
2. Total No of Work : 6 Nos. of Road
3. Estimated Cost : Rs.17.68 to Rs.35.36 Lakhs (Approx.)
4. Period of Completion : 1 Month
5. Class of contractors : C & D Class
Other details as follows:
a) Procurement officer : Superintending Engineer Rural Works Division-II, Kendrapara
b) Availability of tender online & submission of bid : 29.11.2021 at 11:00 AM to 06.12.2021 up to 5:00 PM
c) Last date & time of seeking of tender clarification : 04.12.2021 up to 5:00 PM
d) Opening of Tender : 07.12.2021 at 11.00A.M.
Further details can be seen from the Govt. website www.tendersorissa.gov.in
Sd./- Superintending Engineer,
Rural Works Division-II, Kendrapara
OIPR-25098/11/0009/2122